ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ମେ ୮/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, May 8/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 162 | ମୂଲ୍ୟ ₹୭/-

ALLEN

One Year, One Goal, Victory in NEET

ALLEN NEET (UG) 2024 Results validated by
Official result validator
EY
Shape the future with confidence



PRE-MEDICAL
13 AIR 1 In last 15 years in pre-medical entrance

AIIMS (MBBS) 660 ALLENites out of 2207 in AIIMS (2024)

GMCs (MBBS) 10450+ ALLENites secured their seat in Govt. Medical Colleges (2024)

ALLEN ODISHA NEET (2024) – ALLENites Now in Govt. Medical Colleges

18+ Students pursuing MBBS IN AIIMS

90+ Students secured their seat in India's Top most GMC

Sankalpitaa B., 4-year classroom, 710/720, AIIMS, BBSR, Cuttack
Snehasish M., 4-year classroom, 705/720, AIIMS, Raipur, Bhubaneswar
Guntamukkala P., 5-year classroom, 705/720, AIIMS, Raipur, Bhubaneswar
Parijat Sahoo, 2-year classroom, 705/720, AIIMS, Raipur, Cuttack
Aman Raj, 4-year classroom, 700/720, AIIMS, Patna, Bhubaneswar
Parash Khuntia, 2-year classroom, 697/720, AIIMS, Raipur, Cuttack
Subhasis Panda, 2-year classroom, 697/720, AIIMS, Gorakhpur, Dhenkanal
Aryan Kumar, 2-year classroom, 696/720, AIIMS, Raipur, Sambalpur
Jyoti Mundhra, 2-year classroom, 695/720, AIIMS, Kalyani, Cuttack
Priyanshu P. Dutta, 2-year classroom, 695/720, AIIMS, Kalyani, Bhubaneswar
Siona Sahoo, 4-year classroom, 695/720, Aiims, Kalyani, Bhubaneswar
Ananya P. Nayak, 1-year classroom, 692/720, AIIMS, Deoghar, Malkangiri
Anshuman Sinhari, 2-year classroom, 691/720, AIIMS, Deoghar, Puri
Divyajyoti Sahu, 1-year classroom, 691/720, AIIMS, Mangalagiri, Mayurbhanj
Amartya Mishra, 2-year classroom, 691/720, AIIMS, Deoghar, Bargarh
Swagatika Sethi, 3-year classroom, 680/720, AIIMS, BBSR, Bhubaneswar
S Asutosh, 4-year classroom, 680/720, AIIMS, Madurai, Bhadrak
S. R. Behera, 2-year classroom, 656/720, AIIMS, Deoghar, Sundergarh

and many more...

07 Students Scored 700 and Above
101 Students Scored 650 and Above
186 Students Scored 620 and Above
234 Students Scored 600 and Above

ADMISSIONS OPEN AT ODISHA
NEET (UG) | JEE (Main+Adv.) | JEE (Main) | Olympiads | Class 6th to 12th & 12th Pass
NEW BATCHES FROM 22 MAY ONWARDS
For test dates & course start dates visit website or nearest center.

SIGN-UP FOR ASAT (Scholarship Test)
TEST DATES: 11 & 18 MAY 2025
GET UP TO 90 % SCHOLARSHIP*
For direct admission — visit your nearest ALLEN center.
*Subject to the scholarship rules and the T&Cs.

ALLEN Odisha 95137 31588 allen.ac.in/bhubaneswar
ALLEN Kota Center 0744-3556677 allen.ac.in

Disclaimer: We provide an academic ecosystem and environment to prepare students for their target examinations. Studying in a coaching institute does not guarantee selection for the examination. Selection depends on preparation, admission seats in competitive exam and the number of applicants appearing. All the students mentioned are part of paid courses.

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମେ ୮/୨୦୨୫ | Bhubaneswar, Thursday, May 8/2025



ଭାରତୀୟ ସଶସ୍ତ୍ର ବଳର ମିଶାଇଲ ମାଡ଼ରେ ବିଧ୍ୱସ୍ତ ପିଓକେ ରାଜଧାନୀ ମୁଜାଫରାବାଦର ଏକ ଆତଙ୍କବାଦୀ ଶିବିର।

# ପାକ୍ ଆତଙ୍କବାଦୀ ଆଡ୍ଡା ବିଧ୍ୱସ୍ତ
## ଅପରେଶନ ସିନ୍ଦୂର

**ପହଲଗାମ୍‌ରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ହତ୍ୟାର ୧୪ ଦିନ ପରେ ଏହାର ପ୍ରତିଶୋଧ ନେଇଛି ଭାରତ। ଭାରତୀୟ ସଶସ୍ତ୍ର ବଳ ମଙ୍ଗଳବାର ବିଳମ୍ବିତ ରାତିରେ ପାକିସ୍ତାନ ଏବଂ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ୯ଟି ସ୍ଥାନରେ କେତେକ ଆତଙ୍କବାଦୀ ସଙ୍ଗଠନର ମୁଖ୍ୟାଳୟ ଓ ଶିବିରରେ ଏୟାର ଷ୍ଟ୍ରାଇକ୍ କରିଛନ୍ତି। ରାତି ୧ଟା ୫ରୁ ୧ଟା ୩୦ ପର୍ଯ୍ୟନ୍ତ ୨୫ ମିନିଟ୍ ଧରି ଚାଲିଥିବା ଏହି ମିଶାଇଲ ମାଡ଼ରେ ଆତଙ୍କବାଦୀଙ୍କ ଭିତ୍ତିଭୂମି ଧୂଳିସାତ୍ ହୋଇଯାଇଛି। ବିଶେଷକରି ହାଫିଜ୍ ସୟିଦ୍‌ଙ୍କ ଲଶ୍କର-ଇ-ତୋଇବା (ଏଲ୍‌ଇଟି), ମାସୁଦ୍ ଅଜହରଙ୍କ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଏବଂ ସୟଦ ସଲହାଉଦ୍ଦିନ୍‌ଙ୍କ ହିଜ୍‌ବୁଲ୍ ମୁଜାହିଦ୍ଦିନ୍ (ଏଚ୍ଏମ୍)ର ବଡ଼ଧରଣର କ୍ଷତି ହୋଇଥିବା ଭାରତୀୟ ସୁରକ୍ଷା ବଳ ଦାବି କରିଛି। ଏହି ଜବାବୀ କାର୍ଯ୍ୟାନୁଷ୍ଠାନରେ ୭୦ରୁ ୮୦ ଆତଙ୍କବାଦୀ ନିହତ ଓ ଅନ୍ୟ ୬୦ ଆହତ ହୋଇଥିବା ଭାରତ ପକ୍ଷରୁ କୁହାଯାଇଥିବାବେଳେ ପାକିସ୍ତାନୀ ସେନା ଓ ସରକାର ୨୬ ନାଗରିକଙ୍କ ମୃତ୍ୟୁ ଘଟିଥିବା ଏବଂ ୪୬ ଜଣ ଆହତ ହୋଇଥିବା କହିଛନ୍ତି। ସ୍ଥଳସେନା, ବାୟୁସେନା ଓ ନୌସେନାର ଏହି ରାତିଅଧିଆ ମିଳିତ କାର୍ଯ୍ୟାନୁଷ୍ଠାନକୁ 'ଅପରେଶନ୍ ସିନ୍ଦୂର' ନାମ ଦିଆଯାଇଛି। ଭାରତର ଏହି ସୀମାପାର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି। ଭାରତକୁ ଜବାବ ଦେବାକୁ ମାଡ଼ିଆସିଥିବା ଏକ ପାକିସ୍ତାନୀ ଏୟାରକ୍ରାଫ୍ଟକୁ ଭାରତୀୟ ସେନା ଖସାଇ ଦେଇଥିବା ଦାବି କରିଛି। କିନ୍ତୁ ପାକିସ୍ତାନୀ ସେନା ଭାରତୀୟ ବାୟୁସେନାର ୫ଟି ଜେଟ୍‌କୁ ଖସାଇଦେଇଥିବା ଦାବି କରିଛି। ନିୟନ୍ତ୍ରଣରେଖା (ଏଲ୍ଓସି)ରେ ପାକିସ୍ତାନୀ ରେଞ୍ଜର୍ସଙ୍କ ଗୁଳିଗୋଳା ବର୍ଷଣରେ ୧୫ କଶ୍ମୀରୀ ପ୍ରାଣ ହରାଇଥିବା ୫୭ଜଣ ଆହତ ହୋଇଥିବା ଜଣାପଡ଼ିଛି। କେବଳ ସେତିକି ନୁହେଁ, ପାକିସ୍ତାନ ସରକାର ନିଜ ଦେଶ ସେନାକୁ ଉପଯୁକ୍ତ ଜବାବ ଦେବାକୁ କ୍ଷମତାପ୍ରାପ୍ତ କରିଛନ୍ତି। ପାକିସ୍ତାନ ପଟୁ ସମ୍ଭାବ୍ୟ ପ୍ରତିଆକ୍ରମଣକୁ ଦୃଷ୍ଟିରେ ରଖି ଭାରତର ୩୦୦ରୁ ଊର୍ଦ୍ଧ୍ୱ ବିମାନ ଚଳାଚଳକୁ ବାତିଲ କରିଦିଆଯାଇଛି। ଏଥିସହ ୨୫ଟି ବିମାନବନ୍ଦରକୁ ସାମୟିକ ଭାବେ ବନ୍ଦ ରଖାଯାଇଛି। ସେହିପରି ଭାରତ ଓ ପାକିସ୍ତାନକୁ କେତେକ ଦେଶ ବିମାନ ସେବା ବାତିଲ କରିଛନ୍ତି।**

**ନୂଆଦିଲ୍ଲୀ/ଇସ୍‌ଲାମାବାଦ ୭।୫(ପି.ଟି./ଏଜେନ୍ସି)**

ଅପରେଶନ 'ସିନ୍ଦୂର' ସମ୍ପର୍କରେ ମଙ୍ଗଳବାର ରାତି ୧ଟା ୪୪ରେ ପ୍ରଥମେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନିଜ ଏକ୍ସ' ହ୍ୟାଣ୍ଡେଲରେ ଉଲ୍ଲେଖ କରିଥିଲେ 'ଭାରତ ମାତା କୀ ଜୟ'। ଅପରେଶନ 'ସିନ୍ଦୂର'କୁ ଦେଶରେ ଦଳମତ ନିର୍ବିଶେଷରେ ପ୍ରଶଂସା କରାଯିବା ସହ ଭାରତୀୟ ସେନାର ବୀରତ୍ୱର ଜୟଗାନ କରାଯାଇଛି। ଅନ୍ୟପକ୍ଷରେ ଅନେକ ଦେଶ କୌଣସି ପ୍ରକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ନାପସନ୍ଦ କରିବା ସହ ଉଭୟ ଭାରତ ଓ ପାକିସ୍ତାନକୁ ସଂଯମ ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ତେବେ ପାକିସ୍ତାନ ପଟରୁ ପ୍ରତିଆକ୍ରମଣ ଆଶଙ୍କା ବଢ଼ିଯାଇଥିବାରୁ ଭାରତରେ ସାଧାରଣ ନାଗରିକଙ୍କ ସୁରକ୍ଷା ସମ୍ପର୍କିତ ମକ୍ ଡ୍ରିଲ୍ ବୁଧବାର ଅପରାହ୍ନ ୪ଟାରେ ଦେଶବ୍ୟାପୀ ଆୟୋଜିତ ହୋଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁରୋପ ଗସ୍ତକୁ ବାତିଲ କରିଦେଇଛନ୍ତି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲ ଆମେରିକା ସମେତ ଅନେକ ୟୁରୋପୀୟ ରାଷ୍ଟ୍ରର ପ୍ରତିପକ୍ଷଙ୍କ ସହ ଭାରତୀୟ ସଶସ୍ତ୍ର ବଳର ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରି ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି।

### ପାକ୍ ଓ ପିଓକେର ୯ ସ୍ଥାନରେ ୨୪ ମିଶାଇଲ୍ ମାଡ଼




ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍ ଉପତ୍ୟକାରେ ଆତଙ୍କବାଦୀମାନେ ୨୫ ଭାରତୀୟ ଓ ଜଣେ ନେପାଳୀ ନାଗରିକଙ୍କୁ ଗୁଳିକରି ହତ୍ୟା କରିଥିଲେ। ଭାରତ ଏଥିପାଇଁ ପାକିସ୍ତାନକୁ ଦାୟୀକରି ଆତଙ୍କବାଦୀଙ୍କୁ ଖୋଜି ନିପାତ କରାଯିବ ବୋଲି ଅନେକ ଥର ଚେତାବନୀ ଦେଇଥିଲା। ଆଶା କରାଯାଉଥିଲା, ପାକିସ୍ତାନ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ। କିନ୍ତୁ ଓଲଟା ଭାରତକୁ ପରମାଣୁ ଅସ୍ତ୍ରରେ ଆକ୍ରମଣର ଧମକ ଦେଇଚାଲିଥିଲା। ଏଥିସହ ଏଲ୍ଓସିରେ ୧୨ ଦିନ ଧରି ଅସ୍ତ୍ରବିରତି ଉଲ୍ଲଘନ କରି ଗୁଳି ଓ ମୋର୍ଟାର ମାଡ଼ କରିଚାଲିଥିଲା। ଇତିମଧ୍ୟରେ ପାକିସ୍ତାନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଭାରତୀୟଙ୍କ ଦାବି ଜୋର୍ ଧରିଥିଲା। ଶେଷରେ ମେ' ୬ ତାରିଖ ବିଳମ୍ବିତ ରାତିରେ ଭାରତ 'ଅପରେଶନ୍ ସିନ୍ଦୂର' ଆରମ୍ଭ କରିଥିଲା। ଏନେଇ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପହଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟମାନଙ୍କୁ ନ୍ୟାୟ ପ୍ରଦାନ ଏବଂ ଆକ୍ରମଣକାରୀଙ୍କୁ ଦଣ୍ଡିତ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିରେ ପାକିସ୍ତାନ ଏବଂ ଏହାର ନିୟନ୍ତ୍ରଣରେ ଥିବା ଭୂଖଣ୍ଡରେ ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରାଯାଇଛି। ଏହା ଭାରତର 'ପ୍ରଦର୍ଶନମୂଳକ ପଦକ୍ଷେପ' ନୁହେଁ। ଭାରତର କାର୍ଯ୍ୟାନୁଷ୍ଠାନ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ର ନିୟମ ଅନୁକୂଳ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣକାରୀ, ସେମାନଙ୍କ ସଙ୍ଗଠନ, ପାଣ୍ଠି ଯୋଗାଣକାରୀ ଓ ପୃଷ୍ଠପୋଷକଙ୍କୁ ଉତ୍ତରଦାୟୀ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମିଶାଇଲ୍ ଷ୍ଟ୍ରାଇକ୍ କରାଯାଇଥିବା ସ୍ଥାନଗୁଡ଼ିକ ହେଲା ମୁଜାଫରାବାଦ, କୋଟ୍‌ଲି, ବାହାୱଲପୁର, ରାୱଲକୋଟ୍, ଚକ୍ସୱାରି, ଭିମ୍ବର, ନୀଲମ୍ ଉପତ୍ୟକା, ଝେଲମ୍ ଓ ଚକ୍‌ୱାଲ। ଏୟାର ଷ୍ଟ୍ରାଇକ୍ ବେଳେ ପାକିସ୍ତାନୀ ସେନା ଓ ନାଗରିକଙ୍କ କୌଣସି କ୍ଷତି ହୋଇନାହିଁ। କେବଳ ଆତଙ୍କବାଦୀଙ୍କୁ ଟାର୍ଗେଟକରି ୯ଟି ସ୍ଥାନରେ ୨୪ ମିଶାଇଲ୍ ମାଡ଼ କରାଯାଇଛି। ଅପରେଶନ୍ ସିନ୍ଦୂର ଅଧୀନରେ ଭାରତୀୟ ସାମରିକ ବଳ ମୁରିଦକେସ୍ଥିତ ଏଲ୍‌ଇଟି ମୁଖ୍ୟାଳୟ ମର୍କଜ ତେଇବା, ବାହାବଲପୁରରେ ଥିବା ଜେଇଏମ୍‌ର ମର୍କଜ ସୁଭାନ୍ ଆଲ୍ଲା ଏବଂ ସିଆଲ୍‌କୋଟ୍‌ସ୍ଥିତ ମୋହମୁନା ଜୋୟା ଫାସିଲିଟିର ହିଜ୍‌ବୁଲ୍ ମୁଜାହିଦ୍ଦିନ ଶିବିର ସମେତ ଆତଙ୍କବାଦୀଙ୍କ ଆହୁରି କେତେକ କୋଠା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି ବୋଲି ମିସ୍ରିଙ୍କ ସହ ମିଳିତ ଖବରଦାତା ସମ୍ମିଳନୀରେ ସେନା କର୍ ର କଲୋନିଆଲ ସୋଫିଆ କୁରେସି ଏବଂ ଭାରତୀୟ ବାୟୁସେନାର ହେଲିକପ୍ଟର ପାଇଲଟ୍ ବ୍ୟୋମିକା ସିଂ ସୂଚନା ଦେଇଛନ୍ତି।

## ୩୦୦ ବିମାନ ଉଡ଼ାଣ ବାତିଲ

**ନୂଆଦିଲ୍ଲୀ, ୭।୫**




୨୫ ଏୟାରପୋର୍ଟ ବନ୍ଦ

ପାକିସ୍ତାନରେ ଭାରତୀୟ ସେନାର ଏୟାର ଷ୍ଟ୍ରାଇକ୍ ପରେ ଭାରତରେ ୩୦୦ରୁ ଅଧିକ ବିମାନ ଉଡ଼ାଣକୁ ବାତିଲ କରାଯାଇଛି। ସେହିପରି ଶ୍ରୀନଗର ସମେତ ୨୫ଟି ଏୟାରପୋର୍ଟକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ, ସ୍ୱାଇସ୍ ଜେଟ, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଅକାସା ଏୟାର ସମେତ କିଛି ବିଦେଶୀ ଏୟାରଲାଇନ୍ସ ମଧ୍ୟ ଭାରତର ବିଭିନ୍ନ ଏୟାରପୋର୍ଟ ପାଇଁ ନିଜ ସେବାକୁ ବାତିଲ କରିଛନ୍ତି। ଏନେଇ ଏୟାରଲାଇନ୍ସଗୁଡ଼ିକ ପକ୍ଷରୁ ସୋସିଆଲ ମିଡିଆରେ ସୂଚନା ଦିଆଯାଇଛି। ଉତ୍ତର ଏବଂ ପଶ୍ଚିମ ଭାରତର ୨୫ଟି ଏୟାରପୋର୍ଟକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଭାରତୀୟ ଏୟାରଲାଇନ୍ସଗୁଡ଼ିକ ପକ୍ଷରୁ ବିଭିନ୍ନ ଏୟାରପୋର୍ଟରୁ ଯିବାକୁ ଥିବା କିମ୍ବା ଆସିବାକୁ ଥିବା ୩୦୦ରୁ ଅଧିକ ବିମାନ ଉଡ଼ାଣକୁ ବାତିଲ କରାଯାଇଛି। କେବଳ ଇଣ୍ଡିଗୋ ଏୟାରଲାଇନ୍ସ ଅମୃତସର ଏବଂ ଶ୍ରୀନଗର ସମେତ ବିଭିନ୍ନ ଏୟାରପୋର୍ଟରୁ ୧୬୫ଟି ବିମାନ ଉଡ଼ାଣ ବାତିଲ କରିଥିବା ନେଇ ସୂଚନା ଦେଇଛି।

ଅନେକ ଅନ୍ତର୍ଜାତୀୟ ଏୟାରଲାଇନ୍ସ ମଧ୍ୟ ସେମାନଙ୍କ ରୁଟ୍ ପରିବର୍ତ୍ତନ କରିବା ସହ ଭାରତ ଏବଂ ପାକିସ୍ତାନର ଅନେକ ଏୟାରପୋର୍ଟକୁ ନିଜ ବିମାନ ଉଡ଼ାଣକୁ ବାତିଲ କରିଛନ୍ତି। ୟୁଏଇ ସମେତ ବିଭିନ୍ନ ଗଲ୍ଫ ଦେଶଗୁଡ଼ିକର ଏମିରେଟ୍ସ, ଇତିହାଦ, କାତାର ଏୟାରୱେଜ୍ ଆଦି ଏୟାରଲାଇନ୍ସ ଦୁବାଇ, ଆବୁଧାବି ଏବଂ ଦୋହାରୁ ଉତ୍ତର ଭାରତର ବିଭିନ୍ନ ଏୟାରପୋର୍ଟ ଏବଂ ପାକିସ୍ତାନର ବିମାନବନ୍ଦରଗୁଡ଼ିକୁ ଯିବାକୁ ଥିବା ବିମାନ ଉଡ଼ାଣକୁ ବାତିଲ କରିଛନ୍ତି।

## ଅପରେଶନ୍‌ର ନାଁ ମୋଦି ରଖିଥିଲେ 'ସିନ୍ଦୂର'


**ନୂଆଦିଲ୍ଲୀ,୭।୫**



ନରେନ୍ଦ୍ର ମୋଦି

ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ ମଙ୍ଗଳବାର ବିଳମ୍ବିତ ରାତିରେ କରାଯାଇଥିବା 'ଅପରେଶନ୍ ସିନ୍ଦୂର'ର ନାମକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରଖିଥିଲେ। ପହଲଗାମ୍ ଆକ୍ରମଣରେ ଆତଙ୍କବାଦୀମାନେ ଭାରତୀୟ ମହିଳାମାନଙ୍କ ମଥାରୁ ପରମ୍ପରାର ପ୍ରତୀକ ସିନ୍ଦୂର ଲିଭାଇଦେଇଥିବାରୁ ମୋଦି ଏପରି ନାମ ରଖିଥିଲେ। କାରଣ ପ୍ରାଣ ହରାଇଥିବା ସମସ୍ତ ୨୬ ଜଣ ପୁରୁଷ ଥିଲେ। ସେମାନଙ୍କ ସ୍ତ୍ରୀମାନେ ବିଧବା ହୋଇଯାଇଛନ୍ତି। ଏହି ଘଟଣାରେ ବ୍ୟଥିତ ମୋଦି ମଙ୍ଗଳବାର ରାତିରେ ସମ୍ପୂର୍ଣ୍ଣ ଅପରେଶନ୍‌କୁ ଅନୁଧ୍ୟାନ କରିଥିବା ଜଣାପଡ଼ିଛି।

## ଜିନ୍ ମୋହି ମାରା, ତେ ମାଇ ମାରେ: ରାଜନାଥ



ରାଜନାଥ ସିଂ

ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତ ପକ୍ଷରୁ କରାଯାଇଥିବା 'ଅପରେଶନ୍ ସିନ୍ଦୂର'ରେ ପାକିସ୍ତାନର କୌଣସି ନାଗରିକଙ୍କୁ ଟାର୍ଗେଟ କରାଯାଇ ନାହିଁ। ଆମେ କେବଳ ସେହିମାନଙ୍କୁ ଟାର୍ଗେଟ କରିଛୁ, ଯେଉଁମାନେ ଆମ ନିରୀହ ଲୋକଙ୍କୁ ହତ୍ୟା କରିଥିଲେ ବୋଲି ବୁଧବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ବର୍ଡର ରୋଡ୍ସ ଅର୍ଗାନାଇଜେଶନ୍ (ବିଆର୍ଓ)ର ୫୦ ଭିତ୍ତିଭୂମି ପ୍ରକଳ୍ପକୁ ଉଦ୍‌ଘାଟନ ଅବସରରେ ରାଜନାଥ ରାମାୟଣର ଏକ ପଂକ୍ତି ଉଦ୍ଧାର କରି କହିଛନ୍ତି, 'ଜିନ୍ ମୋହି ମାରା, ତେ ମାଇ ମାରେ'। ସୀତାଙ୍କୁ ରାବଣ ବନ୍ଦୀ କରି ରଖିଥିବା ଅଶୋକ ବାଟିକାକୁ ଧ୍ୱଂସ କରିବା ସମୟରେ ହନୁମାନଙ୍କ ଏହି ବକ୍ତବ୍ୟକୁ ପ୍ରତିରକ୍ଷା ମନ୍ତ୍ରୀ ଉଦ୍ଧୃତ କରି ପାକିସ୍ତାନକୁ ଆସୁରିକ ଶକ୍ତି ସହ ତୁଳନା କରିଛନ୍ତି।


## ଏଲ୍ଓସିରେ ପାକ୍ ସେନାର ଗୁଳି: ୧୫ ନିହତ



ଜମ୍ମୁ-କଶ୍ମୀରର ଉରି ସେକ୍ଟର ସଂଲଗ୍ନ ଏଲ୍ଓସିରେ ପାକିସ୍ତାନୀ ରେଞ୍ଜର୍ସଙ୍କ ଗୁଳି ଓ ମୋର୍ଟାର ମାଡ଼ରେ ୧୫ ନାଗରିକ ନିହତ ହୋଇଥିବାବେଳେ ସଲମାବାଦରେ ଅନେକ ଘର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

## ଅଜହରଙ୍କ ୧୦ ସମ୍ପର୍କୀୟ, ୪ ସହଯୋଗୀ ନିହତ

**ବାହାୱଲପୁର,୭।୫**



ମାସୁଦ୍ ଅଜହର

ଅପରେଶନ୍ ସିନ୍ଦୂରରେ ଭାରତରେ ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜୈଶ୍-ଇ-ମହମ୍ମଦ ମୁଖ୍ୟ ମୌଲାନା ମାସୁଦ୍ ଅଜହରଙ୍କ ୧୦ ସମ୍ପର୍କୀୟ ଓ ୪ ଘନିଷ୍ଠ ସହଯୋଗୀ ନିହତ ହୋଇଛନ୍ତି। ୫୬ ବର୍ଷୀୟ ଅଜହର ନିଜେ ଏହି ବିଷୟ ସ୍ୱୀକାର କରିଛନ୍ତି। ଅଜହର କହିଛନ୍ତି, ଜେଇଏମ୍ ମୁଖ୍ୟାଳୟରେ ତାଙ୍କ ଭଉଣୀ, ଭାଇ, ପୁତୁରା, ପୁତୁରାଙ୍କ ସ୍ତ୍ରୀ, ଭାଣିଜୀ ଏବଂ ସେମାନଙ୍କର ୫ ପିଲାଛୁଆ ପ୍ରାଣ ହରାଇଛନ୍ତି। ଏହାସତ୍ତ୍ୱେ ଅଜହର ଅନୁତପ୍ତ କିମ୍ବା ମର୍ମାହତ ନୁହନ୍ତି ବୋଲି କହିଛନ୍ତି। ଜାତିସଂଘ ସୁରକ୍ଷା ପରିଷଦ ଦ୍ୱାରା ଅନ୍ତର୍ଜାତୀୟ ଆତଙ୍କବାଦୀ ଘୋଷିତ ଅଜହର ୧୯୯୪ରେ ଭାରତରେ ଗିରଫ ହୋଇଥିଲେ। କିନ୍ତୁ କାନ୍ଦାହାର ଏୟାର ଇଣ୍ଡିଆ ଆଇସି୮୧୪ ବିମାନ ଅପହରଣ ପରେ ତାଙ୍କୁ ମୁକ୍ତ କରାଯାଇଥିଲା। ୨୦୦୧ ପାର୍ଲାମେଣ୍ଟ ଆକ୍ରମଣ, ୨୦୦୮ ମୁମ୍ବାଇ ଆକ୍ରମଣ, ୨୦୧୬ ପଠାନ୍‌କୋଟ୍ ଆକ୍ରମଣ ଏବଂ ୨୦୧୯ ପୁଲୱାମା ଆକ୍ରମଣରେ ଅଜହରଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। କିନ୍ତୁ ପାକିସ୍ତାନ ତାଙ୍କ ସମ୍ପର୍କରେ କୌଣସି ତଥ୍ୟ ନ ଥିବା କହିଆସିଛି।

## ବିଶ୍ୱନେତାଙ୍କ ପ୍ରତିକ୍ରିୟା

ଲଜ୍ଜାର କଥା। କିଛି ଘଟିବାକୁ ଯାଉଥିବା ନେଇ ଧାରଣା ଥିଲା। ଅନେକ ବର୍ଷ ଏବଂ ଶତାବ୍ଦୀ ଧରି ଭାରତ ଏବଂ ପାକିସ୍ତାନ ପରସ୍ପର ବିରୋଧରେ ଲଢୁଛନ୍ତି। ଉଭୟ ଦେଶ ସଂଯମତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ଆଶା କରୁଛି ଉଭୟ ଦେଶ ମଧ୍ୟରେ ଥିବା ଶତ୍ରୁତା ଶୀଘ୍ର ଶେଷ ହେବ।
**-ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି**

ସମ୍ପ୍ରତି ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ମୁକାବିଲା ହେଲେ ଏହାକୁ ବିଶ୍ୱ ସହ୍ୟ କରିପାରିବ ନାହିଁ।
**-ଆଣ୍ଟୋନିଓ ଗୁଟେରସ୍, ଜାତିସଂଘ ମହାସଚିବ**

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଜାରି ରହିଥିବା ସ୍ଥିତିକୁ ନେଇ ଆମେରିକା କଡ଼ା ନଜର ରଖିଛି।
**-ମାର୍କୋ ରୁବିଓ, ଆମେରିକା ପରରାଷ୍ଟ୍ର ସଚିବ**

ଭାରତ ଓ ପାକିସ୍ତାନ ମଧ୍ୟରେ ମଙ୍ଗଳବାର ରାତିରେ ଘଟିଥିବା ସଂଘର୍ଷ ଯୋଗୁ ଗଭୀର ଭାବେ ଚିନ୍ତିତ ରହିଛି।
**- ଫ୍ରେଡରିକ ମର୍ଜ, ଜର୍ମାନ ଚାନ୍ସେଲର**

ଉଭୟ ଦେଶ ମଧ୍ୟରେ ତୀବ୍ର ହେଉଥିବା ସାମରିକ ମୁକାବିଲାକୁ ନେଇ ରୁଷିଆ ଚିନ୍ତିତ ରହିଛି।
**-ମାରିଆ ଜାଖାରୋଭା, ରୁଷିଆ ବହିର୍ବ୍ୟାପାର ସଚିବ**

ପାକିସ୍ତାନର କେତେକ ସ୍ଥାନରେ ଭାରତର ଏୟାରଷ୍ଟ୍ରାଇକ୍ ଦୁଃଖଦାୟକ। ଉଭୟ ପରସ୍ପରର ପଡୋଶୀ ଦେଶ ହୋଇଥିବାରୁ ଶାନ୍ତି ଏବଂ ସ୍ଥିରତା ପାଇଁ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଭୟେ ସଂଯମତା ରକ୍ଷା କରନ୍ତୁ।
**-ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ**

ଉଭୟ ଦେଶ ପରସ୍ପର ବିରୋଧରେ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ନେଇ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ଶାନ୍ତିଙ୍କୁ ଭଙ୍ଗ ନ କରନ୍ତୁ।
**-ଶେଖ୍ ଅବଦୁଲ୍ଲା ବିନ୍ ଜାୟେଦ ଅଲ୍ ନହୟାନ, ୟୁଏଇ ଉପ ପ୍ରଧାନମନ୍ତ୍ରୀ**

ଭାରତ ଏବଂ ପାକିସ୍ତାନ ପରସ୍ପର ବିରୋଧରେ ପ୍ରତିଶୋଧମୂଳକ ସାମରିକ ସଂଘର୍ଷରୁ ବିରତ ରୁହନ୍ତୁ। ଉଭୟ ଦେଶ ମଧ୍ୟରେ ଜାରି ରହିଥିବା ସ୍ଥିତିକୁ ନେଇ ଜାପାନ ଚିନ୍ତିତ।
**-ୟୋଶିମାସା ହୟାଶି, ଜାପାନ ମୁଖ୍ୟ କ୍ୟାବିନେଟ୍ ସେକ୍ରେଟାରୀ**

## ଆଜି ସର୍ବଦଳୀୟ ବୈଠକ

'ଅପରେଶନ୍ ସିନ୍ଦୂର' ସମ୍ପର୍କରେ ଦେଶର ରାଜନୈତିକ ଦଳଗୁଡ଼ିକର ନେତାମାନଙ୍କୁ ଅବଗତ କରାଇବା ପାଇଁ କେନ୍ଦ୍ର ସରକାର ଗୁରୁବାର ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ପାର୍ଲାମେଣ୍ଟ କମ୍ପ୍ଲେକ୍ସର ଲାଇବ୍ରେରି ବିଲ୍ଡିଂସ୍ଥିତ କମିଟି ରୁମ୍ ଜି-୦୭୪ରେ ପୂର୍ବାହ୍ନ ୧୧ଟାରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏକ୍ସ'ରେ ସୂଚନା ଦେଇଛନ୍ତି। କିଭଳି ସ୍ଥିତିରେ ଓ କିପରି ଭାବେ ସମ୍ପୂର୍ଣ୍ଣ ଅପରେଶନ୍ କରାଗଲା, ସେନେଇ ସରକାର ଉକ୍ତ ବୈଠକରେ ବିବୃତି ରଖିବେ। ତେବେ ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବା ଉଚିତ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି।

# ଏନ୍କାଉଣ୍ଟରରେ ୨୬ ମାଓବାଦୀ ନିହତ

**ମାଲକାନଗିରି,୭।୫(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ଓ ତେଲଙ୍ଗାନା ସୀମାବର୍ତ୍ତୀ କେରାଗୁଟା ଜଙ୍ଗଲରେ ୧୬ ଦିନ ଧରି ସିଆର୍‌ପିଏଫ୍, ଡିଆର୍‌ଜି ଓ ଏସ୍‌ଟିଏଫ୍ ଯବାନଙ୍କ ପକ୍ଷରୁ ମାଓବାଦୀ ଅପରେଶନ ଜାରି ରହିଛି। ବୁଧବାର କେରାଗୁଟା ପାହାଡ଼ରେ ପୋଲିସ ସହ ଗୁଳି ବିନିମୟ ଘଟି ୨୬ ମାଓବାଦୀ ନିହତ ହୋଇଛନ୍ତି। ଆକ୍ରମଣ ଓ ପ୍ରତିଆକ୍ରମଣରେ ୬ଯବାନ ଆହତ ହୋଇଥିବାବେଳେ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଜଙ୍ଗଲରେ ୧ ହଜାରରୁ ଊର୍ଦ୍ଧ୍ୱ ମାଓବାଦୀ ରହିଥିବା ଗୋଇନ୍ଦା ସୂତ୍ରରୁ ଖବର ପାଇ ୧୬ ଦିନ ପୂର୍ବରୁ ଯବାନମାନେ କେରାଗୁଟା ଜଙ୍ଗଲ ଓ ପାହାଡ଼ ଘେରାଉକରି ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି। ଉକ୍ତ ଜଙ୍ଗଲରେ ସପ୍ତାହେ ପୂର୍ବେ ମାଓବାଦୀଙ୍କ ଗୁମ୍ଫା ଠାବହୋଇଥିବା ବେଳେ ବହୁ ଅସ୍ତ୍ରଶସ୍ତ୍ର ଯବାନମାନେ ଜବତ କରିଥିଲେ। ଏହି ଅପରେଶନରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଯବାନ ସମ୍ପୂର୍ଣ୍ଣ ଜଙ୍ଗଲ ଓ ପାହାଡ଼କୁ ଘେରାବନ୍ଦୀ କରି ରଖିଥିବା ବେଳେ ଏଠାରେ ଟପ୍ କ୍ୟାଡର ମାଓବାଦୀ ଓ ସେମାନଙ୍କ ନେତା ଥିବା ଜଣାପଡ଼ିଛି। ଅପରେଶନ ଜାରି ରହିଥିବା ଜଣାପଡ଼ିଛି। ଅନ୍ୟପଟେ ଯବାନମାନେ ଜବତ କରିଥିବା ଅସ୍ତ୍ରଶସ୍ତ୍ର ଓ ନିହତ ମାଓବାଦୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ମିଳିନାହିଁ।

SIKSHA 'O' ANUSANDHAN
(DEEMED TO BE UNIVERSITY)
SAAT-2025
Empowering students for a brighter future
MANAGEMENT PROGRAMMES OFFERED
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 62nd Best in Management Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

# ଦିବ୍ୟାଙ୍ଗ, ମହିଳା, କିନ୍ନର, ଛାତ୍ର, ବରିଷ୍ଠ ନାଗରିକଙ୍କୁ ୫୦% ରିହାତି

## ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା

**ଭୁବନେଶ୍ୱର,୭।୫(ରବିନାରାୟଣ ଜେନା)**

ରାଜ୍ୟବାସୀଙ୍କୁ କିଭଳି ଗମନାଗମନରେ ସୁବିଧା ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ବୁଧବାର ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ମୁଖ୍ୟମନ୍ତ୍ରୀ ବସ୍ ସେବା(ଏମ୍‌ବିଏସ୍) ପ୍ରସ୍ତାବକୁ ମୋହର ମାରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୫ଟି ବିଭାଗର ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ମହିଳା, କିନ୍ନର, ଛାତ୍ର, ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ବାତାନୁକୂଳ (ଏସି) ଓ ଅଣ-ବାତାନୁକୂଳ (ନନ୍-ଏସି) ବସ୍ ଭଡ଼ାରେ ୫୦% ରିହାତି ମିଳିବ। ଗ୍ରାମାଞ୍ଚଳରେ ଲୋକମାନଙ୍କୁ ଏକ ସୁରକ୍ଷିତ, ନିର୍ଭରଯୋଗ୍ୟ, ସୁଲଭ ଏବଂ ଅଧିକ ଦକ୍ଷ ପରିବହନ ସେବାଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ କ୍ୟାବିନେଟ୍ ରାଜ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ବସ୍‌ଗୁଡ଼ିକରେ ସିସିଟିଭି କ୍ୟାମେରା, ଲାଇଭ୍ ଭ୍ୟାନ ଟ୍ରାକିଂ, ଯାତ୍ରୀ ସୂଚନା ବ୍ୟବସ୍ଥା ଓ ପାନିକ୍ ବଟନ୍ ଇତ୍ୟାଦି ରହିବ। ମହିଳା ତଥା ଶିଶୁମାନଙ୍କ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯିବ। ଅଭିନବ ସଡ଼କ ସୁରକ୍ଷା ବ୍ୟବସ୍ଥା ଭାବରେ ସମସ୍ତ ଏମ୍‌ବିଏସ୍ ବସ୍‌ରେ ଉନ୍ନତ ଡ୍ରାଇଭର ସହାୟତା ପ୍ରଣାଳୀ ରହିବ। ନାଗରିକଙ୍କ ଆବଶ୍ୟକତା ଅନୁଯାୟୀ ସମାବେଶୀ ଏବଂ ସମନ୍ୱିତ ପରିବହନ ବ୍ୟବସ୍ଥାକୁ ଅଧିକ ଫଳପ୍ରଦ କରିବା ସହିତ ହିତାଧିକାରୀଙ୍କ ସହ ଉତ୍ତମ ପରାମର୍ଶ ମାଧ୍ୟମରେ ବର୍ତ୍ତମାନର ଗ୍ରାମୀଣ ସଂଯୋଗୀକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି ଯୋଜନାର ଲକ୍ଷ୍ୟ।

**କ୍ୟାବିନେଟ୍ ନିଷ୍ପତ୍ତି**

**ଆଜିର ସମ୍ପାଦକୀୟ** ସଂଯୋଗର ପଥ

Muthoot Finance
ଗୋଲଡ୍ ଲୋନ୍
ଜିତନ୍ତୁ
₹75 ଲକ୍ଷ+
ପର୍ଯ୍ୟନ୍ତ ଗିଫ୍ଟ୍ ଭାଉଚର୍ ଏବଂ ସ୍ୱର୍ଣ୍ଣ ମୁଦ୍ରା^
2.5 ଲକ୍ଷ+ ଗ୍ରାହକ ପ୍ରତିଦିନ ସେବା ପାଇଥାନ୍ତି*
24 Ct ସୁନା ପାଆନ୍ତୁ ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ଉପରେ^
ତୁରନ୍ତ ଲୋନ୍
7,000+ ଶାଖା*
7 ସ୍ତରୀୟ ସୁରକ୍ଷା
ଅନ୍‌ଲାଇନ୍ ପୈଠ ସୁବିଧା
1 କୋଟି+ ଡାଉନ୍‌ଲୋଡ୍ ହୋଇସାରିଛି

INDIA'S #1 MOST TRUSTED FINANCIAL SERVICES BRAND 2025#
1800 313 1212
muthootfinance.com
#TRA's Brand Trust Report. www.muthootfinance.com/terms-and-condition.
Muthoot Family - 800 years of Business Legacy

DSPL-56

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ଓଡ଼ିଶା ଶାସନ
# ଶୀତଳ ଭଣ୍ଡାର ନୀତି
ଫସଲ ହେବ ସଂରକ୍ଷିତ, ଚାଷୀ ହେବେ ସଶକ୍ତ
ଶୀତଳ ଭଣ୍ଡାର ସ୍ଥାପନ ନିମିତ୍ତ ଆର୍ଥିକ ସହାୟତା ପାଇଁ ୨୫୨ କୋଟି ଟଙ୍କା ବ୍ୟୟ ବରାଦ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ନୂତନ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ନୀତି
- ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ମହିଳା/ ତୃତୀୟ ଲିଙ୍ଗ ଏବଂ ଅନୁସୂଚିତ ଅଞ୍ଚଳର ହିତାଧିକାରୀଙ୍କୁ ସ୍ଥାୟୀ ପୁଞ୍ଜି ବିନିଯୋଗ ଉପରେ ୭୦% ଅଥବା ସର୍ବାଧିକ ୭.୫୦ କୋଟି ପର୍ଯ୍ୟନ୍ତ ସବ୍‌ସିଡିର ସୁବିଧା ଏବଂ ଅନ୍ୟାନ୍ୟ ହିତାଧିକାରୀ ମାନଙ୍କୁ ସ୍ଥାୟୀ ପୁଞ୍ଜି ବିନିଯୋଗ ଉପରେ ୫୦% ଅଥବା ସର୍ବାଧିକ ୭.୦୦ କୋଟି ପର୍ଯ୍ୟନ୍ତ ସବ୍‌ସିଡିର ସୁବିଧା
- ସୁଧ ଉପରେ ୭% ପର୍ଯ୍ୟନ୍ତ ଆର୍ଥିକ ସହାୟତା
- କାର୍ଯ୍ୟକାରୀ ପୁଞ୍ଜିର ଋଣ ଉପରେ ଲାଗୁ ହେଉଥିବା ସୁଧ ଉପରେ ମଧ୍ୟ ଫେରସ୍ତର ପ୍ରାବଧାନ
- ନୂତନ ଶୀତଳ ଭଣ୍ଡାର, କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାର ଏବଂ ଭବିଷ୍ୟତରେ ପୁନଃରୁଦ୍ଧାର ହେବାକୁ ଥିବା ଶୀତଳ ଭଣ୍ଡାରର ବିଦ୍ୟୁତ ଶୁଳ୍କ ଉପରେ ୭ ବର୍ଷ ପର୍ଯ୍ୟନ୍ତ ୫୦% ସବ୍‌ସିଡିର ସୁବିଧା
- ଅଣ-କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାରର ପୁନଃରୁଦ୍ଧାର ପାଇଁ ସର୍ବାଧିକ ୧.୫ କୋଟି ଟଙ୍କା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଆର୍ଥିକ ସହାୟତା






ଆଗ୍ରହୀ ବ୍ୟକ୍ତି, ଘରୋଇ ଉଦ୍ୟୋଗୀ ଇତ୍ୟାଦି ରାଜ୍ୟ ସରକାରଙ୍କ GO-SUGAM ପୋର୍ଟାଲରେ (sugam.odisha.gov.in) ଆବେଦନ କରିପାରିବେ
ଅଧିକ ସୂଚନା ପାଇଁ ନିକଟସ୍ଥ ଉଦ୍ୟାନ କୃଷି କାର୍ଯ୍ୟାଳୟ / କୃଷି ସମୃଦ୍ଧି ହେଲ୍ପ ଲାଇନ୍ ନମ୍ବର - ୧୫୫୩୩୩ ରେ ଯୋଗାଯୋଗ କରନ୍ତୁ
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
OIPR-01510/13/0045/2526

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆପୋଲୋ ହସ୍ପିଟାଲ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହସ୍ପିଟାଲ ପରିସର, ସମୟ: ଅପରାହ୍ନ ୩ଟା।
- 'ଦି କଲ୍ ଅଫ୍ ଦି ମଦରଲ୍ୟାଣ୍ଡ' ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ପଦ୍ମଶ୍ରୀ ଡ. ରଜତ କୁମାର କରଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସଭା ଓ ପୁସ୍ତକ ଉନ୍ମୋଚନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଯୋଜନା ଓ ସଂଯୋଜନ ବିଭାଗ ସାଂସ୍କୃତିକ ପରିଷଦର ୪୫ତମ ବାର୍ଷିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଶ୍ରଦ୍ଧାର ଅମୃତଧାରା ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଓଡ଼ିଶା ରକ୍ତଦାତା ସଂଘର ପ୍ରତିଷ୍ଠା ଦିବସ ଓ ବିଶ୍ୱ ରେଡକ୍ରସ୍ ଦିବସ, ସ୍ଥାନ: ଜଗନ୍ନାଥ ଡିଗ୍ରୀ କଲେଜ, ଜଳେଶ୍ୱର, ସମୟ: ସକାଳ ୯ଟା।
- ଓଷ୍ଟା ଖଇରା ଶାଖା ପକ୍ଷରୁ ଏ-୧ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଶିକ୍ଷକ ଭବନ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ବିଶ୍ୱ ରେଡକ୍ରସ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ସକାଳ ୮ଟା।
- ଜଗନ୍ନାଥ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖେମପୁର, ବାସୁଦେବପୁର, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ସକାଳ ୯ଟା।
- ଜଗବନ୍ଧୁ ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟ୍‌ବଲ୍ ମ୍ୟାଚ୍‌ର ୪ର୍ଥ ଦିବସ, ସ୍ଥାନ: ଏବି ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ବଂଚୋ, ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା।
- ଚତୁର୍ଥ ପ୍ରହରୀ ନାମଯଜ୍ଞ, ନଗର ଭ୍ରମଣ, ସ୍ଥାନ: ସଡ଼ା, ଛେନାପଦି, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡିଆ ବାରିପଦା,ସମୟ: ସକାଳ ୮ଟା।
- ବିଶ୍ୱ ରେଡକ୍ରସ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ସକାଳ ୮ଟା ୩୦।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

## ଗଜପତି

- ବିଶ୍ୱ ରେଡ୍‌କ୍ରସ୍ ଦିବସ, ସ୍ଥାନ: ଗ୍ରାମଣୀ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର, ସମୟ: ସକାଳ ୮ଟା।
- ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ ଟା।
- କଂଗ୍ରେସର ସମ୍ବିଧାନ ବଞ୍ଚାଅ ପଦଯାତ୍ରା, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ଶ୍ରୀରାମାଭିଷେକ ଓ ପୂର୍ଣ୍ଣାହୁତି, ସ୍ଥାନ: ଶ୍ରୀଶ୍ରୀ ରଘୁନାଥ ଜୀଉ ମଠ, ସିମିଳିଆ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ମା' ଲକ୍ଷ୍ମୀଙ୍କ ନୂତନ ମନ୍ଦିର ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ: : ଲୋକନାଥ ନଗର, ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା

- ମା'ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ ସନ୍ଧ୍ୟା ୬ଟା।

## ଯାଜପୁର

- ଶ୍ରୀଶ୍ରୀ ସିଦ୍ଧ ମହାବୀର ହନୁମାନ ଜୀଉଙ୍କ ମନ୍ଦିର ଓ ନୂତନ ବିଗ୍ରହଙ୍କ ମହାସ୍ନାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତର ବ୍ରହ୍ମଣଦା, ସମୟ: ସକାଳ ୭ଟା।
- ବିଶ୍ୱ ରେଡକ୍ରସ ଦିବସ ପାଳନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ମା' ମଙ୍ଗଳା ମନ୍ଦିରର ୧୩ତମ ପ୍ରତିଷ୍ଠା ଉତ୍ସବରେ କେନ୍ଦୁଝରର ନିର୍ଭୟା କଳାବିକାଶ କେନ୍ଦ୍ର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭିକିପୁର ଗ୍ରାମ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

## ନୟାଗଡ଼

- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ ବ୍ଲକ ଗୋବିନ୍ଦପୁର ବିଜେ ସୋମନାଥ ଦେବଙ୍କ ପୀଠ, ସମୟ: ଭୋର ୫ଟା।
- ଚନ୍ଦନଯାତ୍ରାର ନବମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ନବମ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ନବମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ନବମ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ନବମ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା ।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ନବମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ବିଶ୍ୱ ରେଡକ୍ରସ ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ:ନୟାଗଡ ସହର ପରିକ୍ରମା, ସମୟ: ସକାଳ ୮ଟା।
- ବିଶ୍ୱ ରେଡକ୍ରସ ଦିବସ ଅବସରରେ ସାଧାରଣ ସଭା, ସ୍ଥାନ:ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ସାଢ଼େ ୯ଟା।
- ବିଶ୍ୱ ରେଡକ୍ରସ ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ନୟାଗଡ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୯ଟା।

## କୋରାପୁଟ

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଦାମନଯୋଡ଼ି ନାଲ୍‌କୋ ଟାଉନ୍‌ସିପ୍, ସେକ୍ଟର-୧ ଯଜ୍ଞ ମଣ୍ଡପ, ସମୟ: ସକାଳ ୬ଟା।
- ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ସମ୍ପର୍କରେ ଆଲୋଚନା, ସ୍ଥାନ: ଜୟପୁର ମାଉଣ୍ଟଭ୍ୟାଲି ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।
- ଦିଶା ବୈଠକ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଜୋନାଲସ୍ତରୀୟ ଜଙ୍ଗଲ ଜମି ଅଧିକାର ଆଇନ ବୈଠକ, ସ୍ଥାନ : କୋରାପୁଟ ଓସ୍‌ୱାନ ଗୃହ, ସମୟ :ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଛାତ୍ର ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ : ଧନୁପାଲିସ୍ଥିତ ବିଦ୍ୟାଳୟର ସଭାକକ୍ଷ, ସମୟ : ସକାଳ ୯ଟା।

## ରାଉରକେଲା

- ଜିଙ୍ଗଲ ବେଲ୍ ପକ୍ଷରୁ ନୃତ୍ୟ କର୍ମଶାଳା, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସମିତିର ବୈଠକ, ସ୍ଥାନ: ଜାମସେରା, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ବିଶ୍ୱ ରେଡକ୍ରସ ଦିବସ,ସ୍ଥାନ: ସଦଭାବନା ଭବନ,ସମୟ: ସକାଳ:୯ଟା।

## ବରଗଡ଼

- ବୈଶାଖୀମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନୃସିଂହନାଥ, ପାଇକମାଳ, ସମୟ: ସକାଳ ୭ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ:ସକାଳ ୮ଟା।

## ବୌଦ୍ଧ

- ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ବୌଦ୍ଧ, ସମୟ: ସକାଳ ୮ଟା।
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ ସହର, ସମୟ: ଭୋର ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ସମୟ: ସନ୍ଧ୍ୟା ୭ଟା
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ,ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର, ସମୟ: ସକାଳ ୮ଟା।
- ଟାଙ୍ଗର ସାହି ପାନୀୟ ଜଳ ସମାସ୍ୟା ସମାଧାନ ପାଇଁ ବୈଠକ, ସ୍ଥାନ: ଟାଙ୍ଗରସାହି ଗ୍ରାମ୍ୟ ମଣ୍ଡପ, ସମୟ: ସକାଳ ୮ଟା ।
- ତରଭା ବ୍ଲକ ମରାଗୁଗୋଛା ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ମା'ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ମା' ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ବିଜୟଗଡ ରାଜା କୋମନା, ସମୟ: ଅପରାହ୍ନ ୪ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ପଲସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ପ୍ରାତଃ ୪ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରବିଙ୍କ ସୁପ୍ରଭାବରୁ ଉଚ୍ଚଚିନ୍ତା, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଧର୍ମକାର୍ଯ୍ୟ କରିବାକୁ ମନ ବଳାଇବେ। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାମ ଫଳପ୍ରଦ ରହିବ। କଥାରେ, ବ୍ୟବହାରରେ ଶାଳୀନତା ରକ୍ଷା ନ କଲେ ଓଲଟା ଫଳ ପାଇବେ। ଅବଶ୍ୟ ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ।

**ବୃଷ** ବୁଧଙ୍କ ଦୁର୍ବଳତା କାରଣରୁ ବନ୍ଧୁଙ୍କ ଅସହଯୋଗ ସାଙ୍ଗକୁ ଅର୍ଥାଭାବ ସକାଶେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟିବ। ସାହିତ୍ୟ, ପ୍ରବଚନ, ଆଧାତ୍ମିକ ସଭା ସମିତିରେ ସମ୍ମାନିତ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ।

**ମିଥୁନ** ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶ କରି ହନ୍ତସନ୍ତ ହେବେ। ହାତରୁ ଖର୍ଚ୍ଚ କରି ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। କୌଣସି ପ୍ରିୟଜନଙ୍କ ଅନୁରୋଧକ୍ରମେ ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡିପାରେ। ପ୍ରତ୍ୟୁଷଯାତ୍ରା, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ ଏବଂ ସଭାସମିତିରେ ପ୍ରଶଂସିତ ହେବେ।

**କର୍କଟ** କୌଶଳ ପ୍ରୟୋଗ କରି ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତ। ପାରସ୍ପରିକ ଆଲୋଚନାକ୍ରମେ ପାରିବାରିକ କ୍ଷେତ୍ରରେ ରହିଥିବା ଟେନସନ୍ କେତେକାଂଶରେ କମିଯିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବା ହେତୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ସିଂହ** କର୍ମକ୍ଷେତ୍ରରେ ସମସ୍ୟା ଜାଲରେ ଛନ୍ଦିହୋଇ ମାନସିକ ସନ୍ତୁଳନ ହରାଇବେ। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ ଖର୍ଚ୍ଚ ବଢ଼ିଯାଇପାରେ। ରାଜନୀତି ତଥା ପ୍ରଶାସନିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବ। ଶିଳ୍ପ, ବ୍ୟବସାୟ, ପରିବହନ, ଜମିଜମା, କଳକାରଖାନା, ସଭାସମିତି, ମନୋରଞ୍ଜନରେ ସଫଳତା ଅର୍ଜନ କରିବେ।

**କନ୍ୟା** କର୍ମକ୍ଷେତ୍ରରେ କାମ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତ ହେବେ। ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ କିନ୍ତୁ କିଛି ବି କରିବେ ନାହିଁ। ଅର୍ଥ ଲାଭ ସାଙ୍ଗକୁ କଳ୍ପନାର ବାହାରେ ଥିବା କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି, କଳା, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** ପାରିବାରିକ ସମସ୍ୟା ରହିଥିଲେ ମଧ୍ୟ ବୁଦ୍ଧି ଖଟାଇ ତାହାର ନିରାକରଣରେ ସମର୍ଥ ହେବେ। ପୂର୍ବରୁ କଥା ଦେଇଥିବା ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କ ନ ରହିଲେ ଅଘଟଣ ଘଟିପାରେ। ମାଙ୍ଗଳିକ କିମ୍ବା ସଭାସମିତିରେ ଯୋଗ ଦେଇ ପ୍ରଶଂସିତ ହେବେ।

**ବିଛା** କର୍ମକ୍ଷେତ୍ରର କେତେକ ଗୁରୁତ୍ୱପୂର୍ଣ୍ଣ କାମରେ ଅବହେଳା କରି ସମାଲୋଚିତ ହେବେ। ସାମାନ୍ୟ ଭୁଲ୍‌ରୁ କାମ ବିଶୃଙ୍ଖଳିତ ହୋଇପାରେ। ବନ୍ଧୁଙ୍କ ଉପର ଠାଉରିଆ ସ୍ନେହ ଓ ସଦ୍‌ଭାବକୁ ଲକ୍ଷ୍ୟକରି ଆନମନା ହୋଇପାରନ୍ତି। କର୍ମକ୍ଷେତ୍ରରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ।

**ଧନୁ** ନିଜ ମନଲାଖି କାମ ନ କରିପାରିବାରୁ ମନ ଅସ୍ଥିର ରହିବ। ପାରିବାରିକ ଜଞ୍ଜାଳ ମାନସିକ ଚାପକୁ ବୃଦ୍ଧି କରିବ। ଆନୁଷ୍ଠାନିକ କାମ କିମ୍ବା ସଭାସମିତିରେ ଗଠନ ମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇପାରନ୍ତି।

**ମକର** ଗତାନୁଗତିକ କର୍ମଧାରାରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ମଧ ନୀରବତା ମଧ୍ୟରେ ସନ୍ତୁଷ୍ଟ ରହିବାକୁ ପଡିବ। ଆପଣଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ପଡ଼ୋଶୀ ପ୍ରତିବାଦର ସ୍ୱର ଉଠାଇପାରନ୍ତି। ପରିସ୍ଥିତି ପ୍ରତି ସଚେତନ ରହି ନିଜ ଲୋକଙ୍କୁ ଆପଣେଇ ନେବେ। ଦିନଟିରେ ପରୋକ୍ଷ ଶତ୍ରୁତା ପ୍ରତି ସତର୍କ ରହି କାମ କରିବା ଭଲ ହେବ।

**କୁମ୍ଭ** ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଉଥିବାରୁ ମନ ଉଦ୍‌ବେଗ ରହିବ। ପୂର୍ବ ଯୋଜନାନୁଯାୟୀ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂର ଯାତ୍ରା କରିବାକୁ ପଡିପାରେ। ସମସ୍ୟା ଲାଗିରହିଥିଲେ ମଧ ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ମୀନ** ଆପଣଙ୍କ ଯୁକ୍ତିରେ ଅସନ୍ତୋଷ ପ୍ରକାଶ କଲେ ମଧ କୌଣସି ବ୍ୟକ୍ତି ମୁହଁ ସାମନାରେ କିଛି କହିବାକୁ ସାହସ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ପୂର୍ବ ବିବାଦର ସମାଧାନ ହେବା ସାଙ୍ଗକୁ ଟେନସନ୍ ମଧ କମିଯିବ। ଆଜିର ଯାତ୍ରା, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେବ। ସାହିତ୍ୟ, ସଙ୍ଗୀତ, ଆଲୋଚନା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ପାଇପାରନ୍ତି।

ଆଜି ମେ ୮ ତାରିଖ, ବିଶ୍ୱ ରେଡ୍‌କ୍ରସ ଓ ବିଶ୍ୱ ଥାଲାସେମିଆ ଦିବସ, ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ମୋହିନୀ ଏକାଦଶୀ ଗୁରୁବାର। ରାଶିନକ୍ଷତ୍ର- ଉତ୍ତରାଫାଲଗୁନୀ/କନ୍ୟା, ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୦୫.୧୭ ଗତେ ଘ.୦୭.୦୦ ମଧ୍ୟେ, ଘ.୧୦.୨୬ ଗତେ ଘ.୦୧.୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୧୯ ଗତେ ଘ.୦୨.୫୬ ମଧ୍ୟେ ରାହୁ କାଳ।

# ତାତି ବଢ଼ିଲା, ଗୁଳୁଗୁଳି ଫେରିଲା

**ଭୁବନେଶ୍ୱର, ୭।୫(ଅନୁରାଧା ମହାରଣା)**

କିଛିଦିନର ବିରତି ପରେ ରାଜ୍ୟକୁ ପୁଣି ତାତି ସହ ଗୁଳୁଗୁଳି ଫେରିଛି। ଫଳରେ ବୁଧବାର ରାଜ୍ୟର ଅଧିକାଂଶ ଜିଲାରେ ତାପମାତ୍ରାରେ ବୃଦ୍ଧି ପାଇଛି। ବିଶେଷକରି ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡ଼ିକର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରାରେ ପ୍ରାୟ ୨ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ହେଲେ ଓଡ଼ିଶାର ଅନ୍ୟ କୌଣସି ଜିଲାରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ। ଅନ୍ୟପକ୍ଷରେ ୧୩ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲାରେ ଗ୍ରୀଷ୍ମଲହରୀ, ଉଷ୍ମ ଓ ଆର୍ଦ୍ର ଅବସ୍ଥା ପ୍ରବାହର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩ରୁ ୪ ଡିଗ୍ରୀ ସେଲ୍‌ସିୟସ କମ୍ ଓ ଅନ୍ୟ କେତେକ ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୨-୩ ଡିଗ୍ରୀ କମ୍ ରହିଥିଲା। ଆଗାମୀ ୨ ଦିନ ପାଇଁ ଦିନର ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବନାହିଁ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶାର ଜିଲାଗୁଡ଼ିକରେ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଗୁରୁବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାର କେତେକ ସ୍ଥାନରେ ଉଷ୍ମ ଏବଂ ଆର୍ଦ୍ର ଅବସ୍ଥା ପ୍ରବାହର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# 'ଅପରେଶନ ସିନ୍ଦୂର' ବିଷୟରେ ଦେଶକୁ ସୂଚନା ଦେଲେ ୨ ମହିଳା ସେନା ଅଧିକାରୀ

**ନୂଆଦିଲ୍ଲୀ, ୭।୫**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ୧୫ ଦିନ ପରେ ଭାରତ ପକ୍ଷରୁ ପାକିସ୍ତାନ ଏବଂ ପାକିସ୍ତାନ ଅଧୀକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ୯ଟି ଠିକଣାକୁ ଟାର୍ଗେଟ କରାଯାଇ ଏୟାର ଷ୍ଟ୍ରାଇକ୍ କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଭାରତୀୟ ସେନା ପକ୍ଷରୁ ଏକ ପ୍ରେସ୍ ବିବୃତି ଜାରି କରାଯାଇ ଏନେଇ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା। ବୁଧବାର ଭାରତ ସରକାର ଏକ ଖବରଦାତା ସମ୍ମିଳନୀ କରି ଅପରେଶନ ସିନ୍ଦୂର ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରିଙ୍କ ସମେତ ୨ ଜଣ ମହିଳା ସେନା ଅଧିକାରୀ କର୍ଣ୍ଣଲ ସୋଫିଆ କ୍ୟୁରେଶୀ ଏବଂ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ରହିଥିଲେ। ଏହି ୨ ମହିଳା ସେନା ଅଧିକାରୀ ଭାରତୀୟ ସେନାର ପରାକ୍ରମକୁ ବିଶ୍ୱ ସମ୍ମୁଖରେ ରଖିଥିଲେ। ପାକିସ୍ତାନର ପୃଷ୍ଠପୋଷକତାରେ ହେଉଥିବା ଆତଙ୍କବାଦୀ ଗତିବିଧିକୁ କିପରି ଭାରତୀୟ ସେନା ପ୍ରହାର କରିଛି ସେନେଇ ଉଭୟେ ଦେଶବାସୀଙ୍କୁ ସୂଚନା ଦେଇଥିଲେ। ସୋସିଆଲ ମିଡିଆରେ ଏବେ ଏହି ୨ ମହିଳା ସେନା ଅଧିକାରୀଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏକ ଗୁରୁତ୍ୱପୂର୍ଣ୍ଣ ଖବରଦାତା ସମ୍ମିଳନୀ ପାଇଁ ଭାରତ ସରକାର ୨ ମହିଳା ସେନା ଅଧିକାରୀଙ୍କୁ ବାଛିଥିବାରୁ ଅନେକ ୟୁଜର୍ସ ଖୁସି ପ୍ରକଟ କରିଛନ୍ତି।



ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ



କର୍ଣ୍ଣଲ ସୋଫିଆ କ୍ୟୁରେଶୀ

ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ଇଞ୍ଜିନିୟରିଂ ପଢ଼ା ଶେଷ କରିବା ପରେ ନ୍ୟାଶନାଲ କାଡେଟ କର୍ପସ୍ (ଏନ୍‌ସିସି)ରେ ଯୋଗଦେଇଥିଲେ। ୨୦୦୪ ଡିସେମ୍ବର ୧୮ରେ ସେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ। ଏହାର ୧୩ ବର୍ଷ ପରେ ୨୦୧୭ ଡିସେମ୍ବର ୧୮ରେ ସେ ୱିଙ୍ଗ୍ କମାଣ୍ଡର ହୋଇଥିଲେ। ୨୦୧୯ରେ ତାଙ୍କୁ ଭାରତୀୟ ବାୟୁସେନାର ହେଲିକପ୍ଟର ପାଇଲଟ ଭାବେ ନିୟୋଜିତ କରାଯାଇଥିଲା। ଚିତା ଏବଂ ଚେତକ ପରି ଫାଇଟର ହେଲିକପ୍ଟର ଉଡ଼ାଇବାରେ ସେ ନିପୁଣ। ସେହିପରି ୩୫ ବର୍ଷୀୟ ସେନା ଅଧିକାରୀ କର୍ଣ୍ଣଲ ସୋଫିଆ କ୍ୟୁରେଶୀ ଗୁଜରାଟର ହୋଇଥିବାବେଳେ ସେ ସୈନିକ ପରିବାରରୁ ଆସିଛନ୍ତି। ୨୦୧୬ ମାର୍ଚ୍ଚରେ ସେ ଏକ ବହୁରାଷ୍ଟ୍ରୀୟ ସାମରିକ ଅଭ୍ୟାସରେ ପ୍ରଥମ ମହିଳା ଭାବେ ଇଣ୍ଡିଆନ ଆର୍ମି କଣ୍ଟିଜେଣ୍ଟର ନେତୃତ୍ୱ ନେଇ ଇତିହାସ ରଚିଥିଲେ।

# ରୁଷିଆ ଦୂତାବାସରେ ବିଜୁଙ୍କ ସ୍ମାରକୀ ଉନ୍ମୋଚିତ

**ଭୁବନେଶ୍ୱର,୭।୫(ସୁନିତ୍ ମିଶ୍ର)**

ନାଜିବାଦ ବିରୋଧରେ ରୁଷିଆର ବିଜୟର ଅଶୀତମ ବାର୍ଷିକ ଉତ୍ସବ ପାଳନ ଆରମ୍ଭ ହୋଇଯାଇଛି। ଏଥିଲାଗି ଆସନ୍ତା ୯ରେ ମସ୍କୋରେ ବିକାଶ ଆୟୋଜନ ଚାଲିଛି। ଏହି ଆୟୋଜନରେ ରୁଷିଆ ଜଣେ ଓଡ଼ିଆ ଭାବେ ବିଜୁ ପଟ୍ଟନାୟକଙ୍କ ଅବଦାନକୁ କୃତଜ୍ଞତାର ସହ ମନେପକାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୁବାବୁଙ୍କ ସାହସ ଶୌର୍ଯ୍ୟ ଓ ପରାକ୍ରମର ଗାଥା ରୁଷିଆର ଦୂତାବାସରେ ଏବେ ପୁଣିଥରେ ଗୁଞ୍ଜରିତ ହୋଇଛି। ରୁଷିଆ ହାଉସର ବର୍ଣ୍ଣାଢ଼୍ୟ ପରିବେଶରେ ଷ୍ଟାଲିନ୍ ଗ୍ରାଡ୍ ଅଭିଯାନରେ ବିଜୁବାବୁଙ୍କ ଅବଦାନକୁ ମନେପକାଇ ବୁଧବାର ଏକ ଉତ୍ସବର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇଛନ୍ତି। ନବୀନ ଭାରତରେ ରୁଷିଆର ରାଷ୍ଟ୍ରଦୂତ ଡେନିସ୍ ଅଲିପୋବଙ୍କ ଉପସ୍ଥିତିରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ସ୍ମାରକୀ ଫଳକ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ନବୀନ କହିଛନ୍ତି, ବିଜୁ ବାବୁଙ୍କ ସାହସ ଓ ପରାକ୍ରମ ପାଇଁ ସାରା ଦେଶ ଗର୍ବିତ।

# ପାକିସ୍ତାନ ପାଇଁ ଟ୍ରାଭେଲ ଆଡ୍‌ଭାଇଜରି ଜାରିକଲା ଆମେରିକା

**ଇସ୍‌ଲାମାବାଦ,୭।୫**

ଭାରତର ଅପରେଶନ ସିନ୍ଦୂର ପରେ ପାକିସ୍ତାନରେ ଆମେରିକୀୟ ଦୂତାବାସ ପକ୍ଷରୁ ବୁଧବାର ଆମେରିକୀୟଙ୍କ ପାଇଁ ଟ୍ରାଭେଲ ଆଡଭାଇଜରି ଜାରି କରାଯାଇଛି। ପାକିସ୍ତାନରେ ଉତ୍ତେଜନାମୂଳକ ଅଞ୍ଚଳ ଖାସ୍‌କରି ଭାରତ ସୀମା ନିକଟବର୍ତ୍ତୀ ଅଞ୍ଚଳକୁ ନ ଯିବା ପାଇଁ ଏହି ଆଡ୍‌ଭାଇଜରିରେ ପରାମର୍ଶ ଦିଆଯାଇଛି। ଭାରତର ଅପରେଶନ ସିନ୍ଦୂର ପରେ ଉଭୟ ଦେଶ ମଧ୍ୟରେ ଚାଲିଥିବା ଘଟଣାକ୍ରମ ଉପରେ ଆମେରିକା କଡ଼ା ନଜର ରଖିଥିବା ଏହି ଆଡ୍‌ଭାଇଜରିରେ କୁହାଯାଇଛି।

# କୃଷି ମନ୍ତ୍ରଣାଳୟକୁ ମିଳୁନି ରାଜ୍ୟ ଉତ୍ତର

## ଶସ୍ୟ ଦର ବଢ଼ିବା ପ୍ରସଙ୍ଗ

**ଭୁବନେଶ୍ୱର,୭।୫(ରବିନାରାୟଣ ଜେନା)**

କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧିପାଇଁ ଅହରହ ଉଦ୍ୟମ କରୁଛନ୍ତି। ହେଲେ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯେଉଁଭଳି ଆନ୍ତରିକତାର ସହ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବା କଥା ସେଥିରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି, ଯାହାଫଳରେ ଅନେକ ସମୟରେ ଯୋଜନାର କାର୍ଯ୍ୟାନ୍ୱୟନ ସୁଚାରୁରୂପେ ସମ୍ପାଦନ ହୋଇପାରୁନାହିଁ। ଏହିଭଳି ଏକ ଘଟଣା କୃଷି ବିଭାଗ କାର୍ଯ୍ୟକାରିତାରୁ ଜଣାପଡ଼ିଛି।

ଚଳିତ ୨୦୨୫-୨୬ ବର୍ଷ ଖରିଫ ଶସ୍ୟ ଲାଗି ସହାୟକ ଦର ନିର୍ଦ୍ଧାରଣ କରାଯିବ। କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ଏନେଇ ରାଜ୍ୟ ସରକାରଙ୍କ ମତାମତ ଲୋଡ଼ାଯାଇଥିଲା। ଏମିତିକି ୧୫ ଦିନ ମଧ୍ୟରେ ରାଜ୍ୟ ସରକାର ତାଙ୍କ ସୁଚିନ୍ତିତ ମତାମତ ଦେବାକୁ କୁହାଯାଇଥିଲା। ହେଲେ ଇତିମଧ୍ୟରେ ୪୫ ଦିନ ବିତିଯାଇଥିଲେ ବି କୃଷି ବିଭାଗ ପକ୍ଷରୁ ମତାମତ ପଠାଯାଇପାରୁନାହିଁ।

ସୂଚନାଯୋଗ୍ୟ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ସଚିବ ଦେବେଶ ଚତୁର୍ବେଦୀ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ଚଳିତ ଖରିଫ୍ ଲାଗି ଶସ୍ୟର ସହାୟକ ଦର ନୀତି ନିର୍ଦ୍ଧାରଣ କରାଯିବ। ଏଥିପାଇଁ ୧୫ ଦିନ ମଧ୍ୟରେ ରାଜ୍ୟ ସରକାର ତାଙ୍କ ମତାମତ ନିଶ୍ଚିତ ପଠାଇବା ଆବଶ୍ୟକ। ଯଦି ଏହି ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ମତାମତ ନ ଆସେ, ତେବେ କମିଶନ ଫର୍ ଏଗ୍ରିକଲ୍‌ଚର କଷ୍ଟ୍‌ସ ଆଣ୍ଡ ପ୍ରାଇସ୍(ସିଏସିପି) ସୁପାରିସ ସହ ରାଜ୍ୟ ସରକାର ସହମତ ବୋଲି ଧରାଯିବ। ନଚେତ୍ କେନ୍ଦ୍ର ସରକାରଙ୍କ ପରବର୍ତ୍ତୀ ନିଷ୍ପତ୍ତି ସମୟରେ ରିପୋର୍ଟ ଗ୍ରହଣ କରାଯିବ। ଭାରତ ସରକାରଙ୍କ ପକ୍ଷରୁ ଯେପର୍ଯ୍ୟନ୍ତ ଖରିଫ ଶସ୍ୟର ବଜାରଦର ସମ୍ପର୍କରେ ସିଏସିପି ରିପୋର୍ଟ ପ୍ରକାଶ ପାଇନାହିଁ ସେପର୍ଯ୍ୟନ୍ତ ଏହି ତଥ୍ୟକୁ ଲୁକ୍କାୟିତ ରଖିବାକୁ ସଚିବ ଦେବେଶ ଦର୍ଶାଇଥିଲେ।

କେନ୍ଦ୍ର କୃଷି ସଚିବଙ୍କ ନିର୍ଦ୍ଦେଶକୁ ନେଇ ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବିଭାଗୀୟ ସ୍ୱତନ୍ତ୍ର ସଚିବ ଡି.କେ. ପରିଡ଼ା ଜଳସମ୍ପଦ ବିଭାଗ ସହ ସମବାୟ, ରାଜସ୍ୱ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଉଦ୍ୟାନ କୃଷି, ଓୟୁଏଟି, ଓଇଆର୍‌ସି, ରାଜ୍ୟସ୍ତରୀୟ ବ୍ୟାଙ୍କ ସମୂହ କମିଟିଠାରୁ ତ୍ୱରିତ ମତାମତ ଲୋଡ଼ିଥିଲେ। ବିଭାଗ ପକ୍ଷରୁ ଗତ ଏପ୍ରିଲ ୧୧ରେ ଅବଗତ କରାଯାଇଥିବାବେଳେ ୨୫ରେ ମଧ୍ୟ ପତ୍ର ଲେଖି ଏହାକୁ ଅତ୍ୟନ୍ତ ଜରୁରୀ(ଏକ୍ସଟ୍ରିମ୍‌ଲି ଅର୍ଜେଣ୍ଟ) ବୋଲି ପତ୍ରରେ ଦର୍ଶାଯାଇଥିଲା। ସେଥିରେ କେଉଁ ନିର୍ଦ୍ଦେଶାଳୟ କି ପ୍ରକାର ବିବରଣୀ ଦେବେ ତାହା ମଧ୍ୟ ଉଲ୍ଲେଖ ରହିଥିଲା। ହେଲେ ଏପର୍ଯ୍ୟନ୍ତ କେତେକ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ଚାଷୀ ପ୍ରସଙ୍ଗକୁ କେବଳ ପତ୍ରାଳାପରେ ସୀମିତ ରଖାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏନେଇ ମେ'୨ରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିବାବେଳେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ମିଳି ନ ଥିବା ବିଭାଗୀୟ ଅନୁସନ୍ଧାନରୁ ଜଣାପଡ଼ିଛି।

# ମଣ୍ଡି ଶ୍ରମିକଙ୍କ ଦୁଃଖ: ୫ ବର୍ଷ ଧରି ମିଳିନି ପାଉଣା

**ଭୁବନେଶ୍ୱର,୭।୫(ରବିନାରାୟଣ ଜେନା)**

ଶ୍ରମିକଙ୍କ ପାଉଣା ଦିନେ ବିଳମ୍ବ ହେଲେ ଝମେଲା ପର୍ଯ୍ୟନ୍ତ କଥା ଯାଉଛି। ହେଲେ ଧାନମଣ୍ଡିରେ ନିୟୋଜିତ କୃଷି ଶ୍ରମିକଙ୍କ ପାଉଣା ସରକାରୀ ଖାତାରେ ବର୍ଷ ବର୍ଷ ଧରି ଗଡୁଛି। ଏଥିନେଇ ମଣ୍ଡି କିମ୍ବା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) କର୍ତ୍ତୃପକ୍ଷ ଯେଉଁଭଳି ଗୁରୁତ୍ୱ ଦେବା କଥା ତାହା ଦେଉନାହାନ୍ତି, ଫଳରେ ଗତ ୫ ବର୍ଷ ଧରି ଶ୍ରମିକଙ୍କ ପାଉଣା କାଗଜପତ୍ରରେ ସୀମିତ ହୋଇ ରହିଛି। ଏନେଇ ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ବାରମ୍ବାର ପତ୍ର ଲେଖାଗଲାଣି। ହେଲେ ଶ୍ରମିକଙ୍କ ତଥ୍ୟ ମିଳିପାରୁନାହିଁ। ଏଭଳି ଏକ ଅପ୍ରୀତିକର ପରିସ୍ଥିତି ପାକ୍ସସ୍ତରରେ ସୃଷ୍ଟି ହୋଇଥିବା ରାଜ୍ୟ ଯୋଗାଣ ନିଗମ ତଥ୍ୟରୁ ଜଣାଯାଇଛି।

ଯୋଗାଣ ନିଗମ ପକ୍ଷରୁ ଅର୍ଥ ପରାମର୍ଶଦାତା ଦେବରାଜ ମଣ୍ଡଳ ଏ ସଂକ୍ରାନ୍ତରେ ଶେଷଥର ଏପ୍ରିଲ ୧୬ରେ ରାଜ୍ୟର ୧୯ ଜିଲାର ଯୋଗାଣ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଯଥାଶୀଘ୍ର ମଣ୍ଡି ଶ୍ରମିକଙ୍କ ପାଉଣା ବାବଦ ଆବଶ୍ୟକ ତଥ୍ୟ ପଠାଇବାକୁ ସେ ପାକ୍ସଗୁଡ଼ିକୁ ପତ୍ରରେ ଦର୍ଶାଇଛନ୍ତି। ନିଗମ ପକ୍ଷରୁ କୁହାଯାଇଛି ଯେ, ପାକ୍ସଗୁଡ଼ିକ ମଣ୍ଡି ଶ୍ରମିକଙ୍କ ପାଉଣା ପଇଠ କରିବାକୁ ହେଲେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବଶ୍ୟକ ତଥ୍ୟ ସହ ପାଣ୍ଠି ଦାବି ପ୍ରଦାନ କରିବା କଥା। ହେଲେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପାକ୍ସଗୁଡ଼ିକ ମଣ୍ଡି ଶ୍ରମିକଙ୍କ ପାଉଣା ପାଣ୍ଠି ଦାବି କରୁ ନ ଥିବା ବେଳେ କିଛି ପାକ୍ସ ଦେଉଥିବା ତଥ୍ୟରେ ଅଭାବ କାରଣରୁ ପାଣ୍ଠି ପ୍ରଦାନ କରାଯାଇପାରୁ ନାହିଁ। ତେଣୁ ଯଥାଶୀଘ୍ର ଉପଯୁକ୍ତ ଫର୍ମାଟ୍‌ରେ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ସହ ପାଣ୍ଠି ଦାବି ସମ୍ପର୍କରେ ଅବଗତ କରାଅ। ରାଜ୍ୟ ଯୋଗାଣ ନିଗମର ନିର୍ଦ୍ଦେଶ ପାଇବା ପରେ ଜିଲାସ୍ତରରେ ଏହାକୁ ନେଇ ତତ୍ପରତା ଦେଖାଦେଇଛି। ଗୋଟିଏ ସପ୍ତାହ ମଧ୍ୟରେ ତଥ୍ୟ ପଠାଇବାକୁ ବାଲେଶ୍ୱର ଭଳି କେତେକ ଜିଲାର ଅଧସ୍ତନ ଅଧିକାରୀଙ୍କୁ କହିଛନ୍ତି। ତେବେ ଯୋଗାଣ ନିଗମର ଅର୍ଥ ପରାମର୍ଶଦାତାଙ୍କ ନିର୍ଦ୍ଦେଶରୁ ବାଦ୍ ପଡ଼ିଥିବା ୧୧ ଜିଲା ମଧ୍ୟରେ ବରଗଡ଼, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ, କନ୍ଧମାଳ, କୋରାପୁଟ, ମାଲକାନଗିରି, ନୟାଗଡ଼, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ରହିଥିବା ଜଣାପଡ଼ିଛି।




# ଯୁଦ୍ଧ ପରିସ୍ଥିତିର ମୁକାବିଲା ମକ୍‌ଡ୍ରିଲ୍

## ୧୨ ଜିଲାରେ ବାଜିଲା ସାଇରନ୍

ଭୁବନେଶ୍ୱର,୭।୫(ସତ୍ୟଜିତ ରାଉତ)

ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ବୁଧବାର ଅପରାହ୍ନ ୪ଟାରେ ଦେଶବ୍ୟାପୀ ସିଭିଲ୍‌ଡିଫେନ୍ସ (ନାଗରିକ ପ୍ରତିରକ୍ଷା) ମକ୍‌ଡ୍ରିଲ୍ କରାଯାଇଛି। ଏହି କ୍ରମରେ ଓଡ଼ିଶାର ୧୨ଟି ଜିଲାରେ ମକ୍‌ଡ୍ରିଲ ହୋଇଛି। ପୂର୍ବ ନିର୍ଦ୍ଧାରିତ ସମୟ ଅପରାହ୍ନ ୪ଟାରେ ଭୁବନେଶ୍ୱର ରାଜମହଲ ଛକ ନିକଟ ଜନପଥରେ ମକ୍‌ଡ୍ରିଲ୍ କରାଯାଇ ସଚେତନତା ସୃଷ୍ଟି କରାଯାଇଛି। ୩୦ ମିନିଟ୍ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀମାନେ ଜୀବନ ରକ୍ଷା କରିବାର ବିଭିନ୍ନ କୌଶଳ ପ୍ରଦର୍ଶନ କରିବା ସହ ଏୟାର ଷ୍ଟ୍ରାଇକ୍ ପରର ଉଦ୍ଧାର ଅଭିଯାନର ଡେମୋ ଦେଖାଇଛନ୍ତି। ଯୁଦ୍ଧ ବେଳେ ଯଦି କୌଣସି ସ୍ଥାନରେ ଏୟାର ଷ୍ଟ୍ରାଇକ୍ ହେବ, ସେହି ସମୟରେ ଧନଜୀବନ ସହ ନିଜକୁ କିଭଳି ସୁରକ୍ଷିତ କରିହେବ; ସେନେଇ ଆବଶ୍ୟକ କୌଶଳ ଓ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହି ସମୟରେ ଠିକ୍ ୪ଟାରୁ ୪ଟା ୫ଯାଏ ୱାର୍ନିଂ ସାଇରନ୍ ବାଜିଥିଲା। ଏହି ସାଇରନ୍ ବାଜିବା ପରେ ସ୍ୱେଚ୍ଛାସେବୀମାନେ କଂକ୍ରିଟ୍ ଛାତ ତଳକୁ ଦୌଡ଼ି ଯାଇଥିଲେ। ସେହିପରି ରାସ୍ତାରେ ରହିଯାଇଥିବା ସ୍ୱେଚ୍ଛାସେବୀମାନେ ନିଜକୁ ସୁରକ୍ଷିତ ରଖିବାକୁ ଶୋଇ ରହିଥିଲେ। ସେମାନେ ଆଖି ଓ କାନ ବନ୍ଦ କରି ତଳେ ପେଟେଇ ରହିଥିଲେ। ଶୋଇଥିବାବେଳେ ଛାତି ତଳେ ନ ଲଗାଇ ସଚେତନତା ସୃଷ୍ଟି କରାଯାଇଥିଲା। ସେପଟେ ସ୍ଥାନୀୟ ଅଞ୍ଚଳରେ ବୋମା ପଡ଼ିବା ଭଳି ଧୂଆଁ ମଧ୍ୟ ଛଡ଼ାଯାଇଥିଲା। କେତେଜଣ ସ୍ୱେଚ୍ଛାସେବୀ ରାସ୍ତାରେ ଆହତ ଅବସ୍ଥାରେ ପଡ଼ି ରହିଥିଲେ। ୪ଟା ୧୫ ଯାଏ ୧୦ ମିନିଟ୍ ଧରି ସମ୍ଭାବ୍ୟ ବୋମା ପଡ଼ିବା ସମୟ ରହିଥିବାବେଳେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ସତର୍କତା ଅବଲମ୍ବନ କରିଥିଲେ। ସମ୍ଭାବ୍ୟ ଏୟାର ଷ୍ଟ୍ରାଇକ୍ ବେଳେ କୌଣସି ରକେଟ୍ ମାଡ଼ ହୋଇ ରାସ୍ତାରେ ପଡ଼ିଥିବା ବେଳେ ତାହା ଉପରେ କିଭଳି ବାଲି ବସ୍ତା ପକାଯାଇ ବିପତ୍ତି ଏଡ଼ାଯାଇ ପାରିବ ତାହା ଦେଖାଯାଇଥିଲା। ଏହାପରେ ୪ଟା ୧୫ରୁ ୪ଟା ୨୦ ଯାଏ ପୁଣି (ଆବର୍ଟିଂ) ସାଇରନ୍ ବାଜିଥିଲା, ଯାହା ଶତ୍ରୁ ବିମାନ ଫେରିଗଲା ବୋଲି ସୂଚିତ କରିଥିଲା। ଏହାପରେ ଏୟାର ଷ୍ଟ୍ରାଇକ୍‌ରେ କ୍ଷୟକ୍ଷତି ହୋଇଥିବା ପରବର୍ତ୍ତୀ ସ୍ଥିତିରେ ଉଦ୍ଧାର କାର୍ଯ୍ୟ ହୋଇଥିଲା। ଏକ ସ୍ଥାନରେ ବୋମା ପଡ଼ି ନିଆଁ ଲାଗିଥିବା ବେଳେ ଅଗ୍ନିଶମ ବାହିନୀ ପାଣି ପକାଇ ଲିଭାଇଥିଲା। ସେହିପରି ଜନପଥ ପାର୍ଶ୍ୱ ବାପୁଜୀନଗର ମାର୍କେଟ୍‌ର ଏକ କୋଠାରୁ ଫସି ରହିଥିବା ଦୁଇ ଜଣଙ୍କୁ ଦୌଡ଼ି ଦ୍ୱାରା କିଭଳି ଉଦ୍ଧାର କରାଯାଇଥିଲା ତାହା ଦେଖାଯାଇଥିଲା। ଏପଟେ ଆମ୍ବୁଲାନ୍ସ ଆସି ଆହତମାନଙ୍କୁ ହସ୍ପିଟାଲ ନେଇଥିଲା। ଏଥିସହ ସାଥୀ ସ୍ୱେଚ୍ଛାସେବୀମାନେ ଆହତଙ୍କୁ କାନ୍ଧରେ ଆମ୍ବୁଲାନ୍ସ ଯାଏ ଆଣିଥିଲେ। ଘଟଣାସ୍ଥଳକୁ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ପ୍ରମୁଖ ପହଞ୍ଚି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସେପଟେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର (ଆଇସିସିସି)ରେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାଶ ପ୍ରମୁଖ ଅଧିକାରୀମାନେ ଯୋଗଦେଇ ଏହାକୁ ମନିଟର୍ କରିଥିଲେ। ବେସାମରିକ ପ୍ରତିରକ୍ଷା ନେତୃତ୍ୱରେ ପୋଲିସ, ଅଗ୍ନିଶମ, ଏନ୍‌ସିସି, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଏହି ମକ୍‌ଡ୍ରିଲରେ ଅଂଶଗ୍ରହଣ କରିଥିଲେ।



ୱାର୍ନିଂ ସାଇରନ୍ ବାଜିବା ପରେ ମକ୍‌ଡ୍ରିଲ୍‌ରେ ଅଂଶଗ୍ରହଣ କରିଥିବା ସ୍ୱେଚ୍ଛାସେବୀ, ସ୍ଥାନୀୟ ଲୋକେ ଓ ଅନ୍ୟମାନେ ନିଜ ସୁରକ୍ଷା ପାଇଁ ରାସ୍ତାରେ ଶୋଇଯାଇଛନ୍ତି।

## ଅଜିତ୍ ମିଶ୍ର ନବୀନଙ୍କ ଅତିରିକ୍ତ ରାଜନୈତିକ ସଚିବ

**ଭୁବନେଶ୍ୱର, ୭।୫(ସୁନିତ୍ ମିଶ୍ର):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅତିରିକ୍ତ ରାଜନୈତିକ ସଚିବ ଭାବେ ଅଜିତ୍ କୁମାର ମିଶ୍ରଙ୍କୁ ବୁଧବାର ନିଯୁକ୍ତି ମିଳିଛି। ଅଜିତ୍ ଜଣେ ପ୍ରଶାସନିକ ଅଧିକାରୀ ଥିଲେ। କିଛିଦିନ ହେବ ସେ ସରକାରୀ ଚାକିରିରୁ ଅବସର ନେବା ପରେ ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ। ବିଜେଡି ସରକାର ସମୟରେ ସେ ବହୁ ବିଭାଗରେ ଦାୟିତ୍ୱ ତୁଲାଇଥିଲେ। ସେ ନବୀନଙ୍କ କୋଟେରି ଗ୍ରୁପ୍‌ର ବହୁ ଘନିଷ୍ଠ ଥିଲେ। ଏବେ ପୁଣି ଥରେ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କୁ ନବୀନଙ୍କ ଅତିରିକ୍ତ ରାଜନୈତିକ ସଚିବ ଭାବେ ନିଯୁକ୍ତି ମିଳିବା ଦଳ ଭିତରେ ଗୁଞ୍ଜରଣ ସୃଷ୍ଟି କରିଛି। ଅଫିସର୍ ରାଜ ବିଷୟକୁ ନେଇ ରାଜ୍ୟରୁ ଶାସନ କ୍ଷମତାରୁ ଯାଇଥିବା ବିଜେଡି ଏବେ ବି ପ୍ରଶାସନିକ ଅଧିକାରୀମାନଙ୍କୁ କାହିଁକି ଛାଡ଼ିପାରୁ ନାହିଁ ବୋଲି ଦଳରେ ପ୍ରଶ୍ନ ଉଠିଛି।

# ସମୟ ନେଲେ ରାଜ୍ୟ ସରକାର

## ହାଇକୋର୍ଟରେ ଓଡ଼ିଶା ସାର୍ବଜନୀନ ପାଠାଗାର ସମସ୍ୟା ମାମଲା

### ଜୁନ୍ ୧୮ରେ ପରବର୍ତ୍ତୀ ଶୁଣାଣି

କଟକ,୭।୫(କାର୍ତ୍ତିକ ସାହୁ)

ଓଡ଼ିଶା ସାର୍ବଜନୀନ ପାଠାଗାର ଅଧିନିୟମ ଓ ନିୟମାବଳୀ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ସହିତ ପାଠଗାର ସଂକ୍ରାନ୍ତୀୟ ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ଏହି ମାମଲାରେ ଜବାବ ଦାଖଲ ନିମନ୍ତେ ରାଜ୍ୟ ସରକାର ଅଧିକ ସମୟ ଦେବାକୁ ହାଇକୋର୍ଟରେ ଆବେଦନ କରିଥିଲେ। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ଅଧିକ ସମୟ ଦେବା ସହିତ ପରବର୍ତ୍ତୀ ଶୁଣାଣି ଜୁନ୍ ୧୮ ତାରିଖରେ ହେବାକୁ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଶା ସାର୍ବଜନୀନ ପାଠାଗାର ଅଧିନିୟମ, ୨୦୦୧ ପ୍ରଣିତ ହେବାର ବହୁ ବର୍ଷ ପରେ ଓଡ଼ିଶା ସାର୍ବଜନୀନ ପାଠାଗାର ନିୟମାବଳୀ, ୨୦୧୬ ପ୍ରଣୟନ ହୋଇଥିଲା। ୨୦୨୩ ଅକ୍ଟୋବରରେ ଓଡ଼ିଶା ପାଠାଗାର ନିର୍ଦ୍ଦେଶକ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେଇଥିଲେ। କିନ୍ତୁ ଅଧିନିୟମର ଅନ୍ୟ ବ୍ୟବସ୍ଥାଗୁଡ଼ିକ କାର୍ଯ୍ୟକାରୀ କରାଗଲା ନାହିଁ। ଅଧିନିୟମର ଧାରା-୩ ଅନୁସାରେ ଓଡ଼ିଶା ପାଠାଗାର ପରିଷଦ, ଧାରା-୪ ଅନୁସାରେ ଓଡ଼ିଶା ପାଠାଗାର କର୍ତ୍ତୃପକ୍ଷ ଗଠିତ ହେଲାନାହିଁ। ଏପରିକି ଧାରା-୧୨ ଅନୁସାରେ ଓଡ଼ିଶା ପାଠାଗାର ପାଣ୍ଠି ପ୍ରତିଷ୍ଠିତ ହୋଇ ନାହିଁ। ଜିଲାସ୍ତରରେ ସାର୍ବଜନୀନ ପାଠାଗାର କମିଟି ମଧ୍ୟ ଗଠନ ହୋଇନାହିଁ। ରାଜ୍ୟର ସାର୍ବଜନୀନ ପାଠାଗାର ସମୂହରେ ଅନେକ ଅନୁମୋଦିତ ପଦବୀ ଖାଲି ପଡ଼ିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରରେ ଅନୁମୋଦିତ ୫୮ପଦବୀରୁ ୪୩ ପଦବୀ ଖାଲି ପଡ଼ିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାର୍ବଜନୀକ ପାଠାଗାର ଅଧିନିୟମ ଓ ନିୟମାବଳୀକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ସହିତ ରାଜ୍ୟସ୍ତରୀୟ ପାଠାଗାର ପରିଷଦ, ପାଠାଗାର କର୍ତ୍ତୃପକ୍ଷ, ପାଠାଗାର ପାଣ୍ଠି ପ୍ରତିଷ୍ଠା କରିବାକୁ, ଜିଲା ପାଠାଗାର କମିଟି ଗଠନ କରିବାକୁ ତଥା ରାଜ୍ୟର ସମସ୍ତ ସାର୍ବଜନୀନ ପାଠାଗାରରେ ଖାଲି ପଦରେ ନିଯୁକ୍ତି ଦେବାକୁ ଆବେଦନକାରୀ ପ୍ରବୀର କୁମାର ଦାସ ପ୍ରାର୍ଥନା କରିଛନ୍ତି। ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଏବଂ ସାର୍ବଜନିକ ପାଠାଗାର ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ସୈନିକମାନେ ଭାରତର ସଂକଳ୍ପର ସମ୍ମାନ ରକ୍ଷାକରନ୍ତି: ମୋହନ

### ସୈନ୍ୟବାହିନୀକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୭।୫(ସୁନିତ୍ ମିଶ୍ର)

ଅପରେଶନ ସିନ୍ଦୂର ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭାରତୀୟ ସେନାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନକରି ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଅପରେଶନ ସିନ୍ଦୂର ହେଉଛି ପ୍ରକୃଷ୍ଟ ନିଦର୍ଶନ। ମୁଖ୍ୟମନ୍ତ୍ରୀ କହିଛନ୍ତି, ସିନ୍ଦୂର ହେଉଛି ଆମ ପରମ୍ପରା, ତ୍ୟାଗ ଓ ସଂକଳ୍ପର ପ୍ରତୀକ। ଭାରତର ସୈନ୍ୟମାନେ ସେହି ସଂକଳ୍ପର ସମ୍ମାନ ରକ୍ଷା କରିବାକୁ ସଦାସର୍ବଦା ପ୍ରସ୍ତୁତ। କୌଣସି ପରିସ୍ଥିତିରେ ଆତଙ୍କବାଦକୁ ବରଦାସ୍ତ କରାଯିବ ନାହିଁ। ମୋଦିଙ୍କ ନେତୃତ୍ୱରେ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ପଦକ୍ଷେପ ଜାରି ରହିବ ବୋଲି ସେ କହିଛନ୍ତି।

# ବିଚାରବିଭାଗୀୟ ବ୍ୟବସ୍ଥା ସୁଦୃଢ଼ୀକରଣ ହେବ: ମୋହନ

## ନୂଆ ଆପରାଧିକ ଆଇନର କାର୍ଯ୍ୟକାରିତା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା




- ରାଜ୍ୟରେ ଖୁବ୍‌ଶୀଘ୍ର ୩୨ ଫୋରେନ୍‌ସିକ୍ ଭ୍ୟାନ୍
- ଉଗ୍ରବାଦୀ କାର୍ଯ୍ୟକଳାପର ତଦନ୍ତ ଏସ୍‌ପି ତଳ ପାହ୍ୟା ଅଧିକାରୀ କରିବେନି

ଭୁବନେଶ୍ୱର,୭।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବୁଧବାର ୩ଟି ନୂଆ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ବିଚାରବିଭାଗୀୟ ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ଜିରୋ ଏଫ୍‌ଆଇଆର୍, ଇ-ସମନ୍, ଇ-ସାକ୍ଷ୍ୟ ପ୍ରଦାନ ଆଦି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ନ୍ୟାୟ ପ୍ରଦାନ ବ୍ୟବସ୍ଥା ସହଜ, ସରଳ ହେବା ସହ ତ୍ୱରିତ ବେଗରେ କାର୍ଯ୍ୟକାରୀ କରାଯାଇପାରିବ। ଏଥିଲାଗି ଜେଲ, ହସ୍ପିଟାଲ, ଫୋରେନ୍‌ସିକ ଲାବ୍, କୋର୍ଟ ଇତ୍ୟାଦିକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଡ଼ିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ସାକ୍ଷୀମାନେ ଯେଉଁ ସ୍ଥାନରେ ଥିବେ, ସେଠାରୁ ହିଁ ସାକ୍ଷ୍ୟ ପ୍ରଦାନ କରିପାରିବେ। ତଦନ୍ତ ଓ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଯେତେଦୂର ସମ୍ଭବ ଇଲେକ୍ଟ୍ରୋନିକ୍ ମୋଡ୍‌ରେ କରିବା ଜରୁରୀ।

ଫୋରେନ୍‌ସିକ୍ ବ୍ୟବସ୍ଥାର ଉନ୍ନତି ପାଇଁ ଅତ୍ୟାଧୁନିକ ମୋବାଇଲ ଫୋରେନସିକ୍ ଭ୍ୟାନ୍ ନିୟୋଜିତ କରାଯିବ। ରାଜ୍ୟରେ ଖୁବ୍‌ଶୀଘ୍ର ୩୨ ଫୋରେନ୍‌ସିକ୍ ଭ୍ୟାନ ନିୟୋଜିତ ହେବ। ଭିଡ଼ହିଂସା, ଉଗ୍ରବାଦୀ କାର୍ଯ୍ୟକଳାପ ଏବଂ ସଙ୍ଗଠିତ ଅପରାଧ କ୍ଷେତ୍ରରେ ଏସ୍‌ପିଙ୍କ ତଳ ର୍‍ୟାଙ୍କର କୌଣସି ଅଧିକାରୀ ତଦାରଖ କରିବେନାହିଁ। ଫୋରେନସିକ୍ ଓ ସାଇବର ଫୋରେନ୍‌ସିକ ବିଶେଷଜ୍ଞମାନଙ୍କ ପାଇଁ ୨୪୭ ଅତିରିକ୍ତ ପଦବୀ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବଦନାମ କରିବାକୁ ପ୍ରୟାସ, ହେବ କାର୍ଯ୍ୟାନୁଷ୍ଠାନ

## ଓମ୍‌ଫେଡ୍ କ୍ଷୀରରେ ଅପମିଶ୍ରଣ ଅଭିଯୋଗ ମାମଲା

ଭୁବନେଶ୍ୱର,୭।୫
(ଅନୁରାଧା ମହାରଣା)

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ବାଲିସାହିରେ ଥିବା ମା’ ଛତରେଇ ଦୁଗ୍ଧ ସଂଗ୍ରହ କେନ୍ଦ୍ର ବା ମିଲ୍କ ଚିଲର କେନ୍ଦ୍ରରୁ ଅପମିଶ୍ରଣ ଦୁଗ୍ଧ ଓମ୍‌ଫେଡ୍‌କୁ ଦିଆଯାଉଥିବା ମଙ୍ଗଳବାର ଅଭିଯୋଗ ହୋଇଥିଲା। ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏନେଇ ବୁଧବାର କହିଛନ୍ତି, ଓମ୍‌ଫେଡ୍ ହେଉଛି ରାଜ୍ୟର ଲକ୍ଷ ଲକ୍ଷ ଦୁଗ୍ଧଚାଷୀଙ୍କ ସମବାୟ ସଂସ୍ଥା। ଚାଷୀମାନଙ୍କଠାରୁ ସଂଗୃହୀତ ଦୁଗ୍ଧ ବିଭିନ୍ନ ପର୍ଯ୍ୟାୟରେ ପରୀକ୍ଷା ନିରୀକ୍ଷା କରାଯାଇଥାଏ। ଶୀତଳୀକରଣ କେନ୍ଦ୍ରରେ ପୁନଃ ପରୀକ୍ଷା ହେବା ସହ ତା’ର ମାନ ଅତ୍ୟାଧୁନିକ ମେଶିନ ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ଏଥିରେ ସାମାନ୍ୟତମ ଅପମିଶ୍ରଣ ରହିଲେ ତାହା ସହଜରେ ଜଣାପଡ଼ିଯିବ। ତେବେ ମା’ ଛତରେଇ ବ୍ଲକ ମିଲ୍କ ଚିଲର କେନ୍ଦ୍ରରୁ ଓମ୍‌ଫେଡ୍‌କୁ ଦୈନିକ ୬୦୦ ଲିଟର ଦୁଗ୍ଧ ଆସୁଛି। ସେଥିରେ ମିଶ୍ରଣ ହୋଇଥିବା ନେଇ ସନ୍ଦେହ ହେବାରୁ, ଓମ୍‌ଫେଡ୍ ପକ୍ଷରୁ ଖାଦ୍ୟ ସୁରକ୍ଷା ବିଭାଗକୁ ଯାଞ୍ଚ ପାଇଁ ଅବଗତ କରାଯାଇଥିଲା। ସେଥିପାଇଁ ସଂପୃକ୍ତ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ତେବେ ଅନ୍ୟ ଘରୋଇ କମ୍ପାନୀକୁ ଦୁଗ୍ଧ ଦେଉଥିବା ବ୍ୟକ୍ତି ଓମ୍‌ଫେଡ୍‌କୁ ବଦନାମ୍ କରିବାକୁ ପ୍ରୟାସ କରିଥିବାରୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ଥାନାରେ ମାମଲା ରୁଜୁ ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଲାଙ୍ଗେ କହିଛନ୍ତି।

ଆହୁରି ମଧ୍ୟ ସେ କହିଛନ୍ତି, ଓମ୍‌ଫେଡ୍‌ର ବିଭିନ୍ନ ପ୍ଲାଣ୍ଟରେ ସବୁଠାରୁ ଅତ୍ୟାଧୁନିକ ଟେଷ୍ଟିଂ ମେଶିନ ରହିଛି। ବିଭିନ୍ନ ପର୍ଯ୍ୟାୟରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ପରୀକ୍ଷା ନିରୀକ୍ଷା କରାଯାଉଛି। କୌଣସି ଦୁଗ୍ଧରେ ସାମାନ୍ୟତମ ଅପମିଶ୍ରଣ ଲକ୍ଷଣ ଜଣାପଡ଼ିଲେ ଉକ୍ତ ଟ୍ୟାଙ୍କର ଦୁଗ୍ଧକୁ ସଂପୃକ୍ତ ସୋସାଇଟିକୁ ଫେରାଇ ଦିଆଯାଉଛି। ଓମ୍‌ଫେଡ୍ ରାଜ୍ୟର କୌଣସି ସ୍ଥାନରୁ ଅପମିଶ୍ରଣ ଦୁଗ୍ଧ ସଂଗ୍ରହ କରେନାହିଁ। ଗୁଣବତ୍ତା ଉପରେ ସର୍ବଦା ଗୁରୁତ୍ୱାରୋପ କରିଆସୁଥିବା ଓମ୍‌ଫେଡ୍ ତା’ର ପ୍ରତ୍ୟେକ ଉତ୍ପାଦର ମାନ ରକ୍ଷା କରିଆସିଛି ଏବଂ ଆଗାମୀ ଦିନରେ ମଧ୍ୟ ଏହା ବଜାୟ ରହିବ ବୋଲି ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ କୁଲାଙ୍ଗେ କହିଛନ୍ତି।



ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ । ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ । –ଶ୍ରୀଅରବିନ୍ଦ

-ମୋହିନୀ ଏକାଦଶୀ,
ଲକ୍ଷ୍ମୀନାରାୟଣ ଏକାଦଶୀ
ବ୍ରତ ଓ ହଳ ନିଷେଧ



# ସଂଯୋଗର ପଥ



ଦେବଦତ୍ତ ପଟ୍ଟନାୟକ

ଏକଦା ବାଣିଜ୍ୟ ରାଜପଥଗୁଡ଼ିକ ଭାରତ ଦେଇ ଯାଇଥିଲା । ଏହାକୁ ଗୋଲ୍ଡେନ ରୋଡ୍, ହର୍ସ ରୋଡ୍, କଟନ୍ ରୋଡ୍ ଏବଂ ସ୍ପାଇସ୍ ରୋଡ୍ କୁହାଯାଉଥିଲା । ଏସବୁ ରାସ୍ତା ବିଶେଷକରି ପୂର୍ବ ଓ ପଶ୍ଚିମକୁ ସଂଯୋଗ କରୁଥିଲା । ଯଦି ୟୁରୋପ ଓ ଆମେରିକାକୁ ପଶ୍ଚିମ ଭାଗ (ପାଶ୍ଚାତ୍ୟ) ଭାବେ ଏବଂ ଚାଇନାକୁ ପୂର୍ବ ଭାଗ ଭାବେ ଦେଖିବା ତେବେ ଭାରତୀୟ ଉପମହାଦେଶ ପୃଥିବୀର ଠିକ୍ ମଝିରେ ରହିଥିଲା । ପୃଥିବୀ ବିଭିନ୍ନ ଦେଶରେ ବିଭକ୍ତ ହେବା ପରେ ଏହି ଉପମହାଦେଶକୁ ଏବେ କୁହାଯାଉଛି ଦକ୍ଷିଣ ଏସିଆ । ତେବେ ବିଭାଜିତ ଦେଶଗୁଡ଼ିକର ସୀମା ରହିଛି ଓ ବିନା ଭିଜା କିମ୍ବା ପାସ୍‌ପୋର୍ଟରେ ଏହି ସୀମାକୁ କେହି ଅତିକ୍ରମ କରିପାରିବେ ନାହିଁ । ଦକ୍ଷିଣ ଏସିଆରେ ଏବେ ଆଫଗାନିସ୍ତାନ ଓ ପାକିସ୍ତାନ ଅଛି, ଯଦିଓ ଉଭୟ ଦେଶ ନିଜକୁ ପଶ୍ଚିମ ଇସ୍‌ଲାମିକ ଓ କେନ୍ଦ୍ର ଏସିଆ ଭାବେ ନିଜକୁ ଦେଖିବାକୁ ପସନ୍ଦ କରୁଛନ୍ତି । ବର୍ମା (ଏବକାର ମ୍ୟାନ୍‌ମାର) ଏବଂ ତିବ୍ବତ, ଏପରିକି ଇରାନକୁ ବେଳେବେଳେ ଦକ୍ଷିଣ ଏସିଆର ଅଂଶ ଭାବେ ଦେଖାଯାଉଛି । ଏଭଳି ନାମକରଣ ପଦ୍ଧତି ରାଜନୈତିକ ଓ ଜଟିଳ ମଧ୍ୟ ।

ପୂର୍ବ ଓ ପଶ୍ଚିମର ଦେଶଗୁଡ଼ିକ ମଧ୍ୟରେ ଆରମ୍ଭରୁ ଭାରତୀୟ ଉପମହାଦେଶ ଏକକ ସଂସ୍କୃତିର ଅଞ୍ଚଳ ଥିଲା । ପୂର୍ବରେ ଥିବା ଚାଇନା ସଭ୍ୟତାରେ ମୁଖ୍ୟତଃ ନିୟନ୍ତ୍ରିତ ଆବଦ୍ଧ ସହରଗୁଡ଼ିକ ରହିଥିଲା, ଯେଉଁଠି ସାଂସ୍କୃତିକ ବାସ୍ତବତା ଓ ଈଶ୍ୱର ବିଶ୍ୱାସ ମଧ୍ୟରେ ସମନ୍ୱୟ ରହିଥିଲା । ପାଶ୍ଚାତ୍ୟ ସଂସ୍କୃତି ଈଶ୍ୱରଙ୍କ ସହ ସମ୍ପର୍କ, ବିନାଶର ଦିନ ଓ ଏକ ବୈଶ୍ୱିକ ସତ୍ୟ ସମ୍ପର୍କରେ କହୁଥିଲା । ଏହି ପୂର୍ବ ଓ ପଶ୍ଚିମ ମଧ୍ୟରେ ରହିଥିଲା ସିନ୍ଧୁ ନଦୀ ଅବବାହିକାରେ ଥିବା ଭାରତ । ଏହା ଥିଲା ବୁଦ୍ଧ ଓ ବ୍ରାହ୍ମଣଙ୍କ ଭୂମି, ଯେଉଁଠି ପୁନର୍ଜନ୍ମ ଓ ପ୍ରାରବ୍ଧର ଫଳ ଭୋଗ ଉପରେ ବିଶ୍ୱାସ ରହିଥିଲା । ଏହା ଥିଲା ଭାରତୀୟ ଉପମହାଦେଶର ସଭ୍ୟତା ଯାହା ଜୀବନକୁ କର୍ମର ଫଳ ଭାବେ ଦେଖୁଥିଲା, ଯେଉଁଥିରେ ପାପ,ପୁଣ୍ୟ ଓ ମୋକ୍ଷ ବିଚାର ରହିଥିଲା । ଏଠାରେ ଅତୀତ ହିଁ ବର୍ତ୍ତମାନ ମାଧ୍ୟମ ଦେଇ ଭବିଷ୍ୟତ ସହ ସଂଯୋଜିତ ହୋଇଥାଏ । ଆରମ୍ଭ ( ଅନାଦି) ପୂର୍ବରୁ କିଛି ଥିଲା ଏବଂ ଶେଷ( ଅନନ୍ତ) ପରେ ମଧ୍ୟ କିଛି ଅଛି । ଏହି ପୁନର୍ଜନ୍ମ ଆଧାରିତ ବୈଶ୍ୱିକ ଦୃଷ୍ଟିକୋଣ ଉକ୍ତ ଅଞ୍ଚଳରେ ସ୍ୱତନ୍ତ୍ର, ଯାହାକୁ 'ସନାତନ' କିମ୍ବା 'ଧର୍ମୀୟ' ବିଶ୍ୱାସ କୁହାଯାଇପାରେ ।

ଭାରତର ଭୌଗୋଳିକ ସ୍ଥିତି ସ୍ୱତନ୍ତ୍ର ଥିଲା, ଯେଉଁଥିରୁ ହିଁ ତାହାର ସ୍ୱତନ୍ତ୍ର ବିଚାର ଆସିଥିଲା । ହେଲେ ଉପମହାଦେଶୀ ସଭ୍ୟତା ଏକ ଉପଦ୍ୱୀପରେ ସୃଷ୍ଟି ହୋଇଥିଲା । ଭୂଗର୍ଭର ଶିଳା ଚଳନ ଓ ଗଠନ ପ୍ରକ୍ରିୟାରେ ଭୂପୃଷ୍ଠରେ ଅନେକ ନଦୀ ଉପତ୍ୟକା ଅନେକ ପର୍ବତ ଦ୍ୱାରା ବିଭାଜିତ ହୋଇଥିଲା ।



ଏହି କ୍ରମରେ ଆଫ୍ରିକାର ଏକ ଅଂଶ ଯେତେବେଳେ ଏସିଆ ଭୂଖଣ୍ଡ ସହ ମିଶି ଏକ ନୂତନ ଉପଦ୍ୱୀପ ସୃଷ୍ଟି କରିଥିଲା ଯେଉଁଠି ବିବିଧତାପୂର୍ଣ୍ଣ ତଥା ପରସ୍ପର ସହ ସମ୍ପର୍କ ଥିବା ଏକ ସଂସ୍କୃତି ଗଢ଼ିଉଠିଥିଲା । ବିବିଧ ଜନ ସମୁଦାୟର ମଧ୍ୟ ଉତ୍‌ଥାନ ହୋଇଥିଲା । ସେମାନଙ୍କ ମଧ୍ୟରେ ବାଣିଜ୍ୟ ପଥ ମାଧ୍ୟମରେ ସମ୍ପର୍କ ରହିଥିଲା । ଏହିସବୁ ପଥ ନଦୀ ଓ ସମୁଦ୍ର ଏବଂ ପର୍ବତ ବାଟ ମଧ୍ୟ ଦେଇ ଯାଇଥିଲା । ତେବେ ସୃଷ୍ଟି ହୋଇଥିବା ବିରାଟକାୟ ଭୂଖଣ୍ଡର ଉପର ଭାଗରେ ପର୍ବତ ଓ ନିମ୍ନ ଦେଶରେ ସମୁଦ୍ର ରହିଥିଲା । ଏଣୁ ଭାରତ ଏହାର ଉପର ଭାଗରେ ରାସ୍ତା ମାଧ୍ୟମରେ ଏବଂ ନିମ୍ନ ଭାଗରେ ସମୁଦ୍ର ପଥରେ ଅନ୍ୟ ଭୂଖଣ୍ଡ ସହ ଯୋଗାଯୋଗ ରହିଥିଲା । ଏହି ପାହାଡ଼ିଆ ରାସ୍ତା ଶୀତଦିନେ ବନ୍ଦ ହୋଇଯାଏ ଏବଂ ଗ୍ରୀଷ୍ମରେ ତାହା ଖୋଲୁଥିଲା । ମୌସୁମୀ ପବନ ଉପରେ ସମୁଦ୍ର ପଥ ନିର୍ଭର କରୁଥିଲା, ଯାହା ବର୍ଷା ପୂର୍ବରୁ ଗ୍ରୀଷ୍ମରେ ଗୋଟିଏ ଦିଗକୁ ବହୁଥିଲା ବେଳେ ବର୍ଷା ପରେ ଶୀତଦିନରେ ଅନ୍ୟ ଏକ ଦିଗକୁ ବହେ । ଏଣୁ ଏହା ସହ ତାଳଦେଇ ବାଣିଜ୍ୟ ଚାଲୁଥିଲା ।

ହିନ୍ଦୁ ପୁରାଣ ଅନୁଯାୟୀ ଭାରତର ଉତ୍ତରରେ ବରଫ ଆଚ୍ଛାଦିତ ପର୍ବତ ଥିଲା ତପସ୍ୱୀ ଶିବ (ହର)ଙ୍କ ବାସସ୍ଥାନ । ସେ ଗୃହୀ ଭାବେ ରହିବା ଲାଗି ଦେବୀ (ଶକ୍ତି)ଙ୍କ ସହ ପର୍ବତରୁ ଗଙ୍ଗାର ସମତଳ ଉପତ୍ୟକା କାଶୀ ସହରକୁ ଓହ୍ଲାଇ ଆସିଥିଲେ । ତାଙ୍କର ୨ ପୁତ୍ର ଥିଲେ କାର୍ତ୍ତିକ ଓ ଗଣେଶ । କାର୍ତ୍ତିକ ତାଙ୍କ ବର୍ଚ୍ଛା ଦ୍ୱାରା ପାହାଡ଼କୁ କାଟି ଗିରିପଥ କରିଥିଲେ ଏବଂ ଗଣେଶ ହାତୀଙ୍କୁ ଚଲାଇ ସମତଳରେ ରାଜପଥ କରିଥିଲେ । ବିଷ୍ଣୁ( ହରି) ପୂର୍ବ, ପଶ୍ଚିମ ଓ ଦକ୍ଷିଣରେ ଥିବା ୩ ମହାସାଗରକୁ ଅଧିକାର କରିଥିଲେ । ବିଷ୍ଣୁ ମହାସାଗରରେ ବାସୁକି ଉପରେ ଶୟନ କରିଥିଲେ । ବିଷ୍ଣୁଙ୍କ ଦ୍ୱାରା ଦେବତାମାନେ କ୍ଷୀର ସାଗର ମନ୍ଥ କରିବା ଦ୍ୱାରା ଏଥିରୁ ଲକ୍ଷ୍ମୀ ବାହାରିଥିଲେ ଏବଂ ସମୁଦ୍ରର ସ୍ରୋତ ଓ ପବନର ଗତିପଥ ବଦଳିଗଲା, ଯାହାଦ୍ୱାରା ପୂର୍ବରୁ ପଶ୍ଚିମକୁ ବାଣିଜ୍ୟ ସମ୍ଭବ ହୋଇଥିଲା । ଆରବୀୟ ପୁରାଣ କହେ , ପୃଥିବୀର ପ୍ରଥମ ପୁରୁଷ ଆଦାମ୍ ଓ ମହିଳା ଇଭ୍ ଏଡେନ୍ ବଗିଚାରୁ ନିଷିଦ୍ଧ ଫଳ ଖାଇ ଈଶ୍ୱରଙ୍କ କଥା ଅବମାନକରିବା ପରେ ସେମାନଙ୍କୁ ଯେତେବେଳେ ବହିଷ୍କୃତ କରିଦିଆଗଲା ସେତେବେଳେ ଆଦାମ୍ ଶ୍ରୀଲଙ୍କାର ଆଦାମ୍ ଶୃଙ୍ଗରେ ପଡ଼ିଥିଲେ ଓ ଇଭ୍ ସମୁଦ୍ରରେ ଜେଦା ବନ୍ଦରରେ ପଡ଼ିଥିଲେ, ଯାହାର ମକା ସହର ସହ ଯୋଗାଯୋଗ ରହିଛି । ଆଦାମ୍‌ସ ବ୍ରିଜ୍ ପାରହୋଇ ଆଦାମ୍ ଭାରତରେ ପହଞ୍ଚିଥିଲେ । ତାଙ୍କୁ ଅପ୍ସରାଗଣ ପଥ ଦେଖାଇଥିଲେ ଓ ମୌସୁମୀ ପବନ ଜାଦେକୁ ଯାତ୍ରା କରିବାରେ ସାହାଯ୍ୟ କରିଥିଲା । ସମୁଦ୍ର ପଥରେ ଏହି ପବନ ଆରବୀୟ ବ୍ୟବସାୟୀ ଏବଂ ସେମାନଙ୍କ ଇସ୍‌ଲାମ ଧର୍ମକୁ ପୂର୍ବଦିଗରେ ଭାରତ ଉପକୂଳ ଏବଂ ଦକ୍ଷିଣପୂର୍ବ ଏସିଆର ଦ୍ୱୀପଗୁଡ଼ିକରେ ପହଞ୍ଚିବାରେ ସାହାଯ୍ୟ କରିଥିଲା ।

ଚାଇନାର ଇତିହାସ ଅନୁଯାୟୀ, ଚାଇନାରୁ ସନ୍ନ୍ୟାସୀମାନେ ପଶ୍ଚିମ ଦିଗକୁ ଯାତ୍ରା କରି ଅଲ୍‌ଟାଇ, ଟିଆନ୍ ଶାନ୍, ପାମିର ଏବଂ ହିନ୍ଦୁକୁଶ ପର୍ବତ ଦେଇ ଟକ୍‌ଲାମାକନ ମରୁଭୂମି ପାରହୋଇ ବୌଦ୍ଧଧର୍ମ ଜ୍ଞାନ ଲାଭକରିବା ସକାଶେ ଭାରତରେ ପହଞ୍ଚିଥିଲେ । ସେମାନେ ହିମାଳୟ ଗିରିପଥ ଅତିକ୍ରମକରି ତିବ୍ବତ ଓ ରାଖାଇନ ପାହାଡ଼ ଦେଇ ଫେରିଥିଲେ । ଯେଉଁ ସନ୍ନ୍ୟାସୀମାନେ ଭାରତ ଆସିଥିଲେ ସେମାନଙ୍କ ମଧ୍ୟରେ ଜୁଆଙ୍ଗଜାଙ୍ଗ୍ ବେଶ୍ ଜଣାଶୁଣା । ସେ ଏକ ଅଲୌକିକି ଘୋଡ଼ା, ଘୁଷୁରି ଓ ମାଙ୍କଡ଼ ସହଯୋଗରେ ତାଙ୍କ ସହଯାତ୍ରୀଙ୍କ ସହ ଭାରତ ଆସିଥିଲେ । ପଞ୍ଚଦଶ ଶତାବ୍ଦୀରେ ରଚିତ ପୁସ୍ତକ 'ଜର୍ନି ଟୁ ଦି ୱେଷ୍ଟ'ରେ ଏସବୁ ଉଲ୍ଲେଖ ରହିଛି । କାମ୍ବୋଡିଆର ପାରମ୍ପରିକ କାହାଣୀଗୁଡ଼ିକ ଅନୁଯାୟୀ, ଭାରତର ଉପକୂଳରୁ ଜଣେ ସନ୍ନ୍ୟାସୀ ସମୁଦ୍ରପଥରେ ମୌସୁମୀ ପବନରେ ମାଲାକ୍କା ଷ୍ଟ୍ରେଟସ୍ ଦେଇ ମେକଙ୍ଗ୍ ଡେଲ୍‌ଟାରେ ପହଞ୍ଚିଥିଲେ । ସେ ସେଠାରେ ଜଣେ ନାଗା ରାଜକୁମାରୀଙ୍କୁ ଭେଟି ତାଙ୍କୁ ବିବାହ କରିଥିଲେ । ଶ୍ରୀଲଙ୍କାର ଇତିହାସ ଅନୁଯାୟୀ, ବିଜୟ ନାମକ ଜଣେ ବଣିକ ରାଜକୁମାର ଭାରତରୁ ସମୁଦ୍ର ପଥରେ ଯାତ୍ରାକରି ଶ୍ରୀଲଙ୍କାରେ ପହଞ୍ଚି ସେଠାକାର ରାଜକୁମାରୀ ୟାକ୍କାଙ୍କୁ ବିବାହ କରିଥିଲେ । ତାଙ୍କ ପୂର୍ବରୁ ବୁଦ୍ଧ ଶ୍ରୀଲଙ୍କା, ଥାଇଲାଣ୍ଡ ଓ ବର୍ମାକୁ ସମୁଦ୍ରପଥରେ ଯାତ୍ରା କରିଥିବା କେତେକ ସ୍ଥାନୀୟ ଲୋକକଥାରେ ବର୍ଣ୍ଣନା ରହିଛି ।

ପୂର୍ବ ଓ ପଶ୍ଚିମକୁ ସଂଯୋଗ କରୁଥିବା ପ୍ରମୁଖ ବାଣିଜ୍ୟ ରାଜପଥଗୁଡ଼ିକ ଭାରତ ବାଟ ଦେଇ ଯାଇଥିବାରୁ ଉପମହାଦେଶ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥିଲା । ଭାରତରୁ ଉତ୍ପାଦ ଏବଂ ବିଭିନ୍ନ ସିଦ୍ଧାନ୍ତ ବା ବିଚାର ଭାରତ ବାହାରକୁ ଯାଇଥିଲା ଏବଂ ବାହାରୁ ମଧ୍ୟ ଭାରତକୁ ଆସିଥିଲା । ପୂର୍ବରୁ ପଶ୍ଚିମକୁ ଏବଂ ପଶ୍ଚିମରୁ ପୂର୍ବକୁ ଭାରତ ବାଟ ଦେଇ ଏହା ହୋଇଥିଲା । ଏଭଳି ଆଦାନ ପ୍ରଦାନ ଭାରତକୁ ଏକ ଉନ୍ନତ ସଭ୍ୟତାରେ ପରିଣତ କରିଥିଲା ।

–devduttofficial@gmail.com

# ସମ ପରିଣତି



ଅନୀତା ପଟ୍ଟନାୟକ

ଗୋଟିଏ ଝଙ୍କାଳିଆ ଆମ୍ବ ଗଛଟିଏ ଆମ ଘର ପାଖରେ ଥିଲା । ସେ ଗଛକୁ ଅନେକ ପକ୍ଷୀ ଯଥା କୋଇଲି, ଲାଲି ଥଣ୍ଟ ଥିବା ଶୁଆ, ବଗ ଆସି ବସୁଥିଲେ । କୋଇଲିର ଶବ୍ଦ, ପକ୍ଷୀମାନଙ୍କର କିଚିରି ମିଚିରି ଶବ୍ଦ ପିଲାଦିନେ ଶୁଣିବାକୁ ଭଲ ଲାଗୁଥିଲା । ବଉଳର ବାସ୍ନା ମତେ ଭାରି ଭଲ ଲାଗେ । ସମୟ ପାଇଲେ ସେ ଗଛମୂଳେ ମୁଁ ବସେ । କେତେ ରାସ୍ତା ବାଟୋଇଙ୍କର ଖରାଦିନେ ସେ ଆଶ୍ରୟସ୍ଥଳ ପାଲଟିଛି । ପ୍ରତିଦାନରେ ବଗୁଲିଆ ପିଲାଙ୍କଠାରୁ ଢେଲା ମାଡ଼ ଖାଇଛି । ପୂଜା ପାର୍ବଣରେ ଆମ୍ବଡାଳକୁ ଛିଣ୍ଡାଇ ନେଇ ବ୍ୟବସାୟୀମାନେ ତାହାକୁ ବିକ୍ରି କରିଛନ୍ତି । ଏପରି ସମୟ ଆସିଲା, ଆମ୍ବଗଛରେ ଆଉ ପତ୍ର ରହିଲା ନାହିଁ । ସେ ଥୁଣ୍ଟା ଗଛରେ ପରିଣତ ହେଲା । ସମୟକ୍ରମେ ପକ୍ଷୀମାନେ ଆଉ ସେଠାକୁ ଆସିଲେ ନାହିଁ ମୁଁ କିନ୍ତୁ ତା' ନିକଟକୁ ଯାଏ । ଗଛଟି ଦିନେ ମତେ କହିଲା ହୃଦ+ଦୟା ହେଉଛି ହୃଦୟ । ଏହା ମାଟିରେ ରୋପଣ କରାଯାଏ ନାହିଁ । ମଣିଷର ହୃଦୟରେ ତାହା ଜାଗ୍ରତ ହେବା ଉଚିତ । କିଛିଦିନ ପରେ ତା'ର କାଠଗଣ୍ଡିରୁ କେତେକ ଖଳ ପ୍ରକୃତିର ଲୋକ ମେଶିନ ଜରିଆରେ କାଟି ନେଲେ । ମୁଁ ପଚାରିବାରୁ ସେମାନେ କହିଲେ ଏହି ଥୁଣ୍ଟା ଗଛଟିର କୌଣସି ମୂଲ୍ୟ ନାହିଁ । ତା'ର କାଠଗଣ୍ଡିଗୁଡ଼ିକ କବାଟ ଝରକା ହେବାରେ ସାହାଯ୍ୟ କରିବ । ଏହିପରି ଭାବରେ ଆମ୍ବଗଛଟି ସହିତ ମୋର ବନ୍ଧୁତ୍ୱ ସରି ଯାଇଥିଲା ।

ମୋର ବିବାହ ହେଲା, ମୋର ସ୍ୱାମୀ ଗୋଟିଏ ନୂଆ ସ୍ଥାନକୁ ବଦଳି ହୋଇଗଲେ । ସେ ମୋର ସୁଖ ପାଇଁ ଓ ପିଲାମାନଙ୍କର ସୁଖ ଓ ସ୍ୱାଚ୍ଛନ୍ଦ୍ୟ ଜୀବନ ପାଇଁ ଏକ ସୁନ୍ଦର ଘର ତିଆରି କରିଥିଲେ । ଘରଟିକୁ ସୁନ୍ଦର ଭାବେ ସଜାସଜି କରି ରଖିବାର ଦାୟିତ୍ୱ ମୋ ଉପରେ ଥିଲା । ଧୀରେ ଧୀରେ ପିଲାମାନଙ୍କର ବିବାହ ହେଲା ଓ ଘର ନାତି, ନାତୁଣୀଙ୍କର କୋଳାହଳରେ ଫାଟିଉଠିଲା । ମୋର ସ୍ୱାମୀ ସାଜସଜ୍ଜାପୂର୍ଣ୍ଣ ଘର ଭଲ ପାଉଥିବାରୁ ଚାକରବାକର ନ ରଖି ମୁଁ ନିଜେ ଚାରିଆଡ଼େ ସଫା ସୁତୁରା କରିରଖେ । ସ୍ୱାମୀଙ୍କ ମୃତ୍ୟୁ ପରେ ମୋର ବୃଦ୍ଧା ଅବସ୍ଥା ଯୋଗୁ ଚିଡ଼ିଚିଡ଼ାପଣ, ବିଭିନ୍ନ ପ୍ରକାର ରୋଗ ଧୀରେ ଧୀରେ ମତେ ମାଡ଼ି ବସିବାକୁ ଲାଗିଲା । ନାତିନାତୁଣୀମାନେ ଓ ଆଧୁନିକ ସଭ୍ୟତାର ବୋହୂମାନେ ଘର ସଜାଡ଼ିବା ଶିଖିଲେ ନାହିଁ । ବହି, ଖାତାପତ୍ର, ପେନ, ପେନସିଲ, ରବର ସେମାନଙ୍କର ପଢ଼ା ଟେବୁଲ ଉପରେ ନ ରଖି ଏଣେତେଣେ ଫିଙ୍ଗି ଦେଉଥିଲେ । ଏପରିକି ଲୁଗାପଟା ମଧ୍ୟ ଠିକ୍ ଜାଗାରେ ରଖୁ ନ ଥିଲେ । ମୁଁ ଚିଡ଼ିଚିଡ଼ା ହେଉଥିଲେ ମଧ୍ୟ ସେ ସବୁ ଗୋଟାଇ ଘରକୁ ଠିକ୍ କରି ରଖେ । ନାତିନାତୁଣୀମାନଙ୍କୁ କହେ ତୁମେ କେବେ ବି ସୁଧୁରିବ ନାହିଁ । କାରଣ ତୁମେ ଚାହୁଁଥିବା ସମସ୍ତ ଜିନିଷ ତୁମ ବାପା, ମା'ମାନେ ତୁମକୁ କିଣି ଦେଉଛନ୍ତି । ଅଭାବ କ'ଣ ତୁମେ ଜାଣିଲ ନାହିଁ । ଧୀରେ ଧୀରେ ମୋର ପିଲାମାନେ ସେମାନଙ୍କର ସ୍ତ୍ରୀ ଓ ପିଲାମାନଙ୍କୁ ଧରି ବିଦେଶ ଗସ୍ତ କଲେ । କିଏ ବାଙ୍ଗାଲୋର ତ କିଏ ଆମେରିକା, ଲଣ୍ଡନ ବିଭିନ୍ନ ସ୍ଥାନକୁ ଚାଲିଗଲେ । ମୋର ଘର ଖାଲି ରହିଲା । ଯେଉଁ ଘର ଦିନେ ଅସଜଡ଼ା ହୋଇ ଯାଉଥିଲା ବୋଲି ଘରେ ପାଟିତୁଣ୍ଡ ହେଉଥିଲା ଓ ମୁଁ ଚିଡ଼ିଚିଡ଼ି ହେଉଥିଲି ସେ ଘର ଏବେ ଶାନ୍ତ ହୋଇଗଲା । କଲିଂବେଲ୍ ବାଜିଲେ ନାତି ନାତୁଣୀମାନେ କାହିଁକି କବାଟ ଖୋଲି ଦେଉଛନ୍ତି ମୁଁ ପାଟି କରୁଥିଲି । କିନ୍ତୁ ଆଜି କଲିଂବେଲ୍ ବାଜିଲେ ମୋତେ ନିଜେ ଯାଇ କବାଟ ଖୋଲିବାକୁ ପଡୁଛି ।

ଖାଲି ଦୂରରେ ରହି ଦୂରଭାଷରେ ମୋ ସହିତ ମୋର ପିଲାମାନେ ଓ ନାତିନାତୁଣୀମାନେ କଥା ହେବାକୁ ଲାଗିଲେ । ଘର ଛାଡ଼ି ସେମାନଙ୍କ ନିକଟକୁ ବିଦେଶକୁ ଚାଲି ଆସିବା ପାଇଁ ମୋତେ ଉପଦେଶ ଦେଲେ । ମୁଁ କିନ୍ତୁ ମୋ ସ୍ୱାମୀଙ୍କର ମୋ ପାଇଁ ଅତି ସ୍ନେହରେ କରିଥିବା ଘରଟିକୁ ଛାଡ଼ି କେଉଁଆଡ଼େ ଯିବାକୁ ଚାହୁଁ ନ ଥିଲି । ଦିନେ ମୋର ଗୋଡ଼ ଶୌଚାଳୟରେ ପଡ଼ି ଭାଙ୍ଗିଗଲା । ବାହାର ଲୋକଙ୍କ ସହାୟତାରେ ମୋର ଜଣେ ହାଡ଼ଭଙ୍ଗା ଡାକ୍ତରଙ୍କ ପାଖକୁ ଗଲି କିନ୍ତୁ ମୁଁ ଆଉ ଘରକୁ ଫେରିଲି ନାହିଁ । ବିଦେଶରେ ରହୁଥିବା ମୋର ପିଲାମାନେ ଡାକ୍ତରଖାନାରୁ ବୃଦ୍ଧାଶ୍ରମକୁ କିପରି ଯିବି ତା'ର ବ୍ୟବସ୍ଥା କରିଦେଲେ । ମୋତେ ବୃଦ୍ଧାଶ୍ରମ ଭଲ ଲାଗୁନାହିଁ । ମୋର ସେ ସାଜସଜ୍ଜାପୂର୍ଣ୍ଣ ଘର ନାତିନାତୁଣୀଙ୍କର ଏଣେତେଣେ ଫିଙ୍ଗି ଦେଇଥିବା ପଦାର୍ଥ, ମୋର ପିଲାମାନଙ୍କ ଉପରେ ହେଉଥିବା ରାଗ ଅଭିମାନ ମୋର ମନେପଡୁଛି । କିନ୍ତୁ ହାୟ ମୁଁ ମଧ୍ୟ ମୋର ପିଲାଦିନର ବନ୍ଧୁ ଆମ୍ବଗଛ ପରି ପାଲଟି ଯାଇଛି । ଗତକାଲି ଗୋଟିଏ ସମାଜସେବୀ ସଂଗଠନ ବୃଦ୍ଧାଶ୍ରମକୁ ଆସିଥିଲେ । ମୁଁ ମୋର ଶରୀରର ଅଙ୍ଗସବୁ ସମାଜ ସେବା ପାଇଁ ଦାନ କରିଦେଇ ଆସନ୍ନ ମୃତ୍ୟୁକୁ ଅପେକ୍ଷା କରିରହିଛି ।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ**
**ମୋ:୯୬୯୨୯୮୦୦୨୬**

## ଏଇ ଭାରତରେ

ଭାରତରେ ଖାଦ୍ୟ ନଷ୍ଟକୁ ରୋକିବା ପାଇଁ ଚେନ୍ନାଇର ତିନି ବନ୍ଧୁ ପଦ୍ମନାଭନ ଗୋପାଳନ, ଦିନେଶ ମାନିକମ୍ ଏବଂ ସୁଧାକର ମାରିମୁଥୁଙ୍କ ଅଭିଯାନ ଅନ୍ୟମାନଙ୍କ ଉଦାହରଣ ପାଲଟିଛି । ଏହି ତିନି ବନ୍ଧୁ କୋଇମ୍ବାଟୁରରେ ଜନ୍ମ ହୋଇଛନ୍ତି ଏବଂ ପ୍ରଡକ୍ସନ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି । ସେମାନେ ବିଭିନ୍ନ ସ୍ଥାନରେ ହେଉଥିବା ଭୋଜିରେ ବଳୁଥିବା ଖାଦ୍ୟକୁ ସଂଗ୍ରହକରି ଲୋକଙ୍କୁ ଖାଇବାକୁ ଦେଉଛନ୍ତି । ଏଥିପାଇଁ ସେମାନେ ୨୦୧୪ରେ 'ନୋ ଫୁଡ୍ ୱେଷ୍ଟ' ସଂସ୍ଥା ଗଠନକରି ତା' ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି । ପ୍ରଥମେ ସେମାନେ ଜଣେ ସ୍ୱେଚ୍ଛାସେବୀଙ୍କୁ ନେଇ ଦୁଇଟି ବ୍ୟାଗ୍‌ରେ କୋଇମ୍ବାଟୁରରୁ ଖାଦ୍ୟ ସଂଗ୍ରହ କରି ବସ୍‌ରେ ଯାଇ ଗୃହହୀନଙ୍କୁ ଦେଉଥିଲେ । ଏବେ ୩୦ ଜଣ ସ୍ୱେଚ୍ଛାସେବୀ ସେମାନଙ୍କ ସହ ସାମିଲ ହୋଇଛନ୍ତି । ଖାଦ୍ୟ ସଂଗ୍ରହ ଓ ଯୋଗାଣ ପାଇଁ ଗାଡ଼ି ବ୍ୟବସ୍ଥା କରାଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଇବାକୁ ଦିଆଯାଉଛି । ବିଭିନ୍ନ ଶିକ୍ଷାନୁଷ୍ଠାନ, କର୍ପୋରେଟ୍ କାର୍ଯ୍ୟକ୍ରମ, ବିବାହ ଉତ୍ସବରୁ ଖାଦ୍ୟ ସଂଗ୍ରହ କରାଯାଉଛି । ଏହି କାର୍ଯ୍ୟକ୍ରମ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ଚାଲୁରହିଛି ।

## ୫୦ ବର୍ଷ ତଳର ଧରିତ୍ରୀ

୮ ମେ ୧୯୭୬

- ରାଜ୍ୟ ଶିଳ୍ପ ଉନ୍ନୟନ କର୍ପୋରେସନର ଯାଜପୁର ରୋଡ୍ ଫେରୋକ୍ରୋମ କାରଖାନାରୁ ରୋମାନିଆକୁ ଏକ ହଜାର ଟନ ଲୋକାର୍ବନ ଫେରୋକ୍ରମ ରପ୍ତାନୀ କରିବାକୁ ଏକ ଚୁକ୍ତିନାମା ସ୍ୱାକ୍ଷରିତ ।
- ସୋଭିଏତ୍ ୟୁନିୟନର ସହାୟତାରେ ଇଷ୍ଟର୍ଣ୍ଣ କୋଇଲା ଖଣି ଲିମିଟେଡ ପକ୍ଷରୁ ୩.୭୮ କୋଟି ଟଙ୍କା ବ୍ୟୟରେ ନାକକୋଣ୍ଡା କୋଇଲା ଖଣିରେ କରାଯାଉଥିବା ନିର୍ମାଣ କାର୍ଯ୍ୟ ଆରମ୍ଭ ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| | 7 | 2 | 6 | | | | | 5 |
| 6 | | 1 | 4 | | | | 9 | |
| | | | | | | 8 | | 2 |
| | | | 1 | | 6 | | | 4 |
| | | | 7 | | 4 | | 3 | |
| | | 9 | | | | | | |
| 1 | | 4 | 5 | | 3 | | | |
| | 3 | | 8 | | | 5 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 8 | 3 | 1 | 6 | 2 | 7 | 9 |
| 3 | 2 | 1 | 9 | 5 | 7 | 6 | 4 | 8 |
| 6 | 9 | 7 | 4 | 8 | 2 | 1 | 5 | 3 |
| 4 | 5 | 6 | 2 | 7 | 3 | 9 | 8 | 1 |
| 1 | 3 | 9 | 5 | 6 | 8 | 4 | 2 | 7 |
| 7 | 8 | 2 | 1 | 4 | 9 | 5 | 3 | 6 |
| 2 | 7 | 5 | 8 | 9 | 1 | 3 | 6 | 4 |
| 9 | 6 | 4 | 7 | 3 | 5 | 8 | 1 | 2 |
| 8 | 1 | 3 | 6 | 2 | 4 | 7 | 9 | 5 |

ଗତକାଲିର ଉତ୍ତର

# ରୋଗଶଯ୍ୟାରେ ଯୋଗଚର୍ଚ୍ଚା



ଡ. ମନୋରଞ୍ଜନ ପ୍ରଧାନ

ଆଲୋଚ୍ୟ ଶୀର୍ଷକଟି ଆଜିର ଅବ୍ୟବସ୍ଥିତ, ଅସନ୍ତୁଳିତ ତଥା ବିଶୃଙ୍ଖଳିତ ଜୀବନଚର୍ଯ୍ୟା ପାଇଁ ପ୍ରାସଙ୍ଗିକ । ଘରେ ଘରେ ଆଦୃତ ଓଡ଼ିଆ ଲୋକକଥା ଶ୍ମଶାନ ବୈରାଗ୍ୟ ବାବଦରେ ଆମେ ପ୍ରାୟତଃ ଜାଣୁ । ହଠାତ ଯଦି କେହି ଜଣାଶୁଣା କିମ୍ବା ବନ୍ଧୁକୁଟୁମ୍ବ ଅବା ଅପରିଚିତ ବ୍ୟକ୍ତିଙ୍କ ନିଧନ ହୋଇଗଲା ଏବଂ ଆମେ ତାଙ୍କ ପାର୍ଥିବ ଶରୀରକୁ ଶ୍ମଶାନକୁ ନେବା କିମ୍ବା ଚିତା ଜଳୁଥିବା ଦୃଶ୍ୟ ଦେଖି ତୁରନ୍ତ ବୈରାଗ୍ୟ ଉଦ୍ରେକ ହୋଇଯାଏ । ଜୀବନ ତୁଚ୍ଛ ଲାଗେ । କିନ୍ତୁ ତା'ପରେ ଆମେ ସେସବୁ ଭୁଲି ପୁଣି ଯଥା ପୂର୍ବଂ ତଥା ପର ସ୍ଥିତିର ପ୍ରବର୍ତ୍ତକ, ପ୍ରଚାରକ ଓ ପୃଷ୍ଠପୋଷକ ବନିଯାଉ । ସେମିତି ରୋଗଶଯ୍ୟାରେ ପଡ଼ିଲେ ଆମକୁ ଯୋଗସାଧନା, ନିୟମିତ ବ୍ୟାୟାମ, ଖାଦ୍ୟ, ଦିନଚର୍ଯ୍ୟା ସବୁ ମନେପଡ଼େ । ଦିବ୍ୟଜ୍ଞାନ ପ୍ରାପ୍ତ ହୋଇ ମନକୁ ବୁଝାଇ ଦେଉ ଶରୀର ପ୍ରତି ଏତେ ଅନ୍ୟାୟ କରିବା ଠିକ୍ ନୁହେଁ । ପେଟଟାକୁ ଡଷ୍ଟବିନ୍ ଭାବି ଯେଉଁଠି ଯାହା ମିଳୁଛି ଭର୍ତ୍ତି କରିବା ଠିକ୍ ନୁହେଁ । ଜିହ୍ୱା ଲାଳସାକୁ ଚରିତାର୍ଥ କରିବାକୁ କେତେ ଅନ୍ୟାୟ ହୋଇଛି । ପାଟି ସ୍ୱାଦ ପାଇଁ କେତେ ଫାଷ୍ଟଫୁଡ୍ ଖାଇଛେ । ଶାକାହାରୀଙ୍କୁ କେତେ ଉପହାସ କରିଛେ । ସ୍ଥାନେ ସ୍ଥାନେ ବସି ପ୍ରାଣାୟାମ କରୁଥିବା ଲୋକଙ୍କୁ କେତେ କଟାକ୍ଷ ଓ ପରିହାସ କରିଛେ ହିସାବ ନାହିଁ । ଏମିତି ପ୍ରାତଃ ଭ୍ରମଣରେ ଯାଉଥିବା ଲୋକମାନଙ୍କୁ କାମ ନଥିବା ଲୋକ କହିଛେ । ବିଳମ୍ବିତ ରାତିରେ ଭୋଜନ କରିବାକୁ ସମ୍ଭ୍ରାନ୍ତ ଭାବିଛେ । ସୂର୍ଯ୍ୟୋଦୟର ବହୁ ଘଣ୍ଟା ପରେ ଉଠିବାକୁ ବଡ଼ଲୋକି ମଣିଛେ । ଓଃ କି ଯନ୍ତ୍ରଣା । ବୟସ କମ୍ ଥିବାରୁ ଜଣା ପଡୁନଥିଲା । ବୟସ ଖସିବା ପରେ ଏବେ ଜଣାପଡୁଛି ସମ୍ପୂର୍ଣ୍ଣ ଜୀବନ କେତେ ଅବ୍ୟବସ୍ଥିତ ଥିଲା । ଆଉ ସେ ଭୁଲ୍ ହେବ ନାହିଁ । ଡାକ୍ତର ଭଗବାନ ଏଥରଟା ଭଲ କରିଦିଅନ୍ତୁ, ତା'ପରେ ଜୀବନଚର୍ଯ୍ୟା ସମ୍ପୂର୍ଣ୍ଣ ବ୍ୟବସ୍ଥିତ ଓ ଅନୁଶାସିତ ହୋଇଯିବ । ଶରୀର ଅନୁସାରେ ଜୀବନ ବିତିବ ଓ ଖାଦ୍ୟପେୟ ଶରୀର ଉପଯୋଗୀ ଓ ମନ ମସ୍ତିଷ୍କ ଅନୁକୂଳ ହେବ । ବ୍ରହ୍ମ ମୁହୂର୍ତ୍ତରେ ଶଯ୍ୟାତ୍ୟାଗଠାରୁ ରାତ୍ରି ଶୟନ ଯାଏ ଜୀବନଚର୍ଯ୍ୟା ସମ୍ପୂର୍ଣ୍ଣ ଶୃଙ୍ଖଳିତ ଓ ଅନୁଶାସନ ଯୁକ୍ତ ହେବ, ଇତ୍ୟାଦି ପ୍ରତିଶ୍ରୁତି,ପ୍ରତିଜ୍ଞା ତଥା ପ୍ରତିଶ୍ରୁତିବଦ୍ଧତା ରୋଗଶଯ୍ୟାରେ ପଡିଥିବା ବେଳେ ମନକୁ ଆସେ ।

କିନ୍ତୁ ଡାକ୍ତରଖାନାରୁ ଛୁଟିର କିଛି ଦିନ ପର୍ଯ୍ୟନ୍ତ ସବୁ କାମ ବ୍ୟବସ୍ଥିତ ହୁଏ । ସଅଳ ସଅଳ ଉଠି ନିତ୍ୟକର୍ମ ସାରି ଯୋଗାସନ, ପ୍ରାଣାୟମ ଓ ଆବଶ୍ୟକତା ଅନୁଯାୟୀ ଶାରୀରିକ ବ୍ୟାୟାମ ହୁଏ । ଖାଦ୍ୟାଭ୍ୟାସ ମଧ୍ୟ ଭଲ ରହେ । କିନ୍ତୁ କିଛି ଦିନ ପରେ ଆଉ ଡାକ୍ତରଖାନାର ରୋଗଶଯ୍ୟା ମନେ ପଡେନା । ମୁଠା ମୁଠା ଔଷଧ ଗିଳିବାର କଷ୍ଟ ଭୁଲିଯାଏ । ରୋଗଶଯ୍ୟାରେ ଦେବଦେବୀଙ୍କୁ ବିକଳ ହୋଇ ଡାକିବା କଥାକୁ ହେୟଜ୍ଞାନ ମନେହୁଏ । ଡାକ୍ତରଙ୍କ ପରାମର୍ଶକୁ ଶର୍ଟକଟ ଉପାୟରେ ମାନିବାକୁ ଇଚ୍ଛା ହେବ । ପୁଣି ଜିହ୍ୱା ଲାଳସା ତିବ୍ରତର ହୁଏ । ପେଟଟାକୁ ଆମଦାନୀ ହୋଇଥିବା ଦାମୀ କଚଡା ଡବା(ଡଷ୍ଟବିନ) କରିବା ପାଇଁ ସବୁ ଚେଷ୍ଟା ହୁଏ । ଏମିତି ବି ବିଚାର ଆସେ ସଂସାରକୁ ଆସିଛେ ମାନେ ଉପଭୋଗ କରିବା କଥା । କିଏ ଜାଣେ ଆସନ୍ତାକାଲି କ'ଣ ହେବ ? ଚର୍ବକଙ୍କ ଆଜ୍ଞାକାରୀ ଶିଷ୍ୟ ଭଳି ଋଣ କରି ଅୟସରେ ରହିବାରୁ ମନ ବିଳିବିଳାଏ । ଶକ୍ତିଶାଳୀ ଇନ୍ଦ୍ରିୟମାନଙ୍କ ଶକ୍ତି ଆଗରେ ବୁଦ୍ଧି ବିବେକ ଆତ୍ମସମର୍ପଣ କରେ । ପୁଣି କୁଅଭ୍ୟାସ ରୀତିମତ ଚାଲେ ଆଗାମୀ ଶାରୀରିକ ଅସୁସ୍ଥତା ଯାଏ ।



ବାସ୍ତବରେ ଆଜି ଆମ୍ଭେମାନେ ଯେଉଁଭଳି ଭାବରେ ବିଭିନ୍ନ ରୋଗର ଶିକାର ହେଉଛେ ଏହାର ପ୍ରମୁଖ କାରଣ ଆମର ଅସନ୍ତୁଳିତ ଦିନଚର୍ଯ୍ୟା ଓ ଖାଦ୍ୟାଭ୍ୟାସ । ମୋର ଠିକ୍ ମନେ ପଡୁଛି ପିଲାବେଳ କଥା । ପ୍ରାୟ ପଚିଶ ତିରିଶ ବର୍ଷ ଯାଏ ଆମେ ରୋଗ କହିଲେ ସାମାନ୍ୟ ଥଣ୍ଡା କାଶ, ଋତୁକାଳୀନ ଜ୍ୱର, ହାଡଫୁଟି, ମିଳିମିଳା, ବସନ୍ତ ବା ବାର୍ଦ୍ଧକ୍ୟ ଜନିତ ରୋଗବ୍ୟାଧିକୁ ବୁଝୁଥିଲୁ । ସେତେବେଳେ ଏଭଳି ରୋଗଗୁଡିକର ଘରୋଇ ପ୍ରତିକାର ଥିଲା । ଘରର ମାଆବାପା ବା ବରିଷ୍ଠ ସଦସ୍ୟ ସଦସ୍ୟାମାନେ ଚେରମୂଳି ବା ସ୍ୱତନ୍ତ୍ର ଖାଦ୍ୟ ମାଧ୍ୟମରେ ଭଲ କରିଦେଉଥିଲେ । ବେଳେବେଳେ ଔଷଧ ସେବନ ହେଉଥିଲା । ସେଥିପାଇଁ ଆମ ଅଞ୍ଚଳରେ ଗୋଟିଏ ମାତ୍ର ଔଷଧ ଦୋକାନ ଥିଲା ତାହା ପୁଣି ଲୁଗାଦୋକାନ ସହ । ବହୁତ କମ୍ ଔଷଧ ବିକ୍ରି ହେଉଥିଲା । ସେତେବେଳେ ଖାଦ୍ୟପଦାର୍ଥ ସମ୍ପୂର୍ଣ୍ଣ ଜୈବିକ ଥିଲା । ପ୍ରତି ଘରେ ଶାଗ, ଫଳମୂଳ, ପନିପରିବା ଚାଷ ହେଉଥିଲା । ପନିପରିବା କିଣା କହିଲେ କେବଳ ଆଳୁ ତାହା ପୁଣି କୁଣିଆ ବନ୍ଧୁବାନ୍ଧବ ଆସିଲେ ଅବା ପର୍ବପର୍ବାଣି ପଡିଲେ । ଶାଗ, କୌଣସି ବି ମଞ୍ଜି ଜାତୀୟ ଶସ୍ୟ (ମୁଗ, କାନ୍ଦୁଲ ବା ହରଡ, ବାଇଲ, ଶିମ୍ବ, ଡଙ୍ଗରରାଣୀ, ମଟର, ବୁଟ ଏପରିକି ବିରି) ସିଝା ବା ତରକାରି ହେଉଥିଲା । ମସଲା କହିଲେ ଆଜିକାଲି ଭଳି ବଜାରରେ ଉପଲବ୍ଧ ଭଳିକି ଭଳି ରସାୟନିକ ମସଲା ନ ଥିଲା ।

ବ୍ରହ୍ମ ମୁହୂର୍ତ୍ତରେ ଉଠି ସ୍ନାନାଦି ନିତ୍ୟକର୍ମ ସୂର୍ଯ୍ୟୋଦୟ ପୂର୍ବରୁ କରିବା ଏପ୍ରକାର ଅଲିଖିତ ନିର୍ଦ୍ଦେଶନାମା ଥିଲା । ଠାକୁରଙ୍କୁ ମୁଣ୍ଡିଆ ମାରି ଚୁଡ଼ା ଗୁଡ଼ ନଡ଼ିଆ କଦଳୀ ମିଶା ଜଳଖିଆ କିମ୍ବା ବାସି ପଖାଳ ବା ମାଣ୍ଡିଆ ଜାଉ ସକାଳର ଖାଇବା ଥିଲା । ବେଳେବେଳେ ବିରି ଚକୁଳି, ମୁଗପୁଳି, ଏଣ୍ଡୁରି (ଇଡିଲି ଏତେ ଆଦୃତ ନଥିଲା) ଆଦି ମଧ୍ୟ ସକାଳ ଆହାରର ଅଂଶବିଶେଷ ଥିଲା । ଗାଧୁଆ ପୂର୍ବରୁ ତୈଳ ମର୍ଦ୍ଦନ ବାଧ୍ୟତାମୂଳକ ଥିଲା । ସାବୁନ ଶାମ୍ପୁ ଆଦିର ବ୍ୟବହାର ବହୁତ କମ ଥିଲା । ଘରର ବଡଲୋକମାନେ କଥା ଛଳରେ କହୁଥିଲେ – ଗାଧୁଆ ଆଗରୁ ଲଗାଅ ତେଲ, ବଇଦ ସାଙ୍ଗରେ କରିବ ଗେଲ । ସପ୍ତାହର ଥରେ ନିମ୍ବ ବା ଭୂଇଁ ନିମ୍ବ ପିତା ଓ କଞ୍ଚାହଳଦୀ ପାଣି ବା ହଳଦୀବଟା ଖାଇବା ବା ଦେହରେ ବୋଳିହେବା ଏକପ୍ରକାର ପରମ୍ପରା ଥିଲା । ବସନ୍ତ ଋତୁ ପୂର୍ବରୁ ନିମ୍ବ ଫୁଲ ତରକାରି ବା ଭଜା ଓ ଘର ଦ୍ୱାର ବନ୍ଧ ଆଗରେ ନିମ୍ବ ଡାଳ ମାଳ ବାନ୍ଧିବା ଏକ ପ୍ରଥା ଥିଲା । ଜେଜେମା କହୁଥିଲେ ଏହାଦ୍ୱାରା ହାଡଫୁଟି ଭଳି ବାୟୁବାହିତ ରୋଗ ହେବ ନାହିଁ ।

ଆଜି କିନ୍ତୁ ସମୟ ବଦଳିଛି । ଉଠିବା,ଶୋଇବା,ଖାଇବା ଆଦିରେ କୌଣସି ନୀତିକାନ୍ତି ନାହିଁ । ଯେତେବେଳେ ମନ ହେଲା ଖାଇଲେ,ଶୋଇଲେ ଉଠିଲେ । ଖାଦ୍ୟମଧ୍ୟ ସ୍ୱାସ୍ଥ୍ୟପ୍ରଦ ପରିବର୍ତ୍ତେ ଜିହ୍ୱା ଲାଳସାକୁ ଚରିତାର୍ଥ କରିବା ପାଇଁ ଉଦ୍ଦିଷ୍ଟ । ସେତେବେଳେ ଔଷଧ ଦୋକାନରେ ଯେତିକି ଔଷଧ ରହୁଥିଲା ଆଜିକାଲି ଘରେ ଘରେ ତାଠୁ ବେଶି । ଔଷଧ ଦୋକାନ ସବୁଆଡ଼େ । ଡାକ୍ତରମାନଙ୍କ ବେସରକାରୀ ଚିକିତ୍ସା ପସରା ମଧ୍ୟ ଖୁବ୍ ଜମୁଛି । ରୋଗୀଙ୍କ ଭିଡ଼ ମଧ୍ୟ ଅସମ୍ଭାଳ । ହେଲେ ଏସବୁର କାରଣ ଯେ ଆମର ବୈଚାରିକ ପରିବର୍ତ୍ତନ ଆମେ ବୁଝିପାରୁନୁ । ଅସନ୍ତୁଳିତ ଦିନଚର୍ଯ୍ୟା ଓ ଖାଦ୍ୟାଭ୍ୟାସ ଯେ ଏସବୁର ମୂଳ କାରଣ ଆମେ ଜାଣି ଅଜଣା ହେଉଛୁ । କେବଳ ରୋଗଶଯ୍ୟାରେ ହିଁ ଯୋଗ ଚର୍ଚ୍ଚା କରୁଥିବା ଏ ବଡ଼ ବୁଦ୍ଧିଆମାନଙ୍କୁ କହିକି କି ଲାଭ ! ଏମାନଙ୍କ ପାଇଁ ପେଟଟା କଚଡା ଡବା ଓ ଜିଭ ଟେଷ୍ଟିଙ୍ଗ ସେଣ୍ଟର । ଚାଲୁ । ସମୟ କିନ୍ତୁ ନିଶ୍ଚୟ ସବୁକଥା ଶିଖେଇଦେବ । ତଥାପି ଆଶା କରିବା ଏ ଉଗ୍ର ଆଧୁନିକ ମଣିଷ ଅନ୍ତତଃ ନିଜ ଶରୀରକୁ ନ୍ୟାୟ ଦେଉ । ନହେଲେ ବିଦେଶୀ ଔଷଧ ଡବା ଧରିବୁଲୁଥିବ ।

**ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ,**
**ଜୟପୁର, କୋରାପୁଟ**
**ମୋ–୯୪୩୭୯୧୪୮୧୮**

## ପାଠକ ଶ୍ରେଷ୍ଠ ବିଚାରକ

### ବାଣ ଫ୍ୟାକ୍ଟ୍ରିରେ ନାବାଳକ

ମହାଶୟ,

ବାଣ କାରଖାନା ଗୋଟିଏ ସ୍ଥାନ, ଯେଉଁଠି ଅଧିକରୁ ଅଧିକ ନିରାପଦ ବ୍ୟବସ୍ଥା ରହିବା କଥା । କିନ୍ତୁ ତାହା ହେଉନାହିଁ । ଭଦ୍ରକ ହଳଦିଆ ପାଖରେ ବାଣ ତିଆରି ବର୍ଷ ବର୍ଷ ଧରି ଚାଲିଛି । କିନ୍ତୁ ପ୍ରଶ୍ନ ଉଠୁଛି, ବାଣ କାରଖାନାରେ ବାଣ ତିଆରି କରୁଥିବା ଲୋକମାନେ ଆଇନ ମାନି ଏହା ତିଆରି କରୁଛନ୍ତି ନା ବେଆଇନ ଭାବରେ ବିନା ଲାଇସେନ୍ସରେ କାରଖାନାରେ ବାଣ କାମ ଚାଲିଛି । ବର୍ତ୍ତମାନ ପ୍ରଶ୍ନ ଉଠୁଛି କି ଯଦି ବେଆଇନ ଭାବରେ ବାଣ କାରଖାନା ଚାଲିଛି ତା'ହେଲେ ତା' ଉପରେ ପ୍ରଶାସନ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ । ୫ ମେ' ୨୦୨୫ରେ ଭଦ୍ରକସ୍ଥିତ ଏକ କାରଖାନାରେ ବାଣ ତିଆରି କରୁଥିବା ସମୟରେ ତାହା ବିସ୍ଫୋରଣ ହୋଇଥିଲା । ଏହି ବିସ୍ଫୋରଣରେ ୫ ଜଣ ଗୁରୁତର ହୋଇ ଭଦ୍ରକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । କାରଖାନାରେ ବାଣ ବିସ୍ଫୋରଣ ଯୋଗୁ ଗୋଟିଏ ସାନପିଲା ମଧ୍ୟ ଗୁରୁତର ହୋଇଛି । ବାଣ କାରଖାନାରେ ନାବାଳକ କାମ କରୁଥିବା ଦେଖାଯାଇଛି । ଯେହେତୁ ବାଣ କାରଖାନା ଗୋଟିଏ ଅସୁରକ୍ଷିତ ସ୍ଥାନ, ସେହେତୁ ନାବାଳକ ଓ ନାବାଳିକାଙ୍କୁ ସେଠାରେ କାମ କରାଇବା ଅନୁଚିତ । ଯେଉଁମାନେ ଏପରି କମ୍ ବୟସର ପିଲାଙ୍କୁ ସେଠାରେ କାମ କରାଉଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଉ ।

**–କାଳୀ ଦାସ, ଖୋଡ଼ାସିଙ୍ଗି, କଳିଙ୍ଗନଗର, ବ୍ରହ୍ମପୁର, ଗଞ୍ଜାମ**

## ଚିରନ୍ତନୀ

ଦେହର ତୃଷା ଯେବେ ପୀଡ଼ଇ
ରୂପର ମୋହ ପୁଣି ଭିଡ଼ଇ
ପୁରୁଷ ନାରୀ ହୋଇ ଜନମ ଲଭି ସହି
ଜୀବନ ଗୋଟା ଖାଲି ପୋଡ଼ଇ ।
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଜିବା ପ୍ରକଳ୍ପ ଉଦ୍‌ଘାଟିତ**

ଟିଟିଲାଗଡ଼,(ଶରତ ମିଶ୍ର): ବୁଧବାର ଆଶା ଅନୁଷ୍ଠାନ ପକ୍ଷରୁ ଆଶା ତାଲିମ କେନ୍ଦ୍ରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜୀବା ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ବିବେକ କୁମାର ନାୟକ, ଜିଲା ବିକାଶ ଅଧିକାରୀ, ନାବାର୍ଡ , ବଲାଙ୍ଗୀର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ରନାଥ ଗଡେଇ, ଜିଲା କୃଷି ଅଧିକାରୀ ଟିଟିଲାଗଡ, ଶ୍ରୀମ୍ୟା ଶାଶ୍ୱତୀ , ଗୋଲକ ବିହାରୀ ପଲେଇ, ସଞ୍ଜିବ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ଟିଟିଲାଗଡ଼ ବ୍ଲକର ରିଗଡୋଳ ଓ କର୍ଲାପଡା ଗ୍ରାମରେ ସ୍ୱାଗତ ଜଳଛାୟା ପ୍ରକଳ୍ପ ଅଧୀନରେ ହେଉଛି। ସ୍ୱପ୍ନଜିତ ଘୋଷ, କୁଶ ସାହୁ, ବିନୟ ମହାପାତ୍ର ଓ ମିଲି ପଟ୍ଟନାୟକ ସହଯୋଗ କରିଥିଲେ।

# 'କେନ୍ଦୁପତ୍ର ଘରୋଇକରଣକୁ ବରଦାସ୍ତ କରାଯିବ ନାହିଁ'

**ବଲାଙ୍ଗୀର,୭।୫(ବୀରେନ୍ଦ୍ର କୁମାର ଝାଙ୍କର)**

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ଓ ସମସ୍ୟାର ସମାଧାନ ନେଇ ବୁଧବାର ବଲାଙ୍ଗୀର କେନ୍ଦୁପତ୍ର ଡିଏଫଓ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତି ଯୋଗଦାନ କରି କୌଣସି ପରିସ୍ଥିତିରେ କେନ୍ଦୁପତ୍ର ସଂସ୍ଥାର ଘରୋଇକରଣକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ଡିଏଫଓଙ୍କୁ ପ୍ରଦାନ କରାଯାଇଥିଲା।

ଆଜିର କାର୍ଯ୍ୟକ୍ରମରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବଲାଙ୍ଗୀର ଡିଭିଜନ କମିଟି ପକ୍ଷରୁ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ବଜେଟରେ ଥିବା ୧୦୦ କୋଟି ଟଙ୍କାରୁ ୫୦ କୋଟି ଟଙ୍କା କାଟି ଦେବା ନେଇ ତୀବ୍ର ବିରୋଧ କରାଯାଇଥିଲା। ସରକାରୀ ଘୋଷଣା ସତ୍ତ୍ୱେ କନ୍ୟା ବିବାହ ସହାୟତା ବାତିଲ କରିବା, ଗତ ଜୁଲାଇ ମାସରୁ ସର୍ବନିମ୍ନ ମଜୁରି ବୃଦ୍ଧି ହୋଇଥିଲେ ସୁଦ୍ଧା ୧୦ ମାସ ପରେ ବି ସିଜିନାଲ କର୍ମଚାରୀମାନଙ୍କ ମାସିକ ମଜୁରି ବୃଦ୍ଧିରେ ବିଳମ୍ବ କରାଯିବା ନେଇ ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସଭାପତି ମହାନ୍ତି ଦାବି କରିଥିଲେ। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ୧୦ ହଜାର ଦସ୍ତଖତ ସମ୍ବଳିତ ଦାବିପତ୍ର ସଂଘ ପକ୍ଷରୁ ଦିଆଯାଇ ଉପରୋକ୍ତ ଦାବି ସମୂହକୁ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ପାଖରେ ରଖାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଉପରକୁ ଯାଇ ପିସିସିଏଫ୍ କନ୍ୟା ସହାୟତା ଘୋଷଣାକୁ ବାତିଲ କରି ଚିଠି କରିବା ଘଟଣାକୁ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି।



କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଏଫ୍ଓଙ୍କୁ ଦାବିପତ୍ର ଦିଆଯାଉଛି।

- ■ଡିଏଫ୍ଓ ଅଫିସ ଘେରିଲେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ
- ■କନ୍ୟା ବିବାହ ସହାୟତା, କର୍ମଚାରୀଙ୍କ ଦରମା ବୃଦ୍ଧି ଦାବିରେ ଶୋଭାଯାତ୍ରା
- ■ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଏଫ୍ଓଙ୍କୁ ଦାବିପତ୍ର ପ୍ରଦାନ

ସରକାରଙ୍କ ଘୋଷିତ ଯୋଜନାକୁ ପିସିସିଏଫ୍ ବାତିଲ କରିବା ନିନ୍ଦନୀୟ ବୋଲି ମହାନ୍ତି କହିଥିଲେ। ଶତାଧିକ କେନ୍ଦୁପତ୍ର ତୋଳାଳି ଓ ଅନ୍ୟ କର୍ମଚାରୀ ଆରଟିଓ ଅଫିସ ନିକଟରୁ ଶୋଭାଯାତ୍ରାରେ ଆସି ସ୍ଥାନୀୟ କେନ୍ଦୁପତ୍ର ଡିଏଫ୍ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ମହାନ୍ତି ସେଠାରେ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଇଏଫ୍‌ସି କମିଟିରେ ଏକ ପ୍ରସ୍ତାବରେ କେନ୍ଦୁପତ୍ର ସଂସ୍ଥାରେ ୬ଟି ଜିଲାକୁ ଡିରେଗୁଲେଶନ୍ ନାମରେ ଘରୋଇକରଣ କରିବାକୁ ପ୍ରସ୍ତାବ ଦିଆଯାଇଥିବା ଏବଂ କନ୍ୟା ବିବାହ ସହାୟତା ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ କନ୍ୟା ବିବାହ ଯୋଜନାକୁ ବାତିଲ କରାଯାଇଥିବାରୁ ସେ ଘୋର ନିନ୍ଦା କରିଥିଲେ। ବଲାଙ୍ଗୀର ଜିଲାରେ ୫୦ ହଜାରରୁ ଊର୍ଦ୍ଧ୍ୱ ତୋଳାଳି ଓ କର୍ମଚାରୀ ସେମାନଙ୍କ ଜୀବିକା କେନ୍ଦୁପତ୍ର ଉପରେ ନିର୍ଭର କରିଥାନ୍ତି। ଏହି ସଂସ୍ଥାକୁ ଅବହେଳା ଓ ଘରୋଇ କରଣ କରାଗଲେ ଏଠାରେ ଦାଦନ ଶ୍ରମିକ ବୃଦ୍ଧି ପାଇବେ ବୋଲି ପୂର୍ବତନ କେନ୍ଦୁପତ୍ର କଲ୍ୟାଣସଂଘ ଉପଦେଷ୍ଟା ସଞ୍ଜିତ ମହାନ୍ତି କହିଥିଲେ। କାର୍ଯ୍ୟକ୍ରମରେ ସଂଘ ରାଜ୍ୟ ଉପସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଛା, ଡିଭିଜନ ସମ୍ପାଦକ ରାଜ କୁମାର ମେହେର, ସୁମିତ ପଟେଲ, ତୁମନ୍ ପ୍ରଧାନ, ନେପାଳ ସା, ବିଜୟ ସାହୁ, ପ୍ରସନ୍ନ ବଗର୍ତ୍ତି, ସତ୍ୟ ମାଝି, ବିଘ୍ନରାଜ ଶତପଥୀ, ରମେଶ ସା, ଚନ୍ଦ୍ର ମାଝି, ସଞ୍ଜୀବ ମିଶ୍ର, ପ୍ରତାପ ମେହେର, ବିଭୂତି ମିଶ୍ର ଉପସ୍ଥିତ ଥିଲେ। ଡିଏଫଓ ଅମିତାରାଣୀ ରାୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ୧୨ ଦଫା ସମ୍ବଳିତ ଦାବିପତ୍ର ଗ୍ରହଣ କରିଥିଲେ।

# ବିଭିନ୍ନ ଗ୍ରାମରେ ଚନ୍ଦନଯାତ୍ରା ମହୋତ୍ସବ ଆରମ୍ଭ

**ମୁରିବାହାଲ,୭।୫(ଶ୍ରୀବତ୍ସ ବେହେରା)**

**ମୁରିବାହାଲ ବ୍ଲକ**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅଞ୍ଚଳର ଯମୁନା, ବନବାହାଲ, ବାରବନ୍ଧ, ମୁରିବାହାଲ (ଷ୍ଟେସନ ପଡ଼ା) ସମେତ ବିଭିନ୍ନ ଗ୍ରାମରେ ବୁଧବାରଠାରୁ ଚନ୍ଦନ ଯାତ୍ରା ମହୋତ୍ସବ ଆରମ୍ଭ ହୋଇଛି। ଦୀର୍ଘ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ଚନ୍ଦନ ପୂର୍ଣ୍ଣିମା ତଥା ବୁଦ୍ଧ ପୂର୍ଣ୍ଣିମାରେ ଉଦ୍‌ଯାପିତ ହେବ । ମହୋତ୍ସବ ଅବସରରେ ପ୍ରତିଦିନ ମହାଭାରତର ବିରାଟ ପର୍ବ, ପୁରାଣ ପଠନ, ନାବକେଳି ହେବ । ଏହାଛଡା ପ୍ରତିଦିନ ରାତିରେ ଗୁପ୍ତ ବନବାସ, କୀଚକ ବଧ, ଗୋଧନ ହରଣ, ଅଭିମନ୍ୟୁ- ଉତ୍ତରାବାଲି ବିବାହ ପ୍ରଭୃତି ବିରାଟପର୍ବର ପୌରାଣିକ ନାଟକଗୁଡ଼ିକ ମଞ୍ଚସ୍ଥ ହେବ। ପୂର୍ବଦିନ ପ୍ରତ୍ୟେକ ଗ୍ରାମରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଯମୁନା ଗ୍ରାମରେ ଅନୁଷ୍ଠିତ ତୃତୀୟ ବର୍ଷ ଚନ୍ଦନ ଯାତ୍ରାରେ ଗାନ୍ଧୀଲାଲ ମହାକୁର ଓ ତାଙ୍କ ସ୍ତ୍ରୀ ସୌରୀ ମହାକୁର କର୍ତ୍ତା, ଦୁର୍ଯ୍ୟୋଧନ ପାଣିଗ୍ରାହୀ ଓ ପ୍ରେମାନନ୍ଦ ଥନାପତି ପୂଜକ ଦାୟିତ୍ୱରେ ଅଛନ୍ତି। ଆୟୋଜକ ଯମୁନା ଗ୍ରାମର ହୃଦାନନ୍ଦ କର୍ଣ୍ଣ, ସୁଶୀଲ ମେର୍ଲି, ବ୍ରଜମୋହନ ମହାକୁର, ମଳିଆ ପଧାନ,ମାର୍କଣ୍ଡ ମହାକୁର, ପରମାନନ୍ଦ ମହାକୁର, ଉଦ୍ଧାଧର ମହାକୁର, ନଟବର ମେର୍ଲି, ଦେବେନ୍ଦ୍ର ପଧାନ, ଜେହେରୁ ମହାକୁର, ମଧୁସୂଦନ କର୍ମୀ, ବୁଢୁ ଡ଼ାଙ୍ଗ, ସୁରେଶ ପଧାନ, ଶଙ୍କର୍ଷଣ କର୍ମୀ, ଦିଲିପ କର୍ଣ୍ଣଙ୍କ ସହ ଯମୁନା ଗ୍ରାମବାସୀ ଓ ଶ୍ରଦ୍ଧାଳୁ ସହଯୋଗ କରୁଛନ୍ତି । ସେହିପରି ବନବାହାଲ ଗ୍ରାମରେ ବିଶ୍ୱଜିତ କୁଅଁର ଓ ତାଙ୍କ ସ୍ତ୍ରୀ ଶିବାନୀ କୁଅଁର କର୍ତ୍ତା, ଗୁଣନିଧି ପାଣିଗ୍ରାହୀ ଓ ସଦାଶିବ ଦାସ ପୂଜକ ଦାୟିତ୍ୱ ତୁଲାଉଛନ୍ତି। ଆୟୋଜକ ପୂଜା କମିଟି ସଭାପତି ପ୍ରହଲ୍ଲାଦ ବେହେରା, ଉପସଭାପତି ଗୋପବନ୍ଧୁ ଭୋଇ, ସମ୍ପାଦକ ବସନ୍ତ କୁଅଁର,ରାଜକୁମାର ନାଏକ, କୋଷାଧ୍ୟକ୍ଷ ଗୁପ୍ତେଶ୍ୱର କୁଅଁର,ସୁରେଶ ଧରୁଆ, ଦୀନକୃଷ୍ଣ ବାଗଙ୍କ ସହ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ମୁରିବାହାଲ ଷ୍ଟେଶନପଡାରେ ଅନୁଷ୍ଠିତ ଚତୁର୍ଥ ବର୍ଷ ଚନ୍ଦନ ଯାତ୍ରାରେ ତରୁଣ ପୋଢ଼ ଓ ତାଙ୍କ ସ୍ତ୍ରୀ ତପସ୍ୱିନୀ ପୋଢ଼ କର୍ତ୍ତା ଏବଂ ପ୍ରଣବ କୁମାର ଦାସ ପୂଜକ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଗୁଡିଘାଟ ପଞ୍ଚାୟତ ବାରବନ୍ଧ ଗ୍ରାମରେ ନରେନ୍ଦ୍ର ନାଏକ ଓ ତାଙ୍କ ସ୍ତ୍ରୀ ମେନକା ନାଏକ କର୍ତ୍ତା, ଘାସିରାମ ପାଣିଗ୍ରାହୀ ପୂଜକ ଦାୟିତ୍ୱ ନିର୍ବାହ କରୁଛନ୍ତି । ଆୟୋଜକ କମିଟିର ବଳବନ୍ତ ଭୋଇ, ଦେବାର୍ଚ୍ଚନ ନାଏକ, ଦୁର୍ବାସା ସାହୁ, ଲୋକନାଥ ବଘାର, ଅଭି ଖର୍ସେଲ, ଗିରିଧାରୀ ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ପଞ୍ଚୁପାଣ୍ଡବଙ୍କ ରାଜ୍ୟାଭିଷେକ ନାଟକ ମଞ୍ଚସ୍ଥ



ପଞ୍ଚୁପାଣ୍ଡବଙ୍କ ରାଜ୍ୟାଭିଷେକ ନାଟକର ଏକ ଝଲକ ।

**ଖପ୍ରାଖୋଲ,୭।୫(ଅଭୟ ତ୍ରିପାଠୀ)**

**୮୦ ତମ ବିରାଟ ପର୍ବ ପୁରାଣ ପଠନ ଓ ନାଟକ ଉଦ୍‌ଯାପିତ**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ପାଟିମାଲପଡ଼ା ଗାଁରେ ୮୦ ତମ ବିରାଟ ପର୍ବ ପୁରାଣ ପଠନ ଓ ନାଟକ ମହୋତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଦିନ ବେଳା ପୁରାଣ ପଠନ ଶେଷ ହୋଇଥିବା ବେଳେ ଶେଷ ରଜନୀରେ ପଞ୍ଚୁପାଣ୍ଡବଙ୍କ ରାଜ୍ୟାଭିଷେକ ନାଟକ ମଞ୍ଚସ୍ଥ ହୋଇଥିଲା । ଅକ୍ଷୟ ତୃତୀୟା ଠାରୁ ଗାଁ ମଝିରେ ଥିବା ବିରାଟ ମଣ୍ଡପ ନିକଟରେ ପୂଜାପାଠ ହେବା ସହିତ ପ୍ରତିଦିନ ମହାଭାରତର ବିରାଟ ପର୍ବ ଖଣ୍ଡ ପୁରାଣ ପଠନ ହେଉଥିଲା। ସେହିପରି ବିରାଟ ମଣ୍ଡପ ସମ୍ମୁଖରେ ମଣ୍ଡପ ମଞ୍ଚରେ ମହାଭାରତର ବିଭିନ୍ନ କଥାବସ୍ତୁ ଗାଁର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା । ଦୀର୍ଘ ୮୦ ବର୍ଷ ଧରି ଏହି ଧାର୍ମିକ,ପୌରାଣିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଆସୁଛି। ଏହି ନାଟକ ଦେଖିବାକୁ ପ୍ରତିଦିନ ଶତାଧିକ କଳା ପ୍ରେମୀଙ୍କ ଭିଡ଼ ହୋଇଥିଲା। ଚଳିତବର୍ଷ ଶେଷ ରଜନୀରେ ଯୁଧିଷ୍ଠିର ଭୂମିକାରେ କୌତୁକ ବାରିକ, ଦୌପଦୀ ଭୂମିକାରେ ସୁନିଲ ବାରିକ, ଭୀମ ଭୂମିକାରେ ଦେବେନ୍ଦ୍ର ବାରିକ ଅଭିନୟ କରିଥିଲେ । ଏହାଛଡା ଯାଦବ, ସୁବ୍ରତ, ବିଷ୍ଣୁ, ସାମାଜିକ, ଗୋପାଳ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ

**ବଲାଙ୍ଗୀର,୭।୫(ବୀରେନ୍ଦ୍ର କୁମାର ଝାଙ୍କର)**

ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗୀର ଶାଖାର ମାସିକ ବୈଠକ ବୁଧବାର ସ୍ଥାନୀୟ ନୃସିଂହ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଗୋବିନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ନୂତନ କର୍ମକର୍ତ୍ତା ଓ ଅନ୍ୟାନ୍ୟ ଉପସ୍ଥିତ ସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା । ପୂର୍ବତନ ସମ୍ପାଦକ ପୁରୁଷୋତ୍ତମ ପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ନୂତନ ସମ୍ପାଦକ କୃଷ୍ଣଚନ୍ଦ୍ର ନାଥଙ୍କୁ ସମସ୍ତ କାଗଜପତ୍ର ହସ୍ତାନ୍ତର କରିଥିଲେ। ଉକ୍ତ ବୈଠକରେ ଜୁନ ମାସରେ ସଂଘର ବାର୍ଷିକ ସମ୍ମିଳନୀ କରିବା ପାଇଁ ଆଲୋଚନା କରାଯାଇଥିଲା। ଆଲୋଚନାରେ ଶ୍ୟାମ ସୁନ୍ଦର ଦାଶ, ପର୍ଶୁରାମ ନାୟକ, ହରେକୃଷ୍ଣ ପଟେଲ, ରାଧାକାନ୍ତ ସେଠ, ବନମାଳୀ ନନ୍ଦ, ଗୋପବନ୍ଧୁ ପୁରୋହିତ, ନରେନ୍ଦ୍ର କବାଟ, ବୈକୁଣ୍ଠ ସ୍ୱାଇଁ ଅଂଶଗ୍ରହଣ କରିଥିଲେ। ଶେଷରେ ସହସମ୍ପାଦକ ଚୈତନ୍ୟ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଙ୍ଗା ଘରେ ରହିଛନ୍ତି ୩ ପ୍ରାଣୀ କୁଟୁମ୍ବ



ନିଜ ଭଙ୍ଗା ଘର ସମ୍ମୁଖରେ ମୋହନଙ୍କ ପରିବାର ।

**ଲାଠୋର,୭।୫(ଭୁବନେଶ୍ୱର ବାରିକ)**

**ସରକାରୀ ସହାୟତା ପାଇଁ ନିବେଦନ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଜଲପାଙ୍କେଲ ଗ୍ରାମର ମୋହନ ପଣ୍ଡାଙ୍କ ଖପର ଘର କାଳବୈଶାଖୀରେ ଭାଙ୍ଗିଯାଇଛି । ଫଳରେ ଏହି ପରିବାର ଭଙ୍ଗା ଘରେ ଅତି ଦୟନୀୟ ଭାବେ ରହିଛନ୍ତି । ମୋହନଙ୍କ ପରିବାର କହିଲେ ସ୍ତ୍ରୀ ସୁଶୀଳା ଏବଂ ପୁଅ ଦୁର୍ଗା ପ୍ରସାଦ । ସମ୍ପତ୍ତି ବାଡି କିଛି ନାହିଁ। ଲୋକଙ୍କ ପୂଜା ପାଠ କରି ଯାହା ରୋଜଗାର କରିଥାନ୍ତି ,ସେଥିରେ ପରିବାର ପ୍ରତିପୋଷଣ କରନ୍ତି । ଲୋକ ଦାନ ସୂତ୍ରରେ ଦେଇଥିବା ଜମିରେ ଦୁଇ ବଖରା ଘର କରି ରହିଛନ୍ତି। ଗତ ୫ ଦିନ ପୂର୍ବରୁ ଏହି ଅଞ୍ଚଳରେ ହୋଇଥିବା କାଳବୈଶାଖୀରେ ମୋହନଙ୍କ ଘରର ଚାଳ ଖପର ଭାଙ୍ଗିଯାଇଛି। ଆର୍ଥିକ ସମ୍ବଳ ନ ଥିବାରୁ ଘର ମରାମତି କରିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ । ଆଗକୁ ବର୍ଷା ତୋଫାନ ଭୟ ଥିବା ବେଳେ ସେହି ଭଙ୍ଗା ଘରେ ବର୍ତ୍ତମାନ ତିନି ପ୍ରାଣୀ କୁଟୁମ୍ବ ଚଳୁଛନ୍ତି । ଏନେଇ ମାଲପଡ଼ା ସରପଞ୍ଚ ଗୋପାଳ ମେହେରଙ୍କୁ ପଚାରିବାରେ ଘଟଣାର ତଦନ୍ତ କରାଯାଇ ବ୍ଲକ ପ୍ରଶାସନ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ତେବେ ଯଥାଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ସହ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ମୋହନଙ୍କ ପରିବାର ନିବେଦନ କରିଛନ୍ତି ।

# 'ବଲାଙ୍ଗୀରରେ ଆର୍‌ଡିସି, ଡିଆଇଜି ଅଫିସ ଖୋଲ'

**ବଲାଙ୍ଗୀର,୭।୫(ବୀରେନ୍ଦ୍ର କୁମାର ଝାଙ୍କର)**

**ନାଗରିକ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ**

ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ଶିକ୍ଷିତ ବେକାର ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଥିବାରୁ ନାଗରିକ କମିଟି ଉଦ୍‌ବେଗ ପ୍ରକାଶ କରିଛି। କମିଟି ସାଧାରଣ ସଭାର ନିଷ୍ପତ୍ତିକ୍ରମେ ବଲାଙ୍ଗୀରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ନେତୃତ୍ୱରେ ବୁଧବାର ଜିଲାପାଳ ଗୌରବ ଶିଓାଜୀ ଇସଲଓାରଙ୍କୁ ଭେଟି ୯ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା। ବଲାଙ୍ଗୀରରେ କୃଷିଭିତ୍ତିକ ଶିଳ୍ପ ସ୍ଥାପନ କରିବା, କପା ଓ ଆଖୁ ଚାଷକୁ ପ୍ରୋତ୍ସାହନ ଦେବା ସହ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବା, ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଆୟୁଷ ବିଶ୍ୱବିଦ୍ୟାଳୟ ଓ ହୋମିଓପାଥି କଲେଜ ଖୋଲିବା ସହ ଆଇଆଇଟି ସ୍ଥାପନ କରିବାକୁ ଦାବି କରାଯାଇଛି। ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବାକୁ ଦାବି କରାଯାଇଥିଲା। ଏହାଛଡା ବଲାଙ୍ଗୀରରେ ଡିଆଇଜି ଅଫିସ ଖୋଲିବା ଓ ରାଜସ୍ୱ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଆରଡିସି ଅଫିସ ସ୍ଥାପନ କରିବାକୁ ଦାବି କରାଯାଇଛି। ଭୀମଭୋଇ ସରକାରୀ ମେଡିକାଲ କଲେଜରେ ପିଜି କ୍ଲାସ ଆରମ୍ଭ କରି ସବୁ ବିଭାଗରେ ପ୍ରଫେସର ନିଯୁକ୍ତି କରିବା, ତୁଷୁରା ଏୟାରଷ୍ଟ୍ରିପ୍‌ର ଉନ୍ନତୀକରଣ ସହ ବଲାଙ୍ଗୀରରୁ ରାଜଧାନୀ ଭୁବନେଶ୍ୱରକୁ ଉଡାନ ସ୍କିମ୍ ବ୍ୟବସ୍ଥା କରିବାକୁ ଦାବି କରାଯାଇଥିଲା। ବଲାଙ୍ଗୀରରେ ଆଇଟି କ୍ଷେତ୍ରକୁ ପ୍ରାଧାନ୍ୟ ଦେଇ ଏହାର ଉନ୍ନତି କରିବାକୁ ଦାବି କରିଥିଲେ। ପୁନଶ୍ଚ ସଂପୃକ୍ତ ମନ୍ତ୍ରୀ ତଥା ବିଭାଗୀୟ ପ୍ରମୁଖ ସଚିବ ମାନଙ୍କ ପାଖକୁ ଦାବିପତ୍ରର ନକଲ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି । ଜିଲାପାଳଙ୍କ ସହ କମିଟି ସଭାପତି ଡ. ମିଶ୍ର, ଗୋପବନ୍ଧୁ ପୁରୋହିତ, ଲୋକନାଥ ସିଂ ଏବଂ ଡା. ପ୍ରମୋଦ ମିଶ୍ର ଆଲୋଚନା କରିଥିଲେ।

# ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଭିନ୍ନକ୍ଷମ ଦୟାସାଗର, ନରେନ୍ଦ୍ର

**ଲୋଇସିଂହା,୭।୫(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟିପାଲି ଗ୍ରାମର ଦୟାସାଗର ନନ୍ଦ(୬୮)ଶତପ୍ରତିଶତ ଦିବ୍ୟାଙ୍ଗ ଥାଇ ସୁଦ୍ଧା ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅପରପକ୍ଷେ ଦୟାସାଗରଙ୍କ ବଡ଼ୁପୁଅ(ପୁତୁରା) ନରେନ୍ଦ୍ର କୁମାର ନନ୍ଦ(୨୦) ଶତପ୍ରତିଶତ ଦିବ୍ୟାଙ୍ଗ ହୋଇଥିଲେ ସୁଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ୭୫ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଶତପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇବା ପାଇଁ ନରେନ୍ଦ୍ରଙ୍କୁ ହଟହଟା ହେବାକୁ ପଡୁଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

ଯୋଗୀସର୍ଡା ପଞ୍ଚାୟତ କେଉଁଟିପାଲି ଗ୍ରାମର ଦୟାସାଗର ନନ୍ଦ ଜନ୍ମ ସମୟରୁ ଠିକଠାକ୍ ଥିଲେ । ୧୯୮୪ରେ କୌଣସି କାରଣରୁ ତାଙ୍କ ପୁଅଙ୍କ ମୃତ୍ୟୁ ଘଟିଥିଲା। ୧୯୯୮ରେ ଦୟାସାଗର ସ୍ତ୍ରୀଙ୍କୁ ସବୁଦିନ ପାଇଁ ହରାଇଥିଲେ। ପରବର୍ତ୍ତୀ ସମୟରେ ସେ ରୋଗରେ ଆକ୍ରାନ୍ତ ହୋଇ ଧୀରେ ଧୀରେ ଦୃଷ୍ଟି ଶକ୍ତି ହରାଇଥିଲେ। ଏବେ ସମ୍ପୂର୍ଣ୍ଣ ଭାବେ ତାଙ୍କର ୨ ଆଖିକୁ ଦେଖା ଯାଉନାହିଁ। ଅନ୍ୟର ଭରସାରେ ଦିନ କାଟୁଛନ୍ତି। ୨୦୦୪ ଜାନୁୟାରୀରୁ ଦୟାସାଗର ଶତ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ହାସଲ କରି ୧୨ ଶହ ଟଙ୍କା ମଧୁବାବୁ ପେନ୍‌ସନ ପାଉଛନ୍ତି। ନିକଟରେ ଶତପ୍ରତିଶତ ଦିବ୍ୟାଙ୍ଗ ଥିବା ବ୍ୟକ୍ତିଙ୍କ ଭତ୍ତା ୩୫ ଶହ ଟଙ୍କାକୁ ବୃଦ୍ଧି ହୋଇଛି। ହେଲେ ସେ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ଫଳରେ ନିଜ ଗୁଜରାଣ ମେଣ୍ଟାଇବା କଷ୍ଟକର ହେଉଛି। ବର୍ଦ୍ଧିତ ଭତ୍ତା ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଗତ ମାର୍ଚ୍ଚ ମାସରେ ଜିଲାପାଳ ଓ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି । ସେହିପରି ଦୟାସାଗରଙ୍କ ସାନ ଭାଇ ଭୋସାଗର ନନ୍ଦଙ୍କ ପୁଅ ନରେନ୍ଦ୍ର(୨୦)। ସେ ଜନ୍ମରୁ ପୋଲିଓ ଆକ୍ରାନ୍ତ। ତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ୨୦୦୯ ଜାନୁୟାରୀ ୨୩ ତାରିଖରେ ୭୫ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଥିଲା। ଉକ୍ତ ପ୍ରମାଣପତ୍ର ବଳରେ ସେ ୧୨ ଶହ ଟଙ୍କା ମଧୁବାବୁ ପେନସନ ପାଉଛନ୍ତି । ହେଲେ ବର୍ତ୍ତମାନ ସମୟରେ ତାଙ୍କ ଗୋଡ, ହାତ ଏକପ୍ରକାର ଅଚଳ ହୋଇ ପଡିଥିବା ବେଳେ ମାନସିକ ସ୍ଥିତି ଠିକ୍ ନାହିଁ । ଏବେ ସେ ଶଯ୍ୟାଶାୟୀ ହେବା ସହ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପାଲଟି ଯାଇଛନ୍ତି । ଗତ ମାର୍ଚ୍ଚ ମାସରେ ବ୍ଲକ ପରିସରରେ ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶବିରକୁ ଯାଇଥିଲେ । ଶତ ପ୍ରତିଶତ ପ୍ରମାଣପତ୍ର ଦେବା ପାଇଁ ନରେନ୍ଦ୍ରଙ୍କ ମା' ବାପ ପ୍ରଶାସନକୁ ନେହୁରା ହୋଇଥିଲେ। ବ୍ଲକ ପ୍ରଶାସନର ନିର୍ଦ୍ଦେଶକ୍ରମେ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ । ଯଥାଶୀଘ୍ର ନରେନ୍ଦ୍ରଙ୍କୁ ଶତପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ଦେବାକୁ ତାଙ୍କ ପରିବାର ଲୋକେ ନିବେଦନ କରିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।




ଭିନ୍ନକ୍ଷମ ଦୟାସାଗର ଓ ନରେନ୍ଦ୍ର ।

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ଼୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୩୧୫ ତାରିଖ:- ୨୯।୦୪।୨୦୨୫
ସନ୍ଦର୍ଭ: (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୮୮୨୬୫୬ | ୟୁ୫୧୧୦୯ଓଆର୍୨୦୦୦ପିଟିସି୦୦୬୧୩୭ | ଗଣେଶ କମ୍ପ୍ୟୁଟେକ୍ ମାର୍କେଟିଂ ଆଣ୍ଡ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୩୦୬୩୫୪୩ | ୟୁ୭୩୧୦୦ଓଡି୨୦୨୪ପିଟିସି୦୪୫୬୯୫ | ଓ୍ୱିଲୋରାପ୍ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୩୪୮୪୦୯୪ | ୟୁ୦୫୧୫୦ଓଆର୍୨୦୧୯ପିଟିସି୩୧୩୨୨ | ଶ୍ରୀ ଲିଙ୍ଗରାଜ ମାର୍କେଟିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ଇର୍କନ ତିର୍କୀ, କମ୍ପାନୀ ନିବନ୍ଧକ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0160/2526

# ମାର୍କେଟ୍ ପିଣ୍ଡିରେ ବସିଲେ ପରିବା ବ୍ୟବସାୟୀ

**ପୂର୍ବରୁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବସୁଥିଲେ**

**ଧରିତ୍ରୀ ପ୍ରଭାବ**

ସୋନପୁର,୭।୫(ମୃତ୍ୟୁଞ୍ଜୟ ଶତପଥୀ)

ପ୍ରଶାସନର ହସ୍ତକ୍ଷେପ ପରେ ପରିବା ବ୍ୟବସାୟୀମାନେ ସୁବର୍ଣ୍ଣପୁର ସହର ବ୍ଲକ ଛକର ମାର୍କେଟ୍ ପିଣ୍ଡି(ପରିବା ପଜାର)ରେ ବୁଧବାରଠାରୁ ନିଜର ବ୍ୟବସାୟ ଆରମ୍ଭ କରିଛନ୍ତି। ଏଥିଯୋଗୁଁ ବ୍ଲକ ଛକରୁ ଜୟଗୁରୁ ମାର୍କେଟ୍ ପର୍ଯ୍ୟନ୍ତ ୫୭ ନମ୍ବର ଜାତୀୟ ରାଜପଥରେ ଗହଳି କମିଛି। ପୌର ପ୍ରଶାସନର ଏହି ପଦକ୍ଷେପକୁ ସହରବାସୀ ସ୍ୱାଗତ କରିଛନ୍ତି।

ଉଠା ଦୋକାନୀମାନେ ବର୍ଷ ବର୍ଷ ଧରି ରାସ୍ତାର ଉଭୟ ପାର୍ଶ୍ୱ ଫୁଟ୍‌ପାଥ ଓ ଡ୍ରେନ୍‌କୁ ମାଡି ବସୁଥିଲେ। ରାସ୍ତାପାର୍ଶ୍ୱରେ ପନିପରିବା ଓ ଫଳର ପସରା ଯୋଗୁଁ ରାସ୍ତା ସଙ୍କୁଚିତ ହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିଲା। ଟ୍ରକ୍ ଓ ବସ୍ ଯିବା ଆସିବା ସମୟରେ ରାସ୍ତା ଜାମ୍ ରହୁଥିଲା। କାର ଓ ବାଇକ୍ ପାର୍କିଂ ପାଇଁ ସ୍ଥାନ ମିଳୁ ନ ଥିଲା। ଉଠା ଦୋକାନୀଙ୍କ ପାଇଁ ବ୍ଲକ ଛକରେ ଭେଣ୍ଡିଂ ଜୋନ ଓ ୪୬ଟି ପରିବା ବଜାର ନିର୍ମାଣ କରାଯାଇଥିବା ବେଳେ ଏହା ବ୍ୟବହାର ହେଉନଥିଲା। କାମରେ ଆସୁନି ଭେଣ୍ଡିଂ ଜୋନ୍, ମାର୍କେଟ୍ ପିଣ୍ଡି। ରାସ୍ତାପାର୍ଶ୍ୱରେ ବସୁଛନ୍ତି ପରିବା ବ୍ୟବସାୟୀ ଶିର୍ଷକ ଏକ ଖବର ୪ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ନେଇ ତ୍ୱରିତ ପଦକ୍ଷେପ ନେବାକୁ ଜିଲାପାଳ ଅନ୍ୟା ଦାସ ସୁବର୍ଣ୍ଣପୁର ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୌର ପ୍ରଶାସନ ବ୍ୟବସାୟୀମାନଙ୍କ ସହିତ ଆଲୋଚନା କରିଥିଲା। ଅସୁରକ୍ଷିତ ଭାବେ ରାସ୍ତା ପାର୍ଶ୍ୱରେ ନ ବସି ମାର୍କେଟ୍ ପିଣ୍ଡିରେ ପରିବା ବିକ୍ରି କରିବାକୁ ପରାମର୍ଶ ଦିଆଯାଇଥିଲା। ବାସ୍ତବ ସ୍ଥିତିକୁ ହୃଦୟଙ୍ଗମ କରି ପରିବା ବ୍ୟବସାୟୀମାନେ ବ୍ଲକ ଛକ ମାର୍କେଟ୍ ପିଣ୍ଡିରେ ବ୍ୟବସାୟ ଆରମ୍ଭ କରିଛନ୍ତି। ପୂର୍ବରୁ ଭେଣ୍ଡିଂ ଜୋନରେ ତାଲା ପଡିଥିବା ବେଳେ ମାର୍କେଟ୍ ପିଣ୍ଡି ବଞ୍ଜାରାମାନଙ୍କ କବ୍‌ଜାକୁ ଚାଲି ଯାଇଥିଲା।


ମହିଳାମାନେ ବ୍ଲକ ଛକ ମାର୍କେଟ୍ ପିଣ୍ଡିରେ ପରିବା ବିକ୍ରି କରୁଛନ୍ତି।

# ପ୍ରାଧ୍ୟାପକଙ୍କୁ ମିଳିନି ଅଧ୍ୟକ୍ଷ ପଦ

**ସୋନପୁର କଲେଜରେ ସରକାରୀ ନିୟମକୁ ଫୁ**

ସୋନପୁର,୭।୫(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଜଣେ ପ୍ରାଧ୍ୟାପକଙ୍କୁ ସୋନପୁର କଲେଜର ଅଧ୍ୟକ୍ଷ ପଦ ମିଳି ପାରିନି। ଅଧ୍ୟାପକ ରାଜୀବ ଲୋଚନ ଆଚାର୍ଯ୍ୟ ଗତ ୨୦୨୧ରୁ ଏହି ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ଉଚ୍ଚ ଶିକ୍ଷା ବିଭାଗର ଗତ ନଭେମ୍ବର ୮।୧୧।୨୦୨୪ର ପତ୍ର ସଂଖ୍ୟା ୪୪୮୯୦ଅନୁସାରେ ୪୮୮ ବର୍ଗର କଲେଜମାନଙ୍କରେ ଜଣେ ପ୍ରାଧ୍ୟାପକ ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିବା ପାଇଁ ନିର୍ଦ୍ଦେଶ ରହିଛି। ତଦନୁସାରେ ତତ୍କାଳୀନ ସୋନପୁର କଲେଜର ପରିଚାଳନା ସମିତି ସଭାପତି ଜଣେ ବରିଷ୍ଠ ପ୍ରାଧ୍ୟାପକଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦେବା କଥା। ପୁଣି ପରବର୍ତ୍ତୀ ସମୟରେ ଚିଠି ସଂଖ୍ୟା ୧୬୧୬୧/୨୧।୦୩।୨୦୨୫ ଅନୁସାରେ ଉଚ୍ଚଶିକ୍ଷା ବିଭାଗ ପ୍ରାଧ୍ୟାପକ ତାଲିକା ପ୍ରକାଶ କରି ଆଗ୍ରହୀ ପ୍ରାଧ୍ୟାପକ ମାନଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅଥଚ ସୋନପୁର କଲେଜରେ ଏ ସବୁ ନିୟମ କାର୍ଯ୍ୟକାରୀ ହେଉନାହିଁ। ସୋନପୁର କଲେଜ ପରିଚାଳନା ପରିଷଦ ସଭାପତି ତଥା ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଏ ପର୍ଯ୍ୟନ୍ତ କିଛି ନିଷ୍ପତ୍ତି ନେଇ ନ ଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ନିୟମ ଅନୁଯାୟୀ ଜଣେ ପ୍ରାଧ୍ୟାପକଙ୍କୁ ଅଧ୍ୟକ୍ଷ ପଦ ପ୍ରଦାନ ପାଇଁ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି। ଏ ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ତଥା ସୋନପୁର ନାଗରିକମାନେ ଦାବି କରୁଛନ୍ତି। ଏ ସମ୍ପର୍କରେ କଲେଜ ପରିଚାଳନା ପରିଷଦ ସଭାପତି ତଥା ଅତିରିକ୍ତ ଜିଲାପାଳ ମାଝୀଙ୍କୁ ପଚାରିବାରୁ କଲେଜର ପ୍ରାଧ୍ୟାପକଙ୍କ ତାଲିକା ଏକ ମାସ ପୂର୍ବରୁ ପଠାଯାଇଛି। ସରକାର ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

# ଗଞ୍ଜେଇ, ବୋଲେରୋ ପିକ୍‌ଅପ୍ ଜବତ, ୨ ଗିରଫ

**କନ୍ଧମାଳରୁ ବିହାରକୁ ଗଞ୍ଜେଇ ଚାଲାଣ**

ସୋନପୁର,୭।୫(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ଅବକାରୀ ଥାନା ପକ୍ଷରୁ ତରଭା ଥାନା ଲେମ୍ବୁପାଲି ଛକ ନିକଟରେ ବୁଧବାର ଚଢାଉ କରାଯାଇଥିଲା। ବୌଦ୍ଧ ଜିଲା କନ୍ଧମାଳ ପଟୁ ତେଲନଦୀ ବ୍ରିଜ୍ ପାର ହୋଇ ଆସୁଥିବା ଏକ ନମ୍ବର ବିହୀନ ବୋଲେରୋ ପିକ୍‌ଅପ ଭ୍ୟାନ୍‌କୁ ବିଭାଗର ଟିମ୍ ସନ୍ଦେହରେ ପିଛା କରିଥିଲେ। ଲେମ୍ବୁପାଲି ଛକ ନିକଟରେ ଭ୍ୟାନ୍‌କୁ ଅଟକ ରଖି ସିକ୍ରେଟ୍ ଚାମ୍ବର ତନଖି ସମୟରେ ୨ଟି ଜରି ବସ୍ତାରୁ ୩୦ କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ବିହାର ବୈଶାଳୀ ଜିଲା ପାହାରପୁର ଅଞ୍ଚଳର ବିଜୟ କୁମାର ଓ ବୈଶାଳୀ ଜିଲା ନଗରଗାଁ ଅଞ୍ଚଳର ଅଭୟ କୁମାରଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବୌଦ୍ଧ ଜିଲାରୁ ବିହାରକୁ ଗଞ୍ଜେଇ ଚାଲାଣ କରୁଥିଲେ। ଏ ସମ୍ପର୍କରେ ସୋନପୁର ଅବକାରୀ ଥାନା ପକ୍ଷରୁ ଏକ ମାମଲା(ନଂ. ୨୧/୨୫) ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଭ୍ୟାନ୍ ଓ ଗଞ୍ଜେଇ ଜବତ ହୋଇଛି। ଗୁରୁବାର ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି। ଏହି ରାସ୍ତାରେ ଗଞ୍ଜେଇ ଚାଲାଣ ବୃଦ୍ଧି ପାଇଥିବା ଅଭିଯୋଗ ହେବା ପରେ ସୋନପୁର ଅବକାରୀ ଥାନା ଓଆଇସି ଶାନ୍ତନୁ ପଟ୍ଟନାୟକ, ଏଏସଆଇ ସନ୍ତୋଷ କୁମାର ସ୍ୱାଇଁ ଓ କର୍ମଚାରୀ ମିଳିତ ଭାବେ ଚଢାଉରେ ସାମିଲ ହୋଇଥିଲେ।


ଗିରଫ ୨ ଅଭିଯୁକ୍ତ, ଜବତ ଗଞ୍ଜେଇ ଓ ଭ୍ୟାନ୍।

# ବୀରମହାରାଜପୁର ପଞ୍ଚାୟତ ସମିତି ବୈଠକ


ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀମାନେ।

**ଏମ୍‌ପି ପ୍ରତିନିଧି-ସରପଞ୍ଚ ମୁହାଁମୁହିଁ**

ବୀରମହାରାଜପୁର,୭।୫(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତିର ବୈଠକ ବ୍ଲକ ସଭାଗୃହଠାରେ ବୁଧବାର ସକାଳ ୮ଟା୩୦ରେ ଅନୁଷ୍ଠିତ ହୋଇଥିଲ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଡିଓ ରାଜୀବ କୁମାର ହାଁସଦା ସମସ୍ତଙ୍କୁ ସ୍ୱାଗତ କରି ବ୍ଲକର ସାମଗ୍ରିକ ବିକାଶରେ ନିର୍ବାଚିତ ପ୍ରତିନିଧିମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ବୈଠକରେ ଯୋଗଦେଇ ପାନୀୟ ଜଳ ଯୋଗାଣ ଓ ଅଞ୍ଚଳର ବିକାଶ ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ଚନ୍ଦ୍ରକାନ୍ତି ଦନ୍ତା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ନଳିନୀ ପଣ୍ଡା, ସରପଞ୍ଚ, ସମିତି ସଭ୍ୟଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନା ଅଂଶଗ୍ରହଣ କରିଥିଲେ। ଏତିକି ବେଳେ ଉଫୁଲା ପଞ୍ଚାୟତରେ କାହିଁକି ବାର୍ଦ୍ଧକ୍ୟ ଭତ୍ତା ଦିଆ ଯାଇନାହିଁ ବୋଲି ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା ପ୍ରଶ୍ନ କରିଥିଲେ। ପିଇଓଙ୍କ ବଦଳି ପରେ ନୂତନ ପିଇଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇନାହିଁ। ଏ ନେଇ ମୁଁ ବ୍ଲକ ପ୍ରଶାସନକୁ ଜଣାଇଛି। ଦାୟିତ୍ୱ ହସ୍ତାନ୍ତର ପରେ ଭତ୍ତା ପ୍ରଦାନ କରାଯିବ ବୋଲି ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ବିଧାୟକ ଜଗଦଲା, ବ୍ଲକର ଉପାଧ୍ୟକ୍ଷ ନାରାୟଣ ଲୁହା, ବିଡିଓ ହାଁସଦା ସମସ୍ୟା ଅତିଶୀଘ୍ର ସମାଧାନ ହେବ ବୋଲି କହିବାପରେ ପରିସ୍ଥିତି ଶାନ୍ତ ପଡିଥିଲା। ଆଲୋଚନାରେ ଅନେକ ନିର୍ବାଚିତ ପ୍ରତିନିଧି ପିଇଓମାନେ ଅଧିକାଂଶ ସମୟରେ ସରପଞ୍ଚମାନଙ୍କ କଥା ମାନୁ ନାହାନ୍ତି ବୋଲି କହିଥିଲେ। ବୈଠକରେ କୃଷି, ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ଉଠା ଜଳସେଚନ, ପାନୀୟ ଜଳ ଯୋଗାଣ, ଜଙ୍ଗଲ, ଖାଉଟି କଲ୍ୟାଣ, ଓଡ଼ିଶା ଜୀବିକା ମିଶନ, ସାମାଜିକ ସୁରକ୍ଷା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହିତ ଅନ୍ୟାନ୍ୟ ବିଭାଗ ଉପରେ ଆଲୋଚନା ହୋଇଥିଲା। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ବିଦ୍ୟାଳୟରେ ମାଟ୍ରିକ ଫଳାଫଳ ନୈରାଶ୍ୟଜନକ

ବୌଦ୍ଧ,୭।୫ (ଅଜିତ କୁମାର ବାରିକ)

ଗତ ଶୁକ୍ରବାର ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ଫଳାଫଳ ପ୍ରକାଶିତ ହୋଇଛି। ବୌଦ୍ଧ ଜିଲାରେ ୭୭ ଗୋଟି ଉଚ୍ଚ ବିଦ୍ୟାଳୟରୁ ସମୁଦାୟ ୬୩୮୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଜିଲାର ପାସ୍ ହାର ୯୭.୪୧ ପ୍ରତିଶତ ହୋଇଥିଲା। ଏ-୧ରେ ୬ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ଏ-୨ରେ ୮୨ଜଣ, ବି-୧ରେ ୩୧୪, ବି-୨ରେ ୮୬୨, ସି'ରେ ୧୬୮୩, ଡି'ରେ ୨୧୩୯, ଇ'ରେ ୧୧୩୧ ଓ ଏଫ'ରେ ୧୬୩ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଏ-୧ରେ ପାସ୍ କରିଥିବା ୬ଜଣଙ୍କ ମଧ୍ୟରୁ ୨ ଗୋଟି ଘରୋଇ ବିଦ୍ୟାଳୟର ୪ ଜଣ ଥିବାବେଳେ ଜଣେ ଛାତ୍ର ସରକାରୀ ବିଦ୍ୟାଳୟ ଓ ଆଉଜଣେ ଛାତ୍ର ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଥିଲେ। କିନ୍ତୁ ଜିଲାର ସରକାରୀ ବିଦ୍ୟାଳୟର ପରୀକ୍ଷା ଫଳାଫଳ ଦେଖିଲେ ନୈରାଶ୍ୟଜନକ ରହିଛି। ପ୍ରତିବର୍ଷ ଘରୋଇ ବିଦ୍ୟାଳୟର ଫଳାଫଳ ଠିକ ଥିବାବେଳେ ସରକାରୀ ବିଦ୍ୟାଳୟ ଘରୋଇ ବିଦ୍ୟାଳୟଠାରୁ ପଛରେ ରହିଯାଉଛି। ଏହାକୁ ନେଇ ଜିଲାର ସରକାରୀ ବିଦ୍ୟାଳୟଗୁଡିକର ଶିକ୍ଷାଦାନ ପ୍ରତି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଦେଖାଦେଇଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ତମେଲାଲ ଦୁବେଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

# କନସିଂହାରେ ଷୋହଳ ପ୍ରହର ନାମଯଜ୍ଞ ସମାପନ

ପଦ୍ମପୁର,୭।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ କନସିଂହା ଗାଁରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ବୁଧବାର ପୂର୍ଣ୍ଣାହୁତି ହୋଇଯାଇଛି। ଗତ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ନାମଯଜ୍ଞରେ ପୁରୋହିତ ପ୍ରମୋଦ ଦାଶ ପୂଜା ଦାୟିତ୍ୱ ତୁଲାଇଥିବା ବେଳେ ଯଜ୍ଞକର୍ତ୍ତା ଭାବରେ ସୁଦାମ ଚରଣ ବିଶି ଓ ତାଙ୍କ ସ୍ତ୍ରୀ ସୁବାସିନୀ ବିଶି ପୂଜା କାର୍ଯ୍ୟ ତୁଲାଇଥିଲେ। ପରିଚାଳନାରେ ଯାବେସିଂ ବରିହା, କେଦାର ଧରୁଆ, ରସାନନ୍ଦ ଦାଶ, ନରୋତ୍ତମ ସାହୁ, ରତ୍ନାକର ଶତପଥୀ, ସଦାନନ୍ଦ ବଢେ, ହେମସାଗର ସାହୁ, ଘନଶ୍ୟାମ ବେହେରା, ସୁନୀଲ ସାହୁ, ଅମନ ପ୍ରଧାନ, ପ୍ରମୋଦ ଜାଲ, ପ୍ରଦୀପ ବାରିକ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି ଯଜ୍ଞ କାର୍ଯ୍ୟ ସମାପନ ହୋଇଯାଇଛି। ସମୁଦାୟ ୯ଟି ସଂକୀର୍ତ୍ତନ ଦଳ ଭାଗ ନେଇ ନାମ ସଂକୀର୍ତ୍ତନ କରିଥିଲେ। ରାତ୍ରିରେ ବଡ଼ମାଳ ଭଟଲି ମହିଳା ଉଦଣ୍ଡ ଏବଂ କତରକେଲା ମହିଳା ଉଦଣ୍ଡ କୀର୍ତ୍ତନ ଦଳ ବୈଠକୀ କୀର୍ତ୍ତନ କରିଥିଲେ।

# ଅସହାୟ ଛାତ୍ରୀଙ୍କୁ ରେଡ୍‌କ୍ରସ୍‌ର ସହାୟତା

ଅମରପାଲି,୭।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝରିଆପାଲି ପଞ୍ଚାୟତ ତେଲିପାଲି ଗ୍ରାମର ଅସହାୟ ଛାତ୍ରୀ ବୈଜୟନ୍ତି କଂସାରୀଙ୍କୁ ମଙ୍ଗଳବାର ରେଡକ୍ରସ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବୈଜୟନ୍ତି କଂସାରୀ ପିଲାଦିନୁ ବାପାଙ୍କୁ ହରାଇଥିଲେ। ଏକମାତ୍ର ସାହା ଭରସା ଥିଲେ ତାଙ୍କ ମା'। ମାତ୍ର ଗତ ଏପ୍ରିଲ ୧୭ ତାରିଖରେ କିଡ଼ନୀ ରୋଗରେ ଆକ୍ରାନ୍ତ ତାଙ୍କ ମା'ଙ୍କ ମୃତ୍ୟୁ ଘଟିଥିଲା। ଆର୍ଥିକ ଅନଟନରେ ଗତି କରୁଥିବା ବୈଜୟନ୍ତୀ ଏବେ ବୀରମହାରାଜପୁର ମହାବିଦ୍ୟାଳୟରେ ଯୁକ୍ତ ୩ ଓଡିଆ ସମ୍ମାନ ଶେଷ ବର୍ଷ ଛାତ୍ରୀ। ତାଙ୍କର ଜମି ବାଡ଼ି ନାହିଁ। ତେବେ ଆଗକୁ କେମିତି ପାଠ ପଢିବେ ସେନେଇ ସେ ଚିନ୍ତାରେ ଅଛନ୍ତି। ଏ ସମ୍ପର୍କରେ ଖବର ପାଇ ସୁବର୍ଣ୍ଣପୁର ଜିଲା ଜୁନିୟର ରେଡ୍‌କ୍ରସ ସୋସାଇଟି ତରଫରୁ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୁବର୍ଣ୍ଣପୁର ଜିଲା ଜୁନିୟର ରେଡ୍‌କ୍ରସ ଅଫିସର ରବିଚନ୍ଦ୍ର ପଶାୟତଙ୍କ ତତ୍ତ୍ୱାଧାନରେ ପ୍ରତିନିଧି ସ୍ୱରୂପ ବରିଷ୍ଠ ସାଧନ କର୍ମୀ ଚନ୍ଦ୍ରମଣି ବାଘ, ବ୍ଲକ ସଂଯୋଜକ ବୈକୁଣ୍ଠ ନାଏକ, କାଉନସିଲର ଜିବର୍ଦ୍ଧନ ରଣା ଏବଂ କେନଝରିଆପାଲି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଗୌରୀଶଙ୍କର ପୂଜାହାରୀ ତାଙ୍କ ଘରକୁ ଯାଇ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।


ବୈଜୟନ୍ତୀଙ୍କୁ ଜିଲା ରେଡକ୍ରସ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

# ଘର ଅଗଣାରେ ଥିବା ବାଇକ୍ ଜାଳିଦେଲେ ଦୁର୍ବୃତ୍ତ

ଅମରପାଲି, ୭।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଠେଙ୍ଗୋ ଡ୍ୟାମର ଜଣେ ବ୍ୟକ୍ତିଙ୍କ ବାଇକକୁ ଦୁର୍ବୃତ୍ତ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲଗାଇ ଜାଳି ଦେଇଛନ୍ତି। ପ୍ରହ୍ଲାଦ ପ୍ରଧାନ ଟିଭିଏସ୍ ଆପାଚି ବାଇକ(ନଂ.ଓଡ଼ି ୩୧ ଏଚ ୪୮୨୩)କୁ ତାଙ୍କ ଘର ଅଗଣାରେ ରଖିଥିଲେ। ରାତିରେ ବାଇକଟି ଜଳୁଥିବା ଦେଖି ତାଙ୍କ ପରିବାର ଲୋକେ ବାହାରକୁ ବାହାରି ନିଆଁକୁ ଆୟତ୍ତ କଲାବେଳକୁ ସବୁ ସରି ଯାଇଥିଲା। ଖବର ଲେଖା ଯିବା ପର୍ଯ୍ୟନ୍ତ ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ଠେଙ୍ଗୋ ଡ୍ୟାମ ଫାଣ୍ଡି ଅଧିକାରୀ ବିଭୂନ୍ଦ୍ର ବରାଳ କହିଛନ୍ତି। କେନଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ ଅମାତପାଲି ଗ୍ରାମର ପଦ୍ମନାଭ ନାଏକଙ୍କଠାରୁ ପ୍ରହଲାଦ ଏହି ବାଇକ ମାଗି ନେଇଥିଲେ। ବାଇକରେ କିପରି ନିଆଁ ଲାଗିଲା ତାହା ଜଣା ପଡିନାହିଁ। ଦୁର୍ବୃତ୍ତ ବାଇକରେ ନିଆଁ ଲଗାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରୁଛନ୍ତି।


ଜଳି ଯାଇଥିବା ବାଇକ।

# ଅପରେଶନ ସିନ୍ଦୂର ସଫଳତା ପରେ ଖୁସି ମନାଇଲା ଭାଜପା


ଅପରେଶନ ସିନ୍ଦୂର ସଫଳତା ପରେ ଉତ୍‌ଫୁଲିତ ଭାଜପା କର୍ମୀ ଓ ନେତା।

ବୀରମହାରାଜପୁର,୭।୫(ଯୁଗଳ କିଶୋର ମିଶ୍ର)

ଅପରେଶନ ସିନ୍ଦୂର ସଫଳତା ପରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୁଖ୍ୟ ଛକରେ ଭାଜପା ଜିଲା ସଭାପତି ବେଣୁଧର ଦାସ ନେତୃତ୍ୱରେ ଭାଜପା ଖୁସି ମନାଇଥିଲା। ଦଳୀୟ କର୍ମୀମାନେ ବାଣ ଫୁଟାଇ ଥିଲେ। ରାତି ୮ଟା୩୦ରେ ଭାରତ ଜିନ୍ଦାବାଦ, ପାକିସ୍ଥାନ ମୁର୍ଦ୍ଦାବାର୍ଦ୍ଦ, ଭାରତ ମାତା କି ଜୟରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପହେଲଗାମ ଆକ୍ରମଣରେ ନିରୀହ ଲୋକଙ୍କୁ ଧର୍ମ ପଚାରି ପଚାରି ହତ୍ୟା କରିଥିଲେ ପାକିସ୍ଥାନ ସମର୍ଥିତ ଆତଙ୍କବାଦୀ। ଏଥିରେ ଅନେକ ମହିଳାଙ୍କ ମଥାରୁ ସିନ୍ଦୂର ପୋଛି ହୋଇଯାଇଥିଲା। ଏହାର ପ୍ରତିଶୋଧ ନେବାକୁ ଦଳ ମତ ନିର୍ବିଶେଷରେ ପାକିସ୍ତାନକୁ ଉଚିତ ଜବାବ ଦେବାକୁ ଦାବି ହୋଇଥିଲା। ଫଳରେ ମଙ୍ଗଳବାର ରାତିରେ ଅପରେଶନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ ଉଚିତ ଜବାବ ଦେଇଛନ୍ତି ଭାରତୀୟ ସେନା ବାହିନୀ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ନୋମିନୀ ନଳିନୀ ପଣ୍ଡା, ସତ୍ୟବ୍ରତ ମିଶ୍ର, ବିଧାୟକ ନୋମିନୀ ପଦାର୍ଥ ଜଗଦଲା, ରାଧା ଚରଣ ମେହେର, ଦିଲୀପ କୁମାର ପ୍ରଧାନ, ରମେଶ ପଣ୍ଡା, ଜିତେନ୍ଦ୍ରିୟ ଦାସ ପ୍ରମୁଖ ସାମିଲ ଥିଲେ।

# ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ କମିଟି ବୈଠକ

ଡୁଙ୍ଗୁରିପାଲି, ୭।୫(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ବହୁମୁଖ୍ୟ ବନ୍ୟା ଆଶ୍ରୟସ୍ଥଳୀର କମିଟିକୁ ନେଇ ବୁଧବାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଜିଲା ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ନୋଡାଲ ଅଧିକାରୀ ଜିପିଓ ଦେବାଶିଷ ମହାନନ୍ଦ, ସୋନପୁର ଜରୁରୀ ବିଭାଗ ଅଧିକାରୀ ବିଶ୍ୱନାଥ ନାୟକ, କମିଟିର ଉପସଭାପତି ତଥା ଦିଗଶିରା ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ନେହା ସାହୁ, ବରୁଣ ସୁନା ଯୋଗ ଦେଇଥିଲେ। ବନ୍ୟା ଆଶ୍ରୟସ୍ଥଳୀ କମିଟି ଗଠନ ହେବାର ୩ବର୍ଷ ଅବଧି ସରିଲା ପରେ କମିଟି ପରିବର୍ତ୍ତନ ସକାଶେ ବୈଠକରେ ଆଲୋଚନା କରାଯାଇଥିଲା। ପୂର୍ବ କମିଟି ପୁଣି ରହିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ କମିଟିର ଜରୁରୀ ବୈଠକ ଅନୁଷ୍ଠିତ ହେବ। କମିଟି ସଦସ୍ୟ ଯଦି କେହି ଉପସ୍ଥିତ ନ ରହିବେ ତାଙ୍କୁ ବାଦ ଦେଇ ଅନ୍ୟ ଜଣେ ସଭ୍ୟ ରହି ପାରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବନ୍ୟା ଆଶ୍ରୟସ୍ଥଳୀ ମରାମତି ବାବଦକୁ ସରକାରଙ୍କ ତରଫରୁ ଆସି ଥିବା ଅର୍ଥ ରାଶି କମିଟି ମାଧ୍ୟମରେ ପରିଚାଳନା କରିବା ନେଇ ଆଲୋଚନା ହୋଇଥିଲା। ବନ୍ୟା ଆଶ୍ରୟସ୍ଥଳୀ ରକ୍ଷଣାବେକ୍ଷଣା ଦାୟିତ୍ୱ କମିଟି କରିବ ବୋଲି ବିଭାଗୀୟ ଅଧିକାରୀ ବିଶ୍ୱନାଥ ନାୟକ ଅବଗତ କରିଥିଲେ। ବନ୍ୟା ବାତ୍ୟା ସମୟରେ ଲୋକେ କିପରି ନିରାପଦ ସ୍ଥାନକୁ ଆସିପାରିବେ ସେ ଉପରେ ଅଧିକାରୀମାନେ ବୁଝାଇ ଥିଲେ। ବନ୍ୟା ଆଶ୍ରୟସ୍ଥଳୀ କମିଟି ସମ୍ପାଦକ ସତ୍ୟନାରାୟଣ ମେହେର, କମିଟି ସଭ୍ୟ ମହେଶ୍ୱର ସୁନା, ଆନନ୍ଦ ମେହେର,ଦିଗଶିରା ପୂର୍ବତନ ସରପଞ୍ଚ ଲବ ମେହେର, ଶିକ୍ଷକ ବାବୁଲାଲ ବଣିଆ, ୱାର୍ଡସଭ୍ୟ ଦୀନବନ୍ଧୁ ସୁନା, ପବିତ୍ର ଦଣ୍ଡସେନା, ସୁରେଶ ବାଗ, ମହାଦେବ ସାଗର, ସର୍ଜନ ମହାନନ୍ଦ,ବଳିଷ୍ଠ ହରିପାଳ, ରାମଜୀ ଡାଙ୍ଗ, ହୀରାଲାଲ ବାଗଙ୍କ ସହ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ମିଶନ ଶକ୍ତି ମହିଳା ଉପସ୍ଥିତ ଥିଲେ।

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ଼୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

**ଫର୍ମ ନଂ. ଏସ୍‌ଟିକେ-୬**
**ସର୍ବସାଧାରଣ ବିଜ୍ଞପ୍ତି**

*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

**ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୩୧୫** ତାରିଖ:- ୨୯।୦୪।୨୦୨୫

**ସନ୍ଦର୍ଭ:** (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୮୮୨୬୫୬ | ୟୁ୫୧୧୦୯ଓଆର୍୨୦୦୦ପିଟିସି୦୦୬୧୩୭ | ଗଣେଶ କମ୍ପ୍ୟୁଟେକ୍ ମାର୍କେଟିଂ ଆଣ୍ଡ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୩୦୬୩୫୪୩ | ୟୁ୭୩୧୦୦ଓଡି୨୦୨୪ପିଟିସି୦୪୫୬୯୫ | ଓ୍ୱିଲୋରାପ୍ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୩୪୮୪୦୯୪ | ୟୁ୦୫୧୫୦ଓଆର୍୨୦୧୯ପିଟିସି୩୧୩୨୨ | ଶ୍ରୀ ଲିଙ୍ଗରାଜ ମାର୍କେଟିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍‌ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

ଇର୍କନ ତିର୍କୀ, କମ୍ପାନୀ ନିବନ୍ଧକ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0160/2526

## ସଂକ୍ଷେପରେ

### ୧୦ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ସୁନ୍ଦରଗଡ,୭।୫(ଜୟ ନାରାୟଣ ମେଣ୍ଡୁଲି):** ବିନା ମୂଲ୍ୟରେ ଜନସାଧାରଣଙ୍କୁ ଆଇନସେବା ଯୋଗାଇ ଦେବାପାଇଁ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଆସନ୍ତା ୧୦ତାରିଖରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ସୁନ୍ଦରଗଡ କୋର୍ଟ ସମେତ ରାଉରକେଲା, ବଣାଇ, ରାଜଗାଙ୍ଗପୁର, ହେମଗିର ଓ ବୀରମିତ୍ରପୁର କୋର୍ଟ ପରିସରରେ ଆୟୋଜିତ ହେବ। ଏଥିରେ ମୋକଦ୍ଦମା ସ୍ତରୀୟ ସାଲିସ ଯୋଗ୍ୟ ଫୌଜଦାରୀ ମାମଲା, ଚେକ ବାଉନ୍ସ ସମ୍ବନ୍ଧୀୟ ମାମଲା, ଟଙ୍କା ପୁନରୁଦ୍ଧାର ମାମଲା, ମଟର ଯାନ ଦୁର୍ଘଟଣା ଜନିତ, ଶ୍ରମ ବିବାଦ ଜନିତ ମାମଲା, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ ସମ୍ବନ୍ଧୀୟ ମାମଲା(ସାଲିସ ବିହୀନ ବିବାଦକୁ ବାଦ ଦେଇ),ବୈବାହିକ ବିବାଦ(ବିବାହ ବିଚ୍ଛେଦକୁ ବାଦ ଦେଇ)ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ଜମି ଅଧିଗ୍ରହଣ ମାମଲା, ଚାକିରୀ ସମ୍ବନ୍ଧୀୟ ଅବସରକାଳୀନ ପ୍ରାପ୍ୟ ସହିତ ମାମଲା, ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ରାଜସ୍ୱ ମାମଲା, ଅନ୍ୟାନ୍ୟ ଓ ଦେୱାନୀ ମାମଲା, ଖାଉଟି ବିବାଦ ଓ ଅନ୍ୟାନ୍ୟ ଫୌଜଦାରୀ ମାମଲାର ଫଇସଲା ହେବ। ଶନିବାର ସକାଳ ୭ଟାରୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଆରମ୍ଭ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତର ଲାଭ ସମସ୍ତ ଜନସାଧାରଣ ଉପଲବ୍ଧି କରିବା ଦରକାର ଓ ଲାଭ ଉଠାଇବା ଉଚିତ ବୋଲି ଜିଲା ଆଇନସେବା ପ୍ରାଧିକାରଣର ସଚିବ ଡକ୍ଟର ରୀନତି ମିଶ୍ର ସୂଚନା ଦେଇଛନ୍ତି।

### ସମିତି ସଭ୍ୟାଙ୍କ ପରଲୋକ

**ବଡ଼ଗାଁ,୭।୫(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ପଞ୍ଚାୟତର ସମିତି ସଭ୍ୟା ସଂଯୁକ୍ତା ଶୋରେଙ୍ଗଙ୍କ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ବୁଧବାରପରଲୋକଘଟିଛି। ମୃତ୍ୟୁବେଳକୁ ତାଙ୍କୁ(୨୫) ବର୍ଷ ହୋଇଥିଲା। ପୈତୃକ ଗ୍ରାମ ମୁଣ୍ଡା ଗାଁରେ ତାଙ୍କର ଶେଷକୃତ୍ୟ



ସମ୍ପନ୍ନ ହୋଇଛି। ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାମାନେ ଶେଷ ଦର୍ଶନ କରି ତାଙ୍କ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ। ବଡ଼ଗାଁ ବ୍ଲକ ସରପଞ୍ଚ ସଂଘ ସଭାପତି ଯୋଗେନ୍ଦ୍ର କିଷାନ, ବଡ଼ଗାଁ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ପ୍ରମୁଖ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି। ସଂଯୁକ୍ତା ସରେଙ୍ଗ ବରଙ୍ଗାକଛାର ଗ୍ରାମ ପଞ୍ଚାୟତର ବହୁ ଉନ୍ନତିମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୨ବର୍ଷ ହେଲା ସେ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କୁ ଗତ କିଛିଦିନ ହେଲା ଡାଇଲୋସିସ କରିବାକୁ ପଡ଼ିଥିଲା। ମଙ୍ଗଳବାର ସେ ସୁନ୍ଦରଗଡ଼ ଡାକ୍ତରଖାନାରେ ଡାଏଲିସିସ ପରେ ଗୁରୁତର ଅସୁସ୍ଥ ହୋଇଥିଲେ। ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।



ରାଉରକେଲାରେ ସିଭିଲଡିଫେନ୍ସ ସଦସ୍ୟମାନେ କୌଶଳ ପ୍ରଦର୍ଶନ କରୁଛନ୍ତି।

# ଯୁଦ୍ଧ ପରିସ୍ଥିତି ମୁକାବିଲା ପାଇଁ ମକ୍‌ଡ୍ରିଲ

**ରାଉରକେଲା,୭।୫(ସଙ୍ଗୀତା ଜେନା)**

ଇଣ୍ଡୋ ପାକ୍ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଏହି କ୍ରମରେ ବୁଧବାର ରାଜ୍ୟର ୧୨ଟି ସମେତ ସୁନ୍ଦରଗଡ଼ ରାଉରକେଲାରେ ଉକ୍ତ ମକ୍ ଡ୍ରିଲ କରାଯାଇଥିଲା। ଏୟାର ଷ୍ଟ୍ରାଇକ୍ ଓ ଆକ୍ରମଣର ସଫଳ ମୁକାବିଲା ପାଇଁ ମକ୍ ଡ୍ରିଲ କରାଯାଇଛି। ସିଭିଲ ଡିଫେନ୍ସ ଟିମ୍ ପକ୍ଷରୁ କରାଯାଇଥିବା ଉକ୍ତ ମକ୍‌ଡ୍ରିଲରେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ଓଡ୍ରାଫ୍, ଏନ୍‌ସିସି, ସ୍କାଉଟ୍, ଗାଇଡ୍ସ, ପାରାମେଡିକାଲ ଟିମ୍ , ଜେପି ସମେତ ୧୩୦ ଜଣ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ। ବୁଧବାର ଅପରାହ୍ନ ୪ଟାରେ ଉଦିତନଗର ପ୍ୟାରେଡ୍ ପଡ଼ିଆରେ ଏହା ଆୟୋଜନ ହୋଇଥିଲା। ଉକ୍ତ ପ୍ରଦର୍ଶନମୂଳକ କାର୍ଯ୍ୟରେ ପ୍ରଥମେ ସାଇରନ୍ ବାଜିଥିଲା। ଉପସ୍ଥିତ ସ୍ୱେଚ୍ଛାସେବୀ ମାନେ ଭୂମିରେ ଶୋଇ ଜୀବନ ବଞ୍ଚାଇବା କୌଶଳ ଦେଖାଇଥିଲେ। ପରେ ଜନସାଧାରଣଙ୍କୁ ଯୁଦ୍ଧ ଆକ୍ରମଣରେ ସତର୍କ କରାଇବା, ଆକ୍ରମଣ ଶେଷ ହେବା ପରେ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରିବା, ସାମ୍ପ୍ରତିକ ପରିସ୍ଥିତି ଅନୁଯାୟୀ ଆହତ ମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ଓ ପ୍ରାଥମିକ ଚିକିତ୍ସା ଦେବା, ଉଦ୍ଧାର କାର୍ଯ୍ୟ କରିବା , ଅଗ୍ନିକାଣ୍ଡ ହୋଇଥିବା କୋଠା ଓ ରହଣିସ୍ଥାନ ଗୁଡ଼ିକରେ ଅଗ୍ନି ନିର୍ବାପନ କରିବା ଆଦି ପ୍ରଦର୍ଶନ କରାଯାଇଥିଲା। ଏଥିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ, ପାନପୋଷ ଉପଜିଲାପାଳ ବିଜୟ ନାୟକ, ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ରାଉରକେଲା ପୋଲିସର ଅତିରିକ୍ତ ଏସ୍‌ପି ହରେକୃଷ୍ଣ ମାଝୀ, ରମାକାନ୍ତ ସାହୁ, ଡିଆଇବି ଡିଏସ୍‌ପି ରାମରାୟ ମୁର୍ମୁ, ଜୋନାଲ ଡିଏସ୍‌ପି -୧ ଯୋଗେଶ୍ୱର ପଣ୍ଡା, ଜୋନାଲ୍ ଡିଏସ୍‌ପି-୨ ଅମରେନ୍ଦ୍ର ଷଣ୍ଢ, ପ୍ଲାଣ୍ଟସାଇଟ୍ ଥାନାଅଧିକାରୀ ବିବସ୍ପ ପ୍ରଧାନ, ଉଦିତନଗର ଥାନାଅଧିକାରୀ ଦିଲ୍ଲୀପ ଲାକ୍ରା, ଜିଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ସୀମା ଫାତିମା ଏକ୍କା , ସିଭିଲଡିଫେନ୍ସର ଶୁଭେନ୍ଦୁ ପଣ୍ଡା, ରାଉରକେଲା ଇସ୍ପାତ କାରଖାନାର ଅଗ୍ନିଶମ ବିଭାଗ ମୁଖ୍ୟ ଜୀବନ ବଲ୍ଲଭ ପଟ୍ଟନାୟକ, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ବିକ୍ରମ ପାଢ଼ୀ, ସିଆଇଏସ୍‌ଏଫ୍, ଗ୍ୟାସ୍, ବିଜୁଳୀ ଯୋଗାଣ ସମେତ ଗୁରୁତ୍ୱପୂର୍ଣ୍ଣ ବିଭାଗୀୟ ଅଧିକାରୀ ମାନେ ଏଥିରେ ଉପସ୍ଥିତ ଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ରାଉରକେଲା ଇସ୍ପାତ କାରଖାନା ପରିସରରେ ଏପରି ମକ୍‌ଡ୍ରିଲ ଆୟୋଜନ ସମ୍ପର୍କରେ ସୂଚନା ମିଳିଛି। ସୂଚନାଯୋଗ୍ୟ, ମଙ୍ଗଳବାର ଜିଲାପାଳ ମନୋଜ ସତ୍ୟବାନ ମହାଜନ୍‌ଙ୍କ ଅଧ୍ୟକ୍ଷତାରେ ଆଭାସୀ ବୈଠକ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତ୍ରୁପକ୍ଷରୁ ଆକ୍ରମଣ ସମୟରେ ନାଗରିକ ସୁରକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ଜଳଯୋଗାଣ, ବିଜୁଳୀ ଯୋଗାଣ ଆଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହାକୁ ସୁପରିଚାଳନା ପାଇଁ କଣ୍ଟ୍ରୋଲରୁମ୍ ରହିବ। ଅଗ୍ନିନିର୍ବାପକ ବିଭାଗ ପକ୍ଷରୁ ଡେପୁଟି କମାଣ୍ଡେଣ୍ଟ ପାହ୍ୟା ଅଧିକାରୀ ଉକ୍ତ କଣ୍ଟ୍ରୋଲରୁମ୍‌ରେ ସମନ୍ୱୟ ରକ୍ଷା କରିବେ। ଜିଲା ପୋଲିସ କଣ୍ଟ୍ରୋଲରୁମ୍ ନାଗରିକ ପ୍ରତିରକ୍ଷା କଣ୍ଟ୍ରୋଲରୁମ୍ ଭଳି କାର୍ଯ୍ୟ କରିବ। ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଦିବାରାତ୍ରୀ ଉପସ୍ଥିତ ରହିବେ। ଏଥିରେ ସାଟେଲାଇଟ୍ ଫୋନ୍ ବ୍ୟବହାର ହେବ। ବିଏସ୍‌ଏନ୍‌ଏଲ୍ ହଟ୍‌ଲାଇନ୍ ସ୍ଥାପନ ହେବ। ଜିଲାରେ ବିମାନ ଆକ୍ରମଣ ସତର୍କ ପାଇଁ ସାଇରନ ଗୁଡ଼ିକ ସ୍ଥାପନ ନେଇ ଆଲୋଚନା କରାଯାଇଥିଲା। ସେହିପରି ବସ୍ତି ଗୁଡିକରେ ନିରାପଦ ଆଶ୍ରୟସ୍ଥଳୀରେ ଲୋକଙ୍କୁ ରହଣି ବ୍ୟବସ୍ଥା ତଦାରଖ ପାଇଁ ଅଭିଜ୍ଞ ସ୍ୱେଚ୍ଛାସେବୀ ନିୟୋଜିତ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା।

## ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ରାଉରକେଲା,୭।୫(ବିପ୍ଳବ ରଞ୍ଜନ ଦାଶ)**

ଆରଏସପିର କ୍ରୀଡା ବିଭାଗ ଆନୁକୂଲ୍ୟରେ ଆୟୋଜିତ ୩୮ତମ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ବୁଧବାର ଇସ୍ପାତ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ଆର୍‌ଏସପି ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟି.ଜି କାନେକର ମୁଖ୍ୟ ଅତିଥିଭାବରେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ବିଭାଗର ଜିଏମ ଶ୍ରୀନାଥ ନାୟକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ଆରମ୍ଭ ହୋଇଥିବା ଏହି ଶିବିରରେ ପ୍ରାୟ ୧୨ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଛନ୍ତି। କାନେକର ଯୁବପିଢୀଙ୍କ ମଧ୍ୟରେ କ୍ରୀଡା ପ୍ରତି ବଢୁଥିବା ଆଗ୍ରହର ପ୍ରଶଂସା କରିଥିଲେ। ଅଂଶଗ୍ରହଣକାରୀମାନଙ୍କୁ ଶୃଙ୍ଖଳା,ସମର୍ପଣ ଏବଂ ଦଳଗତ ଭାବନାକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ଏବଂ ଅନ୍ୟ ଅତିଥିମାନେ ଅଫିସିଆଲ ଓ ଅଂଶଗ୍ରହଣକାରୀଙ୍କ ସହିତ ପରିଚିତ ହୋଇଥିଲେ। ଶିବିର ପ୍ରାରମ୍ଭରେ କ୍ରୀଡା ବିଭାଗ ଉପ-ପ୍ରବନ୍ଧକ ଆର.ଏନ ପାଢୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏସଏସଏମ ବିଭାଗୀୟ ସିନିୟର ଟେକ୍ନିସିଆନ ଏ.କେ ମଲ୍ଲିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୀମିତ ଅଂଶଗ୍ରହଣକାରୀଙ୍କୁ ନେଇ ୧୯୮୬ମସିହାରେ ଆରମ୍ଭ ହୋଇଥିବା ଏହି ଗ୍ରୀଷ୍ମକାଳୀନ କ୍ରୀଡା ଶିବିର ସଂପ୍ରତି ବିଶେଷ ରୂପେ ବୃଦ୍ଧି ପାଇଛି। ଏହା ଅତିତରେ ବହୁ ଜାତୀୟ ଓ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କ୍ରୀଡାବିତ ସୃଷ୍ଟି କରିବା ସହିତ ବହୁ ପ୍ରତିଭା ସମ୍ପନ୍ନ କ୍ରୀଡା ତାରକାକୁ ଲୋକ ଲୋଚନକୁ ଆଣିବାରେ ପ୍ରୟାସ ଜାରି ରଖିଛି।



ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହେଉଛି।

## ଆର୍‌ଏସ୍‌ପିର ବିପୁଳ ସଞ୍ଚୟ ସାଧନ


**ରାଉରକେଲା,୭।୫(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ରିଫ୍ରାକ୍ଟୋରିଜ୍ ଇଞ୍ଜିନିୟରିଂ ସେବା ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ ଉତ୍କୃଷ୍ଟ ପ୍ରଦର୍ଶନ ପୂର୍ବକ କାର୍ଯ୍ୟକ୍ଷମ ଦକ୍ଷତା, ମୂଲ୍ୟ ନିପୁଣତା ଓ ବୈଷୟିକ ସୃଜନରେ ଅନେକ ରେକର୍ଡ ସ୍ଥାପନ କରିଛି। ଯାହା କାରଖାନା ପାଇଁ ଯଥେଷ୍ଟ ସଞ୍ଚୟ ଆଣିଛି। ଏକ ଜାତୀୟ ସ୍ତରର ସଫଳତା ରୂପେ ଆରଏସପି ଟର୍ପେଡୋ ଲାଡଲ ଆୟୁ କ୍ଷେତ୍ରରେ ଏକ ନୂତନ ରେକର୍ଡ ସ୍ଥାପନ କରିଛି। ଟର୍ପେଡୋ ଲାଡଲ-୯ ଦ୍ୱାରା ୨୦୨୪ ଜୁଲାଇରେ ୩୦୦୯ ହିଟ୍ ଜାତୀୟ ରେକର୍ଡ ହାସଲ ହୋଇଥିଲା। ଯାହା ୨୦୨୪ ମାର୍ଚ୍ଚରେ ଆର୍‌ଏସ୍‌ପି ଦ୍ୱାରା ହାସଲ କରାଯାଇଥିବା ପୂର୍ବ ଜାତୀୟ ରେକର୍ଡ ୨୮୬୫କୁ ଅତିକ୍ରମ କରିଛି। କଣ୍ଟିନ୍ୟୁୟସ କାଷ୍ଟିଙ୍ଗ ମେଶିନ-୧ ଇସ୍ପାତ ଲାଡଲ ୮୮ହିଟର ସର୍ବକାଳୀନ ସର୍ବୋତ୍ତମ ବାର୍ଷିକ ହାରାହାରି ଆୟୁ ହାସଲ କରି ୨୦୨୩-୨୪ ଆର୍ଥିକ ବର୍ଷରେ ରେକର୍ଡ କରାଯାଇଥିବା ୮୪.୯୦ ହିଟର ପୂର୍ବ ସର୍ବୋତ୍ତମ ରେକର୍ଡକୁ ଅତିକ୍ରମ କରିଛି। ଏହି ଉନ୍ନତ ଗୁଣବତ୍ତା ବୃଦ୍ଧି, ପ୍ରକ୍ରିୟା ଅପ୍ଟିମାଇଜେଶନ ଏବଂ ଯତ୍ନବାନ ରକ୍ଷଣା ବେକ୍ଷଣ ଅଭ୍ୟାସ ଉପରେ ବିଭାଗର ନିରନ୍ତର ଉଦ୍ୟମ ଯୋଗୁ ସମ୍ଭବ ହୋଇପାରିଛି। ସେହିପରି ଆର୍‌ଏଚ୍-ଓବି ୟୁନିଟ ଏହାର ସର୍ବୋଚ୍ଚ ବାର୍ଷିକ ହାରାହାରି ଲାଇଫ ୧୪୩.୫୬ ହିଟ୍ ରେକର୍ଡ କରିଛି ଏବଂ ପୂର୍ବ ରେକର୍ଡ ୧୪୨.୧୦ ହିଟ୍‌କୁ ଅତିକ୍ରମ କରିଛି। ଲାଇନିଂ କାର୍ଯ୍ୟ ଦକ୍ଷତାରେ ସ୍ଥିର ଉନ୍ନତି ଡାଉନ ଟାଇମ ହ୍ରାସ କରିବା ଓ ଉତ୍ପାଦକତାକୁ ଉନ୍ନତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ସ୍ୱତନ୍ତ୍ର ଇସ୍ପାତର ଅଧିକ ପ୍ରତିଶତ ଉତ୍ପାଦନରେ ସାହାଯ୍ୟ କରିଛି। ବର୍ଷର ସବୁଠାରୁ ଉଲ୍ଲେଖନୀୟ ସଫଳତା ମଧ୍ୟରୁ ଅନ୍ୟତମ ସଫଳତା ହେଉଛି ସର୍ବକାଳୀନ ନିମ୍ନତମ ଆପେକ୍ଷିକ ରିଫ୍ରାକ୍ଟୋରି ବ୍ୟବହାର ଯାହା ଅଶୋଧିତ ଇସ୍ପାତ ଟନ୍ ପ୍ରତି ୬.୬୫ କିଲୋଗ୍ରାମ ରହିଥିଲା। ଏହି ଅଭିନବ ପଦ୍ଧତି ସେଲ୍ ତାପମାତ୍ରାରେ ବୃହତ ହ୍ରାସ ଆଣିଛି , ଶକ୍ତିଦକ୍ଷତା ବୃଦ୍ଧି ପାଇଛି, ଉପକରଣ ଆୟୁ ବୃଦ୍ଧି ପାଇଛି ଓ କାର୍ଯ୍ୟକ୍ଷମ ସୁରକ୍ଷା ଉନ୍ନତ ହୋଇଛି। ଏହି ଉଲ୍ଲେଖନୀୟ ଫଳାଫଳଗୁଡିକ ରିଫ୍ରାକ୍ଟୋରିଜ ବିଭାଗର ଉତ୍କର୍ଷ, ନବସୃଜନ ଏବଂ ସ୍ଥାୟିତ୍ୱ ପ୍ରତି ପ୍ରତିବଦ୍ଧତା ପ୍ରତିଫଳିତ କରେ। ଦଳ ଭବିଷ୍ୟତର ସଫଳତା ପାଇଁ ପଥ ପ୍ରସ୍ତୁତ କରି ଅଧିକ ଦକ୍ଷତା ଓ ମୂଲ୍ୟ ପ୍ରଭାବଶାଳୀତା ପାଇଁ ପ୍ରୟାସ ଜାରି ରଖିଛି।



ସଫଳ ବିଭାଗୀୟ ଦଳ।

## ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘର ସ୍ୱାସ୍ଥ୍ୟ ଶିବିର




ସ୍ୱାସ୍ଥ୍ୟ ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ରାଉରକେଲା,୭।୫(ସଙ୍ଗୀତା ଜେନା)**

ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ କୋଏଲନଗର କାର୍ଯ୍ୟାଳୟରେ ବୁଧବାର ସ୍ୱାସ୍ଥ୍ୟ ଶିବିର ସକାଳ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ କର୍ମଚାରୀଙ୍କ ସ୍ୱାସ୍ଥ୍ୟବୀମା କରିଥିବା ଏମ୍‌ଡି ଇଣ୍ଡିଆ ଟିପିଏ ପକ୍ଷରୁ ଆୟୋଜିତ ଉକ୍ତ ଶିବିରରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ପକ୍ଷରୁ ଅଙ୍କୋଲୋଜି, କାର୍ଡିଓଲୋଜି, ଅର୍ଥୋପେଡିକ୍, ମେଡିସିନ୍ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇଥିଲେ। ଚିକିତ୍ସା, ସ୍ୱାସ୍ଥ୍ୟପରୀକ୍ଷା ସମେତ ରକ୍ତଚାପ, ରକ୍ତଶର୍କରା ଆଦି ଯାଞ୍ଚ କରାଯାଇଥିଲା। ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଇଂ. ଅଭୟ ଦାସ, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାମଲ, କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ର, ଧନଞ୍ଜୟ ଦାସ, କେସି ମହାନ୍ତି ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ଏମଡ଼ି ଇଣ୍ଡିଆ ମୁଖ୍ୟ ଚିତ୍ତଜିତ ମାଇତି, କପିଳେଶ୍ୱର ମହାରଣା, ଅନିରୁଦ୍ଧ ଦାସ, ସୁର ରାଉତ ଓ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ। କ୍ୟାନସର ରୋଗକୁ ନେଇ ଅଙ୍କୋଲୋଜି (ସର୍ଜରୀ) ବିଶେଷଜ୍ଞ ଡା. ସତ୍ୟଜିତ ଦାସଙ୍କ ଦ୍ୱାରା ଏକ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏଥିରେ କ୍ୟାନସର କାରଣ, ନିରାକରଣ, ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉତ୍କଳ ହସ୍ପିଟାଲର ଚନ୍ଦ୍ରଭାନୁ ଭରଦ୍ୱାଜଙ୍କ ଆୟୋଜନରେ ପାରାମେଡିକାଲ ଷ୍ଟାଫ୍ ଏଥିରେ ସହଯୋଗ କରିଥିଲେ।

## ଦିବଂଗତ ଯୁବନେତାଙ୍କ ଦଶାହ କାର୍ଯ୍ୟରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ

**ରାଉରକେଲା,୭।୫(ସଙ୍ଗୀତା ଜେନା)**

ରାଉରକେଲା ଛାତ୍ରନେତା ଇଂ. ସ୍ମୃତିରଞ୍ଜନ ଦାସଙ୍କ ଦଶାହ କାର୍ଯ୍ୟ ଉପଲକ୍ଷେ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରାଉରକେଲା ସରକାରୀ ଡାକ୍ତରଖାନାରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଛାତ୍ର ରାଜ୍ୟ ସମ୍ପାଦକ ଇଂ. ଦୁଷ୍ମନ୍ତ ରାଉତରାୟଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଦଳର ବରିଷ୍ଠ ନେତା ଗଗନ ପଣ୍ଡା, ସୁଶାନ୍ତ ରାଉତ, ପ୍ରଶାନ୍ତ ସେଠୀ, ବିରେନ ସେନାପତି, ଜୟନ୍ତ ମିଶ୍ର, ସୁଦାମ ଦାସ, ଆରତୀ ଚୌଧୁରୀ, ସ୍ମିତା ମହାନ୍ତି, ଜ୍ୟୋତ୍ସ୍ନା ନାୟକ, ବାବୁ ଖାନ୍ ସମେତ ଶତାଧିକ ସଦସ୍ୟ ଯୋଗଦେଇ ଥିଲେ।

# ଆର୍‌ଏସ୍‌ପିର ବାର୍ଷିକ ଲେଖା ହିସାବ ସ୍ୱାକ୍ଷରିତ



ସ୍ୱାକ୍ଷର ସମାବେଶରେ ସମ୍ମିଳିତ ବରିଷ୍ଠ ଅଧିକାରୀ ।

**ରାଉରକେଲା,୭।୫(ବିପ୍ଳବ ରଞ୍ଜନ ଦାଶ)**

ଓଡ଼ିଶା ଗ୍ରୁପ ଅଫ ମାଇନ୍ସ ସହ ଆର୍‌ଏସପିର ବାର୍ଷିକ ଲେଖା ହିସାବ ବୁଧବାର କାରଖାନାର ସମ୍ମିଳନୀ କକ୍ଷରେ ସ୍ୱାକ୍ଷରିତ ହୋଇଛି। ଏହି ବାର୍ଷିକ ଲେଖା ହିସାବ ସ୍ୱାକ୍ଷର କାର୍ଯ୍ୟକ୍ରମରେ ଆର୍‌ଏସପିର ଭାରାପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରୀଆ, ସିଏ ଜି.ଏସ ଦାସ, ବୈଧାନିକ ଅଡିଟର ମେସର୍ସ ଜି.ଏନ.ଏସ ଆଣ୍ଡ ଆସୋସିଏଟଙ୍କ ପ୍ରତିନିଧି ସମ୍ମିଳିତ ରହି ଲେଖା ହିସାବରେ ସ୍ୱାକ୍ଷରିତ କରିଥିଲେ। ଏହି ଅବସରରେ ଏଚଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.ଆର ପଲାଇ, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ.ପି ସିଂହ ତଥା ବିତ ଓ ଲେଖା ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ ମେସର୍ସ ଜିଏନଏସ ଆଣ୍ଡ ଆସୋସିଏଟ ଅଡିଟରମାନେ ମଧ୍ୟ ଉପସ୍ଥିତ ଥିଲେ। ଏନେଇ ସମ୍ମିଳିତ ସମାବେଶକୁ ସମ୍ବୋଧିତ କରି ଆଲୋକ ବର୍ମା ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ହିସାବର ସଫଳ ସମାପ୍ତି ଉପରେ ଖୁସୀ ବ୍ୟକ୍ତ କରିବା ସହିତ ସମୟୋଚିତ ଅଡିଟର ସମାପନ ନେଇ ସନ୍ତୁଷ୍ଟ ପ୍ରକାଶ କରିଥିଲେ। ଆଗକୁ ସୂଚନା ଗୁଡିକ ସତର୍କତାର ସହିତ ଯାଞ୍ଚ୍ କରାଯିବ ଏବଂ ଉପଯୁକ୍ତ ସଂଶୋଧନ ମୂଳକ ପଦକ୍ଷେପ ସହିତ ଆର୍ଥିକ ଶୃଙ୍ଖଳା ପ୍ରତି ଦଳ ଗୁଡିକୁ ସଚେତନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ବେହୁରୀଆ ଗତ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅଡିଟ କାର୍ଯ୍ୟ ସଫଳ ଓ ସମୟାନୁସାରେ ସମାପ୍ତ କରିବା ପାଇଁ ଅଡିଟରଙ୍କୁ କୃତଜ୍ଞତା ଜଣାଇଥିଲେ। ମେସର୍ସ ଜିଏନଏସ ଆଣ୍ଡ ଆସୋସିଏଟ ପ୍ରତିନିଧି ଅଡିଟ୍ କାର୍ଯ୍ୟ ସଫଳ ଓ ସମୟାନୁସାରେ ସମାପ୍ତ କରିବା ପାଇଁ ଆରଏସପି ମ୍ୟାନେଜମେଣ୍ଟ ଠାରୁ ମିଳିଥିବା ସହଯୋଗ ଉପରେ ଖୁସୀ ପ୍ରକାଶ କରିଥିଲେ। ସେ ୨୦୨୪-୨୫ ଆର୍ଥିକ ବର୍ଷରେ ଗ୍ରହଣ କରାଯାଇଥିବା ଖର୍ଚ୍ଚ ନିପୁଣତା ଏବଂ ବ୍ୟୟ ନିୟନ୍ତ୍ରଣ ପଦକ୍ଷେପ ପ୍ରତି ଆକୁଣ୍ଠ ସହଯୋଗ ନିମନ୍ତେ ଆରଏସପି ମ୍ୟାନେଜମେଣ୍ଟ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ବିତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ସୁସ୍ମିତ କୌର ସଂଯୋଜନା କରିଥିଲେ।

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୩୧୫ ତାରିଖ:- ୨୯।୦୪।୨୦୨୫

ସନ୍ଦର୍ଭ: (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୮୮୨୬୫୬ | ୟୁ୫୧୧୦୯ଓଆର୍୨୦୦୦ପିଟିସି୦୦୬୧୩୭ | ଗଣେଶ କମ୍ପ୍ୟୁଟେକ୍ ମାର୍କେଟିଂ ଆଣ୍ଡ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୩୦୬୩୫୪୩ | ୟୁ୭୩୧୦୦ଓଡି୨୦୨୪ପିଟିସି୦୪୫୬୯୫ | ୱିଲୋରାପ୍ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୩୪୮୪୦୯୪ | ୟୁ୦୫୧୫୦ଓଆର୍୨୦୧୯ପିଟିସି୩୧୩୨୨ | ଶ୍ରୀ ଲିଙ୍ଗରାଜ ମାର୍କେଟିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ଇର୍କନ ତିର୍କୀ, କମ୍ପାନୀ ନିବନ୍ଧକ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0160/2526

# ବୟସ୍କ ଶିକ୍ଷା ସାକ୍ଷରତା ଅଭିଯାନ

## ଶିକ୍ଷକଙ୍କ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ

ସମ୍ବଲପୁର,୭।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହରର ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ନିକଟରେ ଥିବା ସମାଜ ଘରଠାରେ ବୟସ୍କ ଶିକ୍ଷା ସାକ୍ଷରତା ଅଭିଯାନ ନେଇ ବୁଧବାର ଶିକ୍ଷକଙ୍କ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ନିଉ ଇଣ୍ଡିଆ ମଶନ ଅଧୀନରେ ଚାଲିଥିବା ସାକ୍ଷରତା ଅଭିଯାନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ରିରାଇଡର୍ସ ଲାଇଫ ସହଯୋଗରେ ଏନଜେଲ ସଂସ୍ଥା ପକ୍ଷରୁ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର ବଲାଙ୍ଗୀର ଓ ଝାରସୁଗୁଡ଼ା ଜିଲାର ମୋଟ ୬୦ ଜଣଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱତନ୍ତ୍ର ଭାବେ ୬୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ଦିଆଯାଇଛି। ସେମାନେ ପରବର୍ତ୍ତୀ ପର୍ଯ୍ୟାୟରେ ୬୦ଟି କେନ୍ଦ୍ରରେ ବୟସ୍କମାନଙ୍କୁ ସାକ୍ଷର କରିବା କାମରେ ନିଯୁକ୍ତି ଦିଆଯିବା ନେଇ ଆୟୋଜକ ସଂସ୍ଥା ପକ୍ଷରୁ କୁହାଯାଇଛି। ଗ୍ରାମାଞ୍ଚଳରେ ପାଠ ପଢ଼ି ନ ଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ ସାକ୍ଷର କରିବା ନେଇ ହାଇଦ୍ରାବାଦର ଏନ. ଜନସନ ତାଲିମ ପ୍ରଦାନ କରିଥିଲେ। କଳ୍ପନା ବାଗ ଓ ଆଶିଷ ଜନ କୁମାର ଏଥିରେ ସହଯୋଗ କରିଥିଲେ।



ଶିକ୍ଷକମାନଙ୍କୁ ତାଲିମ ଦିଆଯାଉଛି।



ସିଟିମଲ୍‌ର ଚଟାଣରେ ହାତଦେଇ ଶୋଇଛନ୍ତି ଜନସାଧାରଣ।



ସିଟି ସେଣ୍ଟର ମଲରେ ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଜନସାଧାରଣ।

# ଅଧଘଣ୍ଟା ଶୂନ୍‌ଶାନ ସମ୍ବଲପୁର, ହୀରାକୁଦ

## ସମ୍ଭାବ୍ୟ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି

## ସମ୍ବଲପୁରରେ ନାଗରିକଙ୍କ ପାଇଁ ସୁରକ୍ଷା ଅଭ୍ୟାସ

ସମ୍ବଲପୁର,୭।୫(ଭବାନୀ ଶଙ୍କର ଭୋଇ)

ବୁଧବାର ଅପରାହ୍ନ ଠିକ୍ ୪ଟାରେ ପାଞ୍ଚ ମିନିଟ ଧରି ଲମ୍ବା ସାଇରନ ବାଜିଲା। ପୂର୍ବ ସୂଚନା ଅନୁସାରେ ସାଇରନ ଶବ୍ଦରେ ଅଟକି ଯାଇଥିଲା ଯାନବାହାନ। ରାସ୍ତା ଉପରେ ରହିଥିବା ଜନସାଧାରଣ ମୁଦିପଡାରୁ କ୍ଷେତରାଜପୁର ମଧ୍ୟରେ ରହିଥିବା ସିଟ୍ ମଲ ଭିତରକୁ ପ୍ରବେଶ କରିଥିଲେ। ମଲ ଚଟାଣରେ ହାତଦେଇ ଭୂଇଁରେ ଶୋଇରହି ପରବର୍ତ୍ତି ସାଇରନ ପର୍ଯ୍ୟନ୍ତ ସମସ୍ତେ ଅପେକ୍ଷା କରିଥିଲେ। ଠିକ୍ ୧୫ମିନିଟରେ ଦ୍ୱିତୀୟଥର ସାଇରନ ବାଜିଲା। ଏହାପରେ ସବୁ କିଛି ସ୍ୱାଭାବିକ ହୋଇଥିଲା। ସିଟି ମଲ୍ ଭିତରେ ରହିଥିବା ଲୋକେ ବାହାରକୁ ବାହାରିଥିଲେ। ପୂର୍ବ ସତର୍କତା ସ୍ୱରୂପ ଏହି ସାଇରନ ବାଜିଥିଲା ସମ୍ବଲପୁରର ବ୍ୟସ୍ତବହୁଳ ଲକ୍ଷ୍ମୀ ଟକିଜ ଛକ-କ୍ଷେତରାଜପୁର ରେଳ ଷ୍ଟେଶନ ମଧ୍ୟଭାଗରେ। ପ୍ରଦର୍ଶନ ହୋଇଥିଲା ସିଭିଲ ଡିଫେନ୍ସ ମକ୍‌ଡ୍ରିଲ। ପ୍ରଶାସନ, ପୋଲିସ, ଅଗ୍ନିଶମ, ମେଡିକାଲ, ରେଡ଼କ୍ରସ ଏବଂ ସେଚ୍ଛାସେବୀଙ୍କ ଦ୍ୱାରା ଏହା ପ୍ରଦର୍ଶିତ ହୋଇଥିଲା। ସମର ଶିକ୍ଷାର୍ଥୀ ବାହିନୀ, ଏନ୍‌ଏସ୍‌ଏସ, ମେଡିକାଲ, ରେଡ଼କ୍ରସ ଓ ଅନ୍ୟ ପ୍ରଶିକ୍ଷିତ ଗୋଷ୍ଠୀ ଦ୍ୱାରା ଉଦ୍ଧାର ଅପରେଶନ ଆରମ୍ଭ ହୋଇଥିଲା । କେନ୍ଦ୍ର ଗୃହ ମନ୍ତ୍ରଣାଳୟରେ ନିର୍ଦ୍ଦେଶାବଳୀ ଅନୁସାରେ, ସମ୍ଭାବ୍ୟ ଜରୁରୀ ପରିସ୍ଥିତି ମୁକାବିଲା ପାଇଁ ଏପରି ମକ୍‌ଡ୍ରିଲ ପାଇଁ ବୁଧବାର ପ୍ରସ୍ତୁତି ଓ ଡେମୋ କରି ଦେଖାଇଥିଲା ସମ୍ବଲପୁର ଜିଲା ପ୍ରଶାସନ। ସମ୍ବଲପୁର ସହର ଓ ହୀରାକୁଦ ନଦୀବନ୍ଧ ନିକଟରେ ଅପରାହ୍ନରେ ସମାନ ସମୟରେ ଏହି ଅଭ୍ୟାସ ହୋଇଥିଲା। ଏଥିପାଇଁ ହୀରାକୁଦ ନଦୀବନ୍ଧରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା । ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଓ ଭିତ୍ତିଭୂମି ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇଥିଲା ଏହି ସବୁ ସ୍ଥାନରେ ଜରୁରୀ ସ୍ଥିତିର ମୁକାବିଲା ପାଇଁ ଏଇ ମକ୍‌ଡ୍ରିଲ କରାଯାଇ ସମଗ୍ର ସମ୍ବଲପୁର ମହାନଗର ନିଗମକୁ ପ୍ରସ୍ତୁତ କରାଯାଇଥିଲା।

ଏଥିପାଇଁ ହୀରାକୁଦରେ ମଧ୍ୟ ଗୋଟାଏ ଘଣ୍ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ କଟକଣା ରହିଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମ୍ବୁ, ମହାନଗର ନିଗମ କମିଶନର ବେଦଭୂଷଣ, ଅତିରିକ୍ତ ଜିଲାପାଳ ସୁଧାଂଶୁ ଭୋଇ, ଜିଲା ମୁଖ୍ୟ ଉନ୍ନୟନ୍ତ୍ର ଅଧିକାରୀ ପ୍ରସନ୍ନ ସେଠୀ, ଉପଖଣ୍ଡର ଉପଜିଲାପାଳ ଡ଼ଃ. ପୁଷ୍ପାଞ୍ଜଳି ପଣ୍ଡା ଜିଲା ଜରୁରୀକାଳୀନ ଅଧିକାରୀ ନୂତନ ସେଠ, ଅଗ୍ନିଶମ ସେବା ସଂସ୍ଥାର ଅଧିକାରୀ, ଜିଲା ପରିବହନ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସମ୍ଭାବ୍ୟ ଜରୁରୀକାଳୀନ ପରିସ୍ଥିତର ମୁକାବିଲା ପାଇଁ ଜୀବନ କୌଶଳର ବିଭିନ୍ନ ଦିଗ ଉପରେ ଡେମୋ ପ୍ରଦର୍ଶନ କରି ଦେଖାଇଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ରେଡ଼କ୍ରସ ପକ୍ଷରୁ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଡେମୋ କରି ଉପସ୍ଥିତ ଜନତାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା ଓ ପରିଚାଳନା ପାଇଁ ଏହି ଅଭ୍ୟାସ ଜୀବନ ସୁରକ୍ଷା ପାଇଁ ଏକ ବଡ଼ ବାର୍ତ୍ତା ଦେଇଛି। ଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି ଯୁଦ୍ଧ ହେଉ ବା କୌଣସି ବିପର୍ଯ୍ୟୟ ସମୟରେ ତ୍ୱରନ୍ତ ପଦକ୍ଷେପ ଗ୍ରହଣ କରିବାରେ ମକ୍‌ଡ୍ରିଲ ଜନସାଧାରଣଙ୍କୁ ସକ୍ଷମ କରିବ। ଜରୁରୀକାଳୀନ ସ୍ଥାନାନ୍ତର ପ୍ରକ୍ରିୟା ସମ୍ପର୍କରେ ସଚେତନତା ବୃଦ୍ଧି କରିବା, ଅଗ୍ନିଶ୍ରମ, ପୁଲିସ, ସ୍ୱାସ୍ଥ୍ୟ ଓ ଅନ୍ୟ ଜରୁରୀ ସେବା ସଂସ୍ଥାଗୁଡିକର ପ୍ରସ୍ତୁତିକୁ ପରୀକ୍ଷା କରିବା ମକ୍‌ଡ୍ରିଲର ମୁଖ୍ୟ ଉଦ୍ଦେଶ୍ୟ।



ମକ୍‌ଡ୍ରିଲରେ ଆହତଙ୍କୁ ବଞ୍ଚାଇବାର ଉପାୟ ପ୍ରଶିକ୍ଷଣ ଦିଆଯାଉଛି ।

### ସେମାନେ ଯାହା କହନ୍ତି...



“ଏହି ପ୍ରସ୍ତୁତି ଅଭ୍ୟାସ ନାଗରିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇଛି। ସମ୍ବଲପୁର ଓ ହୀରାକୁଦରେ ହୋଇଥିବା ମକ୍‌ଡ୍ରିଲର ପ୍ରଭାବ ଦେଖିବାକୁ ମିଳିଛି। ପ୍ରାୟ ଅଧ ଘଣ୍ଟା ଧରି ଦୋକାନ ବଜାର ବନ୍ଦ ରଖି ଜନସାଧାରଣ ଏଥିରେ ସହଯୋଗ କରିଛନ୍ତି।

**ରାମଦାଶ ପଣ୍ଡା, ସାମାଜିକ କର୍ମୀ**



“ମକ୍‌ଡ୍ରିଲରେ ମଲ ଭିତରେ ଥିବା ଆହତମାନଙ୍କୁ ଆମେ ସ୍ୱେଚ୍ଛାସେବୀମାନଙ୍କ ସହ ମିଶି କାନ୍ଧରେ ବୋହି ଆମ୍ବୁଲାନ୍ସ ଯାଏ ଆଣିଲା ପରେ ସେଠାରୁ ଡାକ୍ତରଖାନା ନେଇଥିଲୁ। ସେହିପରି ମଲରେ ନିଆଁ ଲାଗିଥିବା ଖବର ମିଳିବା ପରେ ସେଠାରେ ଅଗ୍ନିଶମ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରାଥମିକ ଉପଚାର ନେଇ ଆମେ ପ୍ରଶିକ୍ଷଣ ନେଇଥିଲୁ। ମକ୍‌ଡ୍ରିଲରେ ୫୦ଜଣ ଏନ୍‌ସିସି ଛାତ୍ରୀ ସାମିଲ ହୋଇଥିଲେ।

**ଜିଜ୍ଞାସୀ ମେହେର, ଏନ୍‌ସିସି ଛାତ୍ରୀ**

# ରେଳ ମଣ୍ଡଳ କାର୍ଯ୍ୟାଳୟରେ ବିଦ୍ୟୁତ୍ ନିରାପତ୍ତା ସପ୍ତାହ

ସମ୍ବଲପୁର,୭।୫(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ଚଳିତ ମେ ୧ରୁ ୭ ତାରିଖ ପର୍ଯ୍ୟନ୍ତ ବିଦ୍ୟୁତ୍ ନିରାପତ୍ତା ସପ୍ତାହ ପାଳିତ ବୁଧବାର ହୋଇଯାଇଛି। ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ମଣ୍ଡଳ ବିଦ୍ୟୁତ ବିଭାଗ ପକ୍ଷରୁ ଆୟୋଜିତ ନିରାପତ୍ତା ସପ୍ତାହ ପାଳନର ଉଦ୍‌ଯାପନୀ ଦିବସରେ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଦ୍ୟୁତ ନିରାପତ୍ତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମଣ୍ଡଳ ପ୍ରବନ୍ଧକ ଚୌଧୁରୀ ବକ୍ତବ୍ୟ ରଖି କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ଉପକରଣର ଉପଯୁକ୍ତ ବ୍ୟବହାର ସହିତ ବିଦ୍ୟୁତ ନିରାପତ୍ତା ଜନିତ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଉପସ୍ଥିତ ରେଳ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ବିଦ୍ୟୁତ ଯନ୍ତ୍ରୀ(ସାଧାରଣ) ରିତେଶ କୁମାର ମେହେର ଓ ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ(ଟିଆର୍‌ଡି) ଧୀରେନ୍ଦ୍ର ସିଂ ବିଦ୍ୟୁତ ନିରାପତ୍ତା ଜନିତ ବିଭିନ୍ନ ଦିଗ ଓ ଉପାୟ ଉପରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ରେଳ ମଣ୍ଡଳ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ରେଳବାଇ କର୍ମଚାରୀଙ୍କ ସନ୍ତାନମାନଙ୍କ ମଧ୍ୟରେ ବିଦ୍ୟୁତ ନିରାପତ୍ତା ଧର୍ମୀ ଚିତ୍ରାଙ୍କନ, ପ୍ରବନ୍ଧ ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ପ୍ରବନ୍ଧକ ଚୌଧୁରୀ ଚିତ୍ରାଙ୍କନ, ପ୍ରବନ୍ଧ ଆଦି ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।




କୃତୀ ପ୍ରତିଯୋଗୀମାନଙ୍କୁ ରେଳ ମଣ୍ଡଳ ପ୍ରବନ୍ଧକ ପୁରସ୍କୃତ କରୁଛନ୍ତି।

# ଅପରେଶନ ସିନ୍ଦୂର ନେଇ ଭାଜପା କାର୍ଯ୍ୟାଳୟରେ ଉତ୍ସବ

ସମ୍ବଲପୁର,୭।୫(ବି.ଶଙ୍କର)

ଭାରତୀୟ ବାୟୁ ସେନା ପକ୍ଷରୁ ମଙ୍ଗଳବାର ମଧ୍ୟରାତ୍ରୀ ପରେ ଅପରେଶନ ସିନ୍ଦୂର କରାଯାଇଥିଲା। ପିଓକେ ଅପରେଶନ ସିନ୍ଦୁର ଅଭୂତପୂର୍ବ ସଫଳତା ପରେ ସମଗ୍ର ଦେଶରେ ଖୁସିର ଲହରୀ ଖେଳି ଯାଇଛି । ଗତ ୨୨ ତାରିଖରେ ପେହେଲଗାଁଓଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ କୋଟି ଭାରତୀୟଙ୍କ ମନରେ ଥିବା ଆକ୍ରୋଶ କିଛି ମାତ୍ରାରେ ପ୍ରଶମିତ ହୋଇଛି । ପେହେଲଗାଁଓ ଘଟଣାରେ ଶହୀଦ ହୋଇଥିବା ହିନ୍ଦୁ ପୁରୁଷଙ୍କ ପାରିବାର ବର୍ଗଙ୍କୁ ମଧ୍ୟ କିଛି ମାତ୍ରାରେ ମିଳିଛି ଆଶ୍ୱସ୍ତି । ସମଗ୍ର ଦେଶର କୋଣ ଅନୁକୋଣରେ ଲୋକେ ଏହି ଘଟଣାକୁ ନେଇ ଉତ୍ସବ ପାଳନ କରୁଛନ୍ତି ବୋଲି ଭାଜପା କର୍ମୀ ଓ ନେତାମାନେ କାର୍ଯ୍ୟକ୍ରମ ମାଧ୍ୟମରେ ସୂଚିତ କରିଛନ୍ତି। ସମ୍ବଲପୁର ଭାଜପା ପକ୍ଷରୁ କଚେରି ରୋଡ ସ୍ଥିତ କାର୍ଯ୍ୟାଳୟରେ ଉତ୍ସବ ପାଳନ କରାଯାଇଥିଲା । ଦଳୀୟ ପଦାଧିକାରୀ ଓ କର୍ମୀମାନେ ଏକତ୍ରିତ ହୋଇ ଆତସବାଜି କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଭରତ ମାତା କି ଜୟ, ବନ୍ଦେମାତରମ, ଭାରତୀୟ ସେନା ଜିନ୍ଦାବାଦ, ପାକିସ୍ଥାନ ମୁର୍ଦ୍ଦାବାଦ ଭଳି ସ୍ଲୋଗାନରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ସୁଶାନ୍ତ ପୁରୋହିତଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ଅବିନାଶ ନନ୍ଦ, ରିକି ବେହେରା, ଦିଲୀପ ଶର୍ମା, ପରାଗ ଅଗ୍ରୱାଲ, ଅଜିତ ବେହେରା, ସୁବ୍ରତ ପାଣିଗ୍ରାହୀ, ମୋହନ ପଣ୍ଡା, ଆନନ୍ଦ ବହିଦାର, ମଙ୍ଗଳ ଚୌଧୁରୀ, ରାଜନ ସିଂ, ଗୋପଲ ଅଗ୍ରୱାଲ, ସୂର୍ଯ୍ୟ କୁମାର ସାହୁ, ଦୀପକ ଦାସ, ଧିରଜ କରାଲି, ସନ୍ତୋଷ ଡାଲୁଆ, ରାଜ କୁମାର ଯାଦବ, ଶିବ ସୁନା ସାମିଲ ଥିଲେ ।



ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଉଛି।

# ବର୍ଷେ ବିତିଲା, କାମ ସରିଲାନି

- ବ୍ରିଜ୍ ନିର୍ମାଣ ସରିଛି, ସଂଯୋଗୀ ରାସ୍ତା କାମ ହେଉନି
- ଶୀତଳଷଷ୍ଠୀ ପୂର୍ବରୁ କାମ ସାରିବାକୁ ଜିଲା ପ୍ରଶାସନର ନିର୍ଦ୍ଦେଶ

ସମ୍ବଲପୁର,୭।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହରର ଜେଲଛକରୁ ମ୍ୟୁନିସିପାଲିଟି ଛକକୁ ସଂଯୋଗ କରୁଥିବା ରାସ୍ତା ଗତ ଏକ ବର୍ଷ ହେବ ଲୋକଙ୍କ ପାଇଁ ବନ୍ଦ ରହିଛି। ଗତବର୍ଷ ବର୍ଷାଋତୁ ପୂର୍ବରୁ ଧୋବିଯୋର ନାଳ ଉପରେ ଥିବା ପୁରୁଣା ଚେପଟି ପୁଲିଆକୁ ଭଙ୍ଗାଯାଇ ନୂତନ ବ୍ରିଜ ନିର୍ମାଣ ଆରମ୍ଭ ହୋଇଥିଲା। ଦୁଇମାସ ହେଲା ବ୍ରିଜ ନିର୍ମାଣ ସରିଥିବା ସତ୍ତ୍ୱେ ସଂଲଗ୍ନ ରାସ୍ତା କାମ କରାଯାଇ ନ ଥିବାରୁ ଉପଯୋଗ ହୋଇପାରିନାହିଁ। ଏହି ରାସ୍ତା ଧନୁପାଲି, ଗୋବିନ୍ଦତୋଲା, ଚାରଭାଟି ଅଞ୍ଚଳକୁ ପୁରୁଣା ବସ୍ତି ସହ ଯୋଡିବାର ପ୍ରମୁଖ ମାଧ୍ୟମ। ତେବେ ଗତ ଏକବର୍ଷ ହେବ ଏହି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଲୋକେ ହଇରାଣ ହେଉଛନ୍ତି। ଆଗକୁ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା। ଗାଁ ଗହଳିରୁ ଆସୁଥିବା ଲୋକେ ଯାତ୍ରା ଦେଖିବାକୁ ଆସିବା ସମୟରେ ଏହି ରାସ୍ତାଦେଇ ସହରକୁ ଯାଇଥାନ୍ତି। ତେବେ ଶୀଘ୍ର ରାସ୍ତା ନ ଖୋଲିଲେ ଅଯଥାରେ ଯାତ୍ରାରେ ସାମିଲ ହେବାକୁ ଆସୁଥିବା ଲୋକେ ହଇରାଣ ହେବେ।

ସହରର ଆବଶ୍ୟକତା ଦୃଷ୍ଟିରୁ ଜେଲଛକରୁ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ରାସ୍ତା ଦୋହରୀକରଣ କରାଯିବା ଯୋଜନା ରହିଛି। ତେବେ ମାତ୍ର ୧ କିଲୋମିଟରରୁ କମ୍ ଏହି ରାସ୍ତା ନିର୍ମାଣରେ ପୂର୍ତ୍ତ ବିଭାଗ ଗୋଟିଏ ବର୍ଷରୁ ଅଧିକ ସମୟ ନେବା ପରେ ବି ଶେଷ କରି ନ ପାରିବା ସମ୍ବଲପୁରବାସୀଙ୍କ ପାଇଁ ଅସନ୍ତୋଷର କାରଣ ପାଲଟିଛି। ଅନ୍ୟପକ୍ଷରେ ରାସ୍ତା ଦୋହରୀକରଣ ପାଇଁ ମହାନଗର ନିଗମ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ତଥାପି ପୂର୍ତ୍ତ ବିଭାଗ ଡ୍ରେନକୁ ସିଧା ନ କରି ରାସ୍ତାକୁ ଅଣ ଓସାରିଆ କରୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ତ୍ତ ବିଭାଗର ମନ୍ଥର ଏବଂ ଅପାରଦର୍ଶୀ କାମ ଯୋଗୁ ହୀରାକୁଦ କଲୋନୀ ବାସିନ୍ଦା ସବୁଠାରୁ ଅଧିକ ହଇରାଣ ହେଉଥିବା କହିଛନ୍ତି। ବିବାହବ୍ରତ ଭଳି ସାମାଜିକ କାମରେ ରାସ୍ତାର ଦୁରାବସ୍ଥା ଦେଖି ବନ୍ଧୁ ପରିଜନ ଘରକୁ ଆସିବାକୁ କୁଣ୍ଠାବୋଧ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଜବରଦଖଲ ଉଚ୍ଛେଦ ସତ୍ତ୍ୱେ ରାସ୍ତା ଓସାରିଆ ନ କରି ଡ୍ରେନକୁ ଅଙ୍କାବଙ୍କା କରିବା ଯୋଗୁଁ ଭବିଷ୍ୟତରେ ପୁଣି ଜବରଦଖଲ ହେବ ଏବଂ ଆଗକୁ ରାସ୍ତା ପ୍ରଶସ୍ତିକରଣ ସମୟରେ ଅଯଥାରେ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହେବା ଆଶଙ୍କା ରହିଛି। ଏନେଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଜେ.କେ.ମେହେରଙ୍କୁ ପଚାରିବାରୁ ବ୍ରିଜ ନିର୍ମାଣ ସହ ଡ୍ରେନ ନିର୍ମାଣ ମଧ୍ୟ ସରିଛି। କେବଳ ଉଭୟ ପଟର ରାସ୍ତା ନିର୍ମାଣ ବାକି ରହିଛି। ଶୀତଳଷଷ୍ଠୀ ପୂର୍ବରୁ କାମ ଶେଷ ହୋଇଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ମହାନଗର ନିଗମର କମିଶନର ବେଦଭୂଷଣଙ୍କୁ ପଚାରିବାରୁ ଦିନେ ଦୁଇଦିନ ମଧ୍ୟରେ ରାସ୍ତାରୁ ପୁରୁଣା ଷ୍ଟ୍ରିଟଲାଇଟ ଖମ୍ବଗୁଡିକ ହଟାଯାଇ ରାସ୍ତାରେ ଡିଭାଇଡର ନିର୍ମାଣ କାମ ଆରମ୍ଭ ହୋଇଯିବ। ଶୀତଳଷଷ୍ଠୀ ପୂର୍ବରୁ କାମ ସମ୍ପୂର୍ଣ୍ଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ତେଣୁ ଏହି ଅବଧି ମଧ୍ୟରେ ସମସ୍ତ କାମ ଶେଷ କରିବା ନେଇ ପୂର୍ତ୍ତ ବିଭାଗକୁ ମହାନଗର ନିଗମ ପକ୍ଷରୁ ସବୁ ପ୍ରକାର ସହଯୋଗ କରାଯାଉଛି ବୋଲି କହିଛନ୍ତି।



ନିର୍ମିତ ବ୍ରିଜ ଆଗରେ ନିର୍ମାଣ ସାମଗ୍ରୀ ପଡିରହିଛି।

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୩୧୫ ତାରିଖ:- ୨୯।୦୪।୨୦୨୫
ସନ୍ଦର୍ଭ: (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୩)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୮୮୨୬୫୬ | ୟୁ୫୧୧୦୯ଓଆର୍‌୨୦୦୦ପିଟିସି୦୦୬୧୩୭ | ଗଣେଶ କମ୍ପ୍ୟୁଟେକ୍ ମାର୍କେଟିଂ ଆଣ୍ଡ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୩୦୬୩୫୪୩ | ୟୁ୭୩୧୦୦ଓଡି୨୦୨୪ପିଟିସି୦୪୫୬୯୫ | ଓ୍ୱିଲୋରାପ୍ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୩୪୮୪୦୯୪ | ୟୁ୦୫୧୫୦ଓଆର୍‌୨୦୧୯ପିଟିସି୩୧୩୨୨ | ଶ୍ରୀ ଲିଙ୍ଗରାଜ ମାର୍କେଟିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବସ୍କ୍ରିପ୍‌ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବସ୍କ୍ରାଇବରମାନଙ୍କୁ ପେଡ଼ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ଇର୍କନ ତିର୍କୀ, କମ୍ପାନୀ ନିବନ୍ଧକ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0160/2526

# ବିପୁଳ ପରିମାଣର ନିଶା ଇଞ୍ଜେକ୍ସନ ଜବତ

ନୂଆପଡ଼ା,୭।୫ (ମକାରୁ ବେମାଲ)

ନୂଆପଡ଼ା ଜିଲା ଜୋଙ୍କ ଥାନା ପୋଲିସ ମଙ୍ଗଳବାର ଖରିଆର ରୋଡ ୱାର୍ଡ ନଂ.୧୩ର ଜଣଙ୍କ ଘରେ ଚଢାଉ କରି ବିପୁଳ ପରିମାଣର ନିଶା ଇଞ୍ଜେକ୍ସନ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଖରିଆର ରୋଡ ୱାର୍ଡ ନଂ.୧୩ ଧୋବିପଡାର ଅକତର ମହମ୍ମଦ (୫୫), ସୋହେଲ ମହମ୍ମଦ (୨୩) ଓ ଶାହରୁଖ ଖାନ (୩୨)। ଏମାନଙ୍କଠାରୁ ୨ ମୋବାଇଲ ଓ ୬୨୨ ପେଣ୍ଟାଜୋକିନ ଲାକ୍ଟେଟ ଇଞ୍ଜେକ୍ସନ (୩୦ଏମ୍‌ଜି) ଜବତ କରାଯାଇଛି। ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ସୂଚନା ଅନୁଯାୟୀ ଜିଲାକୁ ନିଶାମୁକ୍ତ କରିବା ପାଇଁ ଗତ ଏପ୍ରିଲ ୧୩ରୁ ଶୁଦ୍ଧି କାର୍ଯ୍ୟକ୍ରମ ଚାଲିଛି। ବିଭିନ୍ନ ଥାନା ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ଜାରିରହିଛି। ଖରିଆର ରୋଡ ସହରରେ ନିଶା କାରବାର ବୃଦ୍ଧି ପାଉଥିବାବେଳେ ପୋଲିସ ତା' ଉପରେ ତୀକ୍ଷ୍ଣ ନଜର ରଖିଛି। ମଙ୍ଗଳବାର କୌଣସି ସୂତ୍ରରୁ ଖବର ପାଇ ଜୋଙ୍କ



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

### ବନ୍ଧାହେଲେ ୩

ଥାନା ଅଧିକାରୀ ପ୍ରଦୀପ ଧରୁଆଙ୍କ ନେତୃତ୍ୱରେ ଏକ ଟିମ୍ ଖରିଆର ରୋଡ ୱାର୍ଡ ନଂ.୧୩ ଧୋବିପଡାର ଅକତର ମହମ୍ମଦଙ୍କ ଘରେ ଚଢାଉ କରିଥିଲା। ଏହି ସମୟରେ ସେଠାରୁ ଉପରୋକ୍ତ ପରିମାଣ ନିଶା ଇଞ୍ଜେକ୍ସନ ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ବହୁ ଦିନରୁ ଛତିଶଗଡ ରାୟପୁରରୁ ଆଣି ଖରିଆର ରୋଡ ସହର ସମେତ ବିଭିନ୍ନ ଅଞ୍ଚଳକୁ ଯୋଗାଉଥିଲେ। ଖରିଆର ରୋଡ ଛତିଶଗଡ ସୀମାନ୍ତରେ ରହିଥିବାରୁ ବିଭିନ୍ନ ପ୍ରକାର ନିଶା କାରବାର ଚାଲିଛି। ତଦନ୍ତ ପରେ ସବୁ ପର୍ଦ୍ଦାଫାସ ହେବ ବୋଲି ଏସ୍‌ପି ରାଘବେନ୍ଦ୍ର କହିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ପଲମ, ୭।୫ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଗିଗିନା ପଞ୍ଚାୟତ ଯୋଡାବନ୍ଧ ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପାନ୍ତି ମାଝୀ (୫୫)। ସୂଚନା ଅନୁସାରେ ପାନ୍ତି ମଙ୍ଗଳବାର ରାତିରେ ତଳେ ଶୋଇଥିବା ବେଳେ ଏକ ନାଗ ସାପ ତାଙ୍କୁ କାମୁଡିଥିଲା। ପରିବାର ଲୋକେ ଏହା ଦେଖି ତୁରନ୍ତ ତାଙ୍କୁ କେସିଙ୍ଗା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପଲମ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। କେସିଙ୍ଗା ସରକାରୀ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କେସିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୫) ରୁଜୁ ହୋଇଛି।

### ଆଇସ୍‌କ୍ରିମ୍ ବିକାଳିଙ୍କୁ ଛୁରାମାଡ଼

**ଖଡ଼ିଆଳ,୭।୫ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ବାଦୀ ଗ୍ରାମରେ ମଙ୍ଗଳବାର ଆଇସ୍‌କ୍ରିମ ବିକ୍ରି କରୁଥିବା ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଏ ନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୩୫/୨୫) ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ଚନାବେଡ଼ା ଥାନା ଅଞ୍ଚଳର ଯୁବକ ସୌନ୍ଦର୍ଯ୍ୟ ବେହେରା ଅପରାହ୍ନରେ ଆଇସ୍‌କ୍ରିମ ବିକ୍ରି କରୁଥିବାବେଳେ ବାଦୀ ଗ୍ରାମର ରାଜୁ ସତ୍‌ନାମୀଙ୍କ ସହ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରାଜୁ ଛୁରାମାଡ଼ କରିବାରୁ ସୌନ୍ଦର୍ଯ୍ୟଙ୍କ ଡାହାଣ ଜଙ୍ଘରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଆହତ ସୌନ୍ଦର୍ଯ୍ୟ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରୁଥିବା ତଦନ୍ତ ଅଧିକାରୀ ଏସ୍‌ଆଇ ହରେକୃଷ୍ଣ ଜାନି ପ୍ରକାଶ କରିଛନ୍ତି। ଘଟଣା ପରେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି।

### ନାଏବ ସରପଞ୍ଚ ନେଲେ ସରପଞ୍ଚ ଦାୟିତ୍ୱ



**କର୍ଲାମୁଣ୍ଡା,୭।୫(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ଗ୍ରାମପଞ୍ଚାୟତରେ ଗତ ୨ତାରିଖରେ ପଞ୍ଚାନନ ବାଗଙ୍କ ବିୟୋଗ ପରେ ସରପଞ୍ଚ ପଦବୀ ଖାଲି ରହିଥିଲା। ତେବେ କର୍ଲାମୁଣ୍ଡା ପଞ୍ଚାୟତ ସମିତି ପତ୍ର ସଂଖ୍ୟା ୧୭୩୫/ତା୫।୫।୨୦୨୫ ଅନୁସାରେ ବୁଧବାର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିତୁ ଜାନି ୱାର୍ଡ ସଭ୍ୟାସଭ୍ୟଙ୍କ ଉପସ୍ଥିତରେ ନାଏବ ସରପଞ୍ଚ ପୂର୍ଣ୍ଣମୀ ମାଝୀଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରିଥିଲେ। ଏଥିରେ ସମିତି ସଭ୍ୟ ଆନନ୍ଦ ନାଗଙ୍କ ସମେତ ପଞ୍ଚାୟତ ପ୍ରତିନିଧି, ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ସହଯୋଗରେ ପଞ୍ଚାୟତର ବିକାଶ କରିବେ ବୋଲି ନୂତନ ଭାବେ ସରପଞ୍ଚ ଦାୟିତ୍ୱ ନେଇଥିବା ମାଝୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ଶାହରୁଖ ଖାନ୍ ସମ୍ବଲପୁର ଜିଲା ଯୁବ କଂଗ୍ରେସ ପ୍ରଭାରୀ



**ନୂଆପଡ଼ା,୭।୫ (ମକାରୁ ବେମାଲ):** ନୂଆପଡ଼ା ଜିଲା କଂଗ୍ରେସର ଯୁବନେତା ତଥା ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଶାହରୁଖ ଖାନ୍‌ଙ୍କୁ ସମ୍ବଲପୁର ଜିଲା ଯୁବ କଂଗ୍ରେସ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି । ଜାତୀୟ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ, ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ରାଜ୍ୟ ନେତୃତ୍ୱ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏଭଳି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ଆଗାମୀ ଦିନରେ ସେ ଯୁବପିଢିଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ଅପରେଶନ ସିନ୍ଦୂରକୁ ଏବିଭିପି ପକ୍ଷରୁ ସ୍ୱାଗତ



ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏବିଭିପି କାର୍ଯ୍ୟକର୍ତ୍ତା ଉତ୍ସବ ମନାଉଛନ୍ତି।

ଭବାନୀପାଟଣା,୭।୫(ଉତ୍ତମ କୁମାର ଦାଶ)

ଜମ୍ମୁ କଶ୍ମୀରର ପହଲଗାମ୍‌ରେ ଗତ ଏପ୍ରିଲ ୨୨ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ନିହତ ହୋଇଥିବା ୨୬ ପର୍ଯ୍ୟଟକଙ୍କୁ ନେଇ ସାରା ଭାରତରେ ପ୍ରତିଶୋଧର ନିଆଁ ଜଳୁଛି। ଏପରିସ୍ଥଳେ ମଙ୍ଗଳବାର ଭାରତ ସରକାରଙ୍କ ଦ୍ୱାରା ବିହିତ ପଦକ୍ଷେପ ସ୍ୱରୂପ ଅପରେଶନ ସିନ୍ଦୂରକୁ କିଛି ମାତ୍ରରେ ପ୍ରଶମିତ କରିଛି। ଭାରତୀୟ ସେନା ପକ୍ଷରୁ ପାକିସ୍ତାନର ୪ ଆତଙ୍କବାଦୀ ଶିବିର ଓ ପାକିସ୍ତାନ ଅଧିକୃତ କଶ୍ମୀର ଅଞ୍ଚଳରେ ଥିବା ୫ ଆତଙ୍କବାଦୀ ଶିବିରକୁ ଆକାଶ ମାର୍ଗରୁ ବୋମା ବର୍ଷଣ କରି ଉଡାଇଦିଆଯାଇଛି। ସରକାରଙ୍କ ଏହି ସୁଚିନ୍ତିତ ପଦକ୍ଷେପ ଓ ଅପରେଶନ ସିନ୍ଦୂର ନାମକୁ ନେଇ ଭାରତୀୟ ନାଗରିକଙ୍କ ମନରେ ଉଲ୍ଲାସ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଭବାନୀପାଟଣା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ବୁଧବାର ସହରରେ ଉତ୍ସବ ପାଳନ ସହ ଏହାକୁ ଆନ୍ତରିକତା ସହିତ ସ୍ୱାଗତ କରାଯାଇଛି। ଏବିଭିପି କାର୍ଯ୍ୟକର୍ତ୍ତା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ତ୍ରିରଙ୍ଗା ପତାକା ଉଡ଼ାଇ ଓ ସମସ୍ତେ କପାଳରେ ସିନ୍ଦୂର ମାରି ଭାରତ ସରକାରଙ୍କ ପଦକ୍ଷେପକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ଏହି ସମୟରେ ଏବିଭିପିର ବିଶ୍ୱବିଦ୍ୟାଳୟ ସଭାପତି ସତ୍ୟସ୍ୱରୂପ ସ୍ୱାଇଁ, ଉପସଭାପତି ଅସୀତ ମହାନ୍ତି, ନଗର ସେବା ପ୍ରମୁଖ ଦେବାଶିଷ ପଟ୍ଟନାୟକ, ନଗର ସାମାଜିକ ଗଣମାଧ୍ୟମ ପ୍ରମୁଖ ହିତେଶ ସାହୁ, ହେମନ୍ତ ନାୟକଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ୧୦ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ନୂଆପଡ଼ା,୭।୫ (ମକାରୁ ବେମାଲ)

ଜନସାଧାରଣଙ୍କୁ ବିନା ମୂଲ୍ୟରେ ଆଇନସେବା ଯୋଗାଇଦେବା ଲକ୍ଷ୍ୟରେ ଆସନ୍ତା ୧୦ ତାରିଖରେ ନୂଆପଡ଼ା ଜିଲାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ନୂଆପଡ଼ା ଜିଲା ଓ ସିଭିଲ କୋର୍ଟ ସମେତ କୋମନା, ଖଡିଆଳ, ବୋଡେନ, ସିନାପାଲି କୋର୍ଟ ପରିସରରେ ଏହା ଅନୁଷ୍ଠିତ ହେବ ବୋଲି ଜିଲା ଓ ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି। ଏହି ଲୋକ ଅଦାଲତରେ ଅସହାୟ ଗରିବ ଲୋକଙ୍କ ମକଦ୍ଦମାର ନ୍ୟାୟ ବିନା ମୂଲ୍ୟରେ ପ୍ରଦାନ କରାଯିବ। ଅଧିକରୁ ଅଧିକ ଲୋକ ଅଦାଲତରେ ପଞ୍ଜୀକରଣ କରାଇ ଏହାର ସୁବିଧା ନେବା ପାଇଁ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁରୋଧ କରିଛନ୍ତି। ୧୦ ତାରିଖ ସକାଳ ୭ଟାରୁ ଜିଲାର ବିଭିନ୍ନ କୋର୍ଟ ପରିସରରେ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପ୍ରକାର ଦେୱାନୀ ଓ ଫୌଜଦାରି, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳ ଯୋଗାଣ ବିଲ ଦେୟ ଜନିତ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଚେକ୍ ବାଉନ୍ସ, ଅବସରକାଳୀନ ପ୍ରାପ୍ୟ ମାମଲା, ରାଜସ୍ୱ ମାମଲାର ଆପୋସ ବୁଝାମଣାରେ ସମାଧାନ କରାଯିବ । ଲୋକ ଅଦାଲତଙ୍କ ରାୟ ବୈଧ। ସବିଶେଷ ବିବରଣୀ ପାଇଁ ଜିଲା ଆଇନସେବା କାର୍ଯ୍ୟାଳୟର ହେଲ୍ପଲାଇନ ନଂ.୦୬୬୭୮-୨୨୫୩୩୬ ଓ ଟୋଲ୍ ଫ୍ରି ନଂ.୧୫୧୦୦ରେ ଯୋଗାଯୋଗ କରିବାକୁ ଅଧ୍ୟକ୍ଷ ସୂଚନା ଦେଇଛନ୍ତି ।

# ବିଭାଗ ମାଗିଲା ଭିତ୍ତିଭୂମିର ବିବରଣୀ

କେସିଙ୍ଗା,୭।୫(ତୁମେଶ୍ୱର ସାହୁ)

### କେସିଙ୍ଗା ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା ପ୍ରସଙ୍ଗ

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା କରିବା ପାଇଁ ସ୍ଥାନୀୟ ସିଟିଜେନ ଫୋରମର ସଭାପତି ଡା. ହେମରାଜ ସାହୁ ଗତ ମଙ୍ଗଳବାର ରାଜ୍ୟ ସରକାରଙ୍କ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରି ଉଷା ପାଢ଼ୀଙ୍କୁ ୯ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିକୁ ଗ୍ରହଣ କରିବା ପରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା ୧୦୨୮୨/୬।୫।୨୫ ଅନୁସାରେ ଜିଲାପାଳଙ୍କୁ ଭିତ୍ତିଭୂମି ଓ ଅନ୍ୟାନ୍ୟ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର ଆଡିସନାଲ ସେକ୍ରେଟାରି ରବୀନ୍ଦ୍ର କୁମାର ସାହୁ ଏନ୍‌ଏସିର ଭିତ୍ତିଭୂମି, ରାଜସ୍ୱ ଗ୍ରାମ, ଗ୍ରାମପଞ୍ଚାୟତ, ପୋଲିସ ଷ୍ଟେଶନ, ୨୦୧୧ ମସିହା ଜନଗଣନା, ୱାର୍ଡ ସଂଖ୍ୟା ଆଦି ତୁରନ୍ତ ପ୍ରଦାନ ପାଇଁ କଳାହାଣ୍ଡି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଦୃଷ୍ଟିହୀନଙ୍କ ପାଇଁ ନୂଆ ଆଶା



ଉପସ୍ଥିତ ଦୃଷ୍ଟିହୀନ ହିତାଧିକାରୀ।

ନୂଆପଡ଼ା,୭।୫ (ମକାରୁ ବେମାଲ)

ନୂଆପଡ଼ା ଜିଲାର ଦୃଷ୍ଟିହୀନ ଦିବ୍ୟାଙ୍ଗଙ୍କ ପାଇଁ ଏକ ନୂଆ ଆଶା ଆଣିଛି ଅହମ୍ମଦାବାଦର ଟର୍ଚ୍ଚ-ଇଟ ଫାଉଣ୍ଡେଶନ। ଜିଲା ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ମଙ୍ଗଳବାର ସ୍ଥାନୀୟ ବିଜୁ ପଟ୍ଟନାୟକ ମାନସିକ ଅନଗ୍ରସର ବିଦ୍ୟାଳୟ ଟାନୱାଟଠାରେ ଏକ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଧସାମାଜିକ ସୁରକ୍ଷା ଉପସଚିବ ସନ୍ୟାସୀ କୁମାର ବେହେରା ମୁଖ୍ୟ ଅତିଥି, ଟର୍ଚ୍ଚ-ଇଟ ଫାଉଣ୍ଡେଶନ ତରଫରୁ ସଂସ୍ଥାପକ ହନି ବାଗ ଚନ୍ଦାନି ଓ ପରିଚାଳକ ନିର୍ମଳ ପିଲାଇ ଯୋଗ ଦେଇଥିଲେ। ସରକାରୀ ସଂସ୍ଥା ଓଏନ୍‌ଜିସି ସହାୟତାରେ ୩ ଶହଟି ସାରଥି ସ୍ମାର୍ଟ କେନ ବାଡି ଓ ୯୦ ଟି ଜ୍ୟୋତି ସ୍ମାର୍ଟ ଗ୍ଲାସ ଦୃଷ୍ଟିହୀନମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି କେନର ବିଶେଷତ୍ୱ ହେଲା ଏହା ଆଗରେ ଯିଏ ବି ଆସିବେ ସେନ୍‌ସର ମାଧ୍ୟମରେ ଦୃଷ୍ଟିହୀନ ବ୍ୟବହାରକାରୀଙ୍କୁ ସୂଚନା ଦେବ। ସେହିପରି ଜ୍ୟୋତି ସ୍ମାର୍ଟ ଗ୍ଲାସ ସହାୟତାରେ ଦୃଷ୍ଟିହୀନ ବ୍ୟକ୍ତି ନିଜ ସ୍ମାର୍ଟ ଫୋନରେ ସଂଯୋଗ କଲେ ସାମନାର ସମସ୍ତ ଦୃଶ୍ୟ ବ୍ୟବହାରକାରୀଙ୍କୁ ଭଏସ ମାଧ୍ୟମରେ ଜଣାଇ ଦେବ। ଜିଲାପାଳ ଏହି ସାମଗ୍ରୀ ପ୍ରଦାନ କରି କହିଲେ, ଦୃଷ୍ଟି ବାଧିତ ଛାତ୍ରୀଛାତ୍ର ଏହାର ଉପଯୋଗ କରି ଉଚ୍ଚଶିକ୍ଷା ଲାଭ କରିପାରିବେ। ଏଥିରେ ଜିଲାର ସମସ୍ତ ବ୍ଲକ ତଥା ଜିଲା ବାହାରୁ ବହୁ ସଂଖ୍ୟାରେ ଦୃଷ୍ଟିହୀନ ହିତାଧିକାରୀ ଯୋଗଦେଇ ମାଗଣାରେ ସହାୟକ ସାମଗ୍ରୀ ପ୍ରାପ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବିଜୁ ପଟ୍ଟନାୟକ ମାନସିକ ଅନଗ୍ରସର ବିଦ୍ୟାଳୟ ଅଧ୍ୟକ୍ଷା ରାଜେଶ୍ୱରୀ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

### ବରିଷ୍ଠ ସହାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଲାଞ୍ଜିଗଡ଼, ୭।୫(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ରୋଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ ସହାୟକ ଲକ୍ଷ୍ମଣ ସା'ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ସଭାରେ ସଭାପତି ପ୍ରମୋଦ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ଲାଞ୍ଜିଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢ଼ଳ ଦେବ ମୁଣ୍ଡ, ଭାରତ ଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି, ଜିଲା ସଭାନେତ୍ରୀ ଅର୍ଚ୍ଚନା ମିଶ୍ର, ଜିଲା କୋଷାଧ୍ୟକ୍ଷ ଶିବପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ବରିଷ୍ଠ ସହାୟକ ସା'ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଏମ୍.ଏସ୍. ଶେଖର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଲକ୍ଷ୍ମଣ

### ଭାଜପା ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧନା

**କଲମପୁର, ୭।୫(ଗଣେଶରାମ ବାଗ):** କଲମପୁର ଭାଜପା ମଣ୍ଡଳ ସଭାପତି ଭାବେ ହିତେଶ ରଞ୍ଜନ ପାତ୍ର ଓ ମଣ୍ଡଳ ପ୍ରତିନିଧି ଭାବେ ସୁଧୀର ବାଗ ଏବଂ ବିଜମରା ମଣ୍ଡଳ ସଭାପତି ଭାବରେ ସରିତା ସରାଫଙ୍କୁ ନିଯୁକ୍ତି ମିଳିଛି। ଏହି ଅବସରରେ ଭାଜପା ନେତା ସୁମନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ, ବ୍ଲକ ଅଧ୍ୟକ୍ଷ ଚିନ୍ତାମଣି ବେହେରା, ସୁମନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ନୂତନ ଭାବେ ନିଯୁକ୍ତ ହୋଇଥିବା ମଣ୍ଡଳ ସଭାପତି ଓ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାରେ କଲମପୁର ମଣ୍ଡଳର ବରିଷ୍ଠ ଭାଜପା ନେତା ବିଶ୍ୱରଞ୍ଜନ ପଣ୍ଡା, ବ୍ୟୋମକେଶ ପାଣିଗ୍ରାହୀ, ବିଜମରା ମଣ୍ଡଳର ବିଜୟ ପଣ୍ଡା, ଘନଶ୍ୟାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ମଣ୍ଡଳ ସଭାପତି ଓ ପ୍ରତିନିଧି ରାଜ୍ୟ ସଭାପତି ମନମୋହନ ସାମଲ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ପାଟଯୋଶୀ, ଜିଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

### ଅପରେଶନ ସିନ୍ଦୂରର ସଫଳତା ନେଇ ଖୁସି ମନାଇଲେ



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସଦସ୍ୟମାନେ।

ଖଡ଼ିଆଳ,୭।୫ (ସୁଜିତ କୁମାର ପ୍ରଧାନ)

ଅପରେଶନ ସିନ୍ଦୂରର ସଫଳତା ନେଇ ବୁଧବାର ନୂଆପଡ଼ା ଜିଲା ଖଡ଼ିଆଳ ହେଲ୍‌ଥ କ୍ଲବ ସଦସ୍ୟ ଖୁସି ମନାଇଛନ୍ତି। ସେମାନେ ଜାତୀୟ ପତାକା ଧରି ଭାରତ ମାତାର ଜୟ ଜୟକାର ନାରା ଦେଇଥିଲେ। ପହଲଗାମ୍ ହତ୍ୟାକାଣ୍ଡରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଏହା ଉଚିତ ପଦକ୍ଷେପ ବୋଲି ଦର୍ଶାଇଥିଲେ। ଏଥିରେ ଜାତୀୟ ସୁରକ୍ଷା ଏକାଡେମୀ ପୁନାର ଅବସରପ୍ରାପ୍ତ ଅଧ୍ୟାପକ ଜଗମୋହନ ମେହେର ଯୋଗଦେଇ ଭାରତ ବିଜୟ ଉଲ୍ଲେଖନୀୟ ଓ ୧୯୭୧ ପରେ ୩ସେନା ମିଳିତ ଭାବରେ ଅପରେଶନ ସିନ୍ଦୂରକୁ ସଫଳ କରିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପଦ୍ମଲୋଚନ ବର୍ମା, ବିଜୟ କୁମାର ସହିଶ, ବଜରଙ୍ଗ ଅଗ୍ରୱାଲ, ଶଙ୍କର ପୁରୋହିତ, ଶ୍ୟାମ କୁମାର ସାହୁ ସାମିଲ ହୋଇଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ବେଡ଼ାଗାଁ ଚାମ୍ପିୟନ

ଲାଞ୍ଜିଗଡ଼,୭।୫(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବେଡ଼ାଗାଁଠାରେ ପଞ୍ଚାୟତ ସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ ଦଳ ଭାଗ ନେଇଥିବାବେଳେ ଫାଇନାଲ ମ୍ୟାଚ ଡମସୁଲିମ ଓ ବେଡ଼ାଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବେଡାଗାଁ ଦଳ ୧୦ ଓଭରରେ ୮ ଉଇକେଟ ବିନିମୟରେ ୧୧୯ ରନ ସଂଗ୍ରହ କରିଥିଲା। ଜବାବରେ ଡମସୁଲିମ ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୧ ରନ କରି ପରାଜିତ ହୋଇଥିଲା। ବେଡ଼ାଗାଁ ସରପଞ୍ଚ ଶୁଭାସିନୀ ମାଝୀ ମୁଖ୍ୟ ଅତିଥି ଓ ପୂର୍ବତନ ଲାଞ୍ଜିଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋହର ହରପାଲ, ସାମାଜିକ କର୍ମୀ କିଶୋର ଚନ୍ଦ୍ର ହରପାଲ, ୱାର୍ଡ଼ ସଭ୍ୟ ଫୁଲସର୍ ହରିଜନ, ଗାଁ ମୁଖିଆ ଗୌର ଚନ୍ଦ୍ର ରାଜୁ, ସମିତି ସଭ୍ୟା ପ୍ରତିନିଧି ତ୍ରିନାଥ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ବେଡ଼ାଗାଁ ଦଳକୁ ୨ହଜାର ନଗଦ ଅର୍ଥରାଶି ସହିତ କପ ଓ ରନର୍ସ ଅପ ଦଳକୁ ନଗଦ ୧୫ଶହ ଅର୍ଥରାଶି ସହିତ କପ ପ୍ରଦାନ କରିଥିଲେ। କିଶୋର ବେହେରା, ଲକ୍ଷ ବେହେରା ଓ ପ୍ରକାଶ ମାଝୀ ଖେଳ ପରିଚାଳନା କରିଥିବାବେଳେ ହିତେଶ ବେହେରା ମଞ୍ଚ ପରିଚାଳନା କରିଥିଲେ।



ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ରାସ୍ତା ନିର୍ମାଣ ଆଶା ଉଜ୍ଜ୍ୱଳ

- ରେଳ ଷ୍ଟେଶନରୁ ରେଣ୍ଡୋମାଝୀ ମେଡ଼ିକାଲ କଲେଜ ରାସ୍ତା
- କଳାହାଣ୍ଡି ରେଳଯାତ୍ରୀ ସଂଘର ବୈଠକ

ଭବାନୀପାଟଣା,୭।୫ (ଉତ୍ତମ କୁମାର ଦାଶ)



ବୈଠକରେ ଉପସ୍ଥିତ ରେଳଯାତ୍ରୀ ସଂଘ କର୍ମକର୍ତ୍ତା।

କଳାହାଣ୍ଡି ରେଳଯାତ୍ରୀ ସଂଘର ଉଦ୍ୟମ ଯୋଗୁ ଜିଲାରେ ରେଳପଥର ବିକାଶ ସମ୍ବନ୍ଧୀୟ ବହୁ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଏହା ମଧ୍ୟରେ ଭବାନୀପାଟଣାଠାରୁ ରେଣ୍ଡୋମାଝୀ ମେଡ଼ିକାଲ କଲେଜ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପ୍ରସଙ୍ଗ ଅନ୍ୟତମ। ବୁଧବାର ସନ୍ଧ୍ୟାରେ ଭବାନୀପାଟଣାର ଏକ ହୋଟେଲ ସମ୍ମିଳନୀ କକ୍ଷରେ ରେଳ ଯାତ୍ରୀ ସଂଘ ଅଧ୍ୟକ୍ଷ ଡ଼. ଭବାନୀ ଶଙ୍କର ନିଆଲଙ୍କ ଆବାହକତ୍ୱରେ ଏକ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ଅଧ୍ୟକ୍ଷ ନିଆଲ ରାସ୍ତା ନିର୍ମାଣ ପ୍ରସ୍ତାବର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ମାତ୍ର ୧କିମି ରାସ୍ତା ନିର୍ମାଣ ହେଲେ ଦୈନିକ ହଜାର ହଜାର ଲୋକ ଉପକୃତ ହେବେ ବୋଲି ମତପ୍ରକାଶ ପାଇଥିଲା। ଡ଼. ନିଆଲଙ୍କ ନେତୃତ୍ୱରେ ରେଳ ଯାତ୍ରୀ ସଂଘ ବିଭାଗୀୟ ଜି.ଏମ୍. ଓ ଡ଼ିଆର୍‌ଏମ୍‌ଙ୍କ ସହ ସାକ୍ଷାତ କରି ଯେପରି ଯଥାଶୀଘ୍ର ରାସ୍ତା ହୋଇପାରିବ ସେ ନେଇ ଚେଷ୍ଟା କରାଯାଇଛି। ଅନ୍ୟପକ୍ଷରେ ଏହି ରାସ୍ତା ପାଇଁ ଏକପ୍ରକାର ଗ୍ରୀନ ସିଗିନାଲ ମିଳିବା ସହିତ ଚୂଡାନ୍ତ ସ୍ଥିତିରେ ପହଞ୍ଚିଥିବା ଜଣାପଡିଛି। ବୈଠକ ପୂର୍ବରୁ କଳାହାଣ୍ଡିର ବରିଷ୍ଠ ତଥା ପ୍ରବୀଣ ଆଇନଜୀବୀ ସ୍ୱର୍ଗତ ଜଗନ୍ନାଥ ମୁଣ୍ଡ ଓ ଦକ୍ଷ ସଂଗଠକ ଭାଗୀରଥି ପାଟଯୋଶୀଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ, ମହାସଚିବ ନିରୋଜ ପଟ୍ଟନାୟକ, ଦେବୀ ପ୍ରସାଦ ସିନ୍ଧୂର, ଉପସଭାପତି ପରମାନନ୍ଦ ମାଝୀ, ଧ୍ୟାନନନ୍ଦ ପଣ୍ଡା, ଉପଦେଷ୍ଟା ସ୍ୱାଧୀନ ପାତ୍ର, ସଚିନ ଜୈନ, ପ୍ରମୋଦ ଜୈନ, ଧବଳେଶ୍ୱର ମାଝୀ, ସୁମିତ ଅଗ୍ରୱାଲ, ସତ୍ୟନାରାୟଣ ପଣ୍ଡା, ସିତାରାମ ନାୟକ, ଶ୍ରୀପତି ଯୋଶୀ, ଶାନ୍ତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

**ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ବରଡୋଲ କେନାଲ ଛକ ନିକଟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୁଧବାର ସକାଳ ପ୍ରାୟ ୭ଟାରେ ଜଣେ ଲୋକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସମ୍ବଲପୁର ଜିଲା ଚିପିଲିମା ଅଞ୍ଚଳର ଅଶୋକ ସୁନା। ଅଶୋକ ଏକ ଡିଜେ ଗାଡିରେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ରାତ୍ରିରେ ଅମ୍ବାଭୋନା ବ୍ଲକ ଭୁକ୍ତା ନିକଟରେ ଏକ ବିବାହ କାର୍ଯ୍ୟକ୍ରମରେ ଅଶୋକ ଏବଂ ତାଙ୍କ ସାଥୀ ସାମିଲ ଥିଲେ। କାର୍ଯ୍ୟକ୍ରମ ସରିବା ପରେ ସେମାନେ ଫେରିବା ବାଟରେ ବରଡୋ, କେନାଲ ଛକରେ ଗାଧୋଇବା ପାଇଁ ଗାଡି ଛିଡା କରିଥିଲେ। ସେହି ରାସ୍ତା ଦେଇ ଯାଇଥିବା ୧୧କେ.ଭି ବିଦ୍ୟୁତ୍ ଲାଇନ ତଳେ ଗାଡି ଛିଡା ହୋଇଥିବା ବେଳେ ହଠାତ୍ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଅଶୋକ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଯୁଧିଷ୍ଠିର ମେହେର ଓ ତାଙ୍କର ସହଯୋଗୀ ବୁଲୁ କାଣ୍ଡ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଧର୍ମପରାୟଣ ମହିଳାଙ୍କ ପରଲୋକ

**ପାଇକମାଲ,୭।୫(ବଡ଼ ଶତପଥୀ):** ବରଗଡ଼ ଜିଲା ପାଇକମାଲାରେ ବୁଧବାର ସକାଳ ୫ଟାରେ ଜଣେ ଧର୍ମପରାୟଣ ମହିଳାଙ୍କ ପରଲୋକ ହୋଇଛି। ସେ ହେଲେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ବଡ



ଭାଇ ବିଜୟ କୁମାର ପୁରୋହିତଙ୍କ ସ୍ତ୍ରୀ ସଂଯୁକ୍ତା ପୁରୋହିତ (୬୪)। ସଂଯୁକ୍ତା ଗତ କିଛି ବର୍ଷ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରୁ ସୁସ୍ଥ ହୋଇ ମାସେ ହେଲା ଘରକୁ ଫେରିଥିଲେ। ତାଙ୍କର ଅନ୍ତିମ ସଂସ୍କାର ପାଇକମାଲ ସ୍ଥିତ ସ୍ୱର୍ଗଦୁଆରଠାରେ ହୋଇଥିବା ବେଳେ ସ୍ୱାମୀ ବିଜୟ କୁମାର ପୁରୋହିତ ଓ ଡିନିଭାଇ ଗିରିଧାରୀ ପୁରୋହିତ, ଆଇନଜୀବୀ ରାମ ରତନ ପୁରୋହିତ, ଏମ୍‌ପି ପୁରୋହିତଙ୍କ ସମେତ ସମସ୍ତ ପରିବାର ବନ୍ଧୁ,ବାନ୍ଧବ ଉପସ୍ଥିତ ଥିଲେ। ବଡପୁଅ ସିଦ୍ଧାନ୍ତ ପୁରୋହିତ ମୁଖାଗ୍ନି ଦେଇଥିଲେ। ସଂଯୁକ୍ତା ଜଣେ ମେଳାପୀ ଓ ଧର୍ମପରାୟଣ ମହିଳା ଥିଲେ।



ବରଗଡ଼ ବ୍ଲକ କଳାପାଣି ଅଞ୍ଚଳରେ ଧାନ ଅମଳ ଚାଲିଛି।

# ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ସପ୍ତାହେ ବାକି

**ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ)**

**ଏବେଠୁ ସକ୍ରିୟ ହେଲେଣି ଧାନ ବେପାରୀ**
- ମଣ୍ଡି ଭିତ୍ତିଭୂମି ଯେଉଁ ତିମିରେକୁ ସେହି ତିମିରେ
- ଅମଳ ଧାନ ଗଚ୍ଛିତ ରଖି ନ ପାରି ଚାଷୀ ହଟହଟା

ବରଗଡ଼ ଜିଲାରେ ରବିଧାନ ଅମଳ ଆରମ୍ଭ ହୋଇଯାଇଛି। ଜିଲାର ଜଳସେଚିତ ଅଞ୍ଚଳରେ ଏହି ପ୍ରକ୍ରିୟା ଜୋର୍ ଧରିଛି। ସେହିପରି ଅଣଜଳସେଚିତ ଅଞ୍ଚଳରେ ମଧ୍ୟ ଚାଷୀମାନେ ଧାନ ଅମଳ ଆରମ୍ଭ କରିଦେଇଛନ୍ତି। ଅନ୍ୟପଟେ ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ଆହୁରି ସପ୍ତାହେ ବାକି ରହିଛି। ଏଭଳି ସ୍ଥିତିରେ ଅମଳ ଆରମ୍ଭରୁ ଜିଲାରେ ଧାନ ବେପାରୀମାନେ ସକ୍ରିୟ ହୋଇଉଠିଛନ୍ତି। ଚାଷୀଙ୍କଠାରୁ କମ୍ ଦରରେ ବେପାରୀମାନେ ଧାନ କିଣୁଛନ୍ତି ଏବଂ ମଣ୍ଡି ଖୋଲିବା ପୂର୍ବରୁ ସେହି ଧାନ ସିଧାସଳଖ ବିଭିନ୍ନ ରାଇସ୍ ମିଲ୍‌କୁ ଯାଉଥିବା ଅଭିଯୋଗ ହୋଇଛି। ଏବେଠାରୁ ତଥାକଥିତ ଧାନ ବେପାରୀଙ୍କ ଉପରେ ନଜର ରଖି ତାକୁ ନିୟନ୍ତ୍ରଣ କରା ନ ଗଲେ ଆଗକୁ ଧାନବିକ୍ରି ସମସ୍ୟା ଜଟିଳ ହୋଇପଡ଼ିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

ଗତ ମାସ ୨୩ ତାରିଖରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ମେ' ୧୪ରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଆସନ୍ତା ୧୪ ତାରିଖରୁ ଧାନ ସଂଗ୍ରହ ପାଇଁ ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି) ଅଧୀନରେ ୧୮୮ ମଣ୍ଡି ତଥା ଧାନକ୍ରୟ କେନ୍ଦ୍ର ଖୋଲିବ। ସେଥିମଧ୍ୟରୁ ଅତାବିରା ବ୍ଲକରେ ୨୭, ଭେଡ଼େନ ବ୍ଲକରେ ୩୨, ଅମ୍ବାଭୋନା ବ୍ଲକରେ ୩, ବରଗଡ଼ ବ୍ଲକରେ ୩୧, ବରପାଲି ବ୍ଲକରେ ୨୫, ଭଟ୍‌ଲି ବ୍ଲକରେ ୧୧, ବିଜେପୁର ବ୍ଲକରେ ୧୨, ଗାଇସିଲେଟ ବ୍ଲକରେ ୩, ଝାରବନ୍ଧ ବ୍ଲକରେ ୧୧, ରାଜବୋଡ଼ାସମ୍ବର(ପଦ୍ମପୁର) ବ୍ଲକରେ ୭, ପାଇକମାଳ ବ୍ଲକରେ ୧୦ ଏବଂ ସୋହେଲା ବ୍ଲକରେ ୧୬ ଧାନମଣ୍ଡି ରହିଛି।

ଧାନ ସଂଗ୍ରହ ପୂର୍ବରୁ ମଣ୍ଡିଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲାପାଳ ଆଦିତ୍ୟ ଗୋୟଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅନେକ ମଣ୍ଡି ଏବେ ସୁଦ୍ଧା ଯେଉଁ ତିମିରେକୁ ସେହି ତିମିରେ ରହିଛି। ଅନ୍ୟପକ୍ଷରେ ଜିଲାର ଜଳସେଚିତ ଅତାବିରା, ଭେଡ଼େନ, ବରଗଡ଼ ବ୍ଲକରେ ଧାନ ଅମଳ କାର୍ଯ୍ୟ ଜୋର୍ ଧରିଛି। ମଣ୍ଡି ଖୋଲିବାକୁ ଆହୁରି ୭ ଦିନ ବାକି ଥିବା ଯୋଗୁ ଅମଳ ଧାନ ଗଚ୍ଛିତ ରଖିବା ବର୍ତ୍ତମାନ ଚାଷୀଙ୍କ ପାଇଁ ବଡ଼ ଚିନ୍ତା ପାଲଟିଛି। ଏଭଳି ସ୍ଥିତିରେ ବେପାରୀମାନେ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି। ଏଥର ମଧ୍ୟ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ରହିଛି। କିନ୍ତୁ ବେପାରୀ ଧାନ କୁଇଣ୍ଟାଲ ପ୍ରତି ୨୫୦୦ରୁ ୨୬୦୦ ଟଙ୍କାରେ କିଣିବା ଆରମ୍ଭ କରି ଦେଇଛନ୍ତି ଏବଂ ମଣ୍ଡି ଖୋଲିବା ପୂର୍ବରୁ ସେହି ଧାନ ସିଧାସଳଖ କେତେକ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌କୁ ଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ବରଗଡ଼ ବ୍ଲକ କଳାପାଣି ଗ୍ରାମର ଚାଷୀନେତା ସୁରେଶ ନେକାଣ୍ଟି କହିଛନ୍ତି, ଧାନ ସଂଗ୍ରହ ନୀତି ଅନୁଯାୟୀ, ମେ' ୧ତାରିଖରୁ ମଣ୍ଡିଗୁଡ଼ିକ ଖୋଲାଯିବା କଥା। କିନ୍ତୁ ବରଗଡ଼ ଜିଲାରେ ତାକୁ ୨ ସପ୍ତାହ ବିଳମ୍ବ କରାଯାଇଛି। ସେଥିପାଇଁ ଚାଷୀମାନେ ମଣ୍ଡିକୁ ଧାନ ଆଣିବାରେ ସକ୍ଷମ ହୋଇପାରୁନାହାନ୍ତି ଏବଂ ବେପାରୀଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଅତାବିରା ଅଞ୍ଚଳରେ ସେଭଳି ସ୍ଥିତି ଉପୁଜିଛି। ଏପରିକି ବେପାରୀ କିଣିଥିବା ଧାନ କେତେକ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌କୁ ଯାଉଛି ବୋଲି ନେକାଣ୍ଟି ଅଭିଯୋଗ କରିଛନ୍ତି। ସେହିପରି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ଚାଷୀ ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ ଫର୍ମରେ ଚାଷୀମାନେ ସେମାନଙ୍କ ଧାନ ଅମଳର ସମ୍ଭାବ୍ୟ ତାରିଖ ଉଲ୍ଲେଖ କରିଥାନ୍ତି। ସେଥିରେ ମେ' ପ୍ରଥମ ସପ୍ତାହରେ ଧାନ ଅମଳ ନେଇ ଅନେକ ଚାଷୀ ଉଲ୍ଲେଖ କରିଛନ୍ତି। କିନ୍ତୁ ତାକୁ ମଧ୍ୟ ଅଣଦେଖା କରାଯାଇଛି। ଅନ୍ୟପଟେ ଚାଷୀମାନେ ଧାନ ଅମଳ କରିସାରିଲେଣି ଏବଂ ମଣ୍ଡି ଖୋଲି ନ ଥିବା ଯୋଗୁ କୁଇଣ୍ଟାଲ ପ୍ରତି ୨୨୦୦ରୁ ୨୩୦୦ ଟଙ୍କାରେ ବେପାରୀଙ୍କୁ ବିକ୍ରି କରିଦେବାକୁ ବାଧ ହେଉଛନ୍ତି।

## ସଂସ୍କାର ସ୍କୁଲରେ ସମର କ୍ୟାମ୍ପ ଉଦ୍‌ଯାପିତ

**ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ସାପ୍ଲିଂ-୨ ବିଭାଗରେ ୧୦ଦିନ ଧରି ଚାଲିଥିବା ସମର କ୍ୟାମ୍ପ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡ଼ିୟା ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡ଼ିୟା, ଭାଇସ ଚେୟାରମ୍ୟାନ ମମତା ଅଗ୍ରୱାଲ, ନିର୍ଦ୍ଦେଶକ ସିଦ୍ଧାର୍ଥ ସାୱଡ଼ିୟା , ପ୍ରଧାନ ଶିକ୍ଷକ କରନ ସାହୁଙ୍କ ସମେତ ଅଭିଭାବିକା, ଅଭିଭାବକ, ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଭିଭାବିକା, ଅଭିଭାବକମାନଙ୍କୁ ସ୍ୱାଗତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସୁମନ ସାୱଡ଼ିୟା ଶିଶୁର ଚରିତ୍ର ଗଠନରେ ମା, ବାପା ଏବଂ ଶିକ୍ଷୟିତ୍ରୀ, ଶିକ୍ଷକଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ଦ୍ଦେଶକ ସିଦ୍ଧାର୍ଥ ସାୱଡ଼ିୟା ଶିଶୁମାନଙ୍କର ସାମଗ୍ରିକ ବିକାଶ ପାଇଁ ବିଦ୍ୟାଳୟରେ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କରନ ସାହୁ ମା, ବାପାମାନେ ଶିଶୁମାନଙ୍କର ସମସ୍ତ ଇଚ୍ଛାକୁ ପୂରଣ ନ କରି ବରଂ ତାଙ୍କୁ ବାସ୍ତବ ସମସ୍ୟା ସହିତ ପରିଚିତ କରିବା ଏବଂ ତାଙ୍କୁ ପ୍ରେରଣା ଦେବା ପାଇଁ ଅନୁରୋଧ କରିଥିଲେ। ଏହି ସମର କ୍ୟାମ୍ପରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ରେମ୍ପ ୱର୍କ ଏବଂ ସମର ପାର୍ଟିର ଆୟୋଜନ କରାଯାଇଥିଲା। ସାପ୍ଲିଂର ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟାନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ଏହି ସମର କ୍ୟାମ୍ପରେ ଭାଗ ନେଇଥିଲେ।



କାର୍ଯ୍ୟକ୍ରମରେ ଜଣେ ଶିଶୁଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ପାଇକମାଳରେ ବୈଶାଖ ମେଳା ଆରମ୍ଭ

**ପାଇକମାଲ,୭।୫(ବଡ଼ ଶତପଥୀ)**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ବୈଶାଖ ମେଳା ବୁଧବାର ସନ୍ଧ୍ୟାରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରାରେ ବାହାରି ଭକ୍ତମାନେ ଝରଣାର ଗଣେଶ ଘାଟରେ ପବିତ୍ର ପାଣି କଳସରେ ଆଣି ନୃସିଂହନାଥ ମନ୍ଦିର, ଶିବ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ଶ୍ରୀରାମ ମନ୍ଦିର, ବିନ୍ଧ୍ୟବାସିନୀ ମନ୍ଦିରକୁ ଯାଇ ପୂଜା ଅର୍ଚ୍ଚନା କରିଥିଲେ। ଏହା ପରେ ବିଶ୍ୱ ଶାନ୍ତି ମହାଯଜ୍ଞ ପୀଠରେ କଳସ ସ୍ଥାପନ କରିଥିଲେ । ୧୦୮ କଳସରେ ପବିତ୍ର ଜଳ ଆଣିବା ପୂର୍ବରୁ କଳସ ବୁଡ଼ାଇ ଥିବା ମା' ଭଉଣୀମାନଙ୍କୁ ପୁରୋହିତମାନେ ପବିତ୍ର କରାଇଥିଲେ। କର୍ତ୍ତା ଭାବେ ଚୂଡ଼ାମଣି ଭୁଏ ଓ ତାଙ୍କ ସ୍ତ୍ରୀ ସନ୍ତୋଷିନୀ ଭୁଏ ଦାୟିତ୍ୱ ତୁଲାଉଛନ୍ତି। କଳସ ଶୋଭାଯାତ୍ରାରେ ପଣ୍ଡିତ ଡିଗ୍ରୀଧର ଦେବତାଙ୍କ ସହ ମୁନା ଦେବତା କାର୍ଯ୍ୟ ତୁଲାଇଥିଲେ। ବୈଶାଖ ମେଳା କମିଟିର ସଭ୍ୟମାନେ ନିଜ ନିଜର ଦାୟିତ୍ୱ ତୁଲାଉଥିବା ବେଳେ ପୋଲିସ, ପାନୀୟ ଜଳ ଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଦମକଳ ବିଭାଗୀୟ କର୍ମଚାରୀମାନେ ନିଜ ନିଜର ଦାୟିତ୍ୱ ତୁଲାଉଛନ୍ତି। ଶାନ୍ତିଶୃଙ୍ଖଳା, ଟ୍ରାଫିକ ବ୍ୟବସ୍ଥା ତଥା ପୋଲିସ ସହାୟତା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଉଛି।



କଳସ ଶୋଭାଯାତ୍ରା।

## ଏ-୧ ଗ୍ରେଡ୍ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର,୭।୫(ପ୍ରଦୀପ୍ତ ଦାଶ)**

ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ ପାଇଥିବା ଛାତ୍ରମାନଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ରାଜବୋଡ଼ାସମ୍ବର ବ୍ଲକ ପାଇଁ ଗୌରବ ଆଣିଥିବା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଜମଲାର ଛାତ୍ର ସାହିଲ କୁମାର ବାଗ (୯୨.୬୬ ପ୍ରତିଶତ) ଓ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଲର ଛାତ୍ର ଦେବେଶ ପଣ୍ଡା (୯୧.୬୬ ପ୍ରତିଶତ)ଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ବ୍ଲକ ଶିକ୍ଷା କାର୍ଯ୍ୟାଳୟଠାରେ ମାନପତ୍ର ଓ ଟ୍ରଫି ସହ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଏବିଇଓ ରାମ ସିଂ ଭୋଇ, ଜୟ କୁମାର ସାହୁ, ସିଆର୍‌ସିସି ପ୍ରେମ ସାଗର ପଧାନ, ସଞ୍ଜୀବ ବାରିକ୍, ବିଆର୍‌ଟି ପ୍ରଭାତ ସାହୁ ଓ କପିଳ ସାହୁ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ବିଦ୍ୟୁତ୍ ସେବାକୁ ପୁନଃସ୍ଥାପିତ କଲା ଟିପିଡବ୍ଲ୍ୟୁଓଡିଏଲ

**ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ)**

**କାଳବୈଶାଖୀ ପ୍ରଭାବରେ କ୍ଷୟକ୍ଷତି**

ବରଗଡ଼ ଜିଲାରେ ଗତ ୩ତାରିଖ ହୋଇଥିବା କାଳବୈଶାଖୀ ପ୍ରଭାବରେ ଜିଲାର ବିଭିନ୍ନ ଅଞ୍ଚଳର ବିଦ୍ୟୁତ୍ ଭିତ୍ତିଭୂମିରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଦ୍ରୁତଗତିରେ ପବନ ପ୍ରବାହ ଯୋଗୁ ଜିଲାର ବିଭିନ୍ନ ଅଞ୍ଚଳରେ ୨୦୦ରୁ ଅଧିକ ବଡ଼ ବଡ଼ ଗଛ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡ଼ିଥିଲା। ଫଳରେ ୬୭ଟି ବିଦ୍ୟୁତ୍ ଖୁଣ୍ଟ, ୫୦ଟି କଣ୍ଡକ୍ଟର କ୍ଷତିଗ୍ରସ୍ତ ହୋଇଥିଲା। ସେହିପରି ପ୍ରାୟ ୨୫ କିଲୋମିଟର ପର୍ଯ୍ୟନ୍ତ ୧୧ କେ.ଭି. ଫିଡର ଲାଇନ ଏବଂ ୧୦୦ କେ.ଭି.ଏ. ବିଦ୍ୟୁତ୍ ଟ୍ରାନ୍ସଫର୍ମର ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ବରଗଡ଼ ସଦର ବ୍ଲକର ଲାଉନସରା, ବରପାଲି ବ୍ଲକ ଅନ୍ତର୍ଗତ ପିପିଲିପାଲି, ପାଟକୁଲୁଣ୍ଡା, ବୁରୋମୁଣ୍ଡା ଓ କାଇଁସିର ଏବଂ ଭେଡେନ ବ୍ଲକ ଅନ୍ତର୍ଗତ ପ୍ରଧାନପାଲି, ସାଲେପାଲି, ଆରେଗୁଡି ଏବଂ ଅନିଲାପାଲି ଅଞ୍ଚଳର ପ୍ରାୟ ୫,୦୦୦ ବିଦ୍ୟୁତ୍ ଗ୍ରାହକ ପ୍ରଭାବିତ ହୋଇଥିଲେ। ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ତୁରନ୍ତ ଜରୁରୀକାଳୀନ ରକ୍ଷଣାବେକ୍ଷଣ ଦଳକୁ ପୁନଃରୁଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ପାଖାପାଖି ୬୦ ଜଣ କ୍ଷେତ୍ର ରକ୍ଷଣାବେକ୍ଷଣ କର୍ମଚାରୀମାନେ ବିଭିନ୍ନ ପ୍ରକାର ପ୍ରତିକୂଳ ପରିସ୍ଥିତି ତଥା ଅପହଞ୍ଚ ଅଞ୍ଚଳରେ ରାତିଦିନ ଅକ୍ଲାନ୍ତ ପରିଶ୍ରମ କରି ବିଦ୍ୟୁତ୍ ସେବା ପୁନଃରୁଦ୍ଧାର କରି ପାରିବାରେ ସକ୍ଷମ ହୋଇଥିଲେ। ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ ଯୋଗୁ ପ୍ରାୟ ୯୦ ପ୍ରତିଶତ ପୁନରୁଦ୍ଧାର କାର୍ଯ୍ୟ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଥିଲା। ଉଲ୍ଲେଖଥାଉ କି, ଏହି କାଳବୈଶାଖୀ ଝଡ଼ ଯୋଗୁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବରପାଲି ସେକ୍ସନ-୨ ଅନ୍ତର୍ଗତ ସାଲେପାଲି ଏବଂ ପ୍ରଧାନପାଲି ଗ୍ରାମରେ ଏହି ପୁନରୁଦ୍ଧାର କାର୍ଯ୍ୟ ଏବେ ବି ଜାରି ରହିଛି । ତେବେ କମ୍ପାନୀ ପକ୍ଷରୁ ଶୀଘ୍ର ଏହି ଅଞ୍ଚଳ ଗୁଡ଼ିକରେ ସମ୍ପୂର୍ଣ୍ଣ ବିଦ୍ୟୁତ୍ ପୁନସ୍ଥାପନ କରାଯିବାକୁ ଆଶା କରାଯାଉଛି ବୋଲି ଟିପିଡବ୍ଲୁଓଡିଏଲ ପକ୍ଷରୁ ସୂଚନା ମିଳିଛି।



ବରଗଡ ଜିଲାରେ ଚାଲିଥିବା ବିଦ୍ୟୁତ ମରାମତି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପଦ୍ମପୁର,୭।୫(ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ଲକ ଫୁଲମତିପୁର ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଭୋଜରାଜ ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷକ ସଂଘର ପୂର୍ବତନ ସଭାପତି ସଦାନନ୍ଦ ପୁରୋହିତ, ସମ୍ମାନିତ ଅତିଥି ଭାବେ ଏବିଇଓ ଜୟକୁମାର ସାହୁ, ଜିଲା ପରିଷଦ ସଭ୍ୟ ମକରଧ୍ୱଜ ବଗାର, ଯୋହନ କୁମ୍ଭାର, ଭୀଷ୍ମଦେବ ବରିହା, ସୁଷମା କିଶାନ, ହାଡୁ ବରିହା, ବୈକୁଣ୍ଠ ବିଶ୍ୱାଳ, ଭକ୍ତ ମହାନନ୍ଦ, ପ୍ରଦୀପ କୁମାର ମାଝୀ ଯୋଗଦାନ କରିଥିଲେ। ମଞ୍ଚକୁ ମଦନ ଶବର ପରିଚାଳନା କରିଥିଲେ। ଝସକେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୪ ପ୍ରହର ନାମଯଜ୍ଞ ସମ୍ପନ୍ନ

**ଅତାବିରା,୭।୫(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ବ୍ଲକ୍ ଖଇରପାଲିରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ରବିବାର ବିଳମ୍ବିତ ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଗୁରୁବାର ଗ୍ରାମର ମହିଳାମାନେ ନିକଟସ୍ଥ ଗାଁ ପୋଖରୀରୁ ମାନସିକ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ପରେ ପରମାଣପୁର ଗ୍ରାମରୁ ରାଧାକୃଷ୍ଣଙ୍କୁ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ୪ଟା ୧୦ରେ ନାମକୀର୍ତ୍ତନ ଆରମ୍ଭ ହୋଇଥିଲା। ରବିବାର ଯଜ୍ଞ ପୂର୍ଣ୍ଣାହୁତି ପରେ ଦଧିଭାଣ୍ଡ ଭଞ୍ଜନ କରାଯାଇଥିଲା। ଏଥିରେ ଜାମପାଲି, କୁର୍ଲା, ଖଣ୍ଡାହଥା ଓ ତୁଳଣ୍ଡୀ ଗ୍ରାମର ସଂକୀର୍ତ୍ତନ ଦଳ ଯୋଗଦେଇ ଭଜନ କୀର୍ତ୍ତନ କରି ନଗର ପରିକ୍ରମା କରିଥିଲେ। ପ୍ରତିଦିନ ବିଭିନ୍ନ ଗ୍ରାମରୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ କୀର୍ତ୍ତନ କରିଥିଲେ। ଏଥିରେ ସୌଦାମିନୀ ଗାଏଗାରିଆ ଓ ଦିନେଶ ଗାଏଗାରିଆ କର୍ତ୍ତାକର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ରାଜେଶ ମହାପାତ୍ର ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ।

## ସ୍ନାତକ ପରୀକ୍ଷାରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବରପାଲି,୭।୫(ଚିତ୍ତରଞ୍ଜନ ସାହୁ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଷଷ୍ଠ ପର୍ଯ୍ୟାୟ ଛାତ୍ରୀମାନେ ସଫଳତା ହାସଲ କରିଛନ୍ତି। ବୁଧବାର ପୂର୍ବାହ୍ନ ୧୧ଟାରେ ସ୍ନାତକ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ମହିଳା ମହାବିଦ୍ୟାଳୟର ୮ ଜଣ ଛାତ୍ରୀ ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ଓଡ଼ିଆ ବିଭାଗରେ ଅର୍ଚ୍ଚନା ସାହୁ ୯.୦୮ ମାର୍କ ରଖି ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ପ୍ରଥମ ହୋଇଥିବା ବେଳେ ହିନ୍ଦୀ ବିଭାଗରୁ ସୋନାଲି ମେହେର ୮.୯୫ ମାର୍କ ରଖି (ତୃତୀୟ),ସିମ୍ପଲି ଶତପଥୀ ୮.୮୪(ଚତୁର୍ଥ), ଆଁଚଲ ମହତମ ୮.୭୭(ସପ୍ତମ) ଶ୍ରାବଣୀ ଭୋଇ ୮.୭୪ ମାର୍କ(ଅଷ୍ଟମ) ରଖିଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗରୁ ଲିପସା ବେହେରା ୮.୬୧(ଚତୁର୍ଥ) ସ୍ନେହା ବିଶି ୮.୬୦(ପଞ୍ଚମ), ପୁଷ୍ପାଞ୍ଜଳି ବଞ୍ଜୋରେ ୮.୫୨(ନବମ) ସ୍ଥାନରେ ଅଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଆଭାସି ମାଧ୍ୟମରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀମାନେ ସାମିଲ ହୋଇ ସମର୍ଦ୍ଧନା ଜ୍ଞାପନ କରିଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀମାନେ।

# ବିକାଶ ଡିଗ୍ରୀ କଲେଜର ସଫଳତା

**ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ)**



ଅର୍ପିତା ଚୌଧୁରୀ



ଇତିଶ୍ରୀ ମିଶ୍ର



ଶିବରାଜ ବେହେରା

**ଯୁକ୍ତତିନି ଶେଷବର୍ଷ ପରୀକ୍ଷାଫଳ**
- ୩ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ଟପ୍ପର
- ପ୍ରଥମ ୧୦ସ୍ଥାନରେ ୨୦ଛାତ୍ରୀଛାତ୍ର

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଯୁକ୍ତତିନି କଳା, ବିଜ୍ଞାନ ଏବଂ ବାଣିଜ୍ୟ ଶେଷବର୍ଷ ପରୀକ୍ଷାରେ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ ବିକାଶ ଡିଗ୍ରୀ କଲେଜର ୨୦ଛାତ୍ରୀଛାତ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଦଶ ତାଲିକାରେ ରହିଛନ୍ତି। ପ୍ରାଣୀ ବିଜ୍ଞାନ ବିଭାଗରେ ଅର୍ପିତା ଚୌଧୁରୀ ୯.୭୧, ଉଦ୍ଭିଦ ବିଜ୍ଞାନ ବିଭାଗରେ ଇତିଶ୍ରୀ ମିଶ୍ର ୯.୬୪, ମନୋବିଜ୍ଞା ସମ୍ମାନରେ ଶିବରାଜ ବେହେରା ୯.୩୫ସିଜିପିଏ ରଖି ପ୍ରଥମ ଦଶଜଣଙ୍କ ମଧ୍ୟରେ ଅଛନ୍ତି। ସେହିପରି ବିପୁଳ ପ୍ରଧାନ ପ୍ରାଣୀ ବିଜ୍ଞାନ ବିଭାଗରେ ୯.୫୨ସିଜିପିଏ ରଖି ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପଦାର୍ଥ ବିଜ୍ଞାନରେ ହିତେଶ ବିଶି ୯.୩୫ସିଜିପିଏ ରଖି ତୃତୀୟ ସ୍ଥାନରେ ଅଛନ୍ତି। ଉଦ୍ଭିଦ ବିଜ୍ଞାନରେ ରାହୁଳ ସାହୁ ୯.୩୧ସିଜିପିଏ ରଖି ଚତୁର୍ଥ, ଅନ୍ୱେଷା ପ୍ରିୟଦର୍ଶିନୀ ବାରିକ ୯.୭୧ସିଜିପିଏ ରଖି ସପ୍ତମ, ଶୁଭଶ୍ରୀ ସୋନାଲିକା ପ୍ରଧାନ ୯.୧୬ସିଜିପିଏ ରଖି ଅଷ୍ଟମ, ସୁପ୍ରିତି ସୌମ୍ୟା ଷଡ଼ଙ୍ଗୀ ୯.୧୫ସିଜିପିଏ ରଖି ନବମ ସ୍ଥାନ ଅଧିକାର କରିଛନ୍ତି। ଗଣିତ ସମ୍ମାନରେ ସୋନାଲି ପ୍ରଧାନ ୮.୯୫ସିଜିପିଏ ରଖି ଚତୁର୍ଥ, ହିତେଶ ଗର୍ତ୍ତିଆ ୮.୮୪ସିଜିପିଏ ରଖି ସପ୍ତମ ସ୍ଥାନରେ ରହିଛନ୍ତି। ସେହିପରି ପଦାର୍ଥ ବିଜ୍ଞାନରେ ରିତେଶ ବାରିକ, ଅଙ୍କିତା ମହାପାତ୍ର, ବାଣିଜ୍ୟ ବିଭାଗରେ ବୋଡ୍‌ଡୁ ଧରଣୀ, ଆଶିର୍ବାଦ ଦାଶ, ଅରବିନ୍ଦ ବଡ଼ପଣ୍ଡା ପ୍ରଥମ ୧୦ଜଣଙ୍କ ମଧ୍ୟରେ ଅଛନ୍ତି। କଳା ବିଭାଗର ମନୋବିଜ୍ଞାନରେ ଶିବରାଜ ବେହେରା ୯.୩୫ସିଜିପିଏ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ କିରନ ପାଢ଼ୀ ୮.୯୫ସିଜିପିଏ ରଖି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଇଂରାଜୀ ସମ୍ମାନ ବିଭାଗରେ ଅମିତା ରାଣୀ ବାଗ, ଭାବାତ୍ମକ ପାଢ଼ୀ, ଅର୍ଥଶାସ୍ତ୍ର ସମ୍ମାନରେ ଜଗମୋହନ ସାହୁ ପ୍ରଥମ ୧୦ଜଣଙ୍କ ମଧ୍ୟରେ ରହିଛନ୍ତି। ଉକ୍ତ କଲେଜର ୧୯୨ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୪ଜଣ ୯ସିଜିପିଏ, ୬୭ଜଣ ୮ସିଜିପିଏ, ୭୦ଜଣ ୭ସିଜିପିଏ, ୩୦ଜଣ ସିଜିପିଏରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ସଫଳତା ହାର ୯୫ପ୍ରତିଶତ ରହିଛି। ଏହି ସଫଳତା ପାଇଁ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିକାଶ ଉଚ୍ଚଶିକ୍ଷା ବିଭାଗର ଉଚ୍ଚକୋଟିର ଶିକ୍ଷା ପଦ୍ଧତି, ଅଧ୍ୟାପିକା, ଅଧ୍ୟାପକଙ୍କ ବିଧିବଦ୍ଧ ମାର୍ଗଦର୍ଶନ ଯୋଗୁ ଏହି ସଫଳତା ମିଳିଥିବା ସେ କହିଛନ୍ତି। ସେହିପରି ଉକ୍ତ ଶିକ୍ଷାନୁଷ୍ଠାନର ଚିଫ୍ ଏଡ଼ମିନିଷ୍ଟ୍ରେଟିଭ ଅଫିସର ଇଂ ଅଜୟ କୁମାର ମହାପାତ୍ର, ବରିଷ୍ଠ ଅଧିକାରୀ, ଡିନ୍, ଅଧ୍ୟକ୍ଷ, ଉପାଧ୍ୟକ୍ଷ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ମୃତ

**ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ବରଡୋଲ କେନାଲ ଛକ ନିକଟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୁଧବାର ସକାଳ ପ୍ରାୟ ୭ଟାରେ ଜଣେ ଲୋକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସମ୍ବଲପୁର ଜିଲା ଚିପିଲିମା ଅଞ୍ଚଳର ଅଶୋକ ସୁନା। ଅଶୋକ ଏକ ଡିଜେ ଗାଡିରେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ରାତ୍ରିରେ ଅମ୍ବାଭୋନା ବ୍ଲକ ଭୁକ୍ତା ନିକଟରେ ଏକ ବିବାହ କାର୍ଯ୍ୟକ୍ରମରେ ଅଶୋକ ଏବଂ ତାଙ୍କ ସାଥୀ ସାମିଲ ଥିଲେ। କାର୍ଯ୍ୟକ୍ରମ ସରିବା ପରେ ସେମାନେ ଫେରିବା ବାଟରେ ବରଡୋ, କେନାଲ ଛକରେ ଗାଧୋଇବା ପାଇଁ ଗାଡି ଛିଡା କରିଥିଲେ। ସେହି ରାସ୍ତା ଦେଇ ଯାଇଥିବା ୧୧କେ.ଭି ବିଦ୍ୟୁତ୍ ଲାଇନ ତଳେ ଗାଡି ଛିଡା ହୋଇଥିବା ବେଳେ ହଠାତ୍ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଅଶୋକ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଯୁଧିଷ୍ଠିର ମେହେର ଓ ତାଙ୍କର ସହଯୋଗୀ ବୁଲୁ କାଣ୍ଡ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସଂସ୍କାର ସ୍କୁଲରେ ସମର କ୍ୟାମ୍ପ ଉଦ୍‌ଯାପିତ

**ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ସାଫ୍ଟି-୨ ବିଭାଗରେ ୧୦ଦିନ ଧରି ଚାଲିଥିବା ସମର କ୍ୟାମ୍ପ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାଓ୍ୱଡ଼ିୟା ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାଓ୍ୱଡ଼ିୟା, ଭାଇସ ଚେୟାରମ୍ୟାନ ମମତା ଅଗ୍ରୱାଲ, ନିର୍ଦ୍ଦେଶକ ସିଦ୍ଧାର୍ଥ ସାଓ୍ୱଡ଼ିୟା , ପ୍ରଧାନ ଶିକ୍ଷକ କରନ ସାହୁଙ୍କ ସମେତ ଅଭିଭାବିକା, ଅଭିଭାବକ, ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଭିଭାବିକା, ଅଭିଭାବକମାନଙ୍କୁ ସ୍ୱାଗତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସୁମନ ସାଓ୍ୱଡ଼ିୟା ଶିଶୁର ଚରିତ୍ର ଗଠନରେ ମା, ବାପା ଏବଂ ଶିକ୍ଷୟିତ୍ରୀ, ଶିକ୍ଷକଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ଦ୍ଦେଶକ ସିଦ୍ଧାର୍ଥ ସାଓ୍ୱଡିୟା ଶିଶୁମାନଙ୍କର ସାମଗ୍ରିକ ବିକାଶ ପାଇଁ ବିଦ୍ୟାଳୟରେ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କରନ ସାହୁ ମା, ବାପାମାନେ ଶିଶୁମାନଙ୍କର ସମସ୍ତ ଇଚ୍ଛାକୁ ପୂରଣ ନ କରି ବରଂ ତାଙ୍କୁ ବାସ୍ତବ ସମସ୍ୟା ସହିତ ପରିଚିତ କରିବା ଏବଂ ତାଙ୍କୁ ପ୍ରେରଣା ଦେବା ପାଇଁ ଅନୁରୋଧ କରିଥିଲେ।

# କମ୍ପ୍ୟୁଟର ଅଛି: କାର୍ଯ୍ୟରେ ଆସୁନି

**ରାଉରକେଲା,୭।୫(ବିପ୍ଳବ ରଞ୍ଜନ ଦାଶ)**

- ନିଯୁକ୍ତି ହୋଇ ନାହାନ୍ତି କମ୍ପ୍ୟୁଟର ପ୍ରଶିକ୍ଷକ
- ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର

ସରକାରୀ ସ୍କୁଲ ପିଲାଙ୍କୁ ମିଳିବ ଗୁଣାତ୍ମକ ଶିକ୍ଷା। ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଡିଜିଟାଲ ରୂପରେ ହେବ। ପୂର୍ବ ସରକାର ୫-ଟି ଯୋଜନା ମାଧ୍ୟମରେ ରାଜ୍ୟର ସମସ୍ତ ସରକାରୀ ସ୍କୁଲକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରିବା ଅଭିଯାନ କରିଥିଲେ। ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ କମ୍ପ୍ୟୁଟର ଯୋଗାଇଦେଲେ। ମାତ୍ର କମ୍ପ୍ୟୁଟର ଶିକ୍ଷା ପ୍ରଦାନ ପାଇଁ ପ୍ରଶିକ୍ଷକ ନିଯୁକ୍ତ କଲେନାହିଁ। ଯାହାଫଳରେ କିଣା ଯାଇଥିବା କୋଟି କୋଟି ଟଙ୍କାର କମ୍ପ୍ୟୁଟର ପିଲାଙ୍କ କାମରେ ଆସୁନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବିଶ୍ରା ଓ ରାଉରକେଲା ସରକାରୀ ହାଇସ୍କୁଲଗୁଡିକରେ।

ପ୍ରକାଶଥାଉକି, ପୂର୍ବ ସରକାର ଅମଳରେ ବିଶ୍ରା ସରକାରୀ ଶିକ୍ଷା ଅଞ୍ଚଳର ୫୪ଟି ହାଇସ୍କୁଲକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରାଗଲା। ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ପାଖାପାଖି ୧କୋଟି ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କମ୍ପ୍ୟୁଟର କିଣାହେଲା। ଏଥିସହ କମ୍ପ୍ୟୁଟର ମାଧ୍ୟମରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସ୍ୱତନ୍ତ୍ରଭାବେ ଆଇସିଟି ଲାବ୍ ବ୍ୟବସ୍ଥା ହେଲା। ମାତ୍ର ପରିତାପର ବିଷୟ ୫୪ଟି ହାଇସ୍କୁଲରେ ଜଣେ ସୁଦ୍ଧା କମ୍ପ୍ୟୁଟର ପ୍ରଶିକ୍ଷକ ଏଯାଏ ନିୟୋଜିତ ହେଲେନାହିଁ। ଯାହାଫଳରେ ଛାତ୍ରୀଛାତ୍ର କମ୍ପ୍ୟୁଟର ଶିକ୍ଷାରୁ ବଞ୍ଚିତ ରହିଲେ। କମ୍ପ୍ୟୁଟର ବ୍ୟବହାର ନ ହୋଇ ନଷ୍ଟ ହେବା ସହ ଇଣ୍ଟରନେଟ ବାବଦରେ ଅଯଥା ଖର୍ଚ୍ଚ ହେଉଛି। କମ୍ପ୍ୟୁଟର ଭଳି ଏକ ସମ୍ବେଦନଶୀଳ ପାଠ୍ୟକ୍ରମରେ ପିଲାମାନେ ସବୁ ବ୍ୟବସ୍ଥା ଥାଇ ପ୍ରଶିକ୍ଷିତ ନ ହେବା ପରିତାପର ବିଷୟ ବୋଲି ସହରର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇବା ସହ ରାଜ୍ୟର ଡବଲ ଇଞ୍ଜିନ ସରକାର ବିଶ୍ରା ଶିକ୍ଷାଞ୍ଚଳର ସରକାରୀ ସ୍କୁଲଗୁଡିକ ଖୋଲିବା ପୂର୍ବରୁ ତୁରନ୍ତ ବିହିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଦାବି କରିଛନ୍ତି।

ଏନେଇ ରାଉରକେଲା ଏବଂ ବିଶ୍ରା ଶିକ୍ଷା ବିଭାଗୀୟ ଆଇସିଟି ଲାବ୍ ଦାୟିତ୍ୱରେ ଥିବା ଅଧିକାରୀ ମନୋଜ କୁମାର ଆଚାର୍ଯ୍ୟଙ୍କୁ ପଚାରିବାରୁ,୨୦୨୨-୨୩ ଆର୍ଥିକ ବର୍ଷରେ ୫୪ଟି ହାଇସ୍କୁଲରେ ଆଇସିଟି ଲାବ୍ ବ୍ୟବସ୍ଥା ହେଲା। ୯ମ ଓ ୧୦ମ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ନିମନ୍ତେ ସ୍ୱତନ୍ତ୍ର କମ୍ପ୍ୟୁଟର ପ୍ରକୋଷ୍ଠ ସହିତ ସମସ୍ତ ବ୍ୟବସ୍ଥା ହେଲା। ମାତ୍ର ବର୍ତ୍ତମାନ ଉଭୟ ଶିକ୍ଷା ଅଞ୍ଚଳରେ ଜଣେ ସୁଦ୍ଧା କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତ ହୋଇ ନାହାନ୍ତି। ଯାହାଫଳରେ ବିଭାଗ ପକ୍ଷରୁ ହାଇସ୍କୁଲରେ ଅନ୍ୟାନ୍ୟ ପାଠ୍ୟ ବିଷୟରେ ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷକମାନଙ୍କୁ ଆମେ କମ୍ପ୍ୟୁଟର ତାଲିମ ଦେଇ କମ୍ପ୍ୟୁଟର କ୍ଲାସ ଚଳାଉଛୁ ବୋଲି କହିବା ସହିତ କମ୍ପ୍ୟୁଟର ଶିକ୍ଷକ ପ୍ରଦାନ ହେଲେ ଠିକ୍ ହୁଅନ୍ତା। ମାତ୍ର ଏଯାଏ ଏନେଇ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ବିଜ୍ଞପ୍ତି ଆମ ବିଭାଗକୁ ମିଳିନାହିଁ ବୋଲି କହିଥିଲେ।

ଏନେଇ ରାଉରକେଲା ବିଦ୍ୟୁତ୍ କଲୋନୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂ କହିଛନ୍ତି,୨୦୨୨-୨୩ ଆର୍ଥିକ ବର୍ଷ ଅବଧି ମଧ୍ୟେ ଆମ ସ୍କୁଲ ସ୍ମାର୍ଟସ୍କୁଲରେ ରୂପାନ୍ତରିତ ହେଲା। ଏହା ପୂର୍ବରୁ ଆମ ସ୍କୁଲରେ କମ୍ପ୍ୟୁଟର କ୍ଲାସ ହେଉ ନ ଥିଲା। ମାତ୍ର ସ୍ମାର୍ଟସ୍କୁଲ ହେବା ପରେ କମ୍ପ୍ୟୁଟର କ୍ଲାସ ଖୋଲିଲା । ଆମ କମ୍ପ୍ୟୁଟର ଲାବରେ ୧୨ଟି କମ୍ପ୍ୟୁଟର ଉପଲବ୍ଧ। ମାତ୍ର କମ୍ପ୍ୟୁଟର ପ୍ରଶିକ୍ଷକ ଅଭାବ ରହିଛି ବୋଲି ସେ କହିଛନ୍ତି।

ଏନେଇ ସୁନ୍ଦରଗଡ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କୁ ପଚାରିବାରୁ, ଏହି ସମସ୍ୟା କେବଳ ବିଶ୍ରା ଓ ରାଉରକେଲା ଶିକ୍ଷା ଅଞ୍ଚଳର ନୁହେଁ। ଏହା ସାରା ରାଜ୍ୟର ସମସ୍ୟା। ଏହାର ସମାଧାନ ଏକଦା ସରକାରଙ୍କ ହାତରେ ନ୍ୟସ୍ତ ବୋଲି ଜିଲା ଶିକ୍ଷା ଅଧିକାରୀ ପ୍ରଧାନ କହିଛନ୍ତି।



କାର୍ଯ୍ୟକ୍ରମରେ ଅତିଥି ଓ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

## ମ୍ୟୁନିସିପାଲ ମହାବିଦ୍ୟାଳୟରେ କୃତୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ




ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ସହିତ ଅଧ୍ୟକ୍ଷ ଏବଂ ଅନ୍ୟମାନେ।

**ରାଉରକେଲା,୭।୫(ବିପ୍ଳବ ରଞ୍ଜନ ଦାଶ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷା ଫଳ ପ୍ରକାଶ ପାଇଛି। ରାଉରକେଲା ମ୍ୟୁନସିପାଲ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ତିନିଜଣ ବିଦ୍ୟାର୍ଥି ପ୍ରଥମ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ଅଧିକୃତ କରି ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଏନେଇ ବୁଧବାର କଲେଜର ଅଧ୍ୟକ୍ଷ ଡକ୍ଟର ସନାତନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୃତୀ ବିଦ୍ୟାର୍ଥିଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ କଲେଜ ସମ୍ମିଳନୀ ପ୍ରକୋଷ୍ଠରେ ଆୟୋଜିତ ହୋଇ ରୁଷବ ଜୈନ, ଆର୍ଫିନ ଆଜାମ ଓ ବିଦ୍ୟା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କଲେଜର ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଭା ସାହୁ ଉଦ୍ଭିଦ ବିଜ୍ଞାନ ,ଦୀପାଂଶୁ ସିହ୍ନା ରସାୟନ ବିଜ୍ଞାନ, ଶ୍ୟାମ କୃଷ୍ଣ ପ୍ରଧାନ ଗଣିତ, ମହିମା ପେଟେ ପଦାର୍ଥ ବିଜ୍ଞାନ , ପ୍ରୟାସ ପ୍ରିତୀରଞ୍ଜନ ବାରିକ ପ୍ରାଣୀ ବିଜ୍ଞାନ, ସୌଦାମିନୀ ବେହେରା ଅର୍ଥ ଶାସ୍ତ୍ର, ସ୍ୱୟଂ ସିଦ୍ଧି ବିଶ ଇଂରାଜୀ, ସ୍ତୁତିଗାନ କୁଲ ହିନ୍ଦୀ , ଦିବ୍ୟତା ଖେସ ଇତିହାସ , ଅର୍ଚ୍ଚିତା ପାଢୀ ଓଡ଼ିଆ ଏବଂ ପ୍ରିତୀ ସୋନକର ରାଜନିତୀ ବିଜ୍ଞାନ ପାଇଁ ସମ୍ବର୍ଦ୍ଧିତ ହୋଇଥିଲେ। ଦିପ୍ତିରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ଡ. ଦିବ୍ୟକାନ୍ତି ବିଲୁଙ୍ଗ ଶିକ୍ଷା ପଦ୍ଧତି ସମ୍ବନ୍ଧୀୟ ଆଲୋଚନା କରିଥିଲେ। ଏଥିସହ ବିଜୟ ପାଢୀ ପରୀକ୍ଷା ଫଳର ସମୀକ୍ଷା କରିଥିଲେ। ଏହାପରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ମାନେ ଏନେଇ ସ୍ୱ-ମତ ପ୍ରକାଶ କରି ମହାବିଦ୍ୟାଳୟର ଉଚ୍ଚଶିକ୍ଷା ପ୍ରଦାନ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଶେଷରେ ପ୍ରଧାପିକା ରୁମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ନାତକ ପରୀକ୍ଷାରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବରପାଲି,୭।୫(ଚିତ୍ତରଞ୍ଜନ ସାହୁ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଷଷ୍ଠ ପର୍ଯ୍ୟାୟ ଛାତ୍ରୀମାନେ ସଫଳତା ହାସଲ କରିଛନ୍ତି। ବୁଧବାର ପୂର୍ବାହ୍ନ ୧୧ଟାରେ ସ୍ନାତକ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ମହିଳା ମହାବିଦ୍ୟାଳୟର ୮ ଜଣ ଛାତ୍ରୀ ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ଓଡ଼ିଆ ବିଭାଗରେ ଅର୍ଚ୍ଚନା ସାହୁ ୯.୦୮ ମାର୍କ ରଖି ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ପ୍ରଥମ ହୋଇଥିବା ବେଳେ ହିନ୍ଦୀ ବିଭାଗରୁ ସୋନାଲି ମେହେର ୮.୯୫ ମାର୍କ ରଖି (ତୃତୀୟ),ସିମ୍ପଲି ଶତପଥୀ ୮.୮୪(ଚତୁର୍ଥ), ଆଁଚଲ ମହତମ ୮.୭୭(ସପ୍ତମ) ଶ୍ରାବଣୀ ଭୋଇ ୮.୭୪ ମାର୍କ(ଅଷ୍ଟମ) ରଖିଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗରୁ ଲିପସା ବେହେରା ୮.୭୧(ଚତୁର୍ଥ) ସ୍ନେହା ବିଶି ୮.୭୦(ପଞ୍ଚମ), ପୁଷ୍ପାଞ୍ଜଳି ବଞ୍ଜୋରେ ୮.୫୨(ନବମ) ସ୍ଥାନରେ ଅଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଆଭାସି ମାଧ୍ୟମରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀମାନେ ସାମିଲ ହୋଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଚୋରା ସ୍କ୍ରାପ୍ ଜବତ,୭ କୋର୍ଟ ଚାଲାଣ




ଗିରଫ ୭ ଅଭିଯୁକ୍ତ।

**କୁଆଁରମୁଣ୍ଡା,୭।୫(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଲୁହା ବିଜୁଳି ଖୁଣ୍ଟି, କେବୁଲ ତମ୍ବା ତାର, ପାଣି ମୋଟର ଆଦି ଲକ୍ଷାଧିକ ମୂଲ୍ୟର ଚୋରା ଲୁହା ସାମଗ୍ରୀ ଚୋରି କରି ଫେରାର ହୋଇଯାଇଥିବା ୭ ଜଣ ଅଭିଯୁକ୍ତଙ୍କୁ କୁଆଁରମୁଣ୍ଡା ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋବିରାର ରିବା ଖାଲଖୋ(୩୪), ଜଗଦୀଶପୁରର ରାଜମୋହନ କିଶାନ(୩୮),ବୀରମିତ୍ରପୁରର ସୋନୁ ଜୟପୁରିଆ(୩୩),ରାହୁଲ ମହାନନ୍ଦିଆ(୩୧), ବିପିନ କୁକୁର(୩୮), ହାତିବାରି ଥାନା ପୁରୁଣାପାଣିର ଅଜୟ କୁକୁର(୪୨) ଓ ପଦମପୁର ଗ୍ରାମର ରିଙ୍କୁ ଲାକ୍ରା(୩୮)। ସେମାନଙ୍କ ନିକଟରୁ ଏକ ପିକଅପ ଭ୍ୟାନ, ଲୁହା କଟା ମେସିନ, ୨ ଟି ଗ୍ୟାସ ସିଲିଣ୍ଡର ପୋଲିସ ଜବତ କରିଛି। ଅଭିଯୁକ୍ତମାନେ କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ସମୟରେ ଲୁହା ଓ ଲୌହ ଯନ୍ତ୍ରପାତି ଚୋରି କରି ବିକ୍ରୀ କରୁଥିଲେ। ଏନେଇ ବୀରମିତ୍ରପୁର ଥାନାରେ ସେମାନଙ୍କ ନାମରେ ଏକାଧିକ ଚୋରି ମାମଲା ରୁଜୁ ହୋଇଛି। କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର,ଏଏସଆଇ ଶ୍ରୀନିବାସ ଦାସ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

## ଜିଲା ସ୍ତରୀୟ ଯୋଗ ଅଲିମ୍ପିଆଡ଼ ପ୍ରତିଯୋଗିତା

**କୁତ୍ରା,୭।୫(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା ସ୍ତରୀୟ ଯୋଗ ଅଲିମ୍ପିଆଡ଼ ପ୍ରତିଯୋଗିତା ବୁଧବାର ପିଏମ ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଜିଲାର ୧୭ଟି ବ୍ଲକର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ କୁତ୍ରା ବିଇଓ ଅନନ୍ତ କୁମାର ନାଏକ ଯୋଗଦେଇ ଯୋଗର ବ୍ୟାଖ୍ୟା କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ଗଣେଶ ବାରିକ, ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ, କ୍ରୀଡା ଶିକ୍ଷକ ଚନ୍ଦ୍ରଶେଖର ସାହୁ ଉପସ୍ଥିତ ଥିବାବେଳେ ନୂତନ ଭାବେ ଯୋଗଦେଇଥିବା ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଅଜୟ କୁମାର ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଥିଲା। ଯୋଗ ଓ ଆସନର ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କୃତ କରାଯାଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ରାଜ୍ୟ ସ୍ତରୀୟ ଯୋଗ ଅଲିମ୍ପିଆଡ ପ୍ରତିଯୋଗିତାରେ ଭାଗନେବେ। କାର୍ଯ୍ୟକ୍ରମକୁ ଶିକ୍ଷା ଶିକ୍ଷକ ଆଶିଷ ପ୍ରଧାନ ପରିଚାଳନା କରିଥିବା ବେଳେ ବିଦ୍ୟାଧର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ଡିଗ୍ରୀ କଲେଜର ସଫଳତା



ଅର୍ପିତା ଚୌଧୁରୀ



ଇତିଶ୍ରୀ ମିଶ୍ର



ଶିବରାଜ ବେହେରା

**ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଯୁକ୍ତତିନି କଳା, ବିଜ୍ଞାନ ଏବଂ ବାଣିଜ୍ୟ ଶେଷବର୍ଷ ପରୀକ୍ଷାରେ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ ବିକାଶ ଡିଗ୍ରୀ କଲେଜର ୨୦ଛାତ୍ରୀଛାତ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଦଶ ତାଲିକାରେ ରହିଛନ୍ତି। ପ୍ରାଣୀ ବିଜ୍ଞାନ ବିଭାଗରେ ଅର୍ପିତା ଚୌଧୁରୀ ୯.୭୧, ଉଦ୍ଭିଦ ବିଜ୍ଞାନ ବିଭାଗରେ ଇତିଶ୍ରୀ ମିଶ୍ର ୯.୬୪, ମନୋବିଜ୍ଞା ସମ୍ମାନରେ ଶିବରାଜ ବେହେରା ୯.୩୫ସିଜିପିଏ ରଖି ପ୍ରଥମ ଦଶଜଣଙ୍କ ମଧ୍ୟରେ ଅଛନ୍ତି। ସେହିପରି ବିପୁଳ ପ୍ରଧାନ ପ୍ରାଣୀ ବିଜ୍ଞାନ ବିଭାଗରେ ୯.୫୨ସିଜିପିଏ ରଖି ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପଦାର୍ଥ ବିଜ୍ଞାନରେ ହିତେଶ ବିଶି ୯.୩୫ସିଜିପିଏ ରଖି ତୃତୀୟ ସ୍ଥାନରେ ଅଛନ୍ତି। ଉଦ୍ଭିଦ ବିଜ୍ଞାନରେ ରାହୁଳ ସାହୁ ୯.୩୧ସିଜିପିଏ ରଖି ଚତୁର୍ଥ, ଅନ୍ୱେଷା ପ୍ରିୟଦର୍ଶିନୀ ବାରିକ ୯.୭୧ସିଜିପିଏ ରଖି ସପ୍ତମ, ଶୁଭଶ୍ରୀ ସୋନାଲିକା ପ୍ରଧାନ ୯.୧୬ସିଜିପିଏ ରଖି ଅଷ୍ଟମ, ସୁପ୍ରିତି ସୌମ୍ୟା ଷଡ଼ଙ୍ଗୀ ୯.୧୫ସିଜିପିଏ ରଖି ନବମ ସ୍ଥାନ ଅଧିକାର କରିଛନ୍ତି। ଗଣିତ ସମ୍ମାନରେ ସୋନାଲି ପ୍ରଧାନ ୮.୯୫ସିଜିପିଏ ରଖି ଚତୁର୍ଥ, ହିତେଶ ଗର୍ଡିଆ ୮.୮୪ସିଜିପିଏ ରଖି ସପ୍ତମ ସ୍ଥାନରେ ରହିଛନ୍ତି। ସେହିପରି ପଦାର୍ଥ ବିଜ୍ଞାନରେ ରିତେଶ ବାରିକ, ଅଙ୍କିତା ମହାପାତ୍ର, ବାଣିଜ୍ୟ ବିଭାଗରେ ବୋଦ୍ଦୁ ଧରଣୀ, ଆଶିର୍ବାଦ ଦାଶ, ଅରବିନ୍ଦ ବଡ଼ପଣ୍ଡା ପ୍ରଥମ ୧୦ଜଣଙ୍କ ମଧ୍ୟରେ ଅଛନ୍ତି। କଳା ବିଭାଗର ମନୋବିଜ୍ଞାନରେ ଶିବରାଜ ବେହେରା ୯.୩୫ସିଜିପିଏ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ କିରନ ପାଢ଼ୀ ୮.୯୫ସିଜିପିଏ ରଖି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଇଂରାଜୀ ସମ୍ମାନ ବିଭାଗରେ ଅମିତା ରାଣୀ ବାଗ, ଭାବାତ୍ମକ ପାଢ଼ୀ, ଅର୍ଥଶାସ୍ତ୍ର ସମ୍ମାନରେ ଜଗମୋହନ ସାହୁ ପ୍ରଥମ ୧୦ଜଣଙ୍କ ମଧ୍ୟରେ ରହିଛନ୍ତି। ଉକ୍ତ କଲେଜର ୧୯୨ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୪ଜଣ ୯ସିଜିପିଏ, ୬୭ଜଣ ୮ସିଜିପିଏ, ୭୦ଜଣ ୭ସିଜିପିଏ, ୩୦ଜଣ ସିଜିପିଏରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବାବେଳେ ସଫଳତା ହାର ୯୫ପ୍ରତିଶତ ରହିଛି। ଏହି ସଫଳତା ପାଇଁ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିକାଶ ଉଚ୍ଚଶିକ୍ଷା ବିଭାଗର ଉଚ୍ଚକୋଟିର ଶିକ୍ଷା ପଦ୍ଧତି, ଅଧାପିକା, ଅଧାପକଙ୍କ ବିଧିବଦ୍ଧ ମାର୍ଗଦର୍ଶନ ଯୋଗୁ ଏହି ସଫଳତା ମିଳିଥିବା ସେ କହିଛନ୍ତି। ସେହିପରି ଉକ୍ତ ଶିକ୍ଷାନୁଷ୍ଠାନର ଚିଫ୍ ଏଡ୍‌ମିନିଷ୍ଟ୍ରେଟିଭ ଅଫିସର ଇଂ ଅଜୟ କୁମାର ମହାପାତ୍ର, ବରିଷ୍ଠ ଅଧିକାରୀ, ଡିନ୍, ଅଧ୍ୟକ୍ଷ, ଉପାଧ୍ୟକ୍ଷ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପାଇକମାଳରେ ବୈଶାଖ ମେଳା ଆରମ୍ଭ

**ପାଇକମାଳ,୭।୫(ବଢ଼ ଶତପଥୀ)**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ବୈଶାଖ ମେଳା ବୁଧବାର ସନ୍ଧ୍ୟାରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରାରେ ବାହାରି ଭକ୍ତମାନେ ଝରଣାର ଗଣେଶ ଘାଟରେ ପବିତ୍ର ପାଣି କଳସରେ ଆଣି ନୃସିଂହନାଥ ମନ୍ଦିର, ଶିବ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ଶ୍ରୀରାମ ମନ୍ଦିର, ବିନ୍ଧ୍ୟବାସିନୀ ମନ୍ଦିରକୁ ଯାଇ ପୂଜା ଅର୍ଚ୍ଚନା କରିଥିଲେ। ଏହା ପରେ ବିଶ୍ୱ ଶାନ୍ତି ମହାଯଜ୍ଞ ପୀଠରେ କଳସ ସ୍ଥାପନ କରିଥିଲେ । ୧୦୮ କଳସରେ ପବିତ୍ର ଜଳ ଆଣିବା ପୂର୍ବରୁ କଳସ ବୁଡ଼ାଇ ଥିବା ମା’ ଭଉଣୀମାନଙ୍କୁ ପୁରୋହିତମାନେ ପବିତ୍ର କରାଇଥିଲେ। କର୍ତ୍ତା ଭାବେ ଚୂଡ଼ାମଣି ଭୁଏ ଓ ତାଙ୍କ ସ୍ତ୍ରୀ ସନ୍ତୋଷିନୀ ଭୁଏ ଦାୟିତ୍ୱ ତୁଲାଉଛନ୍ତି। କଳସ ଶୋଭାଯାତ୍ରାରେ ପଣ୍ଡିତ ଡିଗ୍ରୀଧର ଦେବତାଙ୍କ ସହ ମୁନା ଦେବତା କାର୍ଯ୍ୟ ତୁଲାଇଥିଲେ। ବୈଶାଖ ମେଳା କମିଟିର ସଭ୍ୟମାନେ ନିଜ ନିଜର ଦାୟିତ୍ୱ ତୁଲାଉଥିବା ବେଳେ ପୋଲିସ, ପାନୀୟ ଜଳ ଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଦମକଳ ବିଭାଗୀୟ କର୍ମଚାରୀମାନେ ନିଜ ନିଜର ଦାୟିତ୍ୱ ତୁଲାଉଛନ୍ତି। ଶାନ୍ତିଶୃଙ୍ଖଳା, ଟ୍ରାଫିକ ବ୍ୟବସ୍ଥା ତଥା ପୋଲିସ ସହାୟତା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଉଛି।

## ୨୪ ପ୍ରହର ନାମଯଜ୍ଞ ସମ୍ପନ୍ନ

**ଅତାବିରା,୭।୫(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ବ୍ଲକ୍ ଖଇରପାଲିରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ରବିବାର ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଗୁରୁବାର ମହିଳାମାନେ ନିକଟସ୍ଥ ଗାଁ ପୋଖରୀରୁ ମାନସିକ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ପରେ ପରମାଣପୁର ଗ୍ରାମରୁ ରାଧାକୃଷ୍ଣଙ୍କୁ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା।

# ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ସପ୍ତାହେ ବାକି

**ଏବେଠୁ ସକ୍ରିୟ ହେଲେଣି ଧାନ ବେପାରୀ**

- ମଣ୍ଡି ଭିତ୍ତିଭୂମି ଯେଉଁ ତିମିରେକୁ ସେହି ତିମିରେ
- ଅମଳ ଧାନ ଗଚ୍ଛିତ ରଖି ନ ପାରି ଚାଷୀ ହଟହଟା

**ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ)**




ବରଗଡ଼ ବ୍ଲକ କଳାପାଣି ଅଞ୍ଚଳରେ ଧାନ ଅମଳ ଚାଲିଛି।

ବରଗଡ଼ ଜିଲାରେ ରବିଧାନ ଅମଳ ଆରମ୍ଭ ହୋଇଯାଇଛି। ଜିଲାର ଜଳସେଚିତ ଅଞ୍ଚଳରେ ଏହି ପ୍ରକ୍ରିୟା ଜୋର୍ ଧରିଛି। ସେହିପରି ଅଣଜଳସେଚିତ ଅଞ୍ଚଳରେ ମଧ୍ୟ ଚାଷୀମାନେ ଧାନ ଅମଳ ଆରମ୍ଭ କରିଦେଇଛନ୍ତି। ଅନ୍ୟପଟେ ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ଆହୁରି ସପ୍ତାହେ ବାକି ରହିଛି। ଏଭଳି ସ୍ଥିତିରେ ଅମଳ ଆରମ୍ଭରୁ ଜିଲାରେ ଧାନ ବେପାରୀମାନେ ସକ୍ରିୟ ହୋଇଉଠିଛନ୍ତି। ଚାଷୀଙ୍କଠାରୁ କମ୍ ଦରରେ ବେପାରୀମାନେ ଧାନ କିଣୁଛନ୍ତି ଏବଂ ମଣ୍ଡି ଖୋଲିବା ପୂର୍ବରୁ ସେହି ଧାନ ସିଧାସଳଖ ବିଭିନ୍ନ ରାଇସ୍ ମିଲ୍‌କୁ ଯାଉଥିବା ଅଭିଯୋଗ ହୋଇଛି। ଏବେଠାରୁ ତଥାକଥିତ ଧାନ ବେପାରୀଙ୍କ ଉପରେ ନଜର ରଖି ତାକୁ ନିୟନ୍ତ୍ରଣ କରା ନ ଗଲେ ଆଗକୁ ଧାନବିକ୍ରି ସମସ୍ୟା ଜଟିଳ ହୋଇପଡ଼ିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

ଗତ ମାସ ୨୩ ତାରିଖରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ମେ’ ୧୪ରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଆସନ୍ତା ୧୪ ତାରିଖରୁ ଧାନ ସଂଗ୍ରହ ପାଇଁ ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି) ଅଧୀନରେ ୧୮୮ ମଣ୍ଡି ତଥା ଧାନକ୍ରୟ କେନ୍ଦ୍ର ଖୋଲିବ। ସେଥିମଧ୍ୟରୁ ଅତାବିରା ବ୍ଲକରେ ୨୭, ଭେଡ଼େନ ବ୍ଲକରେ ୩୨, ଅମ୍ବାଭୋନା ବ୍ଲକରେ ୩, ବରଗଡ଼ ବ୍ଲକରେ ୩୧, ବରପାଲି ବ୍ଲକରେ ୨୫, ଭଟ୍‌ଲି ବ୍ଲକରେ ୧୧, ବିଜେପୁର ବ୍ଲକରେ ୧୨, ଗାଇସିଲେଟ ବ୍ଲକରେ ୩, ଝାରବନ୍ଧ ବ୍ଲକରେ ୧୧, ରାଜବୋଡ଼ାସମ୍ବର(ପଦ୍ମପୁର) ବ୍ଲକରେ ୭, ପାଇକମାଳ ବ୍ଲକରେ ୧୦ ଏବଂ ସୋହେଲା ବ୍ଲକରେ ୧୬ ଧାନମଣ୍ଡି ରହିଛି।

ଧାନ ସଂଗ୍ରହ ପୂର୍ବରୁ ମଣ୍ଡିଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲାପାଳ ଆଦିତ୍ୟ ଗୋୟଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅନେକ ମଣ୍ଡି ଏବେ ସୁଦ୍ଧା ଯେଉଁ ତିମିରେକୁ ସେହି ତିମିରେ ରହିଛି। ଅନ୍ୟପକ୍ଷରେ ଜିଲାର ଜଳସେଚିତ ଅତାବିରା, ଭେଡ଼େନ, ବରଗଡ଼ ବ୍ଲକରେ ଧାନ ଅମଳ କାର୍ଯ୍ୟ ଜୋର୍ ଧରିଛି। ମଣ୍ଡି ଖୋଲିବାକୁ ଆହୁରି ୭ ଦିନ ବାକି ଥିବା ଯୋଗୁ ଅମଳ ଧାନ ଗଚ୍ଛିତ ରଖିବା ବର୍ତ୍ତମାନ ଚାଷୀଙ୍କ ପାଇଁ ବଡ଼ ଚିନ୍ତା ପାଲଟିଛି। ଏଭଳି ସ୍ଥିତିରେ ବେପାରୀମାନେ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି। ଏଥର ମଧ୍ୟ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ରହିଛି। କିନ୍ତୁ ବେପାରୀ ଧାନ କୁଇଣ୍ଟାଲ ପ୍ରତି ୨୫୦୦ରୁ ୨୬୦୦ ଟଙ୍କାରେ କିଣିବା ଆରମ୍ଭ କରି ଦେଇଛନ୍ତି ଏବଂ ମଣ୍ଡି ଖୋଲିବା ପୂର୍ବରୁ ସେହି ଧାନ ସିଧାସଳଖ କେତେକ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌କୁ ଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ବରଗଡ଼ ବ୍ଲକ କଳାପାଣି ଗ୍ରାମର ଚାଷୀନେତା ସୁରେଶ ନେକାଣ୍ଟି କହିଛନ୍ତି, ଧାନ ସଂଗ୍ରହ ନୀତି ଅନୁଯାୟୀ, ମେ’ ୧ତାରିଖରୁ ମଣ୍ଡିଗୁଡ଼ିକ ଖୋଲାଯିବା କଥା। କିନ୍ତୁ ବରଗଡ଼ ଜିଲାରେ ତାକୁ ୨ ସପ୍ତାହ ବିଳମ୍ବ କରାଯାଇଛି। ସେଥିପାଇଁ ଚାଷୀମାନେ ମଣ୍ଡିକୁ ଧାନ ଆଣିବାରେ ସକ୍ଷମ ହୋଇପାରୁନାହାନ୍ତି ଏବଂ ବେପାରୀଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଅତାବିରା ଅଞ୍ଚଳରେ ସେଭଳି ସ୍ଥିତି ଉପୁଜିଛି। ଏପରିକି ବେପାରୀ କିଣିଥିବା ଧାନ କେତେକ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌କୁ ଯାଉଛି ବୋଲି ନେକାଣ୍ଟି ଅଭିଯୋଗ କରିଛନ୍ତି। ସେହିପରି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ଚାଷୀ ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ ଫର୍ମରେ ଚାଷୀମାନେ ସେମାନଙ୍କ ଧାନ ଅମଳର ସମ୍ଭାବ୍ୟ ତାରିଖ ଉଲ୍ଲେଖ କରିଥାନ୍ତି। ସେଥିରେ ମେ’ ପ୍ରଥମ ସପ୍ତାହରେ ଧାନ ଅମଳ ନେଇ ଅନେକ ଚାଷୀ ଉଲ୍ଲେଖ କରିଛନ୍ତି। କିନ୍ତୁ ତାକୁ ମଧ୍ୟ ଅଣଦେଖା କରାଯାଇଛି। ଅନ୍ୟପଟେ ଚାଷୀମାନେ ଧାନ ଅମଳ କରିସାରିଲେଣି ଏବଂ ମଣ୍ଡି ଖୋଲି ନ ଥିବା ଯୋଗୁ କୁଇଣ୍ଟାଲ ପ୍ରତି ୨୨୦୦ରୁ ୨୩୦୦ ଟଙ୍କାରେ ବେପାରୀଙ୍କୁ ବିକ୍ରି କରିଦେବାକୁ ବାଧ ହେଉଛନ୍ତି।

# ମରଣଯନ୍ତା ପାଲଟିଛି କିର୍ମିରା-ବନ୍ଧଲି ଗ୍ରାମ ରାସ୍ତା

ଝାରସୁଗୁଡା/କିର୍ମିରା,୭/୫(ଆଶିଷ ରଞ୍ଜନ ଦାଶ /ସୁରେଶ ଜୟପୁରିଆ)


ଶୋଚନୀୟ ହୋଇଥିବା କିର୍ମିରାରୁ ବନ୍ଧଲି ରାସ୍ତା।

ସରକାର ରାସ୍ତା ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏବେ ମଧ୍ୟ ଅନେକ ସ୍ଥାନରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଯାହା ଦ୍ୱାର ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଦେଖିବାକୁ ମିଳିଛି ଝାରସୁଗୁଡା ଜିଲା କୋଲାବିରା ବ୍ଲକକୁ ସଂଯୋଗ କରୁଥିବା କିର୍ମିରାରୁ ବନ୍ଧଲି ଗ୍ରାମ ରାସ୍ତାରେ। ବନ୍ଧଲି, ବୁଟୁପାଲି, ରଘୁନାଥପାଲି ଗ୍ରାମଦେଇ କୋଲାବିରା ବ୍ଲକକୁ ସଂଯୋଗ କରୁଥିବା ରାସ୍ତା କିର୍ମିରାରୁ ବନ୍ଧଲି ଗ୍ରାମ ପର୍ଯ୍ୟନ୍ତ ମରଣଯନ୍ତା ପାଲଟିଛି। କିର୍ମିରା ଗାଁ ଭିତରକୁ ଯାଇଥିବା ରାସ୍ତାର ୩୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ କଂକ୍ରିଟ ଫାଟି ଗାତ ସୃଷ୍ଟି ହୋଇଛି। ଏହି ରାସ୍ତାରେ ଗାଡ଼ିରେ ଯିବା ଆସିବା ଦୂରର କଥା ଖାଲି ପାଦରେ ମଧ୍ୟ ଚାଲିଯିବା ଅସମ୍ଭବ ହୋଇପଡ଼ିଛି। ବୃଦ୍ଧାବୃଦ୍ଧମାନେ ଗଲେ ଝୁଣ୍ଟି ପଡୁଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦୀର୍ଘ ଦିନରୁ ଦାବି କରୁଥିଲେ ମଧ୍ୟ ଏ ଯାଏ ମରାମତି କିମ୍ବା ନୂତନ ରାସ୍ତା ନିର୍ମାଣ କରାଗଲା ନାହିଁ। ଯାହାକୁ ନେଇ ଜନ ଅସନ୍ତୋଷ ବଢ଼ି ପାଉଛି। ଏବେ ମଧ୍ୟ କଚାରାସ୍ତା ଥିବାରୁ

**ରାସ୍ତା ନିର୍ମାଣ ନ ହେଲେ ଆନ୍ଦୋଳନ**

ଖାଲଢିପ ହୋଇ ବର୍ଷାପାଣି ଜମି ରହୁଛି ଫଳରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି।

ବନ୍ଧଲି ଓ ବୁଟୁପାଲି ଗ୍ରାମବାସୀ ଦୀର୍ଘ ଦିନରୁ ଉକ୍ତ କଚା ରାସ୍ତାକୁ ପିଚୁ କରିବାକୁ ଦାବି କରୁଥିଲେ ମଧ୍ୟ ଜନପ୍ରତିନିଧି କିମ୍ବା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସରକାର ରାସ୍ତା ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟପାଇଁ କାହିଁକି ଧ୍ୟାନ ଦେଉ ନାହାନ୍ତି ସେ ନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚି ସୃଷ୍ଟି କରୁଛି। କିର୍ମିରା ବସଷ୍ଟାଣ୍ଡରୁ ମନ୍ଦିର ହୋଇ ମୁଖ୍ୟରାସ୍ତାକୁ ନୂତନ କଂକ୍ରିଟ ରାସ୍ତା ସହ ଦୁଇ ପାର୍ଶ୍ୱରେ ଡ୍ରେନ ଓ ଗାଁ ମୁଣ୍ଡରୁ ବନ୍ଧଲି କଚାରାସ୍ତାକୁ ପିଚୁରାସ୍ତା କରିବା ପାଇଁ ଗ୍ରାମବାସୀ ଜନପ୍ରତିନିଧି ଓ ଜିଲା ପ୍ରଶାସନକୁ ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନମୂକପନ୍ଥା ଅବଲମ୍ବନ କରିବେ ବୋଲି କିର୍ମିରାବାସୀ ତରଣୀସେନ ପୋଢ଼, ପରମାନନ୍ଦ ବୁଢ଼ା, ଭରତ ବାଘଙ୍କ ସହିତ ଗ୍ରାମବାସୀ କହିଛନ୍ତି।

# ଅପରେଶନ ସିନ୍ଦୂର ପରେ ଝାରସୁଗୁଡ଼ାରେ ଉତ୍ସବ ପାଳନ

ଝାରସୁଗୁଡ଼ା,୭।୫(ଆଶିଷ ରଞ୍ଜନ ଦାଶ)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ମଙ୍ଗଳବାର ବିଳମ୍ବିତ ରାତିରେ ଭାରତ ପ୍ରତିଶୋଧ ନେଇଛି। ଅପରେଶନ ସିନ୍ଦୂରରେ ପାକିସ୍ତାନର ୯ଟି ସ୍ଥାନରେ ମିଶାଇଲରେ ଆକ୍ରମଣ କରି ଆତଙ୍କବାଦକୁ କଡ଼ା ଜବାବ ଦେଇଛି ଭାରତ। ଏହାକୁ ନେଇ ବୁଧବାର ସମଗ୍ର ଦେଶରେ ଉତ୍ସବ ପାଳନ କରାଯାଉଥିବା ବେଳେ ସନ୍ଧ୍ୟା ୬ଟାରେ ଝାରସୁଗୁଡ଼ାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଝଣ୍ଡା ଛକରେ ଉତ୍ସବ ପାଳନ କରାଯାଇଛି। ଝାରସୁଗୁଡ଼ା ସହରର ବିଭିନ୍ନ ସଙ୍ଗଠନ ପକ୍ଷରୁ ସମର୍ଥକମାନେ ତ୍ରିରଙ୍ଗା ଧରି ଉତ୍ସବ ପାଳନ କରିଛନ୍ତି। ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀ ଏହି ଉତ୍ସବରେ ଯୋଗ ଦେଇ ଆଜି ଭାରତୀୟମାନେ ଦେଶର ନେତୃତ୍ୱ ଉପରେ ଗର୍ବ କରୁଛନ୍ତି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହ ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଦେଶକୁ ଆଶ୍ୱାସନା ଦେଇଥିଲେ ଯେ, ଯେଉଁ ରାଷ୍ଟ୍ର ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଇଛି ସେହି ରାଷ୍ଟ୍ର ଭିତରେ ପଶି ଆତଙ୍କବାଦୀଙ୍କୁ ନିପାତ୍ କରାଯିବ ବୋଲି କହିଥିଲେ। ଆଜି ତାହା ପୂର୍ଣ୍ଣ ହୋଇଛି। ଦେଶରେ ନରେନ୍ଦ୍ର ମୋଦିଙ୍କ ସରକାର ଥିବା ବେଳେ ଆତଙ୍କବାଦୀଙ୍କୁ ତାଙ୍କ ଘରେ ପଶି ଆକ୍ରମଣ କରିବାରେ ସଫଳ ହେଉଛି ବୋଲି ସେ କହିଛନ୍ତି। ଏହି ଉତ୍ସବରେ ହୀରାଲାଲ ଲୋକଚାନ୍ଦନୀ, ଚୁନି ଲାଲ କକାନି, ବାଲ ଗୋବିନ୍ଦ ମିଶ୍ର, ଅଶୋକ କକାନି, ସୁବାସ ସଂଘାଇ, ବନ୍ଦନା ମୁନ୍ଦ୍ରା, ପୱନ ବଜାଜ, ପୁରୁଷୋତ୍ତମ ଟିବ୍ରୀୱାଲ ପ୍ରମୁଖ ଉପସ୍ଥିତ ଥିଲେ।


ଅପରେଶନ ସିନ୍ଦୂରକୁ ନେଇ ଝଣ୍ଡା ଛକ ଉତ୍ସବ ମୁଖର।

# ୩ କୋଟି ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ଝାରସୁଗୁଡ଼ା, ୭।୫(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌର ପରିଷଦ ଅଞ୍ଚଳରେ ବୁଧବାର ସକାଳ ୯ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀ ମାରାଥନ ଶିଳାନ୍ୟାସ କରିଛନ୍ତି। ପାଖାପାଖି ୩ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଦୁଇ ଲକ୍ଷ ଟଙ୍କା ବ୍ୟୟରେ ସାରସମାଲସ୍ଥିତ ଅତିରିକ୍ତ କ୍ଲାସ୍‌ରୁମ୍ ନିର୍ମାଣ, ଦେଢ଼ଲକ୍ଷ ଟଙ୍କା ବ୍ୟୟରେ ଗୋଲ୍ଡେନ ଆଥ୍‌ଲେଟିକ କ୍ଲବର ଗୃହ ନିର୍ମାଣ, ୫୫ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟରେ ଝରିଆନାର ବଡ଼ କଣ୍ଟା ପୁନଃଉଦ୍ଧାର, ୫୧ ଲକ୍ଷ ୩୫ ହଜାର ଟଙ୍କା ବ୍ୟୟରେ ଜାମୁକଣ୍ଟା ପୋଖରୀର ପୁନଃଉଦ୍ଧାର, ୪୮ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟରେ ତଳିକଣ୍ଟାର ପୁନଃଉଦ୍ଧାର, ଚାରି ଲକ୍ଷ ଟଙ୍କା ବ୍ୟୟରେ ରାମମନ୍ଦିରର ଉନ୍ନତୀକରଣ ଆଦି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ବିଧାୟକ ତ୍ରିପାଠୀ। ଏହି ପ୍ରକଳ୍ପ ଦ୍ୱାରା ଲୋକଙ୍କ ବହୁଦିନର ଦାବି ପୂରଣ ହେବ। ଝାରସୁଗୁଡ଼ାରେ ଗୋଟିଏ ଦଳ ଦୀର୍ଘ ୨୫ ବର୍ଷ ଧରି ଶାସନ କରିଥିବା ବେଳେ ଲୋକଙ୍କୁ ମୌଳିକ ସୁବିଧା ମିଳିପାରିନାହିଁ। ବର୍ତ୍ତମାନ ମଧ୍ୟ ଅନେକ ସମସ୍ୟା ରହିଛି। ଗୋଟିଏ କି ଦୁଇ ବର୍ଷ ମଧ୍ୟରେ ଝାରସୁଗୁଡ଼ା ପୌର ପରିଷଦକୁ ଆଦର୍ଶ ପୌର ପରିଷଦ ରୂପେ ଗଠନ କରାଯିବ। ଦୀର୍ଘବର୍ଷ ହେବ ଝାରସୁଗୁଡ଼ା ପୌର ପରିଷଦ ଥିବା ବେଳେ ଏହାର କୌଣସି ମାଷ୍ଟରପ୍ଲାନ୍ ନାହିଁ। ତେବେ ଆଗାମୀ ଦିନରେ ଝାରସୁଗୁଡ଼ାର ନିଜସ୍ୱ ପାଣ୍ଠିରୁ ଝାରସୁଗୁଡ଼ାର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯିବ ବୋଲି ବିଧାୟକ କହିଛନ୍ତି। ଏହି ଅବସରରେ ଝାରସୁଗୁଡ଼ା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ପିଡି ଆଇଟିଡିଏ ସଞ୍ଜୀବ ପଟେଲ, ବରିଷ୍ଠ ଭାଜପା ନେତା ସନ୍ତୋଷ ଯାଦବ, ପ୍ରମୋଦ ତ୍ରିପାଠୀ, ବିମଳେନ୍ଦୁ ଭୋଳ, ସୋନୁ ଥିରାନୀ, ତରନ ଡିଡ୍‌ୱାନି, ବିକଳ୍ପ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଝାରସୁଗୁଡ଼ାକୁ ଆଦର୍ଶ ପୌର ପରିଷଦ କରାଯିବ**

# ଦେବଗଡ଼ ପୌର ପରିଷଦ ବୈଠକ


ବୈଠକରେ ନଗରପାଳଙ୍କ ସହ ଅନ୍ୟମାନେ।

ଦେବଗଡ,୭।୫(ଶଶାଙ୍କ ଶେଖର ଝାଙ୍କର)

ବୁଧବାର ଦେବଗଡ ପୌର ପରିଷଦ କାର୍ଯ୍ୟାଳୟରେ ପୌର ପରିଷଦର ଅଷ୍ଟମ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ବର୍ଷାଋତୁ ପାଇଁ ପୌରାଞ୍ଚଳରୁ ମଶା ମାରିବା ପାଇଁ ୨ ଗୋଟି ଫୋଗ ମେଶିନ ଓ ଅଟୋ ରିକ୍ସା କ୍ରୟ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହ ଠିକ୍ ସମୟରେ ୟୁଜର ଫି' ଓ ହୋଲ୍ଡିଂ ଟ୍ୟାକ୍ସ ପ୍ରଦାନ କରୁଥିବା ପରିବାରଗୁଡିକୁ ଶୁଖିଲା ଆବର୍ଜନା ପାଇଁ ଗୋଟିଏ ଏବଂ ଓଦା ଆବର୍ଜନା ରଖିବା ପାଇଁ ଗୋଟିଏ ଲେଖାଏ ବାଲଟି (ଡଷ୍ଟବିନ)ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହାବ୍ୟତୀତ ସହରର ତିନୋଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ତିନିଗୋଟି ସ୍ୱାଗତ ଫାଟକ ଓ ପୁରୁଣା ପୋଷ୍ଟ ଅଫିସ ଛକରେ ଏକ ସେଲ୍ଫି ପଏଣ୍ଟ ନିର୍ମାଣ ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ପୌର ପରିଷଦର ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସୁଧୀର କପରଦାର, ଦେବଗଡ ବିଧାୟକଙ୍କ ପ୍ରତିନିଧି ମାନସ କୁମାର ପ୍ରଧାନ, କାଉନସିଲର ପ୍ରମିଳା ବେହେରା, ସଞ୍ଜୁକ୍ତା ଆଚାର୍ଯ୍ୟ, ବାସନ୍ତୀମଣି ମାଝୀ, ଯତିନ କୁମାର ନାୟକ, ପିଙ୍କିରାଣୀ ସାହୁ, ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର ଓ କାର୍ତ୍ତିକ ମହାକୁଳଙ୍କ ସମେତ ପୌର ପରିଷଦର ବହୁ ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ କେନ୍ଦୁପତ୍ର ତୋଳାଳି ଗୁରୁତର

ଦେବଗଡ,୭।୫(ଶଶାଙ୍କ ଶେଖର ଝାଙ୍କର)

ବୁଧବାର ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ସେକ୍ସନ ଅନ୍ତର୍ଗତ ଚଢେଇମରା ନିକଟସ୍ଥ ଖସଡା ଜଙ୍ଗଲରେ କେନ୍ଦୁପତ୍ର ତୋଳୁଥିବା ବେଳେ ଭାଲୁ ଆକ୍ରମଣରେ ରଜନୀ ଶବର ନାମ୍ନୀ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ନୂଆଁପାଟଣା ଗ୍ରାମର ରଜନୀ(୩୩) ଅନ୍ୟ ତୋଳାଳିଙ୍କ ସହିତ କେନ୍ଦୁପତ୍ର ତୋଳିବା ପାଇଁ ଚଢେଇମରା (ସଘାପୋଶି ବିଟ୍) ଅନ୍ତର୍ଗତ ଖସଡା ଜଙ୍ଗଲକୁ ଯାଇଥିଲେ। ରଜନୀ ସେଠାରେ କେନ୍ଦୁପତ୍ର ତୋଳୁଥିବା ସମୟରେ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ସମୟରେ ଏକ ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ରଜନୀଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ସାଥୀ ତୋଳାଳିମାନେ ଧାଇଁଆସି ଭାଲୁଟିକୁ ଘଉଡାଇବା ସହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କୁଣ୍ଢେଇଗୋଳା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବନ ବିଭାଗ କର୍ମଚାରୀଙ୍କ ସହାୟତାରେ ରଜନୀଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

# ଆୟୁଷ୍ମାନ୍ ଯୋଜନାରେ ଉପକୃତ ହେଲେ ମାନିନୀ

ଝାରସୁଗଡ଼ା, ୭।୫(ଆଶିଷ ରଞ୍ଜନ ଦାଶ)


ମାନିନୀ ଉର୍ମା।

ଆୟୁଷ୍ମାନ୍ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଦ୍ୱାରା ଝାରସୁଗୁଡ଼ା ଜିଲା ପତ୍ରାପାଲିର ମାନିନୀ ଉର୍ମା (୩୭) ଏକ ନୂତନ ଜୀବନ ପାଇଛନ୍ତି। ଆୟୁଷ୍ମାନ୍ କାର୍ଡ ଦ୍ୱାରା ବେଲପାହାଡ଼ସ୍ଥିତ ବାସନ୍ତୀ ହସ୍ପିଟାଲରେ ନିଃଶୁଳ୍କରେ ମାନିନୀଙ୍କ ଅସ୍ତ୍ରୋପଚାର କରାଯାଇଛି। ମାନିନୀଙ୍କ ଗର୍ଭାଶୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଯନ୍ତ୍ରଣା ହେଉଥିଲା। ସେ ଡାକ୍ତରୀ ପରାମର୍ଶ ନେବାପରେ ଗର୍ଭାଶୟରେ ଟ୍ୟୁମର ଥିବା ଜଣାପଡ଼ିଲା। ସୁସ୍ଥ ହେବା ପାଇଁ ଆବଶ୍ୟକ ଥିଲା ଗର୍ଭାଶୟରୁ ଟ୍ୟୁମର ଅସ୍ତ୍ରୋପଚାର। ଏହି ଅସ୍ତ୍ରୋପଚାର ପାଇଁ ହଜାର ହଜାର ଟଙ୍କା ଆବଶ୍ୟକ ଥିବାରୁ ଅସ୍ତ୍ରୋପଚାର କରିବାକୁ ଅସମର୍ଥ ଥିଲେ ମାନିନୀ। ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ଆୟୁଷ୍ମାନ୍ କାର୍ଡରେ ବେଲପାହାଡ଼ ବାସନ୍ତୀସ୍ଥିତ ହସ୍ପିଟାଲରେ ନିଃଶୁଳ୍କ ଅସ୍ତ୍ରୋପଚାର ହେଉଥିବା ଜାଣି ସେ ସେଠାରେ ଭର୍ତ୍ତି ହୋଇଥିଲେ। ଡାକ୍ତର ସୁଶ୍ରୀତା ପାତ୍ର, ଡାକ୍ତର ରାଜକୁମାର ପ୍ରଧାନ ଏବଂ ବାସନ୍ତୀ ହସ୍ପିଟାଲର ମେଡିକାଲ ଷ୍ଟାଫ୍ ମାନିନୀଙ୍କ ତୁରନ୍ତ ଅସ୍ତ୍ରୋପଚାର କରି ଗର୍ଭାଶୟରୁ ପ୍ରାୟ ୨୦ଟି ଟ୍ୟୁମର ବାହାର କରିଛନ୍ତି। ମାନିନୀ ଏବେ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ନିଃଶୁଳ୍କରେ ଚିକିତ୍ସା ସମ୍ଭବ ହୋଇପାରିଥିବାରୁ କେନ୍ଦ୍ର ତଥା ରାଜ୍ୟ ସରକାର ଏବଂ ବାସନ୍ତୀ ହସ୍ପିଟାଲ ବେଲପାହାଡ଼କୁ ସେ ଧନ୍ୟବାଦ ଜଣାଇଛନ୍ତି।

# ଖୁଲ୍‌ଜା ସିମ୍‌ସିମ୍ ଯୋଜନା କାର୍ଯ୍ୟକ୍ରମରେ ୩ ଗ୍ରାହକ ପୁରସ୍କୃତ

ଝାରସୁଗୁଡ଼ା, ୭।୫(ଆଶିଷ ରଞ୍ଜନ ଦାଶ)


ଜଣେ ଉପଭୋକ୍ତାଙ୍କୁ ପୁରସ୍କୃତ କରାଯାଉଛି।

ଖୁଲ୍‌ଜା ସିମ୍‌ସିମ୍ ବା ପେ ଆଣ୍ଡ ୱିନ୍ ଯୋଜନାରେ ଟିପିଡବ୍ଲୁଓଡିଏଲ ବ୍ରଜରାଜନଗର ସବ୍‌ଡିଭିଜନ ପକ୍ଷରୁ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ତିନିଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପୁରସ୍କୃତ କରାଯାଇଛି। ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ ପକ୍ଷରୁ ଏହି ଯୋଜନା ଆରମ୍ଭ ହୋଇଛି। ଯେଉଁ ଉପଭୋକ୍ତା ନିୟମିତ ଭାବେ ବିଦ୍ୟୁତ୍ ବିଲ୍ ପୈଠ କରୁଛନ୍ତି ସେମାନଙ୍କୁ ଉପହାର ବଣ୍ଟନ ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରଜରାଜନଗର ସବ୍‌ଡିଭିଜନର ଉପଭୋକ୍ତାମାନଙ୍କ ମଧ୍ୟରୁ ମାର୍ଚ୍ଚ ମାସ ପାଇଁ ଗାନ୍ଧୀଛକ ସେକ୍ସନ ବଘିଆବେର୍ଣ୍ଣା ଗ୍ରାମର ସଞ୍ଜୟ ଖଡ଼ିଆଙ୍କୁ ପ୍ରଥମ, ଲମଟିବାହାଲର ଶମ୍ଭୁ ପ୍ରସାଦ ଯାଦବଙ୍କୁ ଦ୍ୱିତୀୟ ଏବଂ ବ୍ରଜରାଜନଗର ଅଞ୍ଚଳର ବିର୍ମା ରାଏଙ୍କୁ ତୃତୀୟ ବିଜେତା ଭାବେ ପୁରସ୍କୃତ କରାଯାଇଛି। ପ୍ରତ୍ୟେକ ମାସରେ ଟିପିଡବ୍ଲୁଓଡିଏଲର ସମସ୍ତ ସବ୍‌ଡିଭିଜନର ତିନିଜଣ ନିୟମିତ ବିଦ୍ୟୁତ୍ ବିଲ୍ ପଇଠ କରୁଥିବା ଗ୍ରାହକଙ୍କୁ ଲକି ଡ୍ର ମାଧ୍ୟମରେ ଚୟନ କରାଯାଇ ପୁରସ୍କୃତ କରାଯାଉଥିବା ବ୍ରଜରାଜନଗର ସବ୍‌ଡିଭିଜନାଲ ଅଧିକାରୀ ସୁକାନ୍ତ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ଉପଭୋକ୍ତାମାନେ ନିୟମିତ ବିଦ୍ୟୁତ୍ ବିଲ୍ ପୈଠକରି ଏହି ଯୋଜନାରେ ସାମିଲ ହୋଇ ଉପହାର ଜିତିବାର ସୁଯୋଗ ନେବା ପାଇଁ ବ୍ରଜରାଜନଗର ସବ୍‌ଡିଭିଜନ ଅଧିକାରୀ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ବ୍ରଜରାଜନଗର ଡିଭିଜନ ଓ ସବ୍‌ଡିଭିଜନର ଅନେକ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ସପ୍ତାହେ ବାକି

ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ)


ବରଗଡ଼ ବ୍ଲକ କଲାପାଣି ଅଞ୍ଚଳରେ ଧାନ ଅମଳ ଚାଲିଛି।

**ଏବେଠୁ ସକ୍ରିୟ ହେଲେଣି ଧାନ ବେପାରୀ**

- ମଣ୍ଡି ଭିତ୍ତିଭୂମି ଯେଉଁ ତିମିରେକୁ ସେହି ତିମିରେ
- ଅମଳ ଧାନ ଗଚ୍ଛିତ ରଖି ନ ପାରି ଚାଷୀ ହଟହଟା

ବରଗଡ଼ ଜିଲାରେ ରବି ଧାନ ଅମଳ ଆରମ୍ଭ ହୋଇଯାଇଛି। ଜିଲାର ଜଳସେଚିତ ଅଞ୍ଚଳରେ ଏହି ପ୍ରକ୍ରିୟା ଜୋର୍ ଧରିଛି। ସେହିପରି ଅଣଜଳସେଚିତ ଅଞ୍ଚଳରେ ମଧ୍ୟ ଚାଷୀମାନେ ଧାନ ଅମଳ ଆରମ୍ଭ କରିଦେଇଛନ୍ତି। ଅନ୍ୟପଟେ ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ଆହୁରି ସପ୍ତାହେ ବାକି ରହିଛି। ଏଭଳି ସ୍ଥିତିରେ ଅମଳ ଆରମ୍ଭରୁ ଜିଲାରେ ଧାନ ବେପାରୀମାନେ ସକ୍ରିୟ ହୋଇଉଠିଛନ୍ତି। ଚାଷୀଙ୍କଠାରୁ କମ୍ ଦରରେ ବେପାରୀମାନେ ଧାନ କିଣୁଛନ୍ତି ଏବଂ ମଣ୍ଡି ଖୋଲିବା ପୂର୍ବରୁ ସେହି ଧାନ ସିଧାସଳଖ ବିଭିନ୍ନ ରାଇସ୍ ମିଲ୍‌କୁ ଯାଉଥିବା ଅଭିଯୋଗ ହୋଇଛି। ଏବେଠାରୁ ତଥାକଥିତ ଧାନ ବେପାରୀଙ୍କ ଉପରେ ନଜର ରଖି ତାକୁ ନିୟନ୍ତ୍ରଣ କରା ନ ଗଲେ ଆଗକୁ ଧାନବିକ୍ରି ସମସ୍ୟା ଜଟିଳ ହୋଇପଡ଼ିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

ଗତ ମାସ ୨୩ ତାରିଖରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ମେ' ୧୪ରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଆସନ୍ତା ୧୪ ତାରିଖରୁ ଧାନ ସଂଗ୍ରହ ପାଇଁ ଜିଲାର ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି) ଅଧୀନରେ ୧୮୮ ମଣ୍ଡି ତଥା ଧାନକ୍ରୟ କେନ୍ଦ୍ର ଖୋଲିବ। ସେଥିମଧ୍ୟରୁ ଅତାବିରା ବ୍ଲକରେ ୨୭, ଭେଡ଼େନ ବ୍ଲକରେ ୩୨, ଅମ୍ବାଭୋନା ବ୍ଲକରେ ୩, ବରଗଡ଼ ବ୍ଲକରେ ୩୧, ବରପାଲି ବ୍ଲକରେ ୨୫, ଭଟ୍‌ଲି ବ୍ଲକରେ ୧୧, ବିଜେପୁର ବ୍ଲକରେ ୧୨, ଗାଇସିଲେଟ ବ୍ଲକରେ ୩, ଝାରବନ୍ଧ ବ୍ଲକରେ ୧୧, ରାଜବୋଡ଼ାସମ୍ବର(ପଦ୍ମପୁର) ବ୍ଲକରେ ୭, ପାଇକମାଳ ବ୍ଲକରେ ୧୦ ଏବଂ ସୋହେଲା ବ୍ଲକରେ ୧୬ ଧାନମଣ୍ଡି ରହିଛି।

ଧାନ ସଂଗ୍ରହ ପୂର୍ବରୁ ମଣ୍ଡିଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲାପାଳ ଆଦିତ୍ୟ ଗୋୟଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅନେକ ମଣ୍ଡି ଏବେ ସୁଦ୍ଧା ଯେଉଁ ତିମିରେକୁ ସେହି ତିମିରେ ରହିଛି। ଅନ୍ୟପକ୍ଷରେ ଜିଲାର ଜଳସେଚିତ ଅତାବିରା, ଭେଡ଼େନ, ବରଗଡ଼ ବ୍ଲକରେ ଧାନ ଅମଳ କାର୍ଯ୍ୟ ଜୋର୍ ଧରିଛି। ମଣ୍ଡି ଖୋଲିବାକୁ ଆହୁରି ୭ ଦିନ ବାକି ଥିବା ଯୋଗୁ ଅମଳ ଧାନ ଗଚ୍ଛିତ ରଖିବା ବର୍ତ୍ତମାନ ଚାଷୀଙ୍କ ପାଇଁ ବଡ଼ ଚିନ୍ତା ପାଲଟିଛି। ଏଭଳି ସ୍ଥିତିରେ ବେପାରୀମାନେ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି। ଏଥର ମଧ୍ୟ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ରହିଛି। କିନ୍ତୁ ବେପାରୀ ଧାନ କୁଇଣ୍ଟାଲ ପ୍ରତି ୨୫୦୦ରୁ ୨୬୦୦ ଟଙ୍କାରେ କିଣିବା ଆରମ୍ଭ କରି ଦେଇଛନ୍ତି ଏବଂ ମଣ୍ଡି ଖୋଲିବା ପୂର୍ବରୁ ସେହି ଧାନ ସିଧାସଳଖ କେତେକ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌କୁ ଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ବରଗଡ଼ ବ୍ଲକ କଲାପାଣି ଗ୍ରାମର ଚାଷୀନେତା ସୁରେଶ ନେକାଣ୍ଟି କହିଛନ୍ତି, ଧାନ ସଂଗ୍ରହ ନୀତି ଅନୁଯାୟୀ, ମେ' ୧ତାରିଖରୁ ମଣ୍ଡିଗୁଡ଼ିକ ଖୋଲାଯିବା କଥା। କିନ୍ତୁ ବରଗଡ଼ ଜିଲାରେ ତାକୁ ୨ ସପ୍ତାହ ବିଳମ୍ବ କରାଯାଇଛି। ସେଥିପାଇଁ ଚାଷୀମାନେ ମଣ୍ଡିକୁ ଧାନ ଆଣିବାରେ ସକ୍ଷମ ହୋଇପାରୁନାହାନ୍ତି ଏବଂ ବେପାରୀଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଅତାବିରା ଅଞ୍ଚଳରେ ସେଭଳି ସ୍ଥିତି ଉପୁଜିଛି। ଏପରିକି ବେପାରୀ କିଣିଥିବା ଧାନ କେତେକ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍‌କୁ ଯାଉଛି ବୋଲି ନେକାଣ୍ଟି ଅଭିଯୋଗ କରିଛନ୍ତି। ସେହିପରି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ଚାଷୀ ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ ଫର୍ମରେ ଚାଷୀମାନେ ସେମାନଙ୍କ ଧାନ ଅମଳର ସମ୍ଭାବ୍ୟ ତାରିଖ ଉଲ୍ଲେଖ କରିଥାନ୍ତି। ସେଥିରେ ମେ' ପ୍ରଥମ ସପ୍ତାହରେ ଧାନ ଅମଳ ନେଇ ଅନେକ ଚାଷୀ ଉଲ୍ଲେଖ କରିଛନ୍ତି। କିନ୍ତୁ ତାକୁ ମଧ୍ୟ ଅଣଦେଖା କରାଯାଇଛି। ଅନ୍ୟପଟେ ଚାଷୀମାନେ ଧାନ ଅମଳ କରିସାରିଲେଣି ଏବଂ ମଣ୍ଡି ଖୋଲି ନ ଥିବା ଯୋଗୁ କୁଇଣ୍ଟାଲ ପ୍ରତି ୨୨୦୦ରୁ ୨୩୦୦ ଟଙ୍କାରେ ବେପାରୀଙ୍କୁ ବିକ୍ରି କରିଦେବାକୁ ବାଧ ହେଉଛନ୍ତି।

# ଜାତୀୟ ନର୍ସ ସପ୍ତାହ ଉପଲକ୍ଷେ ରକ୍ତଦାନ ଶିବିର

ଦେବଗଡ,୭।୫(ଶଶାଙ୍କ ଶେଖର ଝାଙ୍କର)


ଜଣେ ଛାତ୍ରୀ ରକ୍ତଦାନ କରୁଛନ୍ତି।

ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତ ଭଣ୍ଡାରଠାରେ ଜାତୀୟ ନର୍ସ ସପ୍ତାହ ଉପଲକ୍ଷେ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱ ମୋହନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଲାଗି ରହୁଥିବା ବେଳେ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବାରୁ ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରାଯାଇଥିଲା। ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଶିକ୍ଷଣ କେନ୍ଦ୍ରର ୨୧ ଜଣ ଛାତ୍ରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ଜଣାପଡିଛି। ମେ ୬ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଜାତୀୟ ନର୍ସ ସପ୍ତାହ ପାଳିତ ହେଉଥିବା ବେଳେ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ଜଣାପଡିଛି।

# ହୀରାକୁଦ ନଦୀବନ୍ଧର ସୁରକ୍ଷା ଉପରେ ନଜର

**ସମ୍ବଲପୁର,୭।୫(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଏବଂ ହୀରାକୁଦରେ ବୁଧବାର ଅପରାହ୍ନ ସିଭିଲ ଡିଫେନ୍ସ ମକ୍ଡ୍ରିଲ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ସମ୍ବଲପୁର ଜିଲାର ହୀରାକୁଦ ବି କ୍ୟାଟାଗୋରିରେ ରହିଛି। ଭାରତ ପହଲ୍‌ଗାମ ଆକ୍ରମଣ ପରେ ପ୍ରଥମେ ସହ ସିନ୍ଧୁ ଜଳ ଚୁକ୍ତିକୁ ରଦ୍ଦ କରି ପାକିସ୍ଥାନକୁ ଉଚିତ ଜବାବ ଦେଇଥିଲା। ଏହାପରେ ପାକିସ୍ଥାନ ପକ୍ଷରୁ ଭାରତର ଜଳ ଭଣ୍ଡାରଗୁଡିକ ପ୍ରତି ଆକ୍ରମଣର ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ଯୁଦ୍ଧ ସ୍ଥିତି ଉତ୍ପନ୍ନ ହେଲେ ଶତ୍ରୁ ଦେଶ ପକ୍ଷରୁ ହୀରାକୁଦକୁ ମଧ୍ୟ ଟାର୍ଗେଟ କରାଯାଇପାରେ। ଏଥିପାଇଁ ସମ୍ବଲପୁର ସମେତ ହୀରାକୁଦରେ ଜନସାଧାରଣ



ହୀରାକଦୁ ନଦୀ ବନ୍ଧ।

ନିଜକୁ ନିରାପଦ ସ୍ଥାନରେ ରଖିବେ ସେନେଇ ମକ୍ଡ୍ରିଲ କରାଯାଇଛି। ଏହା ସହିତ ଗୃହ ବିଭାଗର ନିର୍ଦ୍ଦେଶ ଏବଂ ଗାଇଡଲାଇନ ଅନୁସାରେ ହୀରାକୁଦରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ସୂଚନା ଦେଇଛନ୍ତି।

ହୀରାକୁଦ ବନ୍ଧରେ ବିଶ୍ୱର ସବୁଠାରୁ ଲମ୍ବା ୨୫.୮ କିମିର ମାଟିବନ୍ଧ ରହିଛି। ସମ୍ବଲପୁର ସହରର ୧୦କିମି ଉପରମୁଣ୍ଡରେ ହୀରାକୁଦ ବନ୍ଧ ଅବସ୍ଥିତ। ହୀରାକୁଦ ତଳମୁଣ୍ଡରେ ୧୦ଟି ଜିଲା ରହିଥିବା ବେଳେ ବହୁ ଛୋଟବଡ ସହର ମହାନଦୀ କୂଳରେ ରହିଛନ୍ତି। ହୀରାକୁଦ ନଦୀବନ୍ଧର ୫୫କିମି ଜଳଭଣ୍ଡାରର ଜଳଧାରଣ କ୍ଷମତା ରହିଛି । ମୁଖ୍ୟଡ୍ୟାମରେ ୬୪ଟି ସ୍ଲୁଇସ ଗେଟ ସହ ୩୪ଟି କ୍ରେଷ୍ଟଗେଟ ରହିଛି । ଜଳସେଚନ ସହ ବିଦ୍ୟୁତ ଉତ୍ପାଦନରେ ହୀରାକୁଦର ଜଳ ବ୍ୟବହାର କରାଯାଉଛି। ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ହୀରାକୁଦ ଜଳଭଣ୍ଡାର ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ବିଶେଷକରି ହୀରାକୁଦକୁ ଆସୁଥିବା ପର୍ଯ୍ୟଟକଙ୍କ ଉପରେ ମଧ୍ୟ ତୀକ୍ଷଣ ନଜର ରଖାଯାଉଛି । ହୀରାକୁଦ ବନ୍ଧ ଉପରେ ଯାତାୟତ ଉପରେ ରହିଥିବା କଟକଣାକୁ ଆହୁରି କଠୋର କରାଯାଇଛି। ଏସ୍‌ପି ଭାମୁ ହୀରାକୁଦ ବନ୍ଧର ସୁରକ୍ଷା ନେଇ ପୋଲିସ ପ୍ରଶାସନ ସଜାଗ ରହିଥିବା କହଛନ୍ତି। ସୁରକ୍ଷା ଦୃଷ୍ଟିରୁ ଯେଉଁ ସବୁ ମାର୍ଗଦର୍ଶିକା ଗୃହ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି ତାହାକୁ ପୋଲିସ ପାଳନ କରୁଛି। ଆଗକୁ ଯାହା ନିର୍ଦ୍ଦେଶ ଆସିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ମୁର୍ଷୁଣ୍ଡୀ ଲକ୍ଷ୍ମୀ ମନ୍ଦିର ନିର୍ମାଣ ପାଇଁ ବିଧାୟକଙ୍କୁ ଦାବିପତ୍ର



ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବୀରମହାରାଜପୁର,୭।୫ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୁର୍ଷୁଣ୍ଡୀ ଲକ୍ଷ୍ମୀ ମନ୍ଦିର ନିର୍ମାଣ ପାଇଁ ବୁଧବାର ଅପରାହ୍ନ ୨ଟାରେ ବିଧାୟକ ଇଂ. ରଘୁନାଥ ଜଗଦଲାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ତଥା ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁଙ୍କ ନେତୃତ୍ୱରେ କମିଟି ସମ୍ପାଦକ ତ୍ରୟମ୍ବକ ମିଶ୍ର, କୋଷାଧ୍ୟକ୍ଷ ସତ୍ୟ ମୋହନ ବେଦପାଣି, ସହ ସମ୍ପାଦକ ବିଦ୍ୟାଧର ଖୁଣ୍ଟିଆ ଓ ଅନ୍ୟ କର୍ମକର୍ତ୍ତାମାନେ ବିଧାୟକଙ୍କୁ ଭେଟିଥିଲେ। ଏହି ଲକ୍ଷ୍ମୀ ମନ୍ଦିର ନିର୍ମାଣ ପାଇଁ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅଟକଳ କରାଯାଇଛି। ଦାବିପତ୍ର ପାଇବା ପରେ ବିଧାୟକ ଜଗଦଲା କହିଥିଲେ ମନ୍ଦିର ନିର୍ମାଣ ପାଇଁ ଯାହା ସମ୍ଭବ ନିଶ୍ଚିତ ଭାବେ ସହଯୋଗ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସୋନପୁରକୁ ହରାଇଲା ସମ୍ବଲପୁର

## ସିଲଭର୍ ଜୁବିଲି ଫ୍ଲଡଲାଇଟ କ୍ରିକେଟ

**ସମ୍ବଲପୁର,୭।୫(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ରେମେଡ କ୍ରାନ୍ତି କ୍ଲବ ପକ୍ଷରୁ ବୁଧବାର ସନ୍ଧ୍ୟାରେ ରେମେଡ ମୋଦି ପଡିଆରେ ୨୫ତମ ବାର୍ଷିକୀ ସିଲଭର ଜୁବିଲି ଫ୍ଲଡଲାଇଟ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ଭାଜପା ମଣ୍ଡଳ ସଭାପତି ରିକି ବେହେରା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ରେମେଡ ଗ୍ରାମ୍ୟ ସଭାପତି ବୃନ୍ଦାବନ ମହନ୍ତମ, ପୂର୍ବତନ ୱାର୍ଡ କାଉନସିଲର ଦିଲୀପ ଚୌବେ, ସୁବାସ ପୋଢ଼, କମଲ ଲୋଚନ ପ୍ରଧାନ, ଶରତ ଗୁରୁ, ରାହୁଲ ମୋଦକ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ସୋନପୁର ଓ ସମ୍ବଲପୁର ମଧ୍ୟରେ ହୋଇଥିଲା। ସୋନପୁର ପ୍ରଥମେ ବ୍ୟାଟିଂ କରି ୫ ଓଭରରେ ୮୪ ରନ କରିଥିଲା। ଜବାବରେ ସମ୍ବଲପୁର ଟିମ୍ ୮୫ ରନ କରି ବିଜୟୀ ହୋଇଥିଲା। ପ୍ରତିଦିନ ସନ୍ଧ୍ୟା ୭ଟାରୁ ଖେଳ ଆରମ୍ଭ ହୋଇ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିବ। ଏହି ଫ୍ଲଡଲାଇଟ କ୍ରିକେଟ ପ୍ରତିଯୋଗିତା ଆସନ୍ତା ୧୦ତାରିଖ ଫାଇନାଲ ମ୍ୟାଚ ସହ ସମ୍ପନ୍ନ ହେବ।

# ଉପଜିଲାପାଳ, ଡିଏଫ୍‌ଓଙ୍କ ଯୁଗ୍ମ ତଦନ୍ତ



ଉପଜିଲାପାଳ, ଡିଏଫ୍‌ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ତଦନ୍ତ କରୁଛନ୍ତି।

## ୟୁକାଲ ପଟାସ ଗଛ କଟା ଘଟଣା

**କୁଚିଣ୍ଡା,୭।୫(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ପାରିମୁଣ୍ଡା ନିକ୍ରିମାଲ ସେକ୍ସନ ଅଧିନ କେଶାଇବାହାଲ ମୌଜାରେ ଏକ ସରକାରୀ ଜମିରୁ ବେଆଇନଭାବେ ୧୬୭ଟି ୟୁକାଲ ପଟାସ (ନୀଳଗିରି)ଗଛ କଟାଯାଇଥିବା ଅଭିଯୋଗ ହୋଇଥିଲା। ବନବିଭାଗ ଏକ ଟ୍ରକ ଜବତ କରି କାଠ ଚାଲାଣକାରୀଙ୍କଠାରୁ ୬୦ହଜାର ଜରିମାନା କରିଥିଲା। ମାତ୍ର ପରବର୍ତ୍ତୀ ସମୟରେ ବନବିଭାଗ ଗଛକୁ ଜବତ କରି ଟ୍ରକକୁ ଛାଡି ଦେଇଥିଲା। ଦାୟିତ୍ୱରେ ଥିବା ଫରେଷ୍ଟର ଜମି ଚିହ୍ନଟ ନ କରି ଜାନୁଆରୀ ୧୨ରେ କଟାଯାଇଥିବା ଗଛ ପରିବହନ ପାଇଁ ଅନୁମତି ଦେଇଥିବା ଜଣାପଡିଥିଲା। ଗଛକଟା ହୋଇଥିବା ଜମି ସରକାରୀ (ବଡଜଙ୍ଗଲ) କିସମ ହୋଇଥିବା ସତ୍ତ୍ୱେ ବନବିଭାଗ ଅନ୍ୟ ଜଣକଙ୍କ ରେକର୍ଡ ଜମି ଦର୍ଶାଇ ବେଆଇନ ଭାବେ ୟୁକାଲ ପଟାସ ଗଛ ପରିବହନ ପାଇଁ ଅନୁମତି ଦେଇଥିଲେ। ଏହା ଜାଣି ଗ୍ରାମବାସୀ ଜଙ୍ଗଲ ବିଭାଗ ମନ୍ତ୍ରୀ ପଞ୍ଚାୟତରାଜ ମନ୍ତ୍ରୀ, ପିସିସିଏଫ, ସମ୍ବଲପୁର ଆରସିସିଏଫ, ଜିଲାପାଳ, ଏସ୍‌ପି, କୁଚିଣ୍ଡା ଉପଜିଲାପାଳ, ବାମରା ତହସିଲଦାରଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଉପଜିଲାପାଳ ଗୌରବମୟ ପ୍ରଧାନ, ବାମରା ବନ୍ୟପ୍ରାଣୀ ଡିଏଫଓ ସମୀର କୁମାର ସାହୁ, ବାମରା ତହସିଲଦାର ଦିଲୀପ କୁମାର ପ୍ରଧାନଙ୍କ ଦ୍ୱାରା ଯୁଗ୍ମ ସରଜମିନ ତଦନ୍ତ ହୋଇଥିଲା। ତଦନ୍ତ ସମୟରେ ୟୁକାଲ ପଟାସ ଗଛ କଟାଯାଇଥିବା କେଶାଇବାହାଲ ମୌଜା ଖାତା ନଂ.୧୪୬ ପ୍ଲଟ ନଂ.୧୭୪୭/୨୦୧୬ଟି ସରକାରୀ କିସମ (ବଡଜଙ୍ଗଲ)ବୋଲି ଜଣାପଡିଥିଲା। ମାତ୍ର ଦାୟିତ୍ୱରେ ଥିବା ପାରିମୁଣ୍ଡା ନିକ୍ରିମାଲ ଫରେଷ୍ଟର କେଶାଇବାହାଲ ମୌଜାର ବସନ୍ତ ନାଏକଙ୍କ ଖାତା ନଂ.୮୫ପ୍ଲଟ ନଂ ୧୨୧୮ରେ ଥିବା ମାଲ ସାଧାରଣ କିସମରୁ ୟୁକାଲପଟାସ ଗଛ ପରିବହନ ପାଇଁ ଅନୁମତି ଦେଇଥିବା ଡିଏଫଓ ସ୍ୱୀକାର କରିଥିଲେ। ଫରେଷ୍ଟର କେଉଁ ଆଧାରରେ ଅନ୍ୟ ଜଣକ ରେକର୍ଡ ଜମି ଦର୍ଶାଇ ପରିବହନ ଅନୁମତି ଦେଲେ ତାର ବିଭାଗୀୟ ତଦନ୍ତ କରାଯାଇ ପଦକ୍ଷେପ ନେବାକୁ ବାମରା ଡିଏଫଓ ସାହୁ ଉପସ୍ଥିତ ଥିବା ଗ୍ରାମବାସୀଙ୍କୁ କହିଥିଲେ। ସୂଚନାଯୋଗ୍ୟ ଯେ, ବହୁପୂର୍ବରୁ ଏଫ୍ରୋଷ୍ଟେଶନ ବିଭାଗ ପକ୍ଷରୁ ଉକ୍ତ ଜମିରେ ୟୁକାଲପଟାସ ଗଛ ଲଗାଇ ବନୀକରଣ ହୋଇଥିଲା। ଜାନୁଆରୀ ୧୫ରେ କେଶାଇବାହାଲର ଜଣେ ବ୍ୟକ୍ତି ଏହି ସରକାରୀ ଜମିରେ ଥିବା ୧୬୭ଟି ୟୁକାଲପଟାସ ଗଛ କାଟି ପରିବହନ ପାଇଁ ଟ୍ରକ (ନଂ.ସିଜି ୦୪ଏମଏମ ୮୧୯୩)ରେ ଲୋଡ କରିଥିଲେ। ଏସମ୍ପର୍କରେ ଗ୍ରାମବାସୀ ବାମରା ଡିଏଫଓଙ୍କୁ ସୂଚନା ଦେବାରୁ ପାରିମୁଣ୍ଡା ନିକ୍ରିମାଲ ଫରେଷ୍ଟର ଓ କେଶାଇବାହାଲ ଫରେଷ୍ଟ ଗାର୍ଡ କଟାଗଛ ସହ ଟ୍ରକ ଜବତ କରିଥିଲେ। ତଦନ୍ତରେ ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ବାମରା ଏସିଏଫ ରେସମା ଲାକରା, ରେଞ୍ଜର ଦୀପକ ମହାନନ୍ଦଙ୍କ ସମେତ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ କେଶାଇବାହାଲ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଧର୍ମପରାୟଣ ମହିଳାଙ୍କ ପରଲୋକ

**ସୋନପୁର,୭।୫(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ଗଡ଼ଭିତର ଅଞ୍ଚଳର ଶିକ୍ଷାବିତ୍ ବିଧୁ ଭୂଷଣ ପାଣିଗ୍ରାହୀଙ୍କ ଧର୍ମପତ୍ନୀ ଶୈବାଳିନୀ ପାଣିଗ୍ରାହୀ(୬୮)ଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ଦୀର୍ଘବର୍ଷ ହେଲା ସେ ମଧୁମେହ ରୋଗ ଓ ହୃଦ୍‌ଜନିତ ସମସ୍ୟାରେ ପୀଡ଼ିତ ଥିଲେ। ଅପରାହ୍ନରେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ଚାରି ପୁତ୍ର ମନୋରଞ୍ଜନ, ମାନସ ରଞ୍ଜନ, ସିଦ୍ଧାର୍ଥ, ବେଦପ୍ରକାଶ, ତିନି ପୁତ୍ରବଧୂ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ସର୍ଗତା ପାଣିଗ୍ରାହୀ ଜଣେ ଧର୍ମପରାୟଣ ସ୍ନେହୀ, ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ବୁଧବାର ସହର ସ୍ଥିତ ରାମେଶ୍ୱର ତ୍ରିବେଣୀ ସଙ୍ଗମ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି। ବଡ଼ପୁଅ ମନୋରଞ୍ଜନ ମୁଖାଗ୍ନି ଦେଇଛନ୍ତି। ଶବାଧାରରେ ସହରର ଅନେକ ବ୍ୟକ୍ତିବିଶେଷ, ବନ୍ଧୁବର୍ଗ, ଆତ୍ମୀୟ ସ୍ୱଜନ ସାମିଲ ଥିଲେ।

# ବେଦାନ୍ତ ଆଲୁମିନିୟମର ସପ୍ତାହବ୍ୟାପୀ ସ୍ୱାସ୍ଥ୍ୟ ଅଭିଯାନ

**ଭୁବନେଶ୍ୱର,୭।୫(ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୧ ସପ୍ତାହବ୍ୟାପୀ ସ୍ୱାସ୍ଥ୍ୟ ସଚେତନତା ଏବଂ ସ୍କ୍ରିନିଂ ଅଭିଯାନର ଶୁଭାରମ୍ଭ କରାଯାଇଛି। ଉଲ୍ଲେଖଯୋଗ୍ୟ, ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କମ୍ପାନୀର ମୋବାଇଲ୍ ହେଲଥ ୟୁନିଟ୍ (ଏମ୍‌ଏଚ୍‌ୟୁ) ଏବଂ ସ୍ୱେଚ୍ଛାସେବକମାନଙ୍କ ଦ୍ୱାରା ପରିଚାଳିତ ଲାଇଭ୍ ସଚେତନତା ଅଧିବେଶନ ମାଧ୍ୟମରେ ୨୮ଗ୍ରାମ ଏବଂ ଏକ ବୃଦ୍ଧାଶ୍ରମରେ ଏହି ଅଭିଯାନ ଆରମ୍ଭ ହୋଇଛି। ସେହିଭଳି ସମ୍ପ୍ରଦାୟର ସଦସ୍ୟମାନଙ୍କୁ ମ୍ୟାଲେରିଆର କାରଣ, ଲକ୍ଷଣ, ପ୍ରତିରୋଧ ଏବଂ ଚିକିତ୍ସା ବିଷୟରେ ସଚେତନ କରାଯାଇଥିଲା। ଏପରିକି ପହଞ୍ଚ ସୁନିଶ୍ଚିତ କରିବା ଏବଂ ବୁଝାମଣାକୁ ସୁଦୃଢ଼ କରିବା ପାଇଁ ଓଡ଼ିଆ ଭାଷାରେ ସୂଚନାମୂଳକ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସେହିପରି ଦ୍ରୁତ ଡାଇଗ୍ନୋଷ୍ଟିକ୍ କିଟ୍ ବ୍ୟବହାର କରି ଗ୍ରାମଗୁଡ଼ିକର ଘରେ ଘରେ ପରୀକ୍ଷା କରାଯାଇଥିଲା। ଏହି ଅଭିଯାନ ସଫଳତାର ସହ ୨,୦୦୦ରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବା ସହିତ ବେଦାନ୍ତର କାର୍ଯ୍ୟ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ପ୍ରତିବଦ୍ଧତାକୁ ପୁନଃ ନିର୍ଦ୍ଦିଷ୍ଟ କରିଥିଲା । ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ବିଶ୍ୱ ମ୍ୟାଲେରିଆ ଦିବସ ପାଇଁ ଆମର ସପ୍ତାହବ୍ୟାପୀ ସ୍ୱାସ୍ଥ୍ୟ ଅଭିଯାନ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ସକ୍ରିୟ, ଭୂମିଗତ ସ୍ୱାସ୍ଥ୍ୟସେବା ହସ୍ତକ୍ଷେପ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଏହିପରି ନିରନ୍ତର ପ୍ରୟାସ ମାଧ୍ୟମରେ ଆମେ ସ୍ଥିର, ରୋଗମୁକ୍ତ ସମ୍ପ୍ରଦାୟ ଗଠନ କରିବାକୁ ଲକ୍ଷ୍ୟ ରଖିଛୁ।

# ଶୀତଳଷଷ୍ଠୀରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ



ବଡବଜାର ଏବଂ ଠାକୁରପଡା ଶୀତଳଷଷ୍ଠୀ ଯାତ୍ରା କମିଟି ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିମନ୍ତ୍ରଣ କରାଯାଉଛି ।

## ବଡବଜାର ଓ ଠାକୁରପଡା ଶୀତଳଷଷ୍ଠୀ କମିଟି

**ସମ୍ବଲପୁର,୭।୫(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ସନ୍ଧ୍ୟାରେ ବଡବଜାର ଏବଂ ଠାକୁରପଡା ଶୀତଳଷଷ୍ଠୀ ଯାତ୍ରା କମିଟି ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱର ସ୍ଥିତ ସଚିବାଳୟରେ ନିମନ୍ତ୍ରଣ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଅବସରରେ ବଡବଜାର ଯାତ୍ରା କମିଟି ସମ୍ପାଦକ ରାମଦାସ ପଣ୍ଡା, ଉପସଭାପତି ଭୋପାଲ ବଘେଲ, ଯୁଗ୍ମ ସମ୍ପାଦକ ସଞ୍ଜୟ ଠାକୁର ଏବଂ ଠାକୁର ପଡ଼ାର ସଭାପତି ଶିବ ପ୍ରଧାନ, ସହ ସମ୍ପାଦକ ନାରାୟଣ ସାହୁ ଏବଂ ସୁଶାନ୍ତ ଜାଲ ସାମିଲ ଥିଲେ । ଏହି ଅବସରରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଏଥିପୂର୍ବରୁ ସହରର ତିନି ପ୍ରମୁଖ ଶୀତଳଷଷ୍ଠୀ ଯାତ୍ରା କମିଟି ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହେବାକୁ ନିମନ୍ତ୍ରଣ କରାଯାଇଥିଲା। ଏହାପରେ ସହରର ଅନ୍ୟ ପ୍ରମୁଖ ଶୀତଳଷଷ୍ଠୀ ଯାତ୍ରା କମିଟି ବଡବଜାର ଏବଂ ଠାକୁରପଡା ପକ୍ଷରୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି।


## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/E-Tender/11 ତା.05.05.2025ରିଖ

1) ଟେଣ୍ଡର ସଂ. etenderEastkur-39-2025, ତା.01-05-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ-I/ କଟକଙ୍କ ଅଧିକାର କ୍ଷେତ୍ର ଅଧିନରେ ଜେନାପୁର - ନିର୍ଗୁଣ୍ଡି UP ଏବଂ DN ଲାଇନ ତଥା ଜେନାପୁର - ହରିଦାସପୁର ମଧ୍ୟରେ ମଧ୍ୟ ଲାଇନ ଏବଂ ହରିଦାସପୁର - ବୈରୀ ଓ କପିଳାସ ରୋଡ଼ - ନିର୍ଗୁଣ୍ଡିର ତୃତୀୟ ଲାଇନ ସହିତ କପିଳାସ ରୋଡ଼ - ଶାଳଗାଁ UP ଏବଂ DN ଲାଇନ ତଥା ନିର୍ଗୁଣ୍ଡି - ବାରଙ୍ଗ (UP ଏବଂ DN ) ଲାଇନ ଏବଂ ନିର୍ଗୁଣ୍ଡି - ଗୁରୁଡ଼ିଝାଟିଆ (UP ଏବଂ DN ) ଲାଇନରେ ରେଳପଥର ରଙ୍ଗ କରିବା, ଲାଇନର କଂଟାକୁ ଏରିଆକୁ ସିଲ୍ କରିବା ଏବଂ ERCs ର ଗ୍ରୀସିଂ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 312.65 ଲକ୍ଷ,

EMD (₹) : 3,06,300.00 ।

2) ଟେଣ୍ଡର ସଂ. e-tender-eastkur-40-2025, ତା.01-05-2025ରିଖ

**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କାର୍ଯ୍ୟ)/ ପାରାଦୀପଙ୍କ ଅଧିନରେ କଟକ (Ex) ଠାରୁ ପାରାଦୀପ ସେକ୍ସନରେ 30.06.2026 ସମୟସୀମା ପାଇଁ ନୂତନ କାର୍ଯ୍ୟ, ସଂଯୋଜନା ଏବଂ ପରିବର୍ତ୍ତନ, ବିଭିନ୍ନ ପ୍ରକୃତିର ସମସ୍ତ ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପ୍ରତ୍ୟେକର ମୂଲ୍ୟ ଟ.5,00,000/- କିମ୍ବା ତା'ଠାରୁ କମ୍ ହେବା ଆବଶ୍ୟକ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 80.92 ଲକ୍ଷ,

EMD (₹) : 1,61,900.00 ।

3) ଟେଣ୍ଡର ସଂ. etenderEastkur-43-2025, ତା.01-05-2025ରିଖ

**ବିବରଣୀ :** ପୂର୍ବ ତଟ ରେଳପଥ କ୍ରୀଡ଼ା ସଂଘ, ଖୋର୍ଦ୍ଧା ରୋଡ଼ଙ୍କ ଅଧିନରେ ଗୋରଖା କଲୋନୀ ଖେଳ ପଡ଼ିଆକୁ ଖେଲୋ ଇଣ୍ଡିଆ କେନ୍ଦ୍ର ରୂପେ ବିକାଶ କରିବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 98.12 ଲକ୍ଷ,

EMD (₹) : 1,96,300.00 ।

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.23.05.2025ରିଖ 1500 ଘଣ୍ଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-101/Q/25-26



## ଭାରତୀୟ ରେଳ
## 25 କେ.ଭି. ଟ୍ରାକ୍ସନ୍‌ର ପରିଚୟ
### "ସାର୍ବଜନୀନ ସୂଚନା"

ସମସ୍ତ ରେଳ ଲାଇନ୍ ବ୍ୟବହାରକାରୀ ଓ ପୂର୍ବ କୂଳ ରେଲୱେ, ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ନିମ୍ନୋଲ୍ଲେଖିତ ଖଣ୍ଡ ଉପରେ ଅବସ୍ଥିତ ପରିସର ବ୍ୟବହାରକାରୀଙ୍କୁ ଏହି ମାଧ୍ୟମରେ ଅବଗତ କରାଯାଉଛି ଯେ ନିମ୍ନୋଲ୍ଲେଖିତ ତାରିଖରୁ 25,000 ଭୋଲ୍ଟ 50 ହର୍ଜ୍ଜ ଏ.ସି. ଓଭରହେଡ୍ ଟ୍ରାକ୍ସନ୍ ତାରମାନେ ବିଦ୍ୟୁତ୍ ଚାଳିତ ହୋଇଯିବେ। ଏହି ତାରିଖରୁ ଏହି ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍ ସଦା ବିଦ୍ୟୁତ୍ ଚାଳିତ (ସଜୀବ) ବୋଲି ଧାରଣ କରାଯିବ ଓ କୌଣସି ଅନଧିକୃତ ବ୍ୟକ୍ତିଙ୍କୁ ଏହି ତାରର ନିକଟକୁ ଯିବା ବା ତାଙ୍କ ନିକଟରେ କୌଣସି କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ ନାହିଁ।

**ଖଣ୍ଡ/ଯାର୍ଡ :**
ବୁନ୍ଦାମଲ୍ (BXQ) ଯାର୍ଡରେ ଲାଇନ୍ ନମ୍ବର-2 ରୁ ପ୍ରସ୍ତାବିତ GCT କାର୍ଯ୍ୟ ପାଇଁ KTPL ସାଇଡିଂର ପାରମ୍ପରିକ OHE ପ୍ରଣାଳୀ ପାଇଁ ବିଦ୍ୟୁତୀକରଣ।

| କ୍ରମିକ | ଖଣ୍ଡ/ଲାଇନ୍ | ଆରମ୍ଭ ସ୍ଥାନ (କିମି/ଚେନ୍) | ଶେଷ ସ୍ଥାନ (କିମି/ଚେନ୍) | ଟ୍ରାକ୍ କିଲୋମିଟର (TKM) |
|---|---|---|---|---|
| 1 | KTPL ଗୁଡ୍ସ ସାଇଡିଂ ବୁନ୍ଦାମଲ୍ (BXQ) ଯାର୍ଡରେ ଲାଇନ୍ ନମ୍ବର 2 ରୁ ଆରମ୍ଭ | କେଟିପିଏଲ୍-୦/୧ ଚେନ୍-୦/୭୮.୮୦ | କେଟିପିଏଲ୍-୧/୪ ଚେନ୍-୧/୧୨୭.୩୦ | ୧.୨୪୬ କି.ମି. |

**ବିଦ୍ୟୁତୀକରଣ ତାରିଖ : ୧୦.୦୫.୨୦୨୫**

ଗତିଶକ୍ତି ମଲ୍ଟି-ମୋଡାଲ୍ କାର୍ଗୋ ଟର୍ମିନାଲ (GCT)
ବୁନ୍ଦାମଲ୍ (BXQ) ଷ୍ଟେସନ୍
ମେସର୍ସ କଲ୍ୟାଣୀ ଟ୍ରାଙ୍କୋ ପ୍ରାଇଭେଟ୍ ଲିମିଟେଡ୍ ପାଇଁ



## LIFE INSURANCE CORPORATION OF INDIA
DIVISIONAL OFFICE, JEEVAN PRAKASH, AINTHAPALI, SAMBALPUR-768004

भारतीय जीवन बीमा निगम / LIFE INSURANCE CORPORATION OF INDIA

### EMPANELMENT NOTICE

Application are invited from Vendors/Firms for the empanelment for various jobs as mentioned below for Sales department of Divisional Office, Sambalpur.
**1.** Printing of Poster/Banner/Leaflet/Booklet etc. **2.** Making of Signage/Hoarding/Glowsign/ACP signage/Mobile van activities etc. **3.** Supply of competition prizes, Stationary items, Gift items, Utencils, Cloth, Blanket, Badges, Medals, Trophies & shield, Electrical & Electronic items, Bag with specification, Gold & Silver Coin etc. **4.** Event management for organizing meeting, Convention & educational seminar
The vendors/Firms desiring to be empanelled with us can visit **"https//www.licindia.in"** for details or personally visit Sales Department, LIC, Divisional Office, Sambalpur within office hour.
The application for empanelment along with the necessary enclosures are to be sent to the Sales Department and should reach us on or before **04.06.2025 up to 4 PM**. The fees for empanelment @Rs.300/- + GST Rs.54/- (Total-Rs.354/-) which is to be deposited through DD/Banker's cheque in favour of LIC of India, payable at Sambalpur or in cash counter.
LIC Of India reserves the right to accept or reject any or all applications in full or part without assigning any reasons whatsoever.

Sd/-
Date-05.05.2025 Sr.Divisional Manager



## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
## ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.

No.1166 /OSOU/2025 Dt. 07.05.2025

### EMPLOYMENT NOTICE

Applications are invited from eligible candidates as per UGC / AICTE eligibility criteria to fill up the faculty positions of Retired Professor(s), Retired Associate Professor(s) and Assistant Professor(s) (Guest Faculties) on temporary basis with honorarium as per Order No. 4478/HE dated 1st February, 2024 issued by the Higher Education Department in (subjects) 1-**Political Science**, 2-**History**, 3-**Rural Development**, 4-**Sociology**, 5-**Odia**, 6-**Economics**, 7-**English**, 8-**Sanskrit**, 9-**Commerce**, 10-**Hindi**, 11-**Journalism and Mass Communication**, 12-**Public Administration**, 13-**MBA (Disaster Management)**, 14-**Master of Computer Science (Cyber Security/ AI & ML)**, 15-**MCA (AI & ML / Cyber Security / Data Science)** and 16-**Education**.

The filled-in application may be submitted either Online via e-mail **<recruitment@osou.ac.in>** or Offline (but not mixing), complete in all respects along with supporting documents by **09th June, 2025, 5 p.m.** to the Registrar, Odisha State Open University, At-Badsinghari, P.O-Goshala Chowk, Sambalpur, PIN-768024 (Odisha).

For details of terms and application form, please visit
**www.osou.ac.in**

Sd-
Registrar



## इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଆମ୍ଭେ ସରଫେଶୀ ଆକ୍ଟର ଧାରା ୧୩(୮) ପ୍ରାବଧାନ ଏବଂ ଏହା ଅନ୍ତର୍ଗତ ନିୟମାନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁ ଯାହାକି ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାରେ ଆପଣଙ୍କ ଅଧିକାର ଅଟେ ।

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ମଧୁପାଟଣା ଶିଳ୍ପାଞ୍ଚଳ ଶାଖା / ଋଣଗ୍ରହୀତା: ମେସର୍ସ କର ଫାବ୍ରିକେସନ୍(ଫାର୍ମ), ସ୍ୱତ୍ତ୍ୱାଧିକାରୀ: ଗୀତାଞ୍ଜଳି କର, ସ୍ୱାମୀ: ଦେବେନ୍ଦ୍ରନାଥ କର / ଋଣଗ୍ରହୀତା / ବନ୍ଧକଦାତା: ଗୀତାଞ୍ଜଳି କର, ସ୍ୱାମୀ: ଦେବେନ୍ଦ୍ରନାଥ କର / ଗ୍ୟାରେଣ୍ଟିଦାତା: ଦେବେନ୍ଦ୍ରନାଥ କର, ପିତା: ଉପେନ୍ଦ୍ର କର, ସମସ୍ତଙ୍କ ଠିକଣା ସା/ପୋ: ଭୈରପୁର, ଗ୍ରା.ପ.: ମୁତାରିଙ୍ଗା, ଥାନା: ଜଗତପୁର, କଟକ - ୭୫୪୨୦୦ | ୦୫.୦୫.୨୦୨୫ ସୁଦ୍ଧା ଟ.୫୩,୧୨,୮୮୨/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୫.୦୨.୨୦୨୫ / ୦୫.୦୫.୨୦୨୫ | ଗୀତାଞ୍ଜଳି କର, ସ୍ୱାମୀ: ଦେବେନ୍ଦ୍ରନାଥ କରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୫୧/୫୩୬, ପ୍ଲଟ୍ ନଂ.: ୬୬୧/୨୯୧୯, ପ୍ରକାର: ଘରବାରି, କ୍ଷେତ୍ର: ଏକର ୦.୦୮୦ ଡିସିମିଲି, ମୌଜା: ଭୈରପୁର, ତହସିଲ: ସାଲେପୁର, ପୋ/ଥାନା: ସାଲେପୁର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଦକ୍ଷିଣ: ରାସ୍ତା, ଉତ୍ତର: ଭୁବନାନନ୍ଦ କର, ପଶ୍ଚିମ: ଭୁବନାନନ୍ଦ କର, ପୂର୍ବ: କାଞ୍ଚନବାଳା ସାହୁ |
| ଚୌଦ୍ୱାର ଶାଖା / ଋଣଗ୍ରହୀତା: ମେସର୍ସ ଡାଇମଣ୍ଡ ଜୁଏଲର୍ସ (ଫାର୍ମ), ସ୍ୱତ୍ତ୍ୱାଧିକାରୀ: ରମଣୀ ରଞ୍ଜନ ମହାରଣା / ଋଣଗ୍ରହୀତା: ରମଣୀ ରଞ୍ଜନ ମହାରଣା, ପିତା: ବାଇଧର ମହାରଣା / ଗ୍ୟାରେଣ୍ଟିଦାତା / ବନ୍ଧକଦାତା: ବାଇଧର ମହାରଣା, ପିତା: ୰ ରାଜ କିଶୋର ମହାରଣା, ସମସ୍ତଙ୍କ ଠିକଣା ମୌଜା: ଚୌଦ୍ୱାର, ତହସିଲ: ଟାଙ୍ଗୀ ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ | ୦୫.୦୫.୨୦୨୫ ସୁଦ୍ଧା ଟ.୫,୮୪,୨୪୪/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୫.୦୨.୨୦୨୫ / ୦୫.୦୫.୨୦୨୫ | ବାଇଧର ମହାରଣା, ପିତା: ୰ ରାଜ କିଶୋର ମହାରଣାଙ୍କ ନାମରେ ଥିବା ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚୌଦ୍ୱାର, ତହସିଲ: ଟାଙ୍ଗୀ ଚୌଦ୍ୱାର, ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ଖାତା ନଂ.: ୫୩୪/୧୯୩, ପ୍ଲଟ୍ ନଂ.: ୭୦୩/୨୦୩୮, ପ୍ରକାର: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅନନ୍ତ ଚରଣ ମହାରଣା, ଦକ୍ଷିଣ: ନାରାୟଣ ମହାରଣା, ପୂର୍ବ: ଶ୍ରୀରାମ ଚନ୍ଦ୍ର ମହାରଣା, ପଶ୍ଚିମ: ରାସ୍ତା |

ସ୍ଥାନ: କଟକ, ତାରିଖ : ୦୭.୦୫.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ନଦୀବନ୍ଧରେ ଯୁବକଙ୍କୁ ହତ୍ୟା

## ଜଣେ ଗୁରୁତର, ୫ ଆକ୍ରମଣକାରୀ ଅଟକ

**ପାଟକୁରା,୭।୫(ରବୀନ୍ଦ୍ର ନାଥ ବାରିକ)**


ପୋଲିସ ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଧୀନ ବେଡାରୀ ପଞ୍ଚାୟତ ହରିଦାସପୁର ନଦୀବନ୍ଧରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ହରିଦାସପୁର ଗ୍ରାମର ଜ୍ୟୋତିପ୍ରକାଶ ପରିଡ଼ା(୧୮)। ଜ୍ୟୋତିପ୍ରକାଶ ହରିଦାସପୁର ଚିଡ୍ରୋପ୍ଳା ମହୋତ୍ସବରୁ ବିଳମ୍ବିତ ରାତିରେ ଘରକୁ ଫେରୁଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପ୍ରାୟ ୨୦ଜଣ ଯୁବକ ତାଙ୍କୁ ମିଳିତ ଭାବେ ଛୁରାମାଡ଼ ସହିତ ବିଭିନ୍ନ ମାରଣାସ୍ତ୍ରରେ ହତ୍ୟା କରି ରାସ୍ତାପାର୍ଶ୍ୱରେ ଫୋପାଡ଼ି ଦେଇଥିଲେ। ଜ୍ୟୋତିପ୍ରକାଶଙ୍କୁ ଆକ୍ରମଣ କରୁଥିବା ଦେଖି ଉକ୍ତ ଗ୍ରାମର କାମାକ୍ଷା ପ୍ରସାଦ ରାଉତରାୟ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଯୁବକମାନେ ଆକ୍ରମଣ କରିବାକୁ ପଛାଇ ନ ଥିଲେ। କାମାକ୍ଷା ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ଜ୍ୟୋତିପ୍ରକାଶଙ୍କ ବଡଭାଇ ରଶ୍ମିରଞ୍ଜନ ପରିଡ଼ାଙ୍କ ଅଭିଯୋଗକ୍ରମେ ପାଟକୁରା ଥାନାରେ ଏକ ମାମଲା(ନଂ.୭୧/୨୫) ରୁଜୁ କରାଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ମହମ୍ମଦ ଜାମସେଦ ସଦଳବଳ ଚଢ଼ାଉ କରି ୫ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ଏସ୍‌ପି ସିଦ୍ଧାର୍ଥ କାଟରିଆ ଏବଂ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ଗୌଡ଼ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ତଦନ୍ତ କରି ଫେରିଛନ୍ତି। ଏହି ଘଟଣାରେ ୩ଟି ପୋଲିସ ଟିମ୍ ଗଠନ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କାଟରିଆ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ତେବେ ଗାଡ଼ି ସାଇଡ୍ ମରାକୁ କେନ୍ଦ୍ରକରି ଅଭିଯୁକ୍ତମାନଙ୍କ ସହ ଜ୍ୟୋତିପ୍ରକାଶଙ୍କ ବଚସା ହୋଇଥିଲା। ଏହାକୁ କେନ୍ଦ୍ରକରି ଏଭଳି ଦୁଃଖଦ ଘଟଣା ଘଟିଛି ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ସୂଚନା ଦେଇଛନ୍ତି। ଅଧିକ ତଦନ୍ତ ହେଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ବୁଧବାର ସନ୍ଧ୍ୟାରେ ଜ୍ୟୋତିପ୍ରକାଶଙ୍କ ମରଶରୀରକୁ ଅନ୍ତିମ ସଂସ୍କାର କରାଯାଇଛି। ଏହାକୁ ନେଇ ହରିଦାସପୁର ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

# ଘରୋଇ ବ୍ୟାଙ୍କକୁ ୧୦ ଲକ୍ଷ ଟଙ୍କା ଜରିମାନା

**ନୟାଗଡ଼,୭।୫(ଲୋକନାଥ ମିଶ୍ର)**

- ନୟାଗଡ଼ ଜିଲା ଖାଉଟି ଅଦାଲତର ରାୟ
- ଟ୍ରକ ଲୋନ୍‌ଧାରୀଙ୍କୁ ହାରାସ୍‌ମେଣ୍ଟ ମହଙ୍ଗା ପଡିଲା

ଟ୍ରକ୍ ଋଣଧାରୀଙ୍କୁ ହଇରାଣ କରିବା ମହଙ୍ଗା ପଡ଼ିଛି। ଏଭଳି ଏକ ଅଭିଯୋଗର ବିଚାର କରି ନୟାଗଡ଼ ଜିଲା ଖାଉଟି ଆୟୋଗର ସଭାପତି ଅଶୋକ କୁମାର ସେନାପତି ଓ ସଭ୍ୟ କରୁଣାକର ନାୟକ ଭୁବନେଶ୍ୱରର କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡକୁ ଋଣଧାରୀଙ୍କ କ୍ଷତିପୂରଣ ବାବଦକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ହାରାସ୍‌ମେଣ୍ଟ ବାବଦକୁ ୨୫ ହଜାର ଟଙ୍କା ପ୍ରଦାନ ପାଇଁ ଅର୍ଥ ଦଣ୍ଡ କରିଛନ୍ତି। ଏହି ନିର୍ଦ୍ଦେଶନାମା ପାଇବାର ୩୦ ଦିନ ଭିତରେ କ୍ଷତିପରୂଣ ଓ ହାରାସମେଣ୍ଟ ବାବଦ ଅର୍ଥରାଶି ନ ଦେଲେ ବାର୍ଷିକ ୧୨ ପ୍ରତିଶତ ସୁଧ ହାରରେ ଜରିମାନା ଦେବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ ଏନ୍‌ଓସି ତୁରନ୍ତ ଦେବା, ସିକ୍ୟୁରିଟ୍ ଚେକ୍ ସହ ବାଉନସ୍ ଚେକ୍ ଫେରାଇବା ପାଇଁ ମଧ୍ୟ ବ୍ୟାଙ୍କକୁ ଅନୁରୂପ ନିର୍ଦ୍ଦେଶ ରହିଛି।

ନୟାଗଡ଼ ଜିଲା ରଣପୁର ବ୍ଲକ୍ ଚାନ୍ଦପୁର ଥାନା ଚମ୍ପାଗଡ଼ ପଞ୍ଚାୟତ କଟକ ସହରର ଅଶୋକ କୁମାର ସେନାପତିଙ୍କ ସୂଚନା ଅନୁଯାୟୀ, ସେ ଏକ ଟ୍ରକ(ନଂ.ଓଡି୦୫ ଜେଡି ୨୮୪୯) ଭୁବନେଶ୍ୱରର କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡରୁ ଋଣ କରି ୨୦୧୭ରେ କିଣିଥିଲେ। ଟ୍ରକ୍‌ର ଦାମ୍ ୨୫ ଲକ୍ଷ ୨୭ ହଜାର ୮୨୭ ହୋଇଥିବାବେଳେ ସୁଧ ସହ ଏହା ୩୧ ଲକ୍ଷ ଟଙ୍କା ହୋଇଥିଲା। ଋଣ ପରିଶୋଧ ପାଇଁ ବ୍ୟାଙ୍କ ୪୭ଟି କିସ୍ତି କରିଥିଲା। କିସ୍ତି ପିଛା ୬୫ ହଜାର ୮୭୦ ଟଙ୍କା ଦେବାକୁ ଥିଲା। ତେବେ କରୋନା ପରେ କିସ୍ତି ପରିମାଣ ବଢ଼ି ୬୭ ହଜାର ୬୫୫ ହୋଇଥିଲା। ଅଶୋକ ୪୪ଟି କିସ୍ତି ଦେଇ ସାରିଥିବାବେଳେ ଅବଶିଷ୍ଟ ୩ଟି କିସ୍ତି ଦେଇପାରି ନ ଥିଲେ। ପରେ ବ୍ୟାଙ୍କର ପରାମର୍ଶ ଅନୁସାରେ ୩ଟି କିସ୍ତି ବାବଦକୁ ସୁଧ ମୂଳ ସହ ୨ ଲକ୍ଷ ୫୯ ହଜାର ଟଙ୍କା ୨୬।୧୦।୨୦୨୨ରେ ଡିପୋଜିଟ୍ କରିଥିଲେ। ଋଣ ପରିଶୋଧ ପରେ ବି ବ୍ୟାଙ୍କ ଅଶୋକଙ୍କୁ ଏନ୍‌ଓସି ଦେଇ ନ ଥିଲେ। ଏଣୁ ଅଶୋକ ନିଜର ଟ୍ରକ୍‌କୁ ଅନ୍ୟକୁ ବିକ୍ରି କରି ନ ପାରି ହଇରାଣ ହୋଇଥିଲେ। ପରେ ୮ ଜାନୁଆରୀ ୨୦୨୪ ଜିଲା ଖାଉଟି ଅଦାଲତରେ ଆଶ୍ରୟ ନେଲେ। ଅଶୋକ ଜିଲା ଖାଉଟି ଆୟୋଗରେ ଆଶ୍ରୟ ନେବା ପରେ ବ୍ୟାଙ୍କ ଅଶୋକଙ୍କଠାରୁ ନେଇଥିବା ୬ଟି ସିକ୍ୟୁରିଟି ଚେକ୍‌ରୁ ଗୋଟିକରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲେଖି ଚେକ୍ ବାଉନସ୍ କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଚେକ୍ ବାଉନସ୍ ଘଟଣାରେ କୋଲକତା କୋର୍ଟରେ କେଶ୍ କରିଥିଲେ। ଅଶୋକ ଜାମିନରେ ଅଛନ୍ତି। ନୟାଗଡ଼ ଜିଲା ଖାଉଟି ଅଦାଲତଙ୍କ ରାୟ ତାଙ୍କୁ ଆଶ୍ୱସ୍ତି ଦେଇଛି।

# ସ୍ତ୍ରୀଙ୍କୁ ମାଡ଼ ମାରି ଘର ଜାଳିଦେଲେ ସ୍ୱାମୀ

## ଘରପୋଡ଼ି ଦୃଶ୍ୟକୁ ଉପଭୋଗ କଲେ

**ଖଇରା, ୭।୫(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ପଞ୍ଚାୟତ ଅଧୀନ କିଶୋର ନଗର ଗ୍ରାମରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ନିର୍ଘୁମ ମାଡ଼ ମାରିବା ପରେ ନିଜ ଘରେ ନିଆଁ ଲଗାଇଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ବୁଧବାର ଅପରାହ୍ନରେ ଗ୍ରାମର ମଧୁସୂଦନ ବାରିକଙ୍କ ସହ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କର ଝଗଡା ହେବା ପରେ ସ୍ୱାମୀଙ୍କଠାରୁ ମାଡଗାଳି ଖାଇ ଲକ୍ଷ୍ମୀପ୍ରିୟା ନିଜ ବାପଘର ସୋର ପଳାଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ମଧୁସୂଦନ ନିଜ ଘରେ ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରକାଶ କୁମାର ଲେଙ୍କାଙ୍କ ଫୋନକ୍ରମେ ଅଡା ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସବୁ କିଛି ସମ୍ପତ୍ତି ପୋଡ଼ି ଛାରଖାର ହୋଇସାରିଥିଲା। ଗାଁ ଲୋକଙ୍କୁ ଡାକି ଜିନିଷପତ୍ର ଉଦ୍ଧାର କରିବା ପରିବର୍ତ୍ତେ ମଧୁସୂଦନ ଘରପୋଡ଼ି ଦୃଶ୍ୟକୁ ଘର ଠାରୁ ଅନତି ଦୂରରେ ଥିବା ହନୁମାନ ମଣ୍ଡପ ଉପରେ ବସି ଉପଭୋଗ କରୁଥିଲେ।

# ଗୋଟିଏ ରାତିରେ ୨ ସଶସ୍ତ୍ର ଡକାୟତି, ୧ ଚୋରି

## ସଞ୍ଜ ନଇଁଲେ ଘାରୁଛି ଭୟ

**ଖଇରା, ୭।୫(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ଗତ ୨ମାସ ଧରି କ୍ରମାଗତ ଚୋରି ଓ ଡକାୟତି ସାଧାରଣ ଲୋକଙ୍କ ଚିନ୍ତା ବଢାଇଦେଇଛି। ସଞ୍ଜ ହେଲେ ଘରୁ ବାହାରିବାକୁ ସେମାନେ ସାହସ କରିପାରୁନାହାନ୍ତି। ମଙ୍ଗଳବାର ରାତିରେ ୨ ସଶସ୍ତ୍ର ଡକାୟତି ଓ ଗୋଟିଏ ଚୋରି ଘଟଣା ଖଇରାବାସୀଙ୍କ ନିଦ ହଜାଇ ଦେଇଛି।

ଡାଲଙ୍ଗ ଗ୍ରାମ ଖଣିଆ ସ୍କୁଲ ନିକଟସ୍ଥ କ୍ରାନ୍ତିକୁମାର ଦାସ ନିଜ ମା' ଓ ଭଉଣୀଙ୍କ ସହ ଘରେ ଶୋଇଥିବା ବେଳେ ୮ଜଣ ଦୁର୍ବୃତ୍ତ ଘର ଗ୍ରୀଲ ଓ କବାଟ ଭାଙ୍ଗି ଘରେ ପଶିଥିଲେ। ସମସ୍ତଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିବା ସହ ଦଉଡିରେ ହାତଗୋଡ ବାନ୍ଧି ଦେଇଥିଲେ। କ୍ରାନ୍ତିକୁମାରଙ୍କୁ ନିସ୍ତୁକ ମାଡ ମାରିବା ପରେ ଆଲମିରା ଭାଙ୍ଗି ନଗଦ ୨ଲକ୍ଷ ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଯାଇଥିଲେ। ଖଇରା ପୋଲିସ ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ମାଧ୍ୟମରେ ପ୍ରାଥମିକ ତଦନ୍ତ କରିଛି। ସେହିଭଳି ସାରକୋଣା ଗ୍ରାମର ଅଜିତ କୁମାର ମହାପାତ୍ର ପିତୁ ଡଲେଇ କାମ ସାରି ମେଶିନ ଅପରେଟର ସଞ୍ଜିତ ଦାସଙ୍କ ସହ ଡଗରପଡା କେନାଲ ରାସ୍ତାରେ ନିଜ ବାଇକରେ ଘରକୁ ଆସୁଥିଲେ। ୨ଟି ଗାଡିରେ ପାଖାପାଖି ୮ଜଣ ଦୁର୍ବୃତ୍ତ ପଛରୁ ଆସି ତାଙ୍କ ବାଇକ ଅଟକାଇ ଭୁଜାଲି ଓ ବନ୍ଧୁକ ଦେଖାଇ ନିସ୍ତୁକ ମାଡ ମାରି ବାଇକ, ୨ଜଣଙ୍କର ୨ଟି ଦାମୀ ମୋବାଇଲ ଛଡାଇ ନେଇ ପଳାଇଥିବା ଅଜିତ ଖଇରା ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଏହାଛଡା ମାଖନପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ତାଲା ଭାଙ୍ଗି କୌଣସି ଦୁର୍ବୃତ୍ତ ପ୍ରିଣ୍ଟର, କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ଆସବାବପତ୍ର ଚୋରାଇ ନେଇଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ସତ୍ୟଭାମା ବାରିକ ଖଇରା ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯିବା ସହ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ଆଇଆଇସି ସୁଚନ୍ଦ୍ର ମହାଳିକ କହିଛନ୍ତି।

# ମାଜିଷ୍ଟ୍ରେଟଙ୍କୁ ଆକ୍ରମଣ ଘଟଣା: ୪ ଗିରଫ

**ବନ୍ଧମୁଣ୍ଡା/ରାଉରକେଲା,୭/୫ (ସୁବ୍ରତ ଡେ/ ସଙ୍ଗୀତା ଜେନା)**

ବନ୍ଧମୁଣ୍ଡା-ବରକାନୀ ଅଞ୍ଚଳରେ ଇସ୍ପାତ କାରଖାନା ପକ୍ଷରୁ ହେଉଥିବା ରେଳଲାଇନ୍ ନିର୍ମାଣକୁ ଗତ ଏପ୍ରିଲ ୧୯ ତାରିଖରେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଏହି ସମୟରେ ଜେସିବି ଧକ୍କାରେ ସ୍ଥାନୀୟ ଯୁବକ ଏତୋ ଏକ୍କାଙ୍କ ମୃତ୍ୟୁ ଘଟିଥିଲା। ଏହାକୁ କେନ୍ଦ୍ରକରି ସେଠାରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ବିଶ୍ରା ବ୍ଲକ ସହକାରୀ ତହସିଲଦାର ପୁରୁଷୋତ୍ତମ ନାୟକ ମାଜିଷ୍ଟ୍ରେଟଭାବେ ଉପସ୍ଥିତ ଥିଲେ। ଏହି ସମୟରେ ସେ ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ନାୟକ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା(ନଂ. ୧୦୮/୨୫) ରୁଜୁ କରି ତଦନ୍ତ କରୁଥିଲା। ଏହି ଘଟଣାରେ ବନ୍ଧମୁଣ୍ଡା ଥାନା ପୋଲିସ ବୁଧବାର ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଧମୁଣ୍ଡା ପଞ୍ଚାୟତ ସରପଞ୍ଚ ଅନୀତା ତିର୍କି, କପାଟମୁଣ୍ଡା ସମିତି ସଭ୍ୟା ସୁଷମା ଓରାମ, ସ୍ଥାନୀୟ ବିସ୍ଥାପିତ ସଂଘ ନେତା ଡେମେ ଓରାମ ଏବଂ ଆଇନଜୀବୀ ଶୁଭୋଜିତ ବାନାର୍ଜୀ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ୩ ଏଟିଏମ୍ ଲୁଟେରା ଧରାପଡ଼ିଲେ

- ଚୋରି ଅଳଙ୍କାର ଜବତ, ୨ ଗିରଫ
- ୫୧ ଏଟିଏମ୍ କାର୍ଡ, ୧.୨୦ଲକ୍ଷ ଟଙ୍କା, ୭୦ ଗ୍ରାମ ସୁନା, ୪କେଜି ୨୦୦ ଗ୍ରାମ ରୁପା ଅଳଙ୍କାର ଜବତ

**ଖୋର୍ଦ୍ଧା/ବାଲୁଗାଁ,୭।୫(ପ୍ରଭାତ ପାଣିଗ୍ରାହୀ/ସଂଗ୍ରାମ ପାଇକରାୟ)**



ଜବତ ସୁନା,ରୁପା ଅଳଙ୍କାର (ବାମ)। ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ଓ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ୩ ଏଟିଏମ୍ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗର ଏଟିଏମ୍ ଲୁଟେରା ଦକ୍ଷିଣ୨୪ ପରଗଣାର ଜଗନ୍ନାଥ ଘରଣୀ(୪୨), ରାଜୁ ବର୍ମନ(୩୨) ଏବଂ ରୋହିତ ଖାଁ(୨୪)। ଏମାନଙ୍କଠାରୁ ୫୧ଟି ଏଟିଏମ୍ କାର୍ଡ, ୨ଟି ମୋବାଇଲ ଫୋନ, ୧ଲକ୍ଷ ୨୦ହଜାର ଟଙ୍କା ଜବତ ହୋଇଛି। ପଶ୍ଚିମବଙ୍ଗରୁ ଆସି ଏମାନେ ବିଭିନ୍ନ ସ୍ଥାନରେ ଏଟିଏମ୍ କାଉଣ୍ଟରରେ ସହଯୋଗ ଆଳରେ ଟଙ୍କା ଲୁଟ୍ କରୁଥିଲେ। ସେହିପରି ବାଲୁଗାଁ ବଜାରସ୍ଥିତ ମହାବୀର ଜୁଏଲର୍ସ ଦୋକାନରୁ ସୁନାରୁପା ଅଳଙ୍କାର ସହ ୩ ହଜାର ଟଙ୍କା ଚୋରି ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା କାନପୁରର କାହ୍ନୁ ଦାଶ(୪୧) ଏବଂ ବାଲୁଗାଁ ଗୋପୀନାଥ ଛକରେ ରହୁଥିବା କାଳିଆ ଦାଶ(୨୩)। ଏମାନଙ୍କଠାରୁ ୭୦ଗ୍ରାମ ସୁନା ଏବଂ ୪କେଜି ୨ଶହ ଗ୍ରାମ ରୁପାଅଳଙ୍କାର ଜବତ ହୋଇଛି ବୋଲି ବୁଧବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, କିଛିଦିନ ହେବ ଖୋର୍ଦ୍ଧା ଜିଲାରେ ଏକ ଲୁଟେରା ଗ୍ୟାଙ୍ଗ୍ ବିଭିନ୍ନ ସ୍ଥାନରେ ଏଟିଏମ୍ ପରିଚାଳନା ଜଣା ନ ଥିବା ବ୍ୟକ୍ତିବିଶେଷଙ୍କୁ ସହଯୋଗ ଆଳରେ ଟଙ୍କା ଲୁଟ୍ କରୁଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା, ଟାଙ୍ଗୀ, ବାଲୁଗାଁ ଏବଂ ବାଣପୁର ଅଞ୍ଚଳରେ ପୋଲିସ ନଜର ରଖିଥିଲା। ଗତ ୫ ତାରିଖ ରାତି ୯ଟାରେ ନିରାକାରପୁର ଥାନା ଅଧୀନ ବଡ଼ପୋଖରିଆ ନୀଳଗିରିପାଟଣା ଗ୍ରାମର ଅକ୍ଷୟ କୁମାର ଶ୍ରୀଚନ୍ଦନ ଜଙ୍କିଆ ଛଣଗିରି ରାସ୍ତାରେ ଅବସ୍ଥିତ ଏସ୍‌ବିଆଇ ଏଟିଏମ୍ ପଏଣ୍ଟକୁ ତାଙ୍କ ବାପାଙ୍କ ସହ ଟଙ୍କା ଉଠାଇବାକୁ ଯାଇଥିଲେ। ସେଠାରେ ପୂର୍ବରୁ ୩ଜଣ ବ୍ୟକ୍ତି ଉପସ୍ଥିତ ଥିଲେ। ଅକ୍ଷୟ ଟଙ୍କା ଉଠାଇବା ବେଳେ ସେତେବେଳେ ଅଭିଯୁକ୍ତମାନେ ଜଣଙ୍କଠାରୁ ଟଙ୍କା ଉଠାଇବା ପାଇଁ ଠକେଇ କରି ଏଟିଏମ୍ କାର୍ଡ ବଦଳାଇବାକୁ ଚେଷ୍ଟା କରୁଥିଲେ। ତାଙ୍କ ଉପରେ ସନ୍ଦେହ ହେବାରୁ ଅକ୍ଷୟ ତାଙ୍କୁ ପଚାରିବାରୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ପଳାଇଥିଲେ। ଏନେଇ ଅକ୍ଷୟଙ୍କ ଅଭିଯୋଗକ୍ରମେ ଜଙ୍କିଆ ପୋଲିସ ଏକ ମାମଲା(ନଂ.୧୩୫/୨୫) ରୁଜୁକରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଧରିଥିଲା। ପଚରାଉଚୁରା ବେଳେ ସେମାନେ କଟକ, ପୁରୀ ଏବଂ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ କୌଶଳକ୍ରମେ ଏଟିଏମ୍ କାର୍ଡ ବଦଳ କରି ଟଙ୍କା ଉଠାଉଥିବା ସ୍ୱୀକାର କରିଥିଲେ। ଏହି ଅଭିଯୁକ୍ତମାନଙ୍କ ନାମରେ ପୁରୀ ସମୁଦ୍ରକୂଳ ଥାନା, କଟକ ଚାଉଳିଆଗଞ୍ଜ ଥାନାରେ ଗୋଟିଏ ଲେଖାଏ, ଖୋର୍ଦ୍ଧା ନାଚୁଣୀ ଥାନାରେ ୩ଟି ଏବଂ ବାଣପୁର ଥାନାରେ ଗୋଟିଏ ମାମଲା ରହିଛି। ସେହିପରି ଗତ ଶୁକ୍ରବାର ବାଲୁଗାଁ ବଜାରସ୍ଥିତ ମହାବୀର ଜୁଏଲର୍ସ ଦୋକାନ ଆଜବେଷ୍ଟସ ଭାଙ୍ଗି ଦୁର୍ବୃତ୍ତମାନେ ୨୦୦ ଗ୍ରାମ ସୁନା, ୫କେଜି ରୁପା ଅଳଙ୍କାର ସହ ୩ ହଜାର ଟଙ୍କା ଚୋରିକରି ନେଇଥିଲେ। ଏନେଇ ଦୋକାନ ମାଲିକ ଲକ୍ଷ୍ମୀଧର ନାୟକଙ୍କ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ ଏକ ମାମଲା(ନଂ.୧୨୯/୨୫)ରୁଜୁ କରିଥିଲା। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ବିଭିନ୍ନ ସ୍ଥାନରେ ତଦନ୍ତ ଜାରି ରଖିଥିବା ବେଳେ ସିସିଟିଭି ଫୁଟେଜକୁ ଆଧାର କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଥିଲା। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରଜିତ ପାଲସିଂହ, ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ସଦର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ବାଲୁଗାଁ ଥାନାଧିକାରୀ ଜୟ ପ୍ରକାଶ ପରିଡ଼ା, ଜଙ୍କିଆ ଥାନାଧିକାରୀ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନମରୁ ବାଳ ଜନନୀ, ନମରୁ ବୁଢ଼ା ଘରଣୀ।**

ମା' ହିଁ ଶିଶୁର ଗୁରୁଦାୟିତ୍ୱ ବହନ କରିଥାଏ। ଶୈଶବରୁ ଆରମ୍ଭ କରି ଉତ୍ତମ ନାଗରିକରେ ପରିଣତ ହେବା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ମା' ହାତରେ ନ୍ୟସ୍ତ ଥିବାବେଳେ ବାଲ୍ୟ କାଳରେ ମାଆକୁ ହରାଇଥିବା ସନ୍ତାନ ଅବହେଳିତ ହେଉଥିବାର ଦେଖିବାକୁ ମିଳିଥାଏ। ଠିକ୍ ସେହିପରି ବୃଦ୍ଧାବସ୍ଥାରେ ପତ୍ନୀକୁ ହରାଇଥିବା ବ୍ୟକ୍ତି ନିଃସଙ୍ଗ ଜୀବନଯାପନ କରିବା ସହ ଅନେକ ଦୁଃଖ କଷ୍ଟ ପାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନେଇ ଆଣି ଥୋଇ ଜାଣିଲେ, ଚୋରି ବିଦ୍ୟା ଭଲ।**

କଥାରେ ଅଛି ନକଲ କରିବାକୁ ହେଲେ ଅକଲର ଆବଶ୍ୟକତା ରହିଛି। ଆଉ ଠିକ୍ ଭାବେ କରିଜାଣିଲେ ଚୋରି ବିଦ୍ୟା ମଧ୍ୟ ଭଲ। ସବୁ କାର୍ଯ୍ୟକୁ ଠିକ୍ ଭାବେ କରିପାରୁଥିବା ଚତୁର ବା ଚାଲାକ ଶ୍ରେଣୀର ବ୍ୟକ୍ତି ଯେ କୌଣସି ବୃତ୍ତିରେ ହାତ ଦେଲେ ମଧ୍ୟ ସେଥିରେ ସଫଳତା ପାଇଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବାଣ ତିଆରି ପାଇଁ ନ ଥିଲା ଲାଇସେନ୍ସ

## ଗୋଦାମରେ ବିସ୍ଫୋରଣ ଘଟଣା

**ଭଦ୍ରକ,୭।୫ (ସନାତନ ରାଉତ)**


ବାଣ ଗୋଦାମ ସିଲ୍‌ବେଳେ ଉପସ୍ଥିତ ଅଧିକାରୀ।

ଭଦ୍ରକ ପୌରପାଳିକା ଅଧୀନ ୨୫ ନଂ. ୱାର୍ଡର ହଳଦୀଡିହ ବାଇପାସ୍‌ଠାରେ ମଙ୍ଗଳବାର ସକାଳେ ଏକ ବାଣ ଗୋଦାମରେ ବିସ୍ଫୋରଣ ଘଟଣାର ତଦନ୍ତ ପରେ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ଏହି ଗୋଦାମ ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ଧରି ଏଠାରେ ଚାଲୁଥିବା ବେଳେ କେବଳ ବାଣ ରଖିବା ଓ ବିକ୍ରି କରିବା ପାଇଁ ଲାଇସେନ୍ସ ଥିଲା। କିନ୍ତୁ ବାଣ ତିଆରି ପାଇଁ କୌଣସି ଲାଇସେନ୍ସ ନ ଥିଲା ବୋଲି ତଦନ୍ତ ବେଳେ ଜଣାପଡ଼ିଥିବା ପୁରୁଣାବଜାର ଥାନାଧିକାରୀ ସୁଶାନ୍ତ ସାହୁ କହିଛନ୍ତି। ବିନା ଲାଇସେନ୍ସରେ ବାଣ ତିଆରି କରିବା, ନାବାଳକଙ୍କୁ ବାଣ ତିଆରି କାମରେ ଲଗାଇବା ଆଦି ଅପରାଧ ନେଇ ପୋଲିସ ନିଜ ଆଡୁ ପୁରୁଣାବଜାର ସବ୍‌ଇନ୍ସପେକ୍ଟର ସ୍ମୃତିରେଖା ସ୍ୱାଇଁଙ୍କ ଅଭିଯୋଗକ୍ରମେ ମଙ୍ଗଳବାର ରାତିରେ ଏକ ମାମଲା (ନଂ ୧୦୭/୨୫) ରୁଜୁ କରିଛି। ଅପରପକ୍ଷେ ଗୋଦାମ ମାଲିକ ଫେରାର ଅଛନ୍ତି। ତେବେ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହାର ତଦନ୍ତ ଚାଲିଛି। ଜଳି ଯାଇଥିବା ଗୋଦାମ ସାମ୍ନାରେ ଥିବା ଅନ୍ୟ ୩ଟି ଘରୁ ବାଣ ଓ ବାଣ ତିଆରିରେ ବ୍ୟବହୃତ ସାମଗ୍ରୀ ଜବତ କରାଯିବା ସହ ଗୃହ ସିଲ୍ କରାଯାଇଥିବା ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା କହିଛନ୍ତି।

ପ୍ରକାଶ ଯେ, ବାଣ ଗୋଦାମରେ ବିସ୍ଫୋରଣ ଯୋଗୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। କଟକରୁ ମୃତଦେହ ଭଦ୍ରକରେ ପହଞ୍ଚିବା ପରେ ମଙ୍ଗଳବାର ରାତି ୯ଟାରେ ହଳଦୀଡିହ ବାଇପାସ୍‌ଠାରେ ମୃତଦେହ ରଖି ଭଦ୍ରକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରାଯାଇଥିଲା। ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, ଯୁବନେତା ଜାହିଦ୍ ହବିବ୍, କାଉନସିଲର ଶେଖ ସାହିଲ କାଦ୍ରୀଙ୍କ ସମେତ ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାର ଲୋକଙ୍କୁ ଚାକିରି ଦିଆଯିବା ସହ ଗୋଦାମ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମୃତକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଲକ୍ଷ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଜିଲାପାଳଙ୍କଠାରୁ ଜାଣିବା ପରେ ରାସ୍ତାରୋକୋ ହଟିଥିଲା।

## ନିଜ ଆଡୁ ମାମଲା ରୁଜୁ କଲା ପୋଲିସ

ଶ୍ରମିକ ରହିତୁନ୍ ବିବିଙ୍କ ମୃତ୍ୟୁ ପରେ ତାଙ୍କ ୩ ଝିଅ ଓ ଗୋଟିଏ ପୁଅ ବେସାହାରା ହୋଇଯାଇଛନ୍ତି। ୩ବର୍ଷ ତଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରିବା ସହ ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ତାଙ୍କ ମୃତ୍ୟୁ ପରେ ପିଲାମାନଙ୍କ ପ୍ରତିପୋଷଣ ମୁଖ୍ୟ ସମସ୍ୟା ବୋଲି ପୌରାଧ୍ୟକ୍ଷା ହବିବ୍ କହିଛନ୍ତି। ଅନ୍ୟ ୩ ଗୁରୁତର କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତେବେ ପୂର୍ବରୁ ଏହି ଗୋଦାମରେ ବିସ୍ଫୋରଣ ଘଟି ଏକାଧିକ ଶ୍ରମିକ ପ୍ରାଣ ହରାଇଥିବା ବେଳେ ସେତେବେଳେ ମଧ୍ୟ ଥାନାରେ ମାମଲା ରୁଜୁ ହୋଇଥିଲା। ତା'ପରେ ମଧ୍ୟ ବାଣ ତିଆରି ଲାଇସେନ୍ସ ନ ଥାଇ ସେଠାରେ ବାଣ ତିଆରି ହେଉଥିବା ପୋଲିସ ପ୍ରଶାସନ କିପରି ଜାଣିପାରିଲା ନାହିଁ ବୋଲି ଯୁବନେତା ଜାହିଦ୍ ହବିବ ପ୍ରଶ୍ନ କରିଛନ୍ତି।

# ରେଡ୍‌କ୍ରସ୍‌ର ଜନ୍ମଦାତା



ସୁଇଜରଲାଣ୍ଡ ଜେନେଭା ସହରର ଜଣେ ବ୍ୟବସାୟୀ ଇଟାଲୀର ଲୋମ୍ବାର୍ଡି ଅଞ୍ଚଳକୁ ୧୮୫୯ ଜୁନ୍‌ରେ ଯାଇଥିଲେ। ବ୍ୟବସାୟୀ ଜଣକ ଉତ୍ତର ଇଟାଲୀର କାଷ୍ଟିଗ୍ଲିୟନ୍‌ଡିଲା ସହରର ହୋଟେଲରେ ରାତ୍ରିଯାପନ କଲେ। ସାଲଫାରିନୋ ନାମକ ଛୋଟ ସହର ନିକଟରେ ଘମାଘୋଟ ଯୁଦ୍ଧର ଗୁଳିଗୋଳା ଶବ୍ଦରେ ତାଙ୍କର ନିଦ ଭାଙ୍ଗିଗଲା। ଏକ ପକ୍ଷରେ ଅଷ୍ଟ୍ରିଆ ରାଜା ଫ୍ରାନ୍‌ସିସ୍ ଜୋସେଫଙ୍କ ସୈନ୍ୟଦଳ ଅନ୍ୟପକ୍ଷରେ ଫରାସୀ ଶାସନ ତୃତୀୟ ନେପୋଲିୟନ୍ ସାର୍ଡିନିଆର ସହଯୋଗରେ ପ୍ରସ୍ତୁତ ସୈନ୍ୟସାମନ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା। ଯୁଦ୍ଧରେ ହଜାର ଅଫିସର ଓ ପଚାଶହଜାର ସୈନ୍ୟ ପ୍ରାଣ ହରାଇଲେ। ସହସ୍ରାଧିକ ଆହତ ହେଲେ। ବ୍ୟବସାୟୀ ଜଣକ ଏ ପରିସ୍ଥିତି ଦେଖି ଧୈର୍ଯ୍ୟଧରି ରହି ପାରିଲେ ନାହିଁ। ସେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ଯାଇ ମହିଳା, ପୁରୁଷ କିଶୋର-କିଶୋରୀମାନଙ୍କୁ ଏକତ୍ରିତ କଲେ। ସେମାନଙ୍କ ସହାୟତାରେ ଆହତମାନଙ୍କର ଚିକିତ୍ସା ଆରମ୍ଭ କଲେ। ମୃତପ୍ରାୟ ବ୍ୟକ୍ତି ନିକଟରେ ବାଇବେଲ ପାଠକଲେ। ସେମାନଙ୍କ ପରିବାର ନିକଟକୁ ପତ୍ରଲେଖି ଖବର ପ୍ରେରଣ କଲେ। ଦିନକୁ ଦିନ ଆହତମାନେ ସୁସ୍ଥହେଲେ। ବ୍ୟବସାୟୀଜଣକ ନିଜସହର ଜେନେଭା ଫେରିଲାପରେ ଅମାନବୀୟ ଯୁଦ୍ଧର ବିଭୀଷିକା ଓ ଯୁଦ୍ଧକ୍ଷେତ୍ରରେ ଆହତମାନଙ୍କ ସେବାପାଇଁ କେତେକ ପ୍ରସ୍ତାବକୁ ଲିପିବଦ୍ଧ କରି ୧୮୮୨ରେ 'ସାଲଫରିନୋସ୍ମୃତି' ନାମକ ଏକ ପୁସ୍ତକ ପ୍ରକାଶକରି ସମ୍ବେଦନଶୀଳ ୟୁରୋପୀୟମାନଙ୍କ ହୃଦୟ ଜୟ କରିପାରିଥିଲେ।

୧୮୬୩ରେ ଜେନେଭା ଜନମଙ୍ଗଳ ସମିତିର ସଭାପତି ଗୁସ୍ତାଭ ମୋନିରଙ୍କ ସମେତ ଜେନେରାଲ ଗୁଇଲାମ୍ ଡୁଫର, ଡାକ୍ତର ଥିଓଡର, ମୋନିର, ଡାକ୍ତର

## ଆଜି ବିଶ୍ୱ ରେଡ୍‌କ୍ରସ୍ ଦିବସ

ଦୁଇ ଆପିୟାଙ୍କୁ ନେଇ ପାଞ୍ଚଜଣିଆ କମିଟି ଗଠନ କରାଗଲା। ସେତେବେଳେ ଏହାର ନାମ ରଖାଗଲା International Committee for relief of the wounded Commandants in Warfare। ପରବର୍ତ୍ତୀ ସମୟରେ ୧୯୬୪ ଅଗଷ୍ଟ ୮ରେ ୧୬ଟି ସ୍ୱାଧୀନ ଦେଶର ପ୍ରତିନିଧିମାନଙ୍କୁ ନେଇ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ୧୫ ଦିନ ପର୍ଯ୍ୟନ୍ତ ଅନେକ ଆଲୋଚନା ପରେ ଏକ ପ୍ରସ୍ତାବ ଗୃହୀତ ହେଲା। ପୃଥିବୀର ଯେକୌଣସି ଅଞ୍ଚଳରେ ଯୁଦ୍ଧହେଲେ ଯୁଦ୍ଧଭୂମିର ଆହତ ସୈନିକମାନଙ୍କୁ ସାହାଯ୍ୟ ଓ ସେବାକରିବା ପାଇଁ ଗୋଟିଏ ସ୍ୱେଚ୍ଛାସେବକ ବାହିନୀ ଦାୟିତ୍ୱ ନେବ ଏବଂ ସମିତିର ନାମରହିବ 'ଅନ୍ତର୍ଜାତୀୟ ରେଡ୍‌କ୍ରସ୍ ସମିତି'। ଦୀର୍ଘ ଏକାର୍ଦ୍ଧ ଶତରୁ ଅଧିକ ବର୍ଷ ବ୍ୟାପୀ ଅନ୍ତର୍ଜାତୀୟ ସ୍ତରର ସେବାଦଳର ପରିଚୟ ନେଇ ସମସ୍ତ ଦେଶରେ ସେବାଯୋଗାଇ ଆସୁଥିବା ରେଡ୍‌କ୍ରସ୍‌ର ଜନକ ସୁଇଜରଲାଣ୍ଡର ବ୍ୟବସାୟୀ ଆଉକେହି ନୁହନ୍ତି ସେ ହେଲେ ଜନ୍ ହେନେରିଡୁନାଣ୍ଟ। ୧୮୨୮ ମେ' ୮ରେ ସେ (ପିତା ଜାକୁଇସି ଓ ମାତା ଆଣ୍ଟୋନେଣ୍ଟୋକାଲାଡନ୍) ଜେନେଭା ସହରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମତିଥିକୁ ଏ ମାଟି ''ରେଡ୍‌କ୍ରସ୍''ର ଜନ୍ମଦିନଭାବେ ପାଳନ କରିଆସୁଛି। ଏ ଦିବସ ଅବସରରେ ଚଳିତ ବର୍ଷର ଥିମ ରହିଛି-'Keeping Humanity Alive: Hope, Help, Heal'।

### ସେବା ମନୋବୃତ୍ତି ରହିବା ଦରକାର



**ରେଡ୍‌କ୍ରସ୍** କାମ ସହ ମୁଁ ଦୀର୍ଘ ୩୫ ବର୍ଷ ହେଲା ଜଡିତ। ଲୋକମାନଙ୍କୁ ଜରୁରିକାଳୀନ ସହାୟତା କରିବା ଆମର କାମ। ଏଥିରୁ ମୋତେ କେବଳ ଆନନ୍ଦ ମିଳେନା ଆଗକୁ ଆଗେଇବାର ପ୍ରେରଣା ମଧ୍ୟ ମିଳିଥାଏ। ଆମ ଭିତରେ ଯଦି ସେବା ମନୋବୃତ୍ତି ରହିଲା ତେବେ ସମାଜରେ ଅନେକ ପରିବର୍ତ୍ତନ ଆସିପାରିବ।


**-ଅଶ୍ୱିନୀ ପ୍ରସାଦ** (ଜଏଣ୍ଟ ସେକ୍ରେଟାରି, ଆଜୀବନ ସଦସ୍ୟ, ଆଇଆର୍‌ସିଏସ୍, ଜିଲା ଶାଖା, ସୁନ୍ଦରଗଡ଼)

ମାନବିକତା, ନିରପେକ୍ଷତା, ଅପକ୍ଷପାତିତାକୁ ଅଙ୍ଗୀକାର କରି ସ୍ୱାଧୀନ ତଥା ସ୍ୱେଚ୍ଛାସେବୀ ଭାବରେ ବିଶ୍ୱବ୍ୟାପକତ୍ୱକୁ ପ୍ରତିପାଦିତ କରୁଥିବା ଏହି ରେଡ୍‌କ୍ରସ୍‌ର ମୂଳମନ୍ତ୍ର ହେଲା ସେବା, ସ୍ୱାସ୍ଥ୍ୟ ଓ ବିଶ୍ୱବନ୍ଧୁତା।

**-ଡା. ଅନନ୍ତ ଆଚାର୍ଯ୍ୟ,** ଉପନିର୍ଦ୍ଦେଶକ, ଆୟୁଷ ବିଭାଗ

# ଜନସଚେତନତାର ଆବଶ୍ୟକ ରହିଛି

## ଆଜି ବିଶ୍ୱ ଥାଲାସେମିଆ ଦିବସ




ଥାଲାସେମିଆ ଏକ ବଂଶଗତ ରକ୍ତଜନିତ ରୋଗ। ଆମ ସମସ୍ତଙ୍କ ରକ୍ତରେ ରହିଛି ଆର୍‌ବିସି ବା ଲୋହିତ ରକ୍ତ କୋଷିକା। ଲୋହିତ ରକ୍ତ କୋଷିକା ଭିତରେ ଥାଏ ହେମୋଗ୍ଲୋବିନ୍ ନାମକ ଏକ ଉପାଦାନ। 'ହିମ୍' ଓ 'ଗ୍ଲୋବିନ୍'-ଏହି ଦୁଇଟି ଉପାଦାନ ଥାଏ ହେମୋଗ୍ଲୋବିନ୍‌ରେ। 'ଆଲଫା' ଓ 'ବିଟା' ଗ୍ଲୋବିନ୍‌ଜେନକୁ ନେଇ ଗ୍ଲୋବିନ୍ ଅଣୁଟି ଗଠିତ। କିନ୍ତୁ ନିର୍ଦ୍ଦିଷ୍ଟ ଏକ କ୍ରୋମୋଜୋମ୍ ବା ଗୁଣସୂତ୍ରରେ ତ୍ରୁଟି ରହିଗଲେ ତ୍ରୁଟିର ପ୍ରକାରକୁ ଚାହିଁ ଆଲଫା ଗ୍ଲୋବିନ୍ ଚେନ୍ କି ବିଟା ଗ୍ଲୋବିନ୍ ଚେନ୍‌ର ତିଆରି ତ୍ରୁଟିଯୁକ୍ତ ହୋଇଯାଏ। ଆଲଫା ଚେନ୍‌ର ତ୍ରୁଟି ହେଲେ ତାକୁ 'ଆଲଫା ଥାଲାସିମିଆ' ଏବଂ ବିଟା ଚେନ୍‌ରେ ତ୍ରୁଟି ହେଲେ ତାହାକୁ କହନ୍ତି 'ବିଟା ଥାଲାସେମିଆ'। ଥାଲାସେମିଆ ରୋଗଟି ବଂଶଗତ ଜିନ୍ ରୋଗ ହୋଇଥିବାରୁ ପରିବାର ଏକାଧିକ ବ୍ୟକ୍ତ ଏହି ରୋଗଟିରେ ଆକ୍ରାନ୍ତ ହେବା ଆଦୌ ଅସ୍ୱାଭାବିକ ନୁହେଁ। ଥାଲାସେମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି- ଥାଲାସେମିଆ ମେଜର, ଥାଲାସେମିଆ ମାଇନର ଏବଂ ଥାଲାସେମିଆ ଇଣ୍ଟରମେଡିଆ। ଥାଲାସେମିଆ ମେଜରକୁ ମଧ୍ୟ 'ବିଟା ଥାଲାସେମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡିଥିବାରୁ ଜାତ ହୁଏ ଗୁରୁତର ଧରଣର ରକ୍ତହୀନତା ବା ଆନିମିଆ। ଥାଲାସେମିଆ ମେଜର ବା ବିଟା ଥାଲାସେମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡେ। ଥାଲାସେମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ପତି ଓ ପତ୍ନୀ ଉଭୟ ଥାଲାସେମିଆ ଟ୍ରିଟ୍ ହୋଇଥିଲେ ଏବଂ ପତ୍ନୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୂଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ବଡ଼ ସୌଭାଗ୍ୟର କଥା ଯେ ଥାଲାସେମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସେମିଆ ରୋଗଟି ସମ୍ବନ୍ଧରେ ଜନସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତ ତଥ୍ୟର ସଂଚାରଣ ମଧ୍ୟ ବାଞ୍ଛନୀୟ। ଏହି ରୋଗ ସଂକ୍ରାନ୍ତ ସ୍ୱାସ୍ଥ୍ୟ ଶିକ୍ଷା ରୋଗର ନିବାରଣ ଏବଂ ଚିକିତ୍ସାରେ ଯେ ଯଥେଷ୍ଟ ସହାୟକ ହୋଇପାରିବ ଏହା ନିଃସନ୍ଦେହ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ,** ବରିଷ୍ଠ ଭେଷଜ ବିଶେଷଜ୍ଞ, କଟକ

### ଏ ବର୍ଷର ବାର୍ତ୍ତା

ପ୍ରତିବର୍ଷ ମେ ୮ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ଥାଲାସେମିଆ ଦିବସ'। ଏହି ଦିବସରେ ଉକ୍ତ ରୋଗ ସମ୍ପର୍କରେ ସୂଚନା ଦେବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି-' ଥାଲାସେମିଆ ପାଇଁ ଏକତ୍ର ହେବା: ଥାଲାସେମିଆ ରୋଗୀଙ୍କୁ ଅଗ୍ରାଧିକାର ଦେବା'। ଥାଲାସେମିଆ ଏକ ରକ୍ତଜନିତ ରୋଗ। ତେଣୁ ଥାଲାସେମିଆ ରୋଗୀଙ୍କୁ କିପରି ଠିକ୍ ଭାବରେ ଚିକିତ୍ସା କରାଯାଇ ପାରିବ ସେ ନେଇ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଏ ନେଇ ଜନସାଧାରଣ ସଚେତନ ହେଲେ ଏହି ରୋଗଜନିତ ମୃତ୍ୟୁ ହାରକୁ କେତେକାଂଶରେ ରୋକାଯାଇପାରିବ।


**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**

E-Mail Id : serw_balasore@yahoo.in, Ph. No. : 06782/260318
Balia, Balasore

**Repair and Maintenance of Rural Roads Under PMGSY & Other Scheme**

e-Procurement Notice

Bid Identification No. Online-CCE-BLS-NCB-06 of 2025-2026

**No.O-117** : The Chief Construction Engineer, **R. W. Circle, Balasore** on behalf of Odisha State Rural Road Agency invites **percentage rate** bids in electronic tendering system for **Repair/Maintenance of the Rural roads Constructed under Pradhan Mantri Gram Sadak Yojana** in the districts of **Balasore for 4 (Four)** number of packages with estimated cost totaling to **Rs 3.52 Cr** including maintenance for five year from the eligible contractors registered with State PWD/CPWD/MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement dtd. 09.05.2025

**Availability of Bid Documents and mode of submission :** The bid document is available online and should be submitted online in http://www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4B(a)(ii) of ITB with **C.C.E.,R.W.Circle, Balasore**, on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/Time for receipt of bids through e-procurement :** 19.05.2025 upto 05.00 P.M. For further details please logon to http://www.pmgsytenders.gov.in.

**Sd./- Chief Construction Engineer**
**OIPR-25105/11/0051/2526 R.W. Circle, Balasore**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
**Housing & Urban Development Department, Govt. of Odisha**
**ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ**
**OFFICE OF THE PARADEEP MUNICIPALITY, PARADEEP**
ସ୍ଥାନ-ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨
At/Po.-Paradeep, Dist.-Jagatsinghpur (Odisha), Pin-754142

**RFP Notice No. 1852 dt. 06.05.2025**

**No.C-248** : The Executive Officer, Paradeep Municipality on behalf of the Municipal Council invites sealed Quotations in two packets from intending registered software firms for **"DEVELOPMENT OF MOBILE APPLICATION FOR SANITATION MONITORING IN RESPECT OF PARADEEP MUNICIPALITY"**. The prescribed RFP can be obtained from Paradeep Municipality Office or from Municipality website i.e. www.paradeepmunicipality.in from 08:00AM dt.07.05.2025 to 12:00 PM dt. 13.05.2025 on payment of ₹10,000.00 as paper cost. The last date of receipt of completed quotation in all respect is dt. 13.05.2025 up to 1:00 P.M. and will be opened on dt. 14.05.2025 at 11:00 A.M.

**Sd./- Executive Officer**
**OIPR-13120/11/0039/2526 Paradeep Municipality**

**ବାରିପଦା ପୌର ପରିଷଦ**
**ବାରିପଦା, ମୟୂରଭଞ୍ଜ-୭୫୭୦୦୧**
Tel.06792-252703, www.baripadamunicipality.in, e-mail: baripadam.hud@nic.in
ପତ୍ର ସଂଖ୍ୟା 2735/ଟ୍ୟାକ୍ସ ତା.03.05.25 ରିଖ

**ନିଲାମ ଇସ୍ତାହାର**

No.C-256:ବାରିପଦା ପୌରପରିଷଦ ଅନ୍ତର୍ଗତ ଏକ ଗୋଟି ସୈରାତ "ଭାରୀଯାନ ପାର୍କିଂ ବାବଦକୁ ଆଦାୟ କରାଯାଉଥିବା ଫି ଆସନ୍ତା ଏକବର୍ଷ (ଅର୍ଥାତ ତା.୦୧.୦୬.୨୦୨୫ ଠାରୁ ତା.୩୧.୦୫.୨୦୨୬ ରିଖ) ପର୍ଯ୍ୟନ୍ତ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି । ଏଥିପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ତା.୨.୦୫.୨୦୨୫ ରିଖ ଠାରୁ ତା.୧୫.୦୫.୨୦୨୫ ରିଖ ମଧ୍ୟରେ on-line ମାଧ୍ୟମରେ ଫର୍ମ download କରି ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ତା.୧୭.୦୫.୨୦୨୫ ରିଖ ଦିବା ୧.୦୦ ଘଟିକା ସୁଦ୍ଧା Speed Post/ Registered Post ମାଧ୍ୟମରେ ଫର୍ମ ଦାଖଲ କରିପାରିବେ । ଏଥିରେ ବ୍ୟତିକ୍ରମ ହେଲେ ନିବିଦା ଗ୍ରହଣୀୟ ହେବ ନାହିଁ । ଅଧିକ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବସାଇଟ www.baripadamunicipality.in ରେ ଅନୁସନ୍ଧାନ କରିପାରିବେ ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13078/11/0041/2526 ବାରିପଦା ପୌରପରିଷଦ

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 8292/ଭୁ.ଉ.କ., ଭୁବନେଶ୍ୱର ତା.01.05.25 ରିଖ
URB-218/88

**ସୂଚନା**

**No.CAD-330:** ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଫେଜ୍-୨, ମୌଜା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ ନଂ- S-5/353 କୁ ଶେକ୍ ମହମ୍ମଦ ମୁସଲିମ୍, ପିତା-ଶେକ୍ ଅବଦୁଲ୍ ଲତିଫ, ଗ୍ରାମ/ପୋଷ୍ଟ-ଗୁଜିଦରଡା, ଥାନା-ଭଦ୍ରକ (ଆର), ଜିଲ୍ଲା-ଭଦ୍ରକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶେକ୍ ମହମ୍ମଦ ମୁସଲିମ୍ ଗତ ତା.୦୭.୦୨.୨୦୨୦ ରିଖରେ ମୃତ୍ୟୁବରଣ କରିଅଛନ୍ତି । (Death certificate Issue No.133/2020, date 13.02.2020).

Legal heir certificate No. E-LHC/2020/01655 dated 26.11.2020 ଅନୁଯାୟୀ ଶେକ୍ ମହମ୍ମଦ ମୁସଲିମ୍‌ଙ୍କର ଉତ୍ତରାଧିକାରୀ (୧) ମହଜାବିନା ପରବିନ୍ (ବିବାହିତା କନ୍ୟା), (୨) ମୋହସିନା ପରବିନ (ବିବାହିତା କନ୍ୟା) ଓ (୩) ସୁବେଦା ଖାତୁନ (ସ୍ତ୍ରୀ) ଅଟନ୍ତି ।

ବର୍ତ୍ତମାନ ମୋହସିନା ପରବିନ ପଞ୍ଜୀକୃତ ନାଦାବି ପତ୍ର (Registered deed of Relinquishment-Document No.11132307974 dated 11.07.2023) ମାଧ୍ୟମରେ ଉକ୍ତ ପ୍ଲଟ୍‌ରେ ଥିବା ନିଜର ଅଧିକାର/ଅଂଶକୁ ମହଜାବିନା ପରବିନ୍‌ଙ୍କୁ ହସ୍ତାନ୍ତର କରିଅଛନ୍ତି ।

ମହଜାବିନା ପରବିନ୍ ମାଲିକାନା ସ୍ୱତ୍ୱ ତାଙ୍କ ନାମରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟର ମାଲିକାନାସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସ୍ୱତ୍ୱ ମହଜାବିନା ପରବିନ୍ ଓ ସୁବେଦା ଖାତୁନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
OIPR-13033/11/0289/2526 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ସମଗ୍ର ଶିକ୍ଷା Samagra Shiksha
**SAMAGRA SHIKSHA, GANJAM**
**Ph.06811-260833/262799, E-mail : dpcganjamssa.opepa@nic.in**
**No.1442/Ped./2025 Dated. 02.05.2025**

**TENDER CALL NOTICE FOR SUPPLY OF TEACHING LEARNING MATERIALS (TLM)**

**No.n-31** : Sealed tenders under two bid systems are invited from the reputed agency/supplier/manufacturer having valid PAN, GST & IT clearance,registration of firm etc for supply of **Teaching Learning Materials (Wax Crayon, Slate, scale, pencil etc) for Sishu Vatika & FLN Grades under SS scheme**. The tender papers (bid documents) containing detailed specification with terms and conditions,application of Technical Bid & application of Financial Bid can be obtained by downloading from the web site i.e. www.ganjam.odisha.gov.in and www.osepa.odisha.gov.in. The bidders are required to submit demand Draft of Rs. 2000/- (Rupees Two thousand only) drawn in favour of Dist. Project Coordinator, SS, Ganjam, Chatrapur towards cost of tender paper along with the application of technical bid. The last date and time for receiving of tender paper is **22.05.2025 at 2.00 P.M.** and will be opened on the same day **at 3.00 P.M.** in the office of the SS, Ganjam in presence of tenderers or their authorized representatives. Corrigendum/addendum if required, will be uploaded in the above web site. Hence potential bidders are requested to go through with the above web site. The authority reserves the right to reject any or all the tenders without assigning any reason thereof.

**Sd./-Collector-cum-Chairman**
**OIPR-27081/11/0009/2526 Samagra Shiksha, Ganjam, Chatrapur**

**GOVERNMENT OF ODISHA**
**DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES**
Red Building, Lokaseva Bhavan, Bhubaneswar-751001
Ph. No. 0674-2390116, Fax. 0674-2390117
Email - ssepdodisha@gmail.com
**No.5015/SSEPD Dated : 06.05.2025**

**REQUEST FOR PROPOSAL**

**No.gg-28** : Proposals are hereby invited from interested Central Govt./ State Govt. Agencies/ Organizations having previous experience and credible past record for Implementation of Comprehensive IT Solutions for the Social Security & Empowerment of Persons with Disabilities (SSEPD) Department. The prospective agencies are to submit the proposal in the prescribed format to reach the Department on or before 26.05.2025 up to 5:30 P.M. through **Speed Post/Registered Post/Courier**. The detail terms and conditions of the RFP are available in the Department website www.ssepd.gov.in. The Department reserves the right to accept or reject any or all proposals without incurring any obligation to inform the affected applicant(s) of the ground.

**OIPR-46001/11/0041/2526 Sd./- Director, SSEPD**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF**
**RURAL WATER SUPPLY & SANITATION, BHUBANESWAR**
Jal O Parimal Bhawan, Unit-V, Bhubaneswar-751001,
Tel : 0674-2395734, Fax No.0674-2394946, Email : cerwssodisha@gmail.com

**Request for Proposal (RFP) Notice**
**No.5910/Dated 05.05.2025**
**(BID. No. EIC/RWS&S/02/2025-26)**
**RFP for Hiring of Agency for Professional Manpower Support for Water Testing Laboratory at State, District and Sub-Divisional Level under Rural Water Supply and Sanitation (RWSS), Odisha**

**No.O-123** : The Engineer-in-Chief, RWSS, on behalf of the Government of Odisha in Panchayati Raj Department invites RFP for Hiring of Agency for Professional Manpower Support for Water Testing Laboratory at State, District and Sub-Divisional Level under Rural Water Supply and Sanitation(RWSS), Odisha from established Firm/ Agencies registered for a minimum period of 3 years under the Indian Companies Act, 1956/ Societies Registration Act/ Trust Act/ Any Other relevant Act in India to carry out the work for hiring of Manpower Support for Water Testing Laboratory at State, District and Sub-Divisional Level under Rural Water Supply and Sanitation (RWSS), Odisha.

Interested Agency/ Firms may download the RFP document from Government of Odisha website i.e. https://panchayat.odisha.gov.in/ from **13.05.2025** to **28.05.2025**. The last date for submission of RFP document is 30.05.2025 at 5 P.M.

The Authority reserves the right to accept or reject any/all RFP without assigning any reason thereof.

**OIPR-25003/11/0017/2526 Sd./- Engineer-In-Chief, RWS&S(O)**

**DEPUTY DIRECTOR**
**NANDANKANAN ZOOLOGICAL PARK**
**P.O-BARANG, DIST-KHURDA, PIN-754005**
**PHONE/FAX No-0674-2466075, (M) 9437022023**
Email: deputydirector.kanan@gmail.com
NANDANKANAN CONSERVE | EDUCATE | INSPIRE

**No.MM-31: Tender Notice No.09/PMU/NKZP/95/2025**
**Dated, Nandankanan the 5th May 2025**
**RE- e TENDER NOTICE**
**FOR OPERATION AND MAINTENANCE OF BOATING FACILITY OVER BOATING ZONE-A OF KANJIA LAKE AT NANDANKANAN ZOOLOGICAL PARK**

No.MM-31: Deputy Director, Nandankanan Zoological Park invites sealed tenders online from interested persons/ firms/entrepreneurs for operation and maintenance of Boating Facility over Zone A of Kanjia lake of Nandankanan Zoological Park. The detailed tender document can be downloaded and apply online through Odisha e-procurement website: **www.tendersodisha.gov.in** from 06.05.2025 of 10.00 AM to 5.00 PM of 28.05.2025. The detailed tender document can also be downloaded from the website of Nandankanan Zoological Park: **www.nandankanan.org.** The last date of receipt of technical and financial bids is till 5.00 PM of 28.05.2025. The technical bids shall be opened on 29.05.2025 at 11.00 AM. Please refer the tender documents for further details. Nandankanan Zoological Park reserves the right to cancel this invitation and / or invite fresh Bid with or without amendments to this invitation, without liability or any obligation for such invitation and without assigning any reason. NKZP reserves the right to accept or reject any or all proposals without assigning any reason whatsoever.

OIPR-08070/11/0081/2526 **Sd./- Deputy Director, Nandankanan Zoological Park**

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph.No.-06782/260318, Balia, Balasore

**"e" Procurement Notice for Road Work**
**Identification No.Online Tender- Road N.C.B. No. 07 for 2025-26**
**Letter No. 1361 Date:03.05.2025**

**No.O-119:** 1. Name of the Work: SDMF Road, 2. Total No. of Work: 46 Nos. of Work. 3. Estimated Cost: As per Annexure. 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No-07 of 2025-26 | 13.05.2025 at 11.00 A.M. | 30.05.2025 Upto 5.00 P.M. | 29.05.2025 Upto 5.00 P.M. | 31.05.2025 at 11.00 A.M. | Will be intimated later |

• **Further details can be seen from the website: www.tendersodisha.gov.in**

OIPR-25105/11/0050/2526 Sd./- Chief Construction Engineer, R.W. Circle, Balasore

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**KANUPUR REHABILITATION, CAMPS & BUILDING DIVISION**
**At/PO- Basudevpur, Dist-Keonjhar, PIN-758047**
**e-PROCUREMENT NOTICE**
**No.A-122 Bid Identification No.SE,KRC & BD-04/2025-26**
**Email:eekrcbdbasudevpur@gmail.com**

| Sl. No. | Name of Work | Approx. value of work (Rs. in lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Completion | Class of Contractor | Name & Address of the division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Providing Sanitation facilities to each house at Dhoblabeda (Daduan) R and R Colony for the DPs of village Daduan of KIP." | 65.57 | 65600.00 | 10,000/- | 08 (Eight) Calendar Months | "B" | Kanupur Reh. Camps & Building Division, At/ PO- Basudevpur, Dist-Keonjhar |
| 02 | "Providing Sanitation facilities to each house at Phase II Basudevpur R and R Colony for the DPs of village Basudevpur, Rugudi and Dhobakuchuda of KIP." | 55.18 | 55200.00 | 10,000/- | 08 (Eight) Calendar Months | "B" | Kanupur Reh. Camps & Building Division, At/ PO- Basudevpur, Dist-Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender (Technical Bid) | Last Date of seeking clarification | Place of Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Reh. C&B Division, Basudevpur, Dist-Keonjhar | SE, KRC & BD-04/ 2025-26 | 07.05.25 From 10.00 Hours | 21.05.25 Upto 17.00 Hours | 22.05.25 at 11.00 Hours | 21.05.25 Upto 11.00 Hours | O/o the Superintending Engineer, Kanupur Reh. C&B Division, Basudevpur, Dist-Keonjhar |

**Sd./- Superintending Engineer**
OIPR-32053/11/0009/2526 **Kanupur Reh. C & B Division, Basudevpur**

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**DRAINAGE DIVISION, KHORDHA**
**No.A-127: email Id:- eeddkhurda@gmail.com**

| | | | |
|---|---|---|---|
| 1. | Total Number of Work | : | 2 No. of Work as mentioned below |
| 2. | Name of Work | : | **1. Improvement to Dangarabasa Nalla alongwith structures in Nuagaon Block. 2. Improvement to Balanda Nalla alongwith structures in Nuagaon Block.** |
| 3. | Tender amount (Excluding GST) | : | **Rs.83.19 Lakh, Rs.83.91 Lakh** |
| 4. | Bid Identification No. | : | EE-DD-KHR-01/2025-26 EE-DD-KHR-02/2025-26 |
| 5. | Period of Completion | : | 11 (Eleven) Calendar Months |
| 6. | Class of Contractor | : | As per DTCN |
| 7. | Availability of Tender On-line | : | **7.05.2025 11.00 hours to 22.05.2025 17.00 hours** |
| 8. | Date of Opening of Technical Bid | : | **23.05.2025 at 11.00 hours** in the O/o the Executive Engineer, Drainage Division, Khordha |
| 9. | Date and Time of receipt of bids in the portal | : | **7.05.2025 11.00 hours to 22.05.2025 17.00 hours** |
| 10. | Last date and time of receipt of bids in the portal | : | **22.05.2025 upto 17.00 hours** |
| 11. | Bid Security | : | As per DTCN |
| 12. | Cost of Tender Paper | : | **Rs.10,000/-** |
| 13. | Procurement Officer | : | Executive Engineer, Drainage Division, Khordha |

Further details can be seen from the Govt. website www.tendersorissa.gov.in. Addendum/ Corrigendum/ Cancellation if any required will be published only in Govt. website www.tendersorissa.gov.in.

**Sd./- Executive Engineer,**
**OIPR-32458/11/0003/2526 Drainage Division, Khordha**

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**
ବିଜ୍ଞପ୍ତି ନଂ. ୬୫୭ (Exam. Conf.) ତା.୦୫.୦୫.୨୫ ରିଖ
**୨୦୨୫ ମସିହା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ନିମନ୍ତେ**
**ONLINE ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ସମ୍ପର୍କିତ ସୂଚନା**

No.N-40:ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୫ ମସିହା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ (ରେଗୁଲାର, ଏକ୍ସ-ରେଗୁଲାର, ପତ୍ର ମାଧ୍ୟମ ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ଓ ପରୀକ୍ଷା ଫିସ୍ ଦାଖଲ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

୧. ONLINE ଫର୍ମ ପୂରଣ ନିମନ୍ତେ Link, ସବିଶେଷ ନିର୍ଦ୍ଦେଶାବଳୀ ଏବଂ Step by Step Instruction, **www.bseodisha.ac.in** website ମାଧ୍ୟମରେ ଉପଲବ୍ଧ ହେବ ।
୨. School Regular ଏବଂ Ex-Regular ପରୀକ୍ଷାର୍ଥୀମାନଙ୍କ ଫର୍ମ ପୂରଣ ସେମାନଙ୍କ ବିଦ୍ୟାଳୟ ମୁଖ୍ୟମାନଙ୍କ ଦ୍ୱାରା ଏବଂ ପତ୍ରମାଧ୍ୟମ ପରୀକ୍ଷାର୍ଥୀମାନଙ୍କ ଫର୍ମ ପୂରଣ ବୋର୍ଡର ଶାଖା କାର୍ଯ୍ୟାଳୟର ସହ ସମ୍ପାଦକଙ୍କ ଦ୍ୱାରା ସମ୍ପାଦିତ ହେବ ।
୩. **ONLINE** ଫର୍ମ ପୂରଣ କରିବାର ଧାର୍ଯ୍ୟ ତାରିଖ ଓ ସମୟ
ଆରମ୍ଭ ତାରିଖ ତା.**14.05.2025** ରିଖ ସକାଳ ୦୮ ଘଟିକା
ଫିସ୍ ଓ ଫର୍ମ ଦାଖଲର ଶେଷ ତାରିଖ:- ତା.**26.05.2025** ରିଖ ରାତ୍ର ୧୧.୪୫

**OIPR-27004/11/0080/2526 ସ୍ୱା./- ସମ୍ପାଦକ**

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ପ୍ରିତମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶାରେ ୪.୪୨ ଲକ୍ଷରୁ ଅଧିକ ଜିଓର ହୋମ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ

**ଭୁବନେଶ୍ୱର,୭।୫ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା (କମ୍ପାନୀ) ଜିଓ ଓଡ଼ିଶାରେ ସବୁଠାରୁ ପସନ୍ଦିତ ଏବଂ ୧ ନମ୍ବର ହୋମ୍ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ଭାବେ ଉଭା ହୋଇଛି। ଏପରିକି ଓଡ଼ିଶାରେ ଜିଓର ୪.୪୨ ଲକ୍ଷରୁ ଅଧିକ ହୋମ୍ ବ୍ରଡ୍‌ବ୍ୟାଣ୍ଡ (ଏୟାରଫାଇବର/ ଜିଓଫାଇବର) ଗ୍ରାହକ ଥିଲାବେଳେ ୨୦୨୫ ମାର୍ଚ୍ଚରେ ୧.୫ ଲକ୍ଷ ଜିଓ ଏୟାରଫାଇବର ଗ୍ରାହକ ସଂଖ୍ୟା ଅତିକ୍ରମ କରିଛି ବୋଲି ବୁଧବାର ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ସବ୍‌ସ୍କ୍ରିପସନ୍ ତଥ୍ୟରୁ ଏହା ଜଣାପଡ଼ିଛି। ଟ୍ରାଇ ତଥ୍ୟ ଅନୁଯାୟୀ ରାଜ୍ୟରେ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଜିଓ ଏୟାରଫାଇବର ଗ୍ରାହକଙ୍କ





ସଂଖ୍ୟା ୧.୫ ଲକ୍ଷ ଅତିକ୍ରମ କରିଛି, ଯାହା ସମଗ୍ର ରାଜ୍ୟରେ ଦୃଢ଼ ଜିଓ ଟ୍ରୁ ୫ଜି ଷ୍ଟାଣ୍ଡ ଆଲୋନ୍ ନେଟ୍‌ୱର୍କ ଦ୍ୱାରା ପ୍ରୋତ୍ସାହିତ ବୋଲି କୁହାଯାଉଛି। ସେହିଭଳି ଓଡ଼ିଶାରେ ୫ଜି ଏୟାରଫାଇବର ସେଗ୍‌ମେଣ୍ଟରେ ଜିଓର ପ୍ରାଧାନ୍ୟ ଜାରି ରହିଛି। ଟ୍ରାଇର ଏହି ତଥ୍ୟରୁ ଅନୁମାନ କରାଯାଇପାରେ, ରାଜ୍ୟରେ ଜିଓ ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ୫ଗୁଣ ଅଧିକ ରହିଛି। ଟ୍ରାଇର ଏହି ତଥ୍ୟ ଅନୁଯାୟୀ ୨୦୨୫ ମାର୍ଚ୍ଚରେ ଓଡ଼ିଶାର ୫ଜି ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) କିମ୍ବା ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୧.୭୭ ଲକ୍ଷରୁ ଅଧିକ ହୋଇଛି। ସେହିପରି ୱାୟାରଲାଇନ୍ କ୍ଷେତ୍ରରେ ଜିଓ ରାଜ୍ୟର ୨.୯୨ ଲକ୍ଷରୁ ଅଧିକ ଘର ଏବଂ ଘର ସହିତ ଏହାର ହାଇସ୍ପିଡ୍ ତାରଯୁକ୍ତ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓଫାଇବର ଦ୍ୱାରା ସଂଯୁକ୍ତ ହୋଇଛି। ୱାୟାରଲେସ୍ କ୍ଷେତ୍ରରେ ଜିଓ ୨୦୨୫ ମାର୍ଚ୍ଚରେ ଓଡ଼ିଶାର ୧.୩୫ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକଙ୍କୁ ଯୋଡ଼ିଛି, ଯାହା ଜିଓ ୪ଜି/୫ଜି ନେଟ୍‌ୱାର୍କରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ପ୍ରାୟ ୧.୬ କୋଟିକୁ ବୃଦ୍ଧି କରିଛି।

ଜାତୀୟସ୍ତରରେ ୫ଜି ଏଫଡବ୍ଲୁଏରେ ମଧ୍ୟ ଜିଓର ପ୍ରାଧାନ ଜାରି ରହିଛି, ଯାହା ବିଶ୍ୱବ୍ୟାପୀ ସଂଯୋଗ ଶିଳ୍ପରେ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ସେଗ୍‌ମେଣ୍ଟ ବୋଲି କୁହାଯାଉଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ୫୫.୭ ଲକ୍ଷରୁ ଅଧିକ ସବ୍‌ସ୍କ୍ରାଇବର ସହ ଜିଓର ୮୨% ରୁ ଅଧିକ ବଜାର ଅଂଶ ରହିଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୭।୫:** ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୦୫.୭୧ ପଏଣ୍ଟ ବୃଦ୍ଧି ଘଟି ୮୦,୭୪୬.୭୮ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୪.୮୦ ପଏଣ୍ଟ ବଢ଼ି ୨୪,୪୧୪.୪୦ ଅଙ୍କରେ କାରବାର ଶେଷ ହୋଇଥିଲା।

# ଇ-ସାମଗ୍ରୀରେ ଆକର୍ଷଣୀୟ ଅଫର

**ନୂଆଦିଲ୍ଲୀ,୭।୫**

ଦେଶର ପ୍ରମୁଖ ଇ-କମର୍ସ ପ୍ଲାଟ୍‌ଫର୍ମ ଆମାଜନ୍ ବିଜ୍‌ନେସ୍ ପକ୍ଷରୁ ଇ-ସାମଗ୍ରୀଗୁଡ଼ିକ ଉପରେ ବ୍ୟବସାୟ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ଓ ରିହାତି ଦିଆଯାଉଛି। ଏପରିକି ଆମାଜନ ବିଜ୍‌ନେସ୍ ଗ୍ରେଟ୍ ସମର ସେଲ୍ ସମୟରେ ଦିଆଯାଉଥିବା ଏବଂ ବର୍ତ୍ତମାନ ଉପଲବ୍ଧ ଡିଲ ଓ ଅଫରଗୁଡ଼ିକୁ ଦେଶବ୍ୟାପୀ ବ୍ୟବସାୟିକ ଗ୍ରାହକମାନଙ୍କ ପାଇଁ ଯଥେଷ୍ଟ ସଞ୍ଚୟ ସୁଯୋଗ ପ୍ରଦାନ କରୁଛି। ଏହି ଅଫରରେ ବ୍ୟବସାୟଗ୍ରାହକମାନଙ୍କୁ ଲାପ୍‌ଟପ୍, ଟାବ୍‌ଲେଟ୍, ହେଡ୍‌ଫୋନ୍, ଏସି, କୁଲର, ଫ୍ୟାନ୍, ଅଫିସ ଫର୍ନିଚର, ରୋଷେଇ ଘର ଉପକରଣ ଏବଂ ଗ୍ରୀନ ସୋଲ୍, ବୋଟ୍, ଜେବିଏଲ୍, ଡାଇକିନ୍, ବୋଶ୍, ଏଚ୍‌ପି, ସାମ୍‌ସଙ୍ଗ୍ ଏବଂ ସଫୋନି ଭଳି ୨ଲକ୍ଷରୁ ଅଧିକ ଅନନ୍ୟ ଉତ୍ପାଦ ଉପରେ ୭୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଇଛି।






ଧ-୭୬୨୬୪


# ୧୦,୦୦୦ କୋଟିର ରାଜସ୍ୱ ହାସଲ

**ନୂଆଦିଲ୍ଲୀ,୭।୫**

ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ତଥା ମଲ୍ଟି-ବିଜ୍‌ନେସ୍ କର୍ପୋରେଶନ ଧର୍ମପାଲ ସତ୍ୟପାଲ ଗ୍ରୁପ୍ (ଡିଏସ୍ ଗ୍ରୁପ୍)କୁ ନିକଟରେ ଆଉ ଏକ ବଡ ସଫଳତା ମିଳିଛି। ଏପରିକି ଭାରତର ୧୫ଟି ଶୀର୍ଷ ଏଫ୍‌ଏମ୍‌ସିଜି କମ୍ପାନୀ ତାଲିକାରେ ଡିଏସ୍ ଗ୍ରୁପ୍ ପ୍ରବେଶ କରିଛି। ଅପରପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗ୍ରୁପ୍ ୧୦,୦୦୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ହାସଲକରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। କମ୍ପାନୀର ଏହି ସଫଳତା ପ୍ରାଥମିକ ଭାବେ ଏଫ ଆଣ୍ଡ ବି ସେଗ୍‌ମେଣ୍ଟର ମୋଟ ରାଜସ୍ୱରେ ୪୨% ଯୋଗଦାନ ରହିଛି। ସେହିଭଳି ମାଉଥ ଫ୍ରେଶନର ସେଗ୍‌ମେଣ୍ଟ ୩୮%, ହସ୍ପିଟାଲିଟି ସେଗ୍‌ମେଣ୍ଟ ୩% ଏବଂ ଅବଶିଷ୍ଟ ରାଜସ୍ୱରେ ଅନ୍ୟାନ୍ୟ ବ୍ୟବସାୟଗୁଡ଼ିକର ମିଳିତ ଯୋଗଦାନ ରହିଥିବାବେଳେ ତମାଖୁର ୧୦%ରୁ କମ୍ ଯୋଗଦାନ ରହିଛି। ଏହି ଗ୍ରୁପ ଉତ୍ତମ ଅଭିବୃଦ୍ଧି ମାଧ୍ୟମରେ ୧୬%ର ସିଏଜିଆର ସହ ଗତ ୩ ବର୍ଷରେ ସ୍ଥିର ଊର୍ଦ୍ଧ୍ୱଗାମୀ ଗତିର ସାକ୍ଷୀ ହୋଇଛି, ଯାହା ଏହାର ବଜାର ନେତୃତ୍ୱ ଓ ସମ୍ପ୍ରସାରଣ ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଫୁଡ୍ ଆଣ୍ଡ ବେଭ୍‌ରେଜ (ଏଫ୍‌ଆଣ୍ଡବି) ସେଗ୍‌ମେଣ୍ଟ ଗତ ୩ ବର୍ଷ ମଧ୍ୟରେ ୧୯%ର ଏକ ସିଏଜିଆର ପ୍ରଦର୍ଶିତ କରିଛି। ଡିଏସ୍ ଗ୍ରୁପ୍‌ର ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ୧୦,୦୦୦ କୋଟି ଟଙ୍କାର ରାଜସ୍ୱ ଅତିକ୍ରମ କରିବା ଭାରତର ବିକଶିତ ଅଭିବୃଦ୍ଧି କାହାଣୀରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକାରୀ ଭାବେ ଆମର ପ୍ରମୁଖ ଭୂମିକାକୁ ସୂଚିତ କରୁଛି।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀ ବସନ୍ତ କୁମାର ବେହେରା**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ଅବସରପ୍ରାପ୍ତ ଅଧିକାରୀ
ନୂଆବଜାର, ପୋତାପୋଖରୀ, କଟକ
ଆବିର୍ଭାବ: ୧୨।୦୯।୧୯୫୧
ତିରୋଧାନ: ୨୮।୦୪।୨୦୨୫

ତୁମେ ଆମକୁ ହଠାତ୍ ଛାଡ଼ି ଚାଲିଗଲ, ବିଶ୍ୱାସ ହେଉନାହିଁ। ତୁମ ଅନୁପସ୍ଥିତି, ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:- ସ୍ତ୍ରୀ- ଉଷାରାଣୀ ବେହେରା, ପୁତ୍ର- ଉମାକାନ୍ତ ବେହେରା, ବିଜୟ କୁମାର ବେହେରା, କନ୍ୟା- ମମତା ବେହେରା, ନାତୁଣୀ- ଅଭିଲିପ୍ସା ବେହେରା, ବନ୍ଧୁ ଓ ପରିବାରବର୍ଗ।

ଧ-୪୦୯

**ସ୍ମୃତିରେ ତୁମେ ନୂତନ**



**ନୂତନ କାନ୍ତ ମହାନ୍ତି**

ଆବିର୍ଭାବ : ୦୧.୦୧.୨୦୦୫
ତିରୋଧାନ : ୦୮.୦୫.୨୦୧୮

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ବାପା, ମାଆ, ଭାଇ, ଭାଉଜ ଓ ଆତ୍ମୀୟସ୍ୱଜନ
ନଳିନୀକାନ୍ତ ମହାନ୍ତି (ଗୁଡୁ)
ରସୁଲଗଡ଼, ଭୁବନେଶ୍ୱର

ଧ-୭୫୩୮୫


# Classified Everyday

**0674-2580101, 9692975378**




## REAL ESTATE

### SALE

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

**Bhubaneswar** ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ-୨ ନିକଟରେ ଘରବାରି ପ୍ଲଟ୍ **1250/ Sqft.**ରେ ବିକ୍ରୟ କରାଯାଉଛି। **Whatsapp: 9437011506, 6371462496.** D-438

## GENERAL SALE

**Whole sale paper plate & danna For Buffet ,Phulanankhara, Cuttack. 7809525452.** D-74651





Newly built 4-Storey building with Lift Facilities near Reliance Smart Point on Rent/ Lease (For Institute/Bank/Office/ any Commercial Purpose) in Industrial Area at IPICOL Chhak, Main Road, Jagatpur, Cuttack, Mob- 9778244466, 7978233819. D-444

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377





**Relax, Refresh your body, mind at Saikrupa SPA with best therapies. 7848011468.** D-363

Full body massage by experience therapist with homely atmosphere. 8658088274. D-447

## AFFIDAVIT

I, Ved Prakash, S/o- Arun Kumar Singh, residing at Qtr- VIC 5/1, Unit-1, Bhubaneswar, Khurda-751009, Odisha declare vide affidavit No.- 77, dated 07.05.2025 that from now onwards my daughter SAANVEE shall be known as SAANVEE PRAKASH for all future purposes. D-441

ମୁଁ, ସନ୍ଦିପ ସାହୁ, ପିତା- ଗଣେଶ୍ୱର ସାହୁ, ଗ୍ରାମ- ବଣିଆ ସାହି, ପୋ- ବକ୍ସିବଜାର, ଥାନା- ମଙ୍ଗଳାବାଗ, ସହର/ଜିଲ୍ଲା- କଟକ, ଓଡ଼ିଶାର ବାସିନ୍ଦା, ଏହି ଶପଥପତ୍ର ନମ୍ବର-୪୦୯୧, ତାରିଖ ୨୦।୦୩।୨୦୨୫ ମାଧ୍ୟମରେ ଘୋଷଣା କରୁଛି। ବର୍ତ୍ତମାନ ପରେ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ସନ୍ଦିପ କୁମାର ସାହୁ ଭାବରେ ପରିଚିତ ହେବି। ଧ-୪୩୨

ମୁଁ, ରିନିତା ସାହୁ, W/o- ସନ୍ଦିପ କୁମାର ସାହୁ, ଗ୍ରାମ- ବଣିଆ ସାହି, ପୋ- ବକ୍ସିବଜାର, ଥାନା- ମଙ୍ଗଳାବାଗ, ସହର/ଜିଲ୍ଲା- କଟକ, ଓଡ଼ିଶାର ବାସିନ୍ଦା, ଏହି ଶପଥପତ୍ର ନମ୍ବର-୪୦୭୬, ତାରିଖ ୦୬।୦୫।୨୦୨୫ ମାଧ୍ୟମରେ ଘୋଷଣା କରୁଛି। ବର୍ତ୍ତମାନ ପରେ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ରିନିତା ମହାରଣା ଭାବରେ ପରିଚିତ ହେବି। ଧ-୪୩୩

By virtue of an affidavit sworn before the Notary Public, Bhubaneswar, date-03.05.2025, I, Saraswati Sethi, W/o- Rabindra Sethi permanent Address of Thanual, Muraripur, Dharmasala, Dist.- Jajpur, Odisha 755024 declare that I have changed my name from Saraswati Sethi to Saraswati Barik. Henceforth, I shall be known as Saraswati Barik for all purposes. D-436

By virtue of affidavit sworn before Executive Magistrate, Bhadrak, dt 10.04.25, I, Purnima Lata Bal (27yrs), D/o- Nanda Kishore Bal, At- Jiginipur, P.O.- Matipaka, P.S.- Naikanidihi, Dist.- Bhadrak, declare that in my Bank Account my name is Usharani Bal as per my School Certificate. Henceforth, I shall be known as Usharani Bal for all purposes. D-435

By virtue of an affiadvait sworn before Executive Magistrate, Basudevpur, I, Sujata Kuanar, W/o- Ratikanta Kuanar, Vill- Mishrapur, P.O.- Patana Mishrapur, P.S.- Naikanidihi, Dist.- Bhadrak, declare that my daughter's name is wrongly written as Barsa Kuanar in Aadhaar instead of Barsarani Kuanar. Henceforth, she will be known as Barsarani Kuanar for all purposes. D-434

Affidavit before Executive Magistrate, Jagannathaprasad, Ganjam No.-307/7.5.2025, that I Sanjaya Gouda of Vill/P.O.- Khetamundali, P.S.- Tarasingi, Ganjam, changed my daughter's name from Ptiya Gouda to Priya Gouda as she is minor. Henceforth, she shall be known as Priya Gouda, D/o- Sanjaya Gouda for all purposes. D-450

By virtue of an affidavit No.59 dated 6.5.25 sworn before the Executive Magistrate, Loisingha, I, Priyadarshani Arpita Nanda, R/o- Village- Keutipali, P.O.- Jogisarda, P.S.- Loisingha, Dist.- Balangir declare that in Aadhaar card my name has been wrongly mentioned as Priyadarshini Arpita Nanda instead of Priyadarshani Arpita Nanda. Now onwards I shall be known as Priyadarshani Arpita Nanda for all purposes. D-448

By virtue of an affidavit sworn before the Executive Magistrate, Darpan, dated 02.05.2025, I, Krupasindhu Sethy, Address: Vill/P.O.- Balichandrapur, P.S.- Balichandrapur, Dist.- Jajpur, Odisha- 754205 declare that I have changed my son's name from Holikarjjun Sethy to Holika Arjunsai Sethy. Henceforth, he shall be known as Holika Arjunsai Sethy for all purposes. D-442

I P.K. Bhaskar, son of P. Krishna Reddy, P.O.- Sunabeda-2, Dist.- Koraput, presently residing at Qtr. No.- G-182, HAL Township, P.O.- Sunabeda-2, P.S.- Sunabeda, Dist.- Koraput (Odisha), working at HAL Koraput Division do hereby declare that by virtue of affidavit dated-06.05.2025 before the Notary Public, Sunabada, I have changed my name from P.K. Bhaskar to Panati Krishnareedy Bhaskar in future and I will be known as Panati Krishnareedy Bhaskar in official and all other purposes. D-449

By an affidavit before The Notary Public, Karanjia, Mayurbhanj, Sl.No-1043, dt.15.04.2025, I, Latika Nayak, Address: Madarangajodi, Nedhuapal, Karanjia, Mayurbhanj, PIN-757037, Odisha declare that I have changed my minor daughter name from Mousumi Nayak to Abhilipsa Nayak. Henceforth, she shall be known as Abhilipsa Nayak for all purpose. D-76822

By an affidavit before The Executive Magistrate, Sukruli, Mayurbhanj, Sl.No-106, dt.10.04.2025, I, Droupadi Chattar, Address: Bangiriposi, Jhadghosada, Raruan, Mayurbhanj, PIN-757039, Odisha declare that I have changed my minor son name from Rajnidra Chatra to Rajendra Chatar. Henceforth, he shall be known as Rajendra Chatar for all purpose. D-76821

By virtue of an affidavit sworn before the Notary Public, Cuttack, Vide affidavit No.- 2505, dated- 28.11.2024, I, Amrit Kumar Kar, aged about 24 years, S/o- Asit Kumar Kar, residing At- Kusunpur, P.O.- Nishintakoili, P.S.- Derabish, Dist.- Kendrapara- 754207, Odisha, declare that I have changed my mother's name from PRIYATRMA KAR to PRIYATAMA KAR. Henceforth, she will be known as PRIYATAMA KAR for all purposes. D-431

**Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## LEGAL NOTICE

IR No.- 691
Date-05.05.2025

ନୋଟିସ

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, I.A.S.)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନ.୨ମ୍ବର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର-୪୨୪/୨୦୨୪
ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ)
ଅନୁଯାୟୀ
(ସି.ପି.ସି. ଅର୍ଡ଼ର ୫, ରୁଲ୍-୨୦ ମୁତାବକ)

ସରୋଜିନୀ ପଣ୍ଡା, ସ୍ୱାମୀ- ସୁରେନ୍ଦ୍ର ନାଥ ପଣ୍ଡା, ଠିକଣା- ସା- ପ୍ଲଟ୍ ନ ଏନ-୩/୧୪୧ମ୍ବର, ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

....ବାଦୀ

ବନାମ

୧. ନିମାଇଁ ଚରଣ ଜଗଦେବ, ୨. ନିତ୍ୟାନନ୍ଦ ଛୋଟରାୟ, ଏ ଦୁଇଜଣଙ୍କ ପିତା- ସ୍ୱର୍ଗତ ସାଧୁ ଚରଣ ଜଗଦେବ, ୩. ବିଜନ କୁମାର ଜଗଦେବ, ୪. ପ୍ରମୋଦ କୁମାର ଜଗଦେବ, ପିତା- ହରେକୃଷ୍ଣ ଛୋଟରାୟ, ଏ ସମସ୍ତଙ୍କ ଠିକଣା-ସା- ଜଗନ୍ନାଥ ପ୍ରସାଦ, ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୬. ଜିତେନ୍ କୁମାର ଛୋଟରାୟ, ପିତା- ପ୍ରସନ୍ନ କୁମାର ଛୋଟରାୟ, ମ୍ୟାନେଜିଂ ଡାଇରେକ୍ଟର ଅଫ୍ ମେସର୍ସ ବେ.ଟେକ୍ (ଇଣ୍ଡିଆ), କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ, ପ୍ଲଟ ନ୫୧୧ମ୍ବର, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

....ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଉତ୍ତରାଧିକାରୀମାନଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦିନୀ ନିମ୍ନଲିଖିତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବାପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ୍ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀମାନଙ୍କୁ ନୋଟିସ୍ ଜାରି ନହୋଇ ମୃତ ଦର୍ଶାଯାଇ ଫେରିଆସିଅଛି। ଇତ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା୦୩।୦୬।୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା:
ଜମିର ବିବରଣୀ

ମୌଜା: ଅନ୍ଧାରୁଆ, ଥାନା- ଚନ୍ଦକା, ଥାନା ନ.- ୪୪ମ୍ବର, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନ. ୨୫୧୭ମ୍ବର, ହାଲ ପ୍ଲଟ୍ ନଂ.୧୭୩୨ମ୍ବର, ରକବା ଏ୦.୦୫୫ ଡିମିଲ, ସ୍ୱତ୍ୱ- ସ୍ଥିତିବାନ, ସାବିକ- ଖାତା ନମ୍ବର- ୫୭୬, ସାବିକ ପ୍ଲଟ ନମ୍ବର- ୭୭୬, ସବ୍ ପ୍ଲଟ୍ ନମ୍ବର ୧ବି., ଏରିଆ ଏ୧.୦୪୦ ଡିସିମିଲ ସ୍କଧରୁ ଦାବି ବୃତି ଏ୦.୦୫୫ ଡିସିମିଲ।

ଏଣୁ ଉପରୋକ୍ତ ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ, ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନ୨ମ୍ବରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୪୪୩


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଛୋଟ ପରଦା


'ସାଥୀ ସାତ ଜନ୍ମର' ଧାରାବାହିକରେ ମାନସ-ବର୍ଷା

# ସାଥୀ ସାତ ଜନ୍ମର

ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି । ପ୍ରସାରିତ ହେବାର ଖୁବ କମ୍ ସମୟ ମଧ୍ୟରେ ବେଶ ଲୋକପ୍ରିୟତା ସାଉଁଟୁଛି ଧାରାବାହିକ 'ସାଥୀ ସାତ ଜନ୍ମର' । କାହାଣୀ ଅନୁସାରେ ଅର୍ଚ୍ଚନା ଓ ଦେବ ବିବାହ ବନ୍ଧନରେ ବାନ୍ଧି ହେବା ପୂର୍ବରୁ ପରିବାର ସମ୍ବନ୍ଧୀୟ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇଛନ୍ତି । ବାହାଘର ଦିନ ଦେବଙ୍କ ବାପା ନଟ ବାହାଘର ସ୍ଥାନରେ ମଦ୍ୟପାନ କରି ଅଚେତ ଅବସ୍ଥାରେ ପଡିଥିବାର ଦେଖାଯାଏ, ଯାହାପରେ ଘଟଣା ନାଟକୀୟ ମୋଡ଼ ନେଇଥାଏ । ବିବାହ ଜାରି ରହିବା ସମୟରେ ଭାର୍ଗବୀ ଓ ପ୍ରିନ୍ସ ବାହାଘରକୁ ଭଣ୍ଡୁର କରିବାକୁ ଚେଷ୍ଟା କରିଥାନ୍ତି । ଅର୍ଚ୍ଚନାର ମା' ଆଶ୍ଚର୍ଯ୍ୟ ଓ ଦ୍ୱନ୍ଦ୍ୱରେ ପଡ଼ିଯା'ନ୍ତି ଓ ଦେବଙ୍କ ପରିବାର ଉପରେ ତାଙ୍କ ବିଶ୍ୱାସ ଭାଙ୍ଗିଯାଏ । ଦେବ ମୁଣ୍ଡରେ ସିନ୍ଦୂର ଲଗାଇବାକୁ ଯାଉଥିବା ସମୟରେ ଅର୍ଚ୍ଚନାଙ୍କ ମା' ଦେବଙ୍କ ଚରିତ୍ର ଉପରେ ସନ୍ଦେହ କରନ୍ତି ଏବଂ ଚିନ୍ତାରେ ପଡ଼ନ୍ତି ।

ତେବେ କ'ଣ ବିବାହ ଆଗକୁ ବଢ଼ିବ ? ନା ଅର୍ଚ୍ଚନାଙ୍କ ମା'ଙ୍କ ସନ୍ଦେହ ଏହି ସମ୍ପର୍କକୁ ଭାଙ୍ଗିଦେବ ! ଏହି ନାଟକୀୟ ମୋଡ଼କୁ ଦେବ ଓ ଅର୍ଚ୍ଚନା କେମିତି ପାର କରି 'ସାଥୀ ସାତ ଜନ୍ମର' ହେବେ ? ଏ ସବୁର ଉତ୍ତର ରହିଛି ଧାରାବାହିକର ଆଗାମୀ ଅଧ୍ୟାୟରେ । ଏହି ଧାରାବାହିକର ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୭ଟା (ସୋମବାର-ଶନିବାର) ।

# ଚକୋଲେଟ୍ ପ୍ରିୟ ଆୟୁଷ୍ମାନ



ଆୟୁଷ୍ମାନ ଖୁରାନା ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି । ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି । ହେଲେ ସେ ଜିନିଷଟି କ'ଣ ଜାଣିବେନି ? ଚକୋଲେଟ୍ । ଏପରି କି ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ କିଛି ଚକୋଲେଟ୍ ନେଇଯାଆନ୍ତି । ଏ ନେଇ ଆୟୁଷ୍ମାନ କହନ୍ତି, 'ଶୁଟିଂରୁ ବ୍ରେକ୍ ମିଳିଲେ ମୁଁ ଗୋଟିଏ ଜିନିଷକୁ ଖୋଜିଥାଏ । ତାହା ହେଲା ଚକୋଲେଟ୍ । କାରଣ ଟାଇମ୍ ପାସ୍ ପାଇଁ ଏହା ଏକ ଭଲ ମାଧ୍ୟମ । ଘରେ ମଧ୍ୟ ମୁଁ ବିଭିନ୍ନ ଭେରାଇଟିର ଚକୋଲେଟ୍ ରଖିଛି । କୌଣସି ଅକେଜନ୍‌ରେ ମୁଁ କାହାକୁ ଗିଫ୍ଟ ଦେଲେ ତା'ସହ ଚକୋଲେଟ୍ ଦେବାକୁ ଭୁଲି ନ ଥାଏ । ଅଭିନୟ ଦୁନିଆରେ ପାଦ ଦେବା ପୂର୍ବରୁ ସେ ରେଡିଓ ଜକି ଭାବରେ କାମ କରୁଥିଲେ । ମାଧୁରୀ ଦୀକ୍ଷିତଙ୍କ ଅଭିନୀତ 'ତେଜାବ୍' ଦେଖିବା ପରେ ସେ ଅଭିନୟ ପ୍ରତି ମନ ବଳାଇଥିଲେ । ଆୟୁଷ୍ମାନଙ୍କ ଅଭିନୀତ ଶେଷ ଫିଲ୍ମ 'ଡ୍ରିମ ଗର୍ଲ ୨' ୨୦୨୩ରେ ରିଲିଜ ହୋଇଥିଲା । ମାତ୍ର ୩୫ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମଟି ବକ୍ସ ଅଫିସରେ ୧୪୦କୋଟି ଆୟ କରିଥିଲା । ଏବେ ସେ ନୂଆ ସିନେମା 'ଥାମ୍ମା'ର ଶୁଟିଂରେ ବ୍ୟସ୍ତ ଅଛନ୍ତି ।

# ଅପେକ୍ଷା କରିବେ ସାୟମୀ

ସାମୟୀ ଖେର୍ ଅପେକ୍ଷା କରିବାକୁ ତୟାର ଅଛନ୍ତି । ତାହା ପୁଣି ବର୍ଷେ କିମ୍ବା ଦୁଇବର୍ଷ ହୁଏ ତେବେ ସେ ଟିକିଏ ହେଲେ ମନ ଦୁଃଖ କରିବେ ନାହିଁ । ହେଲେ ତାହା ଏମିତି କ'ଣ କି ଯେଉଁଥିପାଇଁ ସେ ଅପେକ୍ଷା କରିବାକୁ ମନ ବଳାଇଛନ୍ତି । କଥା କ'ଣ କି ନିକଟରେ ସେ ଅଭିନୟ କରିଥିବା 'ଜାଟ୍' ରିଲିଜ ହୋଇଥିଲା । ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଥିଲେ ସନ୍ନି ଦେଓଲ । ସନ୍ନିଙ୍କ ସହ ପୁଣି ଥରେ ଅଭିନୟ କରିବାକୁ ଆଶା ବ୍ୟକ୍ତ କରିଛନ୍ତି ଏହି ଅଭିନେତ୍ରୀ । ଏ ବିଷୟରେ ସେ କହନ୍ତି, ''ସତ କଥା କହିବାକୁ ଗଲେ 'ଜାଟ୍'ର ଶୁଟିଂ ସମୟରେ ତାଙ୍କର ଅଭିନୟ ମୋତେ ବହୁତ ପ୍ରଭାବିତ କରିଛି । ଏହାବ୍ୟତୀତ ତାଙ୍କ ଅଭିନୀତ ଅନେକ ସିନେମା ମଧ୍ୟ ଦେଖିଛି । ତେଣୁ ଭବିଷ୍ୟତରେ ଯଦି ମୋତେ ତାଙ୍କ ସହ ପୁଣି ଥରେ ଅଭିନୟ କରିବାର ସୁଯୋଗ ମିଳେ ତେବେ ମନା କରିବି ନାହିଁ ।'' ସାୟମୀଙ୍କ ଅଭିନୟ ଜୀବନ ଆରମ୍ଭ ହୋଇଥିଲା ୨୦୧୫ରେ ଆଉ ତାହା ଥିଲା ଏକ ତେଲୁଗୁ ସିନେମା, ଯାହାର ଟାଇଟଲ ଥିଲା 'ରେ' । ୨୦୧୬ରେ ସେ 'ମିର୍ଯ୍ୟା' ଫିଲ୍ମରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ । ଖାସ୍ କଥା ହେଲା, ପ୍ରଥମ ହିନ୍ଦୀ ସିନେମା ପାଇଁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ପୁରସ୍କାର ମିଳିଥିଲା ।


ସାୟମୀ

# ଭୁଲନ୍ତି ନାହିଁ ତମନ୍ନା


ତମନ୍ନା

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ପରିଚିତା ଅଭିନେତ୍ରୀ ହେଉଛନ୍ତି ତମନ୍ନା ଭାଟିଆ । ତାଙ୍କୁ ଯେତେବେଳେ ଟିକେ ଅବସର ମିଳେ ସେ ଗୋଟିଏ କାମ କରିବାକୁ ଆଦୌ ଭୁଲନ୍ତି ନାହିଁ । ତାହା କ'ଣ ଜାଣନ୍ତି ? ଗାର୍ଡେନିଂ । ଅର୍ଥାତ୍, ସମୟ ମିଳିବା ମାତ୍ରେ ସେ ନିଜ ବଗିଚାର ଯତ୍ନ ନେଇଥାଆନ୍ତି । ଏ ବିଷୟରେ ତମନ୍ନା କହନ୍ତି, 'ପିଲାଟିଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା । କିନ୍ତୁ ପାଠପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି । ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି । ନୂଆ ଫୁଲଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି ।' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି । ସେଗୁଡିକ ମଧ୍ୟ ବେଶ୍ ଭାଇରାଲ ହୋଇଛି । ଅନ୍ୟପକ୍ଷରେ ଏବେ ତାଙ୍କ ହାତରେ ୨-୩ଟି ନୂଆ ତେଲୁଗୁ ଅଫର ରହିଛି । ତେବେ ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ସେ ନେଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ । ତାଙ୍କ ପାଇଁ ଆଉ ଏକ ଖୁସି ଖବର । ସେ ଏବେ ବାଲାଜୀ ମୋଶନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ନୂଆ ସିନେମା 'ବନ୍ : ଫୋର୍ସ ଅଫ୍ ଫରେଷ୍ଟ'ର କାଷ୍ଟିଂରେ ସାମିଲ ହୋଇଛନ୍ତି । ତାଙ୍କ ଅପୋଜିଟ୍‌ରେ ନାୟକ ସାଜିଛନ୍ତି ସିଦ୍ଧାର୍ଥ ମାଲହୋତ୍ରା ।

# ରକୁଲ୍‌ଙ୍କ ଫିଟନେସ୍ ଟିପ୍ସ


ରକୁଲ୍

ରକୁଲ୍ ପ୍ରୀତ ସିଂ ଏବେ ବୁଲି ବୁଲି ଗୋଟିଏ କଥା କହିବାକୁ ଭୁଲୁ ନାହାନ୍ତି । ଯଦି ସାଙ୍ଗମାନେ ଭେଟ ହୋଇଗଲେ ତେବେ ପ୍ରଥମେ ସେକଥାକୁ ନେଇ ଲମ୍ବା ଆଲୋଚନା ହେଉଛି । କଥା କ'ଣ କି ସେ ବର୍ତ୍ତମାନ ଫିଟନେସ୍ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ । ନିକଟରେ ଶପିଂ କରିବା ସମୟରେ ତାଙ୍କର କେତେ ଜଣ ସାଙ୍ଗମାନଙ୍କ ସହ ଭେଟ ହୋଇଗଲା । ମଲ୍‌ରୁ ବାହାରିବା ପରେ ସିଧା ଚାଲିଲେ ଏକ କଫି ପବ୍‌କୁ । ସେଠାରେ କଫିର ମଜା ନେବା ସହ ଫିଟ୍‌ନେସ ବିଷୟରେ ବଖାଣିବାକୁ ଭୁଲି ନ ଥିଲେ ସେ । ଏ ସମ୍ପର୍କରେ ରକୁଲ୍ କହନ୍ତି, 'ଆଜିକାଲିର ବିଜି ଲାଇଫରେ ନିଜ ଫିଟନେସ ପ୍ରତି ଧ୍ୟାନ ଦେବା ଜରୁରୀ । ନ ହେଲେ ଅଯଥାରେ ଆମକୁ ରୋଗ ମାଡି ବସିବ । ତେଣୁ ମୁଁ ଏହାକୁ ନେଇ ଅଧିକ ସତର୍କ ଥାଏ । ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ୍ କରିବାକୁ ଭୁଲି ନ ଥାଏ । ଆଉ ସବୁବେଳେ ନିଜ ଡାଏଟିଂକୁ ନେଇ ଆଲର୍ଟ ଥାଏ । ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ମଧ୍ୟ ରହିଛି ।' ଗତ ବର୍ଷ ଘର ସଂସାର କରିଥିବା ରକୁଲ୍ ଇତି ମଧ୍ୟରେ ହିନ୍ଦୀ, ତେଲୁଗୁ ଏବଂ ତାମିଲ ଫିଲ୍ମରେ ଅଭିନୟ କରିସାରିଲେଣି । କନ୍ନଡ ଫିଲ୍ମ 'ଗିଲ୍ଲି' (୨୦୦୯)ରୁ ସେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ । ଏହାର ପାଞ୍ଚ ବର୍ଷ ପରେ 'ୟାରିୟାଁ' ଫିଲ୍ମରୁ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ । ବର୍ତ୍ତମାନ ସେ ଅଭିନୟ କରିଥିବା ତାମିଲ ଫିଲ୍ମ 'ଇଣ୍ଡିଆନ୍ ୩'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି । ବିଶିଷ୍ଟ ନିର୍ଦ୍ଦେଶକ ଏସ. ଶଙ୍କରଙ୍କ ନିର୍ଦ୍ଦେଶିତ ଏହି ବିଗ୍ ବଜେଟ୍ ଫିଲ୍ମର ମୁଖ୍ୟ ଭୂମିକାରେ କମଲ ହାସନ ଅଭିନୟ କରୁଛନ୍ତି ।

## ନୂଆ ସିନେମା

# ନାୟିକା


ମହାଶ୍ୱେତା ରାୟ

ଚଳିତ ବର୍ଷର ନୂଆ ଓଡ଼ିଆ ସିନେମା ତାଲିକାରେ ଆଉ ଏକ ଟାଇଟଲ ସାମିଲ ହୋଇଛି । ଜୟ ଜଗନ୍ନାଥ ନତଜ୍ୟୋତ୍ସ୍ନା ପ୍ରଡକ୍ସନ ହାଉସ ଦ୍ୱାରା ଏହି ଫିଲ୍ମଟି ପ୍ରସ୍ତୁତ ହେବାକୁ ଯାଉଛି । ଖାସ୍ କଥା ହେଲା ଏହାର ଶୀର୍ଷକ ଭୂମିକାରେ ଅଭିନୟ କରିବେ ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟ । ଆଉ ଫିଲ୍ମଟିର ଟାଇଟଲ ରହିଛି 'ନାୟିକା' । ଚିତ୍ରଟିର ପ୍ରଯୋଜନା କରିଛନ୍ତି ରୂପେଶ କୁମାର ନାୟକ ଏବଂ ସହପ୍ରଯୋଜିକା ଅଛନ୍ତି ସଙ୍ଗୀତା ବିଷୋୟୀ । ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ଓଲିଉଡ୍‌ର ବିଶିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ । ଏହି ସିନେମା ବିଷୟରେ ପ୍ରଯୋଜକ କହନ୍ତି, ''ଏହାର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର । ଏହା ଏକ ମୌଳିକ କଥାବସ୍ତୁ ଉପରେ ଆଧାରିତ । ଏଥିରୁ ଦର୍ଶକ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି । ଫିଲ୍ମର କାହାଣୀ ଅନୁସାରେ କଳାକାର ଚୟନ, ସଙ୍ଗୀତ ଏବଂ ସଂଳାପ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । ଏହାର ଶୁଟିଂ ଚଳିତ ମାସ ୨୬ରୁ ଆରମ୍ଭ ହେବ ।'' ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ । ଏହାର ପ୍ରି-ଡିଜାଇନର ଅଛନ୍ତି ଚିତ୍ତ ରଞ୍ଜନ ଆଚାର୍ଯ୍ୟ ଏବଂ ପ୍ରଚାର ପ୍ରସାର ଦାୟିତ୍ୱ ନେଇଛନ୍ତି ଭରତ ପ୍ରଧାନ ।

## ମୋ କଥା

# ସଙ୍ଗୀତ ନିଶା ପାଲଟି ଯାଇଛି


ମମତା ଜେନା

ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ମଧ୍ୟ ସେ ନିଜକୁ ସଙ୍ଗୀତଠାରୁ ଦୂରେଇ ନେଇ ପାରି ନାହାନ୍ତି । ନିଜର ପ୍ରତିଭା ବଳରେ ସେ ସାଉଁଟି ଚାଲିଛନ୍ତି ପ୍ରଶଂସା । ସତେଯେମିତି ସଙ୍ଗୀତ ତାଙ୍କ ଜୀବନର ଏକ ଅନ୍ୟତମ ଅଙ୍ଗ ପାଲଟି ଯାଇଛି । ସେ ହେଲେ କେନ୍ଦୁଝର ଜିଲା ମା' ତାରିଣୀ ପୀଠ ନିକଟସ୍ଥ ବେଢାପାଳ ଗାଁର ବୋହୂ ମମତା ଜେନା । ଝାରସୁଗୁଡାରେ ଜନ୍ମିତା ମମତା ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ବାୟୋଲୋଜିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ସହ ବିଏଡ୍ ମଧ୍ୟ କରିଛନ୍ତି । କେବଳ ସେତିକି ନୁହେଁ, ହିନ୍ଦୁସ୍ତାନୀ, କ୍ଲାସିକାଲ ଓ ଭୋକାଲରେ ପ୍ରୟାଗ ସଙ୍ଗୀତ ସମିତି, ଅହମଦାବାଦରୁ ସଙ୍ଗୀତ ପ୍ରବୀଣରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ନିଜ ବିଷୟରେ ମମତା କହନ୍ତି, ''ପିଲାଟି ଦିନରୁ ମୁଁ ସଙ୍ଗୀତ ମାୟାରେ ପଡିଯାଇଥିଲି । ମୋ ମା' ଏବଂ ବାପା ଉଭୟ ସଙ୍ଗୀତ ସହ ଜଡିତ । ସେମାନେ ମୋର ପ୍ରେରଣାର ଉତ୍ସ ସାଜିଥିଲେ । ସଙ୍ଗୀତ ମୋତେ ଏକ ଭିନ୍ନ ଧରଣର ଆନନ୍ଦ ଦେଇଥାଏ । ଏହାଦ୍ୱାରା ଯଦି ଶ୍ରୋତା ଖୁସି ହୋଇପାରିଲେ ତେବେ ତାହା ମୋ ପାଇଁ ବଡ଼ କଥା । ଗୀତ ଗାଇବା ସହ ମୁଁ ସଙ୍ଗୀତ ଶିଖାଇବା ମଧ୍ୟ ଜାରି ରଖିଛି । ନିକଟରେ ମୋତେ କେତୋଟି ଭଜନ ଆଲବମ୍‌ରେ ଗାଇବା ପାଇଁ ସୁଯୋଗ ମିଳିଛି । ମୋତେ ଲାଗୁଛି ସତେ ଯେମିତି ସଙ୍ଗୀତ ମୋ ନିଶା ପାଲଟି ଯାଇଛି ।'' ସଙ୍ଗୀତକୁ ପ୍ରଚାର ପ୍ରସାର କରିବା ପାଇଁ ସେ ଏକ ୟୁଟ୍ୟୁବ ଚ୍ୟାନେଲ-'ମମତା ଏଟରନାଲ ମ୍ୟୁଜିକ' ଖୋଲିଛନ୍ତି । ମମତା ବର୍ତ୍ତମାନ ଜବାହର ନବୋଦୟ ବିଦ୍ୟାଳୟ, ଝାରସୁଗୁଡାରେ ସଙ୍ଗୀତ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ । ସେ ଶାସ୍ତ୍ରୀୟ ଭଜନ, ଗଜଲ ଗାଇବା ପାଇଁ ବେଶି ପସନ୍ଦ କରନ୍ତି ।

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମେ ୮/୨୦୨୫ Bhubaneswar, Thursday, May 8/ 2025

# କୋଲକାତାକୁ ହରାଇଲା ଚେନ୍ନାଇ



ପ୍ଲେୟର ଅଫ୍ ଦି ମ୍ୟାଚ୍ ନୁର୍ ଅହମଦ।

**କୋଲକାତା,୭।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୨ ଉଇକେଟରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ୨୦ ଓଭରରେ ୬ ଉଇକେଟ ହରାଇ ୧୭୯ ରନ କରିଥିଲା। ଜବାବରେ ଚେନ୍ନାଇ ନାଟକୀୟ ଘଟଣାକ୍ରମ ମଧ୍ୟରେ ୧୯.୪ ଓଭରରେ ୮ ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରି ନେଇଥିଲା। ଡେୱାଲ୍ଡ ବ୍ରେଭିସ (୫୨)ଙ୍କ ଅର୍ଦ୍ଧଶତକ ଏବଂ ଶିବମ ଦୁବେ (୪୫) ଓ ପଦାର୍ପଣକାରୀ ଉର୍ଭିଲ ପଟେଲ (୩୧)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଚେନ୍ନାଇ ବାଜି ମାରିଥିଲା।

### ବୋମା ଆତଙ୍କ

କୋଲକାତା-ଚେନ୍ନାଇ ମ୍ୟାଚ ପୂର୍ବରୁ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଅଫିସିଆଲ ଆକାଉଣ୍ଟକୁ ଏକ ବୋମା ଆତଙ୍କ ସମ୍ପର୍କିତ ଇ-ମେଲ ଆସିଥିଲା। ଫଳରେ ମ୍ୟାଚରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆ ଯାଇଥିଲା। ଏକ ଅଜଣା ଇ-ମେଲ ଆଇଡିରୁ ଧମକ ମିଳିବା ପରେ ସିଏବି ପକ୍ଷରୁ କୋଲକାତା ପୋଲିସକୁ ଅବଗତ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୭୯/୬ (ଅଜିଙ୍କ୍ୟ ରାହାନେ-୪୮, ଆନ୍ଦ୍ରେ ରସେଲ-୩୮, ମନୀଷ ପାଣ୍ଡେ-୩୬*, ସୁନୀଲ ନାରିନ-୨୬, ନୁର ଅହମଦ-୪/୩୧, ଅନଶୁଲ କାମ୍ବୋଜ-୧/୩୮)। ଚେନ୍ନାଇ ସୁପର କିଙ୍ଗ୍ସ ୧୯.୪ ଓଭରରେ ୧୮୩/୮ (ଡେୱାଲ୍ଡ ବ୍ରେଭିସ-୫୨, ଶିବମ୍ ଦୁବେ-୪୫, ଉର୍ଭିଲ ପଟେଲ-୩୧, ବୈଭବ ଆରୋରା-୩/୪୮, ବରୁଣ ଚକ୍ରବର୍ତ୍ତୀ-୨/୧୮), ହର୍ଷିତ ରାଣା-୨/୪୩, ମୋଇନ ଅଲୀ-୧/୨୩)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ୍)
**ପଞ୍ଜାବ**
**ବନାମ ଦିଲ୍ଲୀ**
**ସ୍ଥାନ: ଧର୍ମଶାଳା**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୦ | ୧୬ | +୦.୭୯୩ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୬ | ୧ | ୧୧ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୩ | ୯ | ୦ | ୬ | -୦.୯୯୨ |

## ଟେଷ୍ଟରୁ ରୋହିତଙ୍କ ଅବସର ଘୋଷଣା

**ନୂଆଦିଲ୍ଲୀ, ୭।୫ (ପି.ଟି.):** ଭାରତୀୟ ଦଳର ସିନିୟର ଖେଳାଳି ରୋହିତ୍ ଶର୍ମା ବୁଧବାର ଟେଷ୍ଟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ଏଥିସହିତ ଲମ୍ବା ଫର୍ମାଟ୍‌ରେ ତାଙ୍କ ଭବିଷ୍ୟତକୁ ନେଇ ଚାଲିଥିବା ଚର୍ଚ୍ଚାର ମଧ୍ୟ ଅନ୍ତ ଘଟିଛି। ରୋହିତଙ୍କୁ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ପଦରୁ ହଟାଯାଉଥିବା ନେଇ ରିପୋର୍ଟ ଆସିବା ପରେ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏଠାରେ ଆପଣମାନଙ୍କୁ ଜଣାଇବାକୁ ଚାହୁଁଛି ଯେ, ମୁଁ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଉଛି। ଟେଷ୍ଟ କ୍ରିକେଟ୍‌ରେ ଦେଶକୁ ପ୍ରତିନିଧିତ୍ୱ କରିବା ସମ୍ମାନର ବିଷୟ। ଦୀର୍ଘବର୍ଷ ହେଲା ମୋତେ ଦେଇଥିବା ଭଲ ପାଇବା ଓ ସମର୍ଥନ ଲାଗି ଧନ୍ୟବାଦ। ମୁଁ ଦିନିକିଆ ଫର୍ମାଟ୍‌ରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିବା ଜାରି ରଖିବି ବୋଲି ରୋହିତ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ତାଙ୍କ ଅବସର ଯୋଗୁ ଆସନ୍ତା ଜୁନ୍ ୨୦ରୁ ଇଂଲଣ୍ଡ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ନୂଆ ଅଧିନାୟକ ଭାରତୀୟ ଦଳର ନେତୃତ୍ୱ ନେବେ। ଏହି ଗୁରୁଦାୟିତ୍ୱ ଯଶପ୍ରୀତ ବୁମରା, ଲୋକେଶ ରାହୁଲ, ଶୁବମନ ଗିଲ ଓ ରିଷଭ ପନ୍ତଙ୍କ ମଧ୍ୟରୁ ଜଣଙ୍କୁ ଦିଆଯାଇପାରେ। ୨୦୧୩ରେ ପାରମ୍ପରିକ ଫର୍ମାଟ୍‌ରେ ପଦାର୍ପଣ କରିଥିବା ରୋହିତ କ୍ୟାରିୟରରେ ମୋଟ ୬୭ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।

# ଫାଇନାଲରେ ଭାରତ

**କଲମ୍ବୋ, ୭।୫**

ଜେମିମା ରୋଡ୍ରିଗ୍ରେଜ୍‌ଙ୍କ ଶତକ ବଳରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୨୩ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଭାରତ ଦ୍ୱାରା ପ୍ରଦତ୍ତ ୩୩୮ ରନ୍ ଟାର୍ଗେଟ୍‌ର ଜବାବରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୩୧୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହି ବିଜୟ ସହ ଭାରତ ଚଳିତ ତ୍ରିରାଷ୍ଟ୍ରୀୟ ସିରିଜ୍ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୧୧ ତାରିଖରେ ଖେଳାଯିବାକୁଥିବା ଫାଇନାଲରେ ଭାରତ ଆୟୋଜକ ଶ୍ରୀଲଙ୍କାକୁ ଭେଟିବ।

### ତ୍ରିରାଷ୍ଟ୍ରୀୟ ମହିଳା କ୍ରିକେଟ ସିରିଜ୍

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୩୩୭ ରନ୍ କରିଥିଲା। ଦଳ ପକ୍ଷରୁ ଜେମିମା ୧୨୩(୧୫ ଚୌକା ଓ ୧ ଛକା) ରନ୍‌ର ଶତକୀୟ ପାଳି ଖେଳିଥିଲେ। ଅଳ୍ପକେ ଶତକ ହାତଛଡ଼ା କରିଥିବା ଦୀପ୍ତି ଶର୍ମା ୯୩(୧୦ ଚୌକା ଓ ୨ ଛକା) ଓ ସ୍ମୃତି ମନ୍ଧାନା ୫୧(୬ ଚୌକା) ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ନନକୁଲୁଲେକୋ ଏମ୍ଲାବା, ମାସାବାତା କ୍ଲାସ ଓ ନାଦିନ ଡେ କ୍ଲର୍କ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୭ ଉଇକେଟ ହରାଇ ୩୧୪ ରନ୍ କରିପାରିଥିଲା। ଦଳ ପାଇଁ ଆନେରି ଡର୍କସେନ ୮୧, ଅଧିନାୟିକା କ୍ଲୋ ଟ୍ରାୟନ ୬୭, ମିଆଁ ସ୍ମିଟ ୩୯, ନନଡୁମିସୋ ଶାଙ୍ଗାସେ ୩୬ ରନ କରିଥିଲେ। ଭାରତ ପକ୍ଷରୁ ବୋଲିଂରେ ଅମନ୍‌ଜୋତ କୌର ୩ ଓ ଦୀପ୍ତି ଶର୍ମା ୨ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ଜେମିମା ରୋଡ୍ରିଗ୍ରେଜ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୫୦ ଓଭରରେ ୩୩୭/୯ (ଜେମିମା ରୋଡ୍ରିଗ୍ରେଜ୍-୧୨୩, ଦୀପ୍ତି ଶର୍ମା-୯୩, ସ୍ମୃତି ମନ୍ଧାନା-୫୧, ମାସାବାତା କ୍ଲାସ-୨/୫୧, ନନକୁଲୁଲେକୋ ଏମ୍ଲାବା-୨/୭୧)। ଦକ୍ଷିଣ ଆଫ୍ରିକା: ୫୦ ଓଭରରେ ୩୧୪/୭ (ଆନେରି ଡର୍କସେନ-୮୧, କ୍ଲୋ ଟ୍ରାୟନ-୬୭, ଅମନ୍‌ଜୋତ କୌର-୩/୫୯, ଦୀପ୍ତି ଶର୍ମା-୨/୫୭)।

## ଭାରତର କାର୍ଯ୍ୟାନୁଷ୍ଠାନକୁ କ୍ରୀଡ଼ା ଜଗତର ପ୍ରଶଂସା

**ନୂଆଦିଲ୍ଲୀ, ୭।୫(ପି.ଟି.)**

ଏପ୍ରିଲ ୨୨ରେ ଆତଙ୍କବାଦୀ ଆକ୍ରମଣରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଏହାର ଜବାବରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ର ୯ଟି ଭିନ୍ନ ଭିନ୍ନ ସ୍ଥାନରେ ଥିବା ପ୍ରତିବନ୍ଧିତ ଆତଙ୍କବାଦ୍ ଗୋଷ୍ଠୀ ଜୈଶ-ଇ-ମହମ୍ମଦ ଓ ଲସ୍କର-ଇ-ତୋଇବା ସହ ଜଡ଼ିତ କୋଠା ଓ ମସ୍‌ଜିଦ୍ ଉପରେ ଭାରତ ପକ୍ଷରୁ ରକେଟ୍ ମାଡ଼ କରାଯାଇଛି। ଭାରତର ଏହି କାର୍ଯ୍ୟାନୁଷ୍ଠାନ ପରେ ଭାରତୀୟ ସୁରକ୍ଷା ବଳ ଲାଗି କ୍ରୀଡ଼ା ଜଗତରୁ ପ୍ରଶଂସାର ଶୁଅ ଛୁଟିଛି।

### ଅପରେଶନ ସିନ୍ଦୂର

● ଏକତାରେ ନିର୍ଭୟତା। ଶକ୍ତିରେ ଅସୀମ। ଆମ ନାଗରିକମାନେ ହେଉଛନ୍ତି ଭାରତର କବଚ। ଏହି ବିଶ୍ୱରେ ଆତଙ୍କବାଦ ଲାଗି କୌଣସି ସ୍ଥାନ ନାହିଁ। ଜୟ ହିନ୍ଦ୍।

**-ସଚିନ ତେନ୍ଦୁଲକର, କିମ୍ବଦନ୍ତୀ କ୍ରିକେଟର**

● ଯଦି କେହି ଆପଣଙ୍କୁ ପଥର ପକାଉଛନ୍ତି, ତେବେ ତାଙ୍କ ଉପରେ ଫୁଲ ପକାଅ। କିନ୍ତୁ ଫୁଲଦାନି ସହିତ। ଜୟ ହିନ୍ଦ୍।

**-ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ କ୍ରିକେଟର**

ଆତଙ୍କବାଦ ବିରୋଧରେ ଭାରତ ତା'ର ପକ୍ଷ ବାଛିନେଇଛି।

**-ଶିଖର ଧାୱନ, ପୂର୍ବତନ ଓପନର**

● ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା। ଜୟ ହିନ୍ଦ୍-ଜୟ ଯୱାନ୍।

**-ଯୋଗେଶ୍ୱର ଦତ୍ତ, ଅଲିମ୍ପିକ୍ ପଦକ ବିଜୟୀ ରେସ୍‌ଲର**

● ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଅପରେଶନ ସିନ୍ଦୂର ସହିତ ଭାରତର ପ୍ରତିକ୍ରିୟାରେ ମୁଁ ବହୁତ ଖୁସି। ଆତଙ୍କବାଦୀଙ୍କୁ କଦାପି ଛଡ଼ାଯିବା ଉଚିତ ନୁହେଁ। ଅପରେଶନ ଲାଗି ଏକ ସୁନ୍ଦର ନାମ ରଖାଯାଇଛି। ଭାରତ ମାତା କୀ ଜୟ।

**-ଭିଦିତ ଗୁଜରାଠୀ, ଚେସ୍ ଖେଳାଳି**

● ଭାରତୀୟ ସଶକ୍ତ ବଳ ବିପଦକୁ ଏକ ବିଶାଳ ବିଜୟ ମୁହୂର୍ତ୍ତରେ ପରିବର୍ତ୍ତନ କରିଛି। ବିପଦ ମୁହଁରେ ସେମାନଙ୍କ ସାହସ ଓ ବୀରତ୍ୱ ଆମ ସଭିଙ୍କୁ ଗର୍ବିତ କରିଛି।

**-ମହମ୍ମଦ ଶାମି, ଭାରତୀୟ ପେସର**

● ପହଲଗାମ୍‌ରେ ଆମ ଭାଇମାନଙ୍କର ନିର୍ମମ ହତ୍ୟାର ଅପରେଶନ ସିନ୍ଦୂର ହେଉଛି ଭାରତର ଉତ୍ତର।

**-ହରଭଜନ ସିଂ, ପୂର୍ବତନ ସ୍ପିନର**

## ପଞ୍ଜାବ-ମୁମ୍ବାଇ ମ୍ୟାଚ୍ ସ୍ଥାନାନ୍ତର

**ନୂଆଦିଲ୍ଲୀ, ୭।୫:** ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଭାରତୀୟ ସେନା ପକ୍ଷରୁ ସଫଳତାର ସହ କରାଯାଇଥିବା ଅପରେଶନ ସିନ୍ଦୂରର ପ୍ରଭାବ ଚଳିତ ଆଇପିଏଲ୍‌ରେ ଦେଖିବାକୁ ମିଳିଛି। ଆସନ୍ତା ୧୧ ତାରିଖରେ ପଞ୍ଜାବ କିଙ୍ଗ୍ସ(ପିବିକେଏସ୍) ଓ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍‌ଆଇ) ମଧ୍ୟରେ ଧର୍ମଶାଳାରେ ହେବାକୁ ଥିବା ମ୍ୟାଚ୍‌କୁ ବୁଧବାର ସ୍ଥାନାନ୍ତର କରାଯାଇଛି। ଏହି ମ୍ୟାଚ୍ ଏବେ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯିବ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଧର୍ମଶାଳା ଷ୍ଟାଡିୟମ ପଞ୍ଜାବର ଦ୍ୱିତୀୟ ହୋମ୍ ଭେନ୍ୟୁ। ଏତଦ୍ ବ୍ୟତୀତ ଗୁରୁବାର ଧର୍ମଶାଳାରେ ପଞ୍ଜାବ ଓ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର କାର୍ଯ୍ୟସୂଚୀରେ ମଧ୍ୟ ପରିବର୍ତ୍ତନ କରାଯିବାର ବିଶେଷ ସମ୍ଭାବନା ରହିଛି।

# ଓଡ଼ିଶାରୁ ଭାଗନେବେ ୭ ପ୍ରତିଯୋଗୀ



ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶାରୁ ଭାଗ ନେବାକୁ ଯାଉଥିବା ଭାରୋତ୍ତୋଳକ ଓ ଅଫିସିଆଲ।

**ଭୁବନେଶ୍ୱର, ୭।୫(ତପନ ସ୍ୱାଇଁ)**

ବିହାରର ରାଜଗିରିଠାରେ ଚଳିତ ମାସ ୧୦ରୁ ୧୪ ପର୍ଯ୍ୟନ୍ତ ୭ମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଭାରୋତ୍ତୋଳନ ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ୪ ବାଳିକା ଓ ୩ ବାଳକ ପ୍ରତିଯୋଗୀ ଏବଂ ୨ କୋଚ୍ ଓ ୪ ବୈଷୟିକ ଅଧିକାରୀ ଅଂଶଗ୍ରହଣ କରିବେ। ଭାଗ ନେବାକୁ ଯାଉଥିବା ଭାରୋତ୍ତୋଳକମାନେ

### ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

ହେଲେ ଜ୍ୟୋତ୍ସ୍ନା ଶବର, ମୀନା ସାନ୍ତା(ଏ), ମୀନା ସାନ୍ତା(ବି), ଟିଙ୍କି ମୋହିନୀ ମଲିକ, ହର୍ଷବର୍ଦ୍ଧନ ସାହୁ, ମୁକେଶ ଗମାଙ୍ଗୋ ଓ ସ୍ୱୟଂଜିତ ପ୍ରସାଦ ସାହୁ। ୨ କୋଚ୍ ଫରକାଶ ଜୋଲଟନ ଓ କେ. ଭେଙ୍କଟଲକ୍ଷ୍ମୀ ଏବଂ ବୈଷୟିକ ଅଧିକାରୀମାନେ ହେଲେ ରାନୁ ମହାନ୍ତି, ସଂଯୁକ୍ତା ସାହୁ, ଲକିରାଣୀ ପାତ୍ର ଓ ରାଜେଶ୍ୱରୀ ବେହେରା। ମନୋନୀତ ଓଡ଼ିଶା ଦଳକୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳକୃଷ୍ଣ ଦାସ, କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ଉପସଭାପତି ହରି ପ୍ରସାଦ ପଟ୍ଟନାୟକ, ଅଲିମ୍ପିଆନ୍ କେ. ରବି କୁମାର ଓ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।

# ମଧୁସ୍ମିତାଙ୍କ ମାଉଣ୍ଟ ଆଇଲାଣ୍ଡ ଆରୋହଣ

**ଭୁବନେଶ୍ୱର, ୭।୫(ତପନ ସ୍ୱାଇଁ)**

ଗଞ୍ଜାମ ଜିଲଶ ମହାସାୟୀ ପେଣ୍ଠ ନିବାସୀ ମଧୁସ୍ମିତା ପାତ୍ର ନେପାଳର ମାଉଣ୍ଟ ଆଇଲାଣ୍ଡ (୬,୧୬୩ମି.)କୁ ୫ ତାରିଖ ସକାଳ ୯.୪୫ମିରେ ସଫଳତାର ସହ ଆରୋହଣ କରିଛନ୍ତି। ପୂର୍ବରୁ ଗତ ୨୯ ତାରିଖରେ ସେ ନେପାଳର ମାଉଣ୍ଟ ମୀରା(୬,୪୭୬ମି.)କୁ ସଫଳତାର ସହ ଆରୋହଣ କରିଥିଲେ। ହିମାଳୟର ୬୦୦୦ମି. ପିକ୍ ମଧ୍ୟରୁ ଆଇଲାଣ୍ଡ ଶୃଙ୍ଗ ଏକ ଟେକ୍‌ନିକାଲ ପାହାଡ଼ ଭାବେ ଜଣାଯାଏ। ଯେଉଁଠି ସମ୍ପୂର୍ଣ୍ଣଭାବେ ଫିକ୍ସରୋପ୍, ଜୁମରିଙ୍ଗ ଆଦି ପର୍ବତାରୋହଣର କୌଶଳ ପ୍ରୟୋଗ କରାଯାଇଥାଏ। ଗୋଟିଏ ସପ୍ତାହରେ ଦୁଇଟି ୬,୦୦୦ମିଟର ଉଚ୍ଚତାବିଶିଷ୍ଟ ପାହାଡ଼ ଚଢ଼ିବାର ଅଭିଜ୍ଞତା ମଧୁସ୍ମିତାଙ୍କୁ ପରବର୍ତ୍ତୀ ସମୟରେ ଆହୁରି ବଡ଼ ଶୃଙ୍ଗ ଆରୋହଣ ପାଇଁ ସାହାଯ୍ୟ କରିବ ବୋଲି ତାଙ୍କ ପ୍ରଶିକ୍ଷକ ପର୍ବତାରୋହୀ ନୃସିଂହ ସାହୁ କହିଛନ୍ତି। ଏହି ଅଭିଯାନ ପାଇଁ ଏସ୍‌ଏନ୍‌ଏମ୍ ମାଇନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି ଏବଂ ସ୍ପୋର୍ଟ୍ସ ସାଇନ୍ସ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ସାର୍ଥକ ପଟ୍ଟନାୟକ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମଧୁସ୍ମିତା ପୂର୍ବତନ ବାୟୁସେନା ଅଧିକାରୀ ପ୍ରେମାନନ୍ଦ ପାତ୍ର ଏବଂ ପୁଷ୍ପାଞ୍ଜଳି ପାତ୍ରଙ୍କ କନିଷ୍ଠା କନ୍ୟା। ସେ ଜଣେ କମ୍ପ୍ୟୁଟର ଇଞ୍ଜିନିୟର ଭାବେ ଟିସିଏସ୍ ଚେନ୍ନାଇରେ କାର୍ଯ୍ୟରତ।




ମଧୁସ୍ମିତା ପାତ୍ର

## ୫ ବାଳକ, ୨ ବାଳିକା ଅଗ୍ରଣୀ

**ଭୁବନେଶ୍ୱର, ୭।୫(ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ(କେଡିସିଏ) ଆନୁକୂଲ୍ୟରେ ୭ ବର୍ଷରୁ କମ୍ ବାଳିକା ଓ ବାଳକ ଚେସ୍ ଚାମ୍ପିୟନଶିପ୍ ବୁଧବାର ପଟିଆସ୍ଥିତ ଭେଙ୍କଟେଶ୍ୱର ଇଏମ୍ ସ୍କୁଲ ପରିସରରେ ଆରମ୍ଭ ହୋଇଛି। ଜିଲାସ୍ତରରେ

### ଖୋର୍ଦ୍ଧା ଜିଲା ୭ ବର୍ଷରୁ କମ୍ ଚେସ୍

ହେଉଥିବା ଏହି ପ୍ରଥମ ଏଜ୍ ଗ୍ରୁପ୍ ପ୍ରତିଯୋଗିତାରୁ ପ୍ରଦର୍ଶନ ଭିତ୍ତିରେ ପିଲାମାନେ ରାଜ୍ୟ ଏଜ୍ ଗ୍ରୁପ୍ ପ୍ରତିଯୋଗିତା ପାଇଁ ମନୋନୀତ ହେବେ। ଉଦ୍‌ଘାଟନୀ ଉତ୍ସବରେ ଭେଙ୍କଟେଶ୍ୱର ଇଏମ୍ ସ୍କୁଲ ପ୍ରିନ୍ସିପାଲ ଜେ. ରାଜକିଶୋର, ଭାଇସ୍ ପ୍ରିନ୍ସିପାଲ ମହେଶ ପ୍ରସାଦ ମିଶ୍ର, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ପୂର୍ବତନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, କେଡିସିଏ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ସଦସ୍ୟ ସ୍ୱୟଂଶୁ ସତ୍ୟକାମ ଓ ସୁଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ମୋଟ ୨୮ ଖେଳାଳି ଭାଗ ନେଇଥିବାବେଳେ ପ୍ରଥମ ଦିବସରେ ୨ ରାଉଣ୍ଡ ଶେଷରେ ବାଳକରେ ୫ ଏବଂ ବାଳିକାରେ ୨ ଖେଳାଳି ଅଗ୍ରଣୀଲାଭ କରିଛନ୍ତି। ଅଭିଜ୍ଞ ଆର୍ବିଟର ଭବେଶ ମହାନ୍ତି ଓ ସୁଶାନ୍ତ ଷଡ଼ଙ୍ଗୀ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ